# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଫେବୃୟାରୀ ୨୬/୨୦୨୧ (୧୬ ପୃଷ୍ଠା) | Rayagada, Friday, February 26/2021 | ★

୧୧ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଦୂତୀଙ୍କୁ ସ୍ୱର୍ଣ୍ଣ ପଦକ**

ପଟିଆଲାରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ମହିଳା ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୬

୧୪

**ଦାମୀ ଡ୍ରେସ ପିନ୍ଧି ଚର୍ଚ୍ଚାରେ ଜାହ୍ନବୀ**

ଷ୍ଟ୍ରାପଲେସ ସିଲ୍କ ନିୟନ ଡ୍ରେସ ପିନ୍ଧି ଚର୍ଚ୍ଚାରେ ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର। ଏହି ଡ୍ରେସ୍‌ର ଦାମ ୨.୨୪ ଲକ୍ଷ ବୋଲି କୁହାଯାଉଛି।



## ଭାରତର ବୃହତ୍ ବିଜୟ



ଅହମଦାବାଦରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ସର୍ବାଧିକ ୧୧ ଉଇକେଟ ନେଇଥିବା ଅକ୍ଷର ପଟେଲଙ୍କୁ ବଧେଇ ଜଣାଉଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ଭାରତ ଏହି ମ୍ୟାଚରେ ୧୦ ଉଇକେଟରେ ବିଜୟ ହାସଲ କରିଛି। (ରିପୋର୍ଟ: ପୃଷ୍ଠା-୧୨)

# ଓଟିଟି ଉପରେ ଅଙ୍କୁଶ

## ସୋସିଆଲ ଓ ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରିବ କେନ୍ଦ୍ର









**ଦେଶରେ ଅଭିବ୍ୟକ୍ତି ସ୍ୱାଧୀନତା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଥିବାବେଳେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ଡିଜିଟାଲ ମିଡିଆ ଅର୍ଗାନାଇଜେଶନ ଏବଂ ଓଭର ଦି ଟପ୍ (ଓଟିଟି) ଷ୍ଟ୍ରିମିଂ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। ବଡ଼ ବଡ଼ ଟେକ୍ନୋଲୋଜି ଫାର୍ମଗୁଡ଼ିକୁ ଲଗାମ କଷିବା ପାଇଁ ପୂର୍ବ ଆଇନରେ ସଂଶୋଧନ ଅଣାଯାଇ ଚିଠା ପ୍ରସ୍ତୁତ କରାଯାଇଛି। ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଗାଇଡ୍‌ଲାଇନ୍ସ ଫର୍ ଇଣ୍ଟରମେଡିଆରିଜ୍ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ରୁଲ୍ସ, ୨୦୨୧ ଶୀର୍ଷକ ଏହି ଚିଠା ରିପୋର୍ଟରେ ଅନ୍‌ଲାଇନ୍ ମିଡିଆ ନିୟନ୍ତ୍ରଣ ପାଇଁ ତ୍ରିସ୍ତରୀୟ ବ୍ୟବସ୍ଥା କରାଯାଇଛି। କୌଣସି ପୋଷ୍ଟ ପ୍ରଥମେ କେଉଁଠୁ ବାହାରିଛି ତାକୁ ଠାବ ଓ ବ୍ଲକ୍ କରିବା ଲାଗି ଏକ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟି ଗଠନ ନିମନ୍ତେ କ୍ଷମତା ପ୍ରଦାନ ଲାଗି ଏଥିରେ ନିୟମ ରହିଛି।**

**ନୂଆଦିଲ୍ଲୀ,୨୫।୨**

ଓଭର ଦି ଟପ୍ (ଓଟିଟି) ଏବଂ ସୋସିଆଲ ମିଡିଆ ପାର୍ଟଫର୍ମଗୁଡ଼ିକୁ ଭାରତୀୟ ଆଇନ ପ୍ରତି ଅଧିକ ଉତ୍ତରଦାୟୀ କରିବା ଲାଗି ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ନିୟମରେ ସଂଶୋଧନ ଅଣାଯିବ ବୋଲି ସରକାର ପୂର୍ବରୁ ପାର୍ଲାମେଣ୍ଟରେ ସୂଚନା ଦେଇଥିଲେ। ଏବେ ପ୍ରସ୍ତାବିତ ଆଇନର ଚିଠା ପ୍ରସ୍ତୁତ ହୋଇଛି। ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ସହ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କିତ ଗାଇଡ୍‌ଲାଇନ୍ ଉପସ୍ଥାପନ କରିଛନ୍ତି। ରବିଶଙ୍କର କହିଛନ୍ତି, ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଭାରତରେ ବ୍ୟବସାୟ କରିବା ଲାଗି ସ୍ୱାଗତ କରାଯାଉଛି। କିନ୍ତୁ ସେଗୁଡ଼ିକ ଦୋମୁହାଁ ଆଭିମୁଖ୍ୟ ଗ୍ରହଣ କରିବା ଅନୁଚିତ। କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀଙ୍କ ପକ୍ଷରୁ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି କରାଯାଉଥିବାବେଳେ ନୂଆଦିଲ୍ଲୀର ଲାଲକିଲ୍ଲା ହିଂସାକୁ ଇଙ୍ଗିତ କରି ରବିଶଙ୍କର ଏହି ମନ୍ତବ୍ୟ ଦେଇଥିବା କୁହାଯାଉଛି।

ପ୍ରସ୍ତାବତ ଆଇନ ଅନୁସାରେ ତ୍ରିସ୍ତରୀୟ ନିୟନ୍ତ୍ରଣର ପ୍ରଥମ ପର୍ଯ୍ୟାୟ ନିୟାମକ ବ୍ୟବସ୍ଥା ହେଉଛି କମ୍ପାନୀର ନିଜସ୍ୱ ଅଭିଯୋଗ ଶୁଣାଣି। ଦ୍ୱିତୀୟ ସ୍ତରରେ ରହିଛି ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ପିସିଆଇ) ଭଳି ଏକ ନିୟାମକ ସଂସ୍ଥା, ଯାହାର ମୁଖ୍ୟ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ରହିବେ। ସେହିପରି ଆନ୍ତଃ ମନ୍ତ୍ରିସ୍ତରୀୟ କମିଟିରେ ଆଇଟି, ସୂଚନା ଓ ପ୍ରସାରଣ, ସ୍ୱରାଷ୍ଟ୍ର, ଆଇନ, ବହିର୍ବ୍ୟାପାର, ପ୍ରତିରକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ପ୍ରତିନିଧି ରହିବେ। ଚିଠା ନିୟମ ଅନୁସାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଭାରତରେ ଜଣେ ଚିଫ୍ କମ୍ପ୍ଲିଆନ୍ସ ଅଫିସରଙ୍କୁ ନିଯୁକ୍ତ କରିବେ। କମ୍ପ୍ଲିଆନ୍ସ ବା ଆଦେଶ ପାଳନ ସମ୍ପର୍କିତ ପ୍ରସଙ୍ଗ ପାଇଁ ସମ୍ପୃକ୍ତ ଅଧିକାରୀ ଦାୟୀ ରହିବେ। ଯଦି ଇଣ୍ଟରମିଡିଆରି ବା ମଧ୍ୟସ୍ଥ ନିଜ କର୍ତ୍ତବ୍ୟ ପାଳନ ବେଳେ କଡ଼ା ନିରୀକ୍ଷଣ କରିବାରେ ବିଫଳ ହୁଅନ୍ତି ତେବେ କମ୍ପ୍ଲିଆନ୍ସ ଅଫିସରଙ୍କୁ ସେଥିପାଇଁ ଉତ୍ତରଦାୟୀ କରାଯିବ। ସେହିପରି ସ୍ଥାନୀୟ ସ୍ତରରେ ଯୋଗାଯୋଗ ପାଇଁ ଜଣେ ନୋଡାଲ କଣ୍ଟାକ୍ଟ ପର୍ସନ ଏବଂ ରେସିଡେଣ୍ଟ ଗ୍ରିଭାନ୍ସ ଅଫିସରଙ୍କୁ କମ୍ପାନୀ ନିଯୁକ୍ତି ଦେବାକୁ ବାଧ୍ୟ। କୌଣସି ପୋଷ୍ଟ ଉପରେ ଆପତ୍ତି ଥିଲେ ନୋଡାଲ କଣ୍ଟାକ୍ଟ ପର୍ସନଙ୍କ ସହ ଯୋଗାଯୋଗ କରାଯିବ। ସେହିପରି ଗ୍ରିଭାନ୍ସ ଅଫିସର ୨୪ ଘଣ୍ଟା ମଧ୍ୟରେ ଶୁଣାଣି ପଞ୍ଜୀକରଣ ☞ପୃଷ୍ଠା-୪

### ଗାଇଡ୍‌ଲାଇନରେ କ'ଣ ଅଛି

- ସୋସିଆଲ ମିଡିଆ ଇଣ୍ଟରମିଡିଆରିଗୁଡ଼ିକ ନିଜର ଜଣେ ଗ୍ରିଭାନ୍ସ ଅଫିସରଙ୍କୁ ନିଯୁକ୍ତି ଦେବେ, ଯିଏକି ୨୪ ଘଣ୍ଟା ମଧ୍ୟରେ ଅଭିଯୋଗ ପଞ୍ଜୀକରଣ କରିବେ।
- ନଗ୍ନତା ଥିବା ଓ ପରିବର୍ତ୍ତନ କରାଯାଇଥିବା ମହିଳାଙ୍କ ଫଟୋଗୁଡ଼ିକୁ ୨୪ ଘଣ୍ଟା ଭିତରେ ହଟାଇବାକୁ ପଡ଼ିବ।
- ପ୍ରିଣ୍ଟ ମିଡିଆ ଭଳି ଡିଜିଟାଲ ମିଡିଆକୁ ମଧ୍ୟ ପ୍ରେସ୍ କାଉନ୍‌ସିଲ କୋଡ୍ ମାନିବାକୁ ପଡ଼ିବ।
- ତ୍ରିସ୍ତରୀୟ ବ୍ୟବସ୍ଥା ଅନୁସାରେ ଓଟିଟି ଏବଂ ଡିଜିଟାଲ ନ୍ୟୁଜ୍ ମିଡିଆଗୁଡ଼ିକୁ ସେମାନଙ୍କ ବିବରଣୀ ପ୍ରଦାନ କରିବାକୁ ପଡ଼ିବ।
- ସମସ୍ତ ମିଡିଆ ପ୍ଲାଟ୍‌ଫର୍ମର ସମାନ ନ୍ୟାୟ ବ୍ୟବସ୍ଥା ରହିବା ଜରୁରୀ।
- ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ବିବାଦୀୟ ଟୁଇଟ୍ ବା ପୋଷ୍ଟକୁ ଛାଡ଼ିଥିବା ମୂଳ ବ୍ୟକ୍ତିଙ୍କ ନାମ ପ୍ରଘଟ କରିବାକୁ ବାଧ୍ୟ।
- ବର୍ତ୍ତମାନଠାରୁ ୩ ମାସ ମଧ୍ୟରେ ଏହି ଗାଇଡ୍‌ଲାଇନ୍ ଲାଗୁ ହେବ।

# ପ୍ରତ୍ୟର୍ପଣ ହେବେ ନୀରବ

## ନିର୍ଦ୍ଦେଶ ଦେଲେ ବ୍ରିଟେନ କୋର୍ଟ

**ଲଣ୍ଡନ,୨୫।୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ପ୍ରାୟ ୧୩ ହଜାର କୋଟି ଟଙ୍କା ଋଣ ଠକେଇର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ନୀରବ ମୋଦିଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବ। ବ୍ରିଟେନର ମାଜିଷ୍ଟ୍ରେଟ କୋର୍ଟ ଗୁରୁବାର ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଠକେଇ ଏବଂ ବେଆଇନ ଅର୍ଥ କାରବାର ନେଇ ନୀରବଙ୍କ ବିରୋଧରେ ପର୍ଯ୍ୟାପ୍ତ ତଥ୍ୟ ଏବଂ ପ୍ରମାଣ ରହିଥିବା ବିଚାରପତି ସାମୁଏଲ ଗୁଜ୍ କହିଛନ୍ତି। ଏହି ମାମଲାର ଶୁଣାଣିକୁ ସେ ଶେଷ କରିବା ସହ ନିଷ୍ପତ୍ତି ସଂକ୍ରାନ୍ତ ଦସ୍ତାବିଜକୁ ବ୍ରିଟେନର ସେକ୍ରେଟାରି ଅଫ୍ ଷ୍ଟେଟ୍ ପ୍ରୀତି ପଟେଲଙ୍କ ନିକଟକୁ ପଠାଇ ଦେଇଛନ୍ତି।

ମାମଲା ସହ ଜଡ଼ିତ ତଥ୍ୟ ପ୍ରମାଣକୁ ନଷ୍ଟକରିବା ☞ପୃଷ୍ଠା-୪



ନୀରବ ମୋଦି

## ଆଜି ଭାରତ ବନ୍ଦ

**ଭୁବନେଶ୍ୱର, ୨୫।୨(ବ୍ୟୁରୋ):** ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦିଆଯାଇଛି। କଟକ ନଗର ବ୍ୟବସାୟୀ ସଂଘ ଏହାକୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ଜିଏସ୍‌ଟି ଜଟିଳତା ଦ୍ୱାରା ବ୍ୟବସାୟୀମାନେ ଆର୍ଥିକ ଓ ମାନସିକସ୍ତରରେ ଅତିଷ୍ଠ ହେଲେଣି। ଏହାଛଡ଼ା ଜିଏସ୍‌ଟି ଆଇନ ଯୋଗୁ ବ୍ୟବସାୟ କରିବା ଅସମ୍ଭବ ହୋଇପଡିଛି। କଟକ ମାଲଗୋଦାମ ବଣିକ ସଂଘ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ ମହାସଂଘ ବନ୍ଦ ଡାକରାକୁ ସମର୍ଥନ କରିବାକୁ କଟକ ବ୍ୟବସାୟୀ ସଂଘ ନିଷ୍ପତ୍ତି ନେଇଛି। ଏହି ବନ୍ଦ ଡାକରାକୁ ୪୦ ହଜାର ଟ୍ରେଡ୍ ଆସୋସିଏଶନ ସମର୍ଥନ ଘୋଷଣା କରିଛନ୍ତି। ଅନ୍ୟପଟେ ଏହି ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗୃହ ବିଭାଗ ତରଫରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କମିଶନର ଏବଂ ସ୍ୱତନ୍ତ୍ର ସଚିବମାନଙ୍କୁ ଚିଠି କରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କୃଷି ଉପେକ୍ଷିତ**

# ହାତ, ଗୋଡ଼ ବାନ୍ଧି ନିଆଁ ଲଗାଇଲେ

## ଗୁରୁତର ଅବସ୍ଥାରେ ଉଦ୍ଧାର ହେଲେ ଛାତ୍ରୀ

**କଟକ ଅଫିସ,୨୫।୨**

କଟକ ଶେଖ୍‌ବଜାରସ୍ଥିତ ମାନସିଂହପାଟଣାରେ ଗୁରୁବାର ଜଣେ କଲେଜ ଛାତ୍ରୀଙ୍କୁ ଦିନଦ୍ୱିପ୍ରହରରେ ଭଡ଼ାଘରେ ଦୁର୍ବୃତ୍ତମାନେ ନିଶା ଇଞ୍ଜେକ୍ସନ ଦେବାସହ ହାତଗୋଡ଼ ବାନ୍ଧି କିରୋସିନ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। ଘରେ ନିଆଁ ଲାଗିଥିବା ଜଣାପଡ଼ିବାପରେ ତୁରନ୍ତ ନିଆଁକୁ ଆୟତ୍ତ କରାଯାଇ ଛାତ୍ରୀଙ୍କୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏଥିରେ ଛାତ୍ରୀଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଅଗ୍ନିଶମ କର୍ମଚାରୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। କିଏ ଓ କାହିଁକି ଏଭଳି କଲା, ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଛାତ୍ରୀଙ୍କ ମୁହଁ, ହାତ ଓ ମୁଣ୍ଡର କେଶ ପୋଡ଼ି ଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଏସ୍‌ସିବି ଅଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ପୀଡ଼ିତା ଛାତ୍ରୀଜଣକ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୁକ୍ତ ଦୁଇର ଦ୍ୱିତୀୟ ବର୍ଷର ଛାତ୍ରୀ। ମା'ବାପା ଓ ଭାଇଙ୍କ ସମେତ ସେ ବର୍ଷେ ହେବ ମାନସିଂହପାଟଣାର ଏହି ଘରେ ଭଡ଼ାରେ ରହୁଥିଲେ। ଘର ମାଲିକ ତଥା ପ୍ରତ୍ୟକ୍ଷଦର୍ଶୀ ସୁଦର୍ଶନ ଜେଠୀଙ୍କ କହିବାହେଲା ପୀଡିତାଙ୍କ ବାପା ଅଟୋ ଚଳାନ୍ତି। ଗୁରୁବାର ସେ କାମରେ ବାହାରିଯାଇଥିଲେ। ପୀଡ଼ିତା ଜଣକ କଲେଜରୁ ଫେରିବା ପରେ ତାଙ୍କ ମା' ଘରେ ଛାଡି ବାହାରୁ ତାଲା ପକାଇ ନିକଟସ୍ଥ ମନ୍ଦିରକୁ ଯାଇଥିଲେ। ପୂର୍ବାହ୍ନ ୧୧.୩୦ ରୁ ୧୨.୦୦ ମଧ୍ୟରେ ଘରେ ହଠାତ୍ ଧୂଆଁ ଭର୍ତ୍ତି ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସୁଦର୍ଶନ ତଳକୁ ଆସି ପୀଡ଼ିତା ହାତଗୋଡ଼ ବନ୍ଧା ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଘରୁ ଟାଣି ବାହାରକୁ ନେଇ ଆସିଥିଲେ। ପରେ ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଆଠ ଜଣ ଅଗ୍ନିଶମ କର୍ମଚାରୀ ଏକ ଘଣ୍ଟାକାଳ ପରିଶ୍ରମ କରି ଘରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ପିସିଆର ଭ୍ୟାନ୍‌ରେ ଏସ୍‌ସିବିକୁ ନେଇ ଯାଇଥିଲା। ନିଶା ଇଞ୍ଜେକସନ୍ ପ୍ରଭାବରେ ପୀଡ଼ିତା ଠିକ୍ ଭାବରେ କଥାବାର୍ତ୍ତା କରିପାରୁ ନାହାନ୍ତି। ତେବେ ଠାରରେ ପୋଲିସକୁ ଦେଇଥିବା ସୂଚନାନୁଯାୟୀ ଚାରି ଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଘର ମଧ୍ୟରେ ପଶିଥିଲେ। ପ୍ରଥମେ ସେମାନେ ନାବାଳିକାଙ୍କୁ କାବୁ କରି ତାଙ୍କ ଓଢ଼ଣୀରେ ହାତଗୋଡ଼ ଓ ମୁହଁକୁ ବାନ୍ଧି ଦେଇଥିଲେ। ପରେ ସେମାନେ ତାଙ୍କୁ ମାରପିଟ କରିବା ସହ ନାବାଳିକାଙ୍କ ହାତରେ ନିଶା ଇନ୍‌ଜେକ୍ସନ ଦେଇ ଘରେ କିରାସିନ ଢାଳି ନିଆଁ ଲଗାଇ ସେଠାରୁ ଚମ୍ପଟ ମାରିଥିଲେ। ନିଆଁରେ ଘରର ସମସ୍ତ ଆସବାପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ☞ପୃଷ୍ଠା-୪







# ସୀମା ବିବାଦ: ସରକାରଙ୍କୁ ଘେରିଲେ ବିରୋଧୀ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

- **ସମବାୟ ମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କଲା ଭାଜପା**
- **କୋଟିଆ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବାକୁ କଂଗ୍ରେସର ପ୍ରସ୍ତାବ**



ସୀମା ବିବାଦ ଓ ଚାଷୀ ପ୍ରସଙ୍ଗକୁ ନେଇ ବିରୋଧୀ ବିଧାନସଭାରେ ପୁଣି ହଙ୍ଗାମା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସମୟ ୧୯୬୮ ମସିହାରୁ କୋଟିଆ ସମସ୍ୟା ଦେଖାଦେଲାଣି। ମୁଖ୍ୟମନ୍ତ୍ରୀ ନିଘୋଡ଼ ନିଦରେ ଶୋଇଛନ୍ତି। ରାଜ୍ୟରେ କ'ଣ ଘଟୁଛି ସରକାରଙ୍କ ଗୋଇନ୍ଦା ସଂସ୍ଥା ଜାଣିପାରୁ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଜଣାଉନାହାନ୍ତି। କୋଟିଆ ଅଞ୍ଚଳ ଏବେ ରାଜ୍ୟ ହାତରୁ ଚାଲିଗଲାଣି। ମୁଖ୍ୟମନ୍ତ୍ରୀ ତୁରନ୍ତ ସର୍ବଦଳୀୟ ବୈଠକ ଡାକନ୍ତୁ। ସମସ୍ତଙ୍କୁ ସେଠାକୁ ଯିବାକୁ ହେବ। ଲୋକମାନଙ୍କୁ ବୁଝାଇବାକୁ ପଡ଼ିବ। ଚାଷୀ ପ୍ରସଙ୍ଗରେ ସମବାୟ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଭାଜପା ଖପ୍ପା ହୋଇଛି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ଚାଷୀଙ୍କୁ ଦଲାଲ କହିଥିବାରୁ ସମବାୟ ମନ୍ତ୍ରୀ କ୍ଷମାମାଗନ୍ତୁ ଦାବିରେ ଗୃହକୁ ଅଚଳ କରି ଦେଇଥିଲେ।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଥିଲେ, ରାଜ୍ୟ ସରକାର ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ସମବାୟ ମନ୍ତ୍ରୀ କହୁଛନ୍ତି ଦଲାଲଙ୍କ ପାଇଁ ଆମେ କାମ କରୁଛୁ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। କେବଳ ବିରୋଧୀ ନୁହନ୍ତି, ଶାସକ ଦଳର ସଦସ୍ୟମାନେ ମଧ ଧାନ କିଣାକୁ ନେଇ ଉଦ୍‌ବେଗ ପ୍ରକାଶ ☞ପୃଷ୍ଠା-୪

ଛତିଶଗଡ଼ କବ୍‌ଜାରେ ମହୁଲପାହାଡ଼ / ମେଦିନିପୁରରେ ଓଡ଼ିଶା-ପଶ୍ଚିମବଙ୍ଗ ଆଲୋଚନା: ପୃଷ୍ଠା-୧୦



**ୱାଶିଂଟନ:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରୋନା ମହାମାରୀ ସମୟରେ କାର୍ଯ୍ୟକାରୀ କରିଥିବା ନୀତିକୁ ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍ ରଦ୍ଦ କରିଦେଇଛନ୍ତି। ଉକ୍ତ ନୀତି କାର୍ଯ୍ୟକାରୀ ହେବା ଫଳରେ ଅନେକ ଗ୍ରୀନ୍ କାର୍ଡ ଆବେଦନକାରୀ ଆମେରିକାରେ ପ୍ରବେଶରୁ ବଞ୍ଚିତ ହୋଇଥିଲେ। ବାଇଡେନ୍ ଏହି ପ୍ରତିବନ୍ଧକ ହଟାଇ ଦେଇଥିବାରୁ ଏଚ୍-୧ବି ଭିଜାରେ ସେଠାରେ କାର୍ଯ୍ୟ କରୁଥିବା ଅନେକ ଭାରତୀୟ ଉପକୃତ ହେବେ।



ନୂଆଦିଲ୍ଲୀର ମିଣ୍ଟୋ ବ୍ରିଜ୍‌ଠାରେ ଅନୁଷ୍ଠିତ ଷ୍ଟ୍ରିଟ୍ ଆର୍ଟ ଫିଏଷ୍ଟାରେ ଜଣେ ଶିଳ୍ପୀ ତାଙ୍କ ପେଣ୍ଟିଂରେ ଶେଷ ସ୍ପର୍ଶ ଦେଉଛନ୍ତି।



ତେଲ ଦର ବୃଦ୍ଧି ପ୍ରତିବାଦରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଦ୍ୟୁତ ଚାଳିତ ସ୍କୁଟର ଚଳାଉଛନ୍ତି।




ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସିପିଆଇ(ଏମ୍) ପକ୍ଷରୁ ତୈଳ ଦର ବୃଦ୍ଧି ବିରୋଧରେ ବିକ୍ଷୋଭ କରାଯାଉଛି।

## ସଂକ୍ଷେପରେ

### ପୁଡୁଚେରୀରେ ରାଷ୍ଟ୍ରପତି ଶାସନ

**ଚେନ୍ନାଇ, ୨୫।୨:** ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସଂଖ୍ୟାଗରିଷ୍ଠତା ଦେଖାଇ ନ ପାରି ଭାଙ୍ଗିଯିବାର ୩ ଦିନ ପରେ ଗୁରୁବାର ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ପୁଡୁଚେରି କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନର ସୁପାରିସ କ୍ରମେ ସେଠାରେ ରାଷ୍ଟ୍ରପତି ଶାସନକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ସେଥିରେ ସ୍ୱାକ୍ଷର କରିବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଧାନସଭାକୁ ଏହାର କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। କେନ୍ଦ୍ରଶାସିତ ସରକାର ଆଇନ, ୧୯୬୩ର ବିଭିନ୍ନ ବ୍ୟବସ୍ଥାକୁ ସ୍ଥଗିତ କରାଯାଇ ସେଠାରେ କେନ୍ଦ୍ରୀୟ ଶାସନ ଲାଗୁ କରାଯାଇଛି।

### ବାଣ କାରଖାନାରେ ବିସ୍ଫୋରଣ: ୫ ମୃତ

**ଚେନ୍ନାଇ, ୨୫।୨:** ତାମିଲନାଡୁର ଶିବକାଶୀସ୍ଥିତ ଏକ ବାଣ କାରଖାନାରେ ଗୁରୁବାର ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ବାଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। କାଲାଇୟାରକୁରିଚି ବାଣ କାରଖାନାରେ ବିସ୍ଫୋରଣ ହେବାରୁ ୧୦ରୁ ଊର୍ଦ୍ଧ୍ୱ ଶେଡ୍ ଧ୍ୱଂସ ହୋଇଯାଇଛି। ସୂଚନାଯୋଗ୍ୟ, ଫେବୃୟାରୀ ୨ରେ ଉକ୍ତ ଅଞ୍ଚଳର ସାତ୍ତୁର ନିକଟରେ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୩ ଜଣଙ୍କ ମୃତ୍ୟୁ ହୋଇଥିଲା।

### ଧୂସର ତାଲିକାରେ ପାକିସ୍ତାନ

**ନୂଆଦିଲ୍ଲୀ, ୨୫।୨:** ଆତଙ୍କବାଦୀ କାର୍ଯ୍ୟକଳାପ ରୋକିବା ଦିଗରେ କାର୍ଯ୍ୟଯୋଜନା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିବା ପାକିସ୍ତାନକୁ ପ୍ୟାରିସ୍‌ର ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏ) ପୁଣି ଥରେ ଗ୍ରେ ଲିଷ୍ଟ (ଧୂସର ତାଲିକା)ରେ ରଖିଛି। ପୂର୍ବରୁ ୨୦୧୮ ଜୁନ୍‌ରେ ପାକିସ୍ତାନକୁ ଏଫ୍‌ଏଟିଏ ଗ୍ରେ ଲିଷ୍ଟରେ ରଖିବା ସହ ୨୦୧୯ ଶେଷ ସୁଦ୍ଧା ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଏବଂ ମନିଲଣ୍ଡରିଂ ବନ୍ଦ କରିବା ଲାଗି କାର୍ଯ୍ୟଯୋଜନା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବାକୁ କହିଥିଲା। କରୋନା ଯୋଗୁ ପରେ ଏହି ସମୟସୀମାକୁ ବଢ଼ାଯାଇଥିଲା। ୨୦୨୦ ଅକ୍ଟୋବରରେ ଏଫ୍‌ଏଟିଏଫ୍ ବୈଠକ ବସି ଇସ୍‌ଲାମାବାଦକୁ ୨୦୨୧ ଫେବୃୟାରୀ ପର୍ଯ୍ୟନ୍ତ ଗ୍ରେ ଲିଷ୍ଟରେ ରଖିବା ଲାଗି ନିଷ୍ପତ୍ତି ହୋଇଥିଲା। ୨୭ଟି କାର୍ଯ୍ୟଯୋଜନା ମଧ୍ୟରୁ ପାକିସ୍ତାନ ୬ଟି ପୂରଣ କରି ନ ଥିବାରୁ ଏହାକୁ ପୁଣି ଥରେ ଧୂସର ତାଲିକାଭୁକ୍ତ କରାଯାଇଛି।

# ଅସ୍ତ୍ରବିରତି ପାଇଁ ଭାରତ, ପାକ୍ ରାଜି

**ନୂଆଦିଲ୍ଲୀ, ୨୫।୨(ପି.ଟି.)**



ନିୟନ୍ତ୍ରଣ ରେଖା (ଏଲ୍‌ଓସି) ସମେତ ଅନ୍ୟାନ୍ୟ ସେକ୍ଟରରେ ଅସ୍ତ୍ରବିରତି ରାଜିନାମାକୁ କଡ଼ାକଡ଼ି ପାଳନ କରିବା ଲାଗି ଭାରତ ଓ ପାକିସ୍ତାନ ସହମତ ହୋଇଥିବା ଗୁରୁବାର ଏକ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି। ବୁଧବାର ମଧ୍ୟରାତ୍ରରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି। ଦୁଇ ଦେଶର ସାମରିକ ଅଭିଯାନର ମହାନିର୍ଦ୍ଦେଶକ (ଡିଜିଏମ୍‌ଓ)ଙ୍କ ମଧ୍ୟରେ ହୋଇଥିବା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ହଟ୍‌ଲାଇନ ଯୋଗାଯୋଗ ଜରିଆରେ ଡିଜିଏମ୍‌ଓମାନେ ଆଲୋଚନା କରିବା ସହ ନିୟନ୍ତ୍ରଣ ରେଖା ଓ ଅନ୍ୟାନ୍ୟ ସେକ୍ଟରର ସ୍ଥିତି ସମୀକ୍ଷା କରିଥିଲେ। ସୀମାରେ ଶାନ୍ତି ବଜାୟ ରଖିବା ଲାଗି କିଛି ମାସ ପୂର୍ବରୁ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ତାଙ୍କ ପାକ୍ ପ୍ରତିପକ୍ଷ ମୋଇଦ୍ ଡବ୍ଲ୍ୟୁ ୟୁସୁଫଙ୍କ ମଧ୍ୟରେ ବ୍ୟାକ୍ ଚ୍ୟାନେଲରେ କଥାବାର୍ତ୍ତା ହୋଇଥିଲା ବୋଲି ଜଣାପଡ଼ିଛି।

ସୀମାରେ ଆପୋସ ସୁବିଧା ଏବଂ ଦୀର୍ଘମିଆଦୀ ଶାନ୍ତି ବଜାୟ ରଖିବା ପାଇଁ ଦୁଇ ଡିଜିଏମ୍‌ଓ ପରସ୍ପରର ପ୍ରମୁଖ ପ୍ରସଙ୍ଗ ଓ ଉଦ୍‌ବେଗ ଦୂର କରିବା ଲାଗି ରାଜି ହୋଇଥିଲେ। ନିୟନ୍ତ୍ରଣ ରେଖା ଓ ଅନ୍ୟାନ୍ୟ ସେକ୍ଟରରେ ସମସ୍ତ ରାଜିନାମା, ବୁଝାମଣା ଓ ଅସ୍ତ୍ରବିରତିକୁ କଡ଼ାକଡ଼ି ପାଳନ କରିବା ଲାଗି ସେମାନଙ୍କ ମଧ୍ୟରେ ସହମତି ହୋଇଥିଲା। କୌଣସି ଅଦୃଷ୍ଟ ସ୍ଥିତି କିମ୍ବା ଭୁଲ୍ ବୁଝାମଣାର ସମାଧାନ ବର୍ତ୍ତମାନର ହଟ୍‌ଲାଇନ ଯୋଗାଯୋଗ ବ୍ୟବସ୍ଥା ଏବଂ ସୀମାନ୍ତ ଫ୍ଲାଗ୍ ମିଟିଂ ମାଧ୍ୟମରେ କରାଯିବ ବୋଲି ଉଭୟ ପକ୍ଷ ଦୋହରାଇଥିଲେ।

ସରକାରୀ ତଥ୍ୟ ଅନୁଯାୟୀ ଗତ ୩ ବର୍ଷ ମଧ୍ୟରେ ଭାରତ-ପାକ୍ ସୀମାରେ ପାଖାପାଖି ୧୧ ହଜାର ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇଛି। ଏଥିରେ ଯବାନ ଓ ସାଧାରଣ ନାଗରିକଙ୍କ ସମେତ ୧୪୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଗତବର୍ଷ ପାକିସ୍ତାନ ୫,୧୩୩ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ଏଥିରେ ୪୬ ସୁରକ୍ଷା ଯବାନଙ୍କ ମୃତ୍ୟୁ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ନିକଟରେ ପାର୍ଲାମେଣ୍ଟରେ କହିଥିଲେ।

# ଓଏମ୍‌ବି ନିର୍ଦ୍ଦେଶକ ପ୍ରାର୍ଥିତ୍ୱକୁ ସିନେଟରେ ବିରୋଧ

**ନୂଆଦିଲ୍ଲୀ, ୨୫।୨**

### ନୀରା ଟଣ୍ଡନଙ୍କ ପାଇଁ ଟୁଇଟ୍ ଅଡୁଆ



ଭାରତୀୟ ବଂଶୋଦ୍ଭବ ନୀରା ଟଣ୍ଡନଙ୍କୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ ବଜେଟ ଟିମ୍‌ର ମୁଖ୍ୟ ଭାବେ ମନୋନୀତ କରିଛନ୍ତି। ତେବେ ପୂର୍ବରୁ ନୀରା କରିଥିବା କେତେକ ଟୁଇଟ୍ ତାଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ତାଙ୍କ ପଦବୀକୁ ସିନେଟ୍ ଅନୁମୋଦନରେ ସମସ୍ୟା ଦେଖାଦେଇଛି। ୪ ସିନେଟର ତାଙ୍କ ବିରୋଧରେ ଭୋଟ ଦେବେ ବୋଲି କହିଛନ୍ତି। ଫଳରେ ପ୍ରଥମ ମହିଳା ଓ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଆମେରିକାର ମ୍ୟାନେଜମେଣ୍ଟ ଆଣ୍ଡ ବଜେଟ କାର୍ଯ୍ୟାଳୟ (ଓଏମ୍‌ବି)ର ନିର୍ଦ୍ଦେଶକ ହେବା ଲାଗି ନୀରାଙ୍କ ପ୍ରାର୍ଥିତ୍ୱ ଏବେ ସଂଶୟରେ।

ନୀରା ଟଣ୍ଡନ ଏବେ ୱାଶିଂଟନ ଡିସିସ୍ଥିତ ଥିଙ୍କ୍ ଟ୍ୟାଙ୍କ 'ସେଣ୍ଟର ଫର୍ ଆମେରିକାନ ପ୍ରୋଗ୍ରେସ' ଚଳାଉଛନ୍ତି। ତାଙ୍କର ଅତୀତର ସୋସିଆଲ ମିଡିଆ ବ୍ୟବହାରକୁ ନେଇ ସିନେଟରେ ୱେଷ୍ଟ ଭର୍ଜିନିଆର ଡେମୋକ୍ରାଟ ସଦସ୍ୟ ଜୋ ମାନ୍‌ଚିନ୍, ମାଇନେର ରିପବ୍ଲିକାନ ସଦସ୍ୟ ସୁସାନ କୋଲିନ୍ସ, ଉଟାହର ମିଟ ରୋମ୍‌ନି, ଓହିଓର ରବ୍ ପୋର୍ଟମାନ ଏବଂ ପେନ୍‌ସିଲଭାନିଆର ପାଟ୍ ଟୁମି ତାଙ୍କ ପ୍ରତିନିଧିତ୍ୱ ବିରୋଧରେ ଭୋଟ ଦେବେ ବୋଲି ଘୋଷଣା କରିଛନ୍ତି। ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନ ହେବା ପରେ ନୀରା ହଜାରେରୁ ଊର୍ଦ୍ଧ୍ୱ ଟୁଇଟ୍‌କୁ ହଟାଇ ଦେଇଥିଲେ। ତାଙ୍କର ଏଭଳି ନିଷ୍ପତ୍ତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କ ପ୍ରତିନିଧିତ୍ୱକୁ ସମର୍ଥନ ଜାରି ରହିବ ବୋଲି ବାଇଡେନ ପ୍ରଶାସନ କହିଥିବାବେଳେ ସିନେଟ ସଂଖ୍ୟାଗରିଷ୍ଠ ନେତା ଚୁକ୍ ସୁମେର ସିନେଟ ଭିତରେ ତାଙ୍କ ପାଇଁ ଅତିରିକ୍ତ ଭୋଟ ବାହାର କରିବା ନିମନ୍ତେ ଉଦ୍ୟମ କରୁଥିବା କହିଛନ୍ତି।

ଡେମୋକ୍ରାଟ ସଦସ୍ୟ ଜୋ ମାନ୍‌ଚିନଙ୍କ ମତରେ ନୀରାଙ୍କ ଟୁଇଟ୍‌ରେ ପକ୍ଷପାତପୂର୍ଣ୍ଣ ମନ୍ତବ୍ୟ ଦେଇଥାନ୍ତି। ତେଣୁ କଂଗ୍ରେସ ଏବଂ ଓଏମ୍‌ବି ମଧ୍ୟରେ କାର୍ଯ୍ୟ ସମ୍ପର୍କରେ ସେ ସାଲିସ କରିପାରନ୍ତି ବୋଲି ମାନ୍‌ଚିନ ଆଶଙ୍କା ବ୍ୟକ୍ତ କରିଛନ୍ତି। ୨୦୧୬ ପ୍ରେସିଡେନ୍ସିଆଲ ପ୍ରାଇମେରି ସମୟରେ ଏବଂ ୨୦୨୦ରେ ବର୍ନି ସାଣ୍ଡର୍ସ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବାବେଳେ ତାଙ୍କ ସମର୍ଥକମାନଙ୍କ ସହ ନୀରାଙ୍କର ବିବାଦ ହୋଇଥିଲା। ଚଳିତ ମାସରେ ଏହି ମାମଲାର ଶୁଣାଣି ବେଳେ ନୀରା ତାଙ୍କର କଡ଼ା ସମାଲୋଚନା ପାଇଁ କ୍ଷମା ମାଗିବା ସହ ସୋସିଆଲ ମିଡିଆ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଥିଲେ।

# ସମଲିଙ୍ଗୀ ବିବାହକୁ କେନ୍ଦ୍ରର ବିରୋଧ

**ନୂଆଦିଲ୍ଲୀ, ୨୫।୨(ପି.ଟି.)**




ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ପାଇଁ ହୋଇଥିବା ଆବେଦନକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। କେବଳ ପୁରୁଷ ଓ ମହିଳାଙ୍କ ମଧ୍ୟରେ ବିବାହକୁ ଆଇନ ସ୍ୱୀକୃତି ଦେଇଥାଏ ବୋଲି ଦିଲ୍ଲୀ ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ସରକାର କହିଛନ୍ତି। ପର୍ସନାଲ ଲ'ରେ କେବଳ ବିଷମଲିଙ୍ଗୀ ବିବାହକୁ ସ୍ୱୀକୃତି ଦିଆଯାଇଛି। ତେଣୁ ଏଥିରେ ହସ୍ତକ୍ଷେପ କରିବା ବରବାଦ କରିଦେବ ବୋଲି ସରକାର କହିଥିଲେ। ବିବାହ କେବଳ ଏକ ଘରୋଇ ଅବଧାରଣା ନୁହେଁ ବରଂ ସାମାଜିକ ଭାବେ ସ୍ୱୀକୃତ ଅନୁଷ୍ଠାନ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୭୭କୁ ଅପରାଧମୁକ୍ତ କରାଯାଇଥିଲେ ମଧ୍ୟ ଆବେଦନକାରୀ ସମଲିଙ୍ଗୀ ବିବାହକୁ ମୌଳିକ ଅଧିକାର ଭାବେ ଦାବି କରିପାରିବେ ନାହିଁ ବୋଲି ସତ୍ୟପାଠରେ କୁହାଯାଇଛି। ୩୭୭କୁ ଅପରାଧମୁକ୍ତ କରାଯିବା କେବଳ ବ୍ୟକ୍ତିର ଗୋପନୀୟତା ଅଧିକାର ମଧ୍ୟରେ ସୀମିତ। ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେଇ ଏହାକୁ ସର୍ବସାଧାରଣ ଅଧିକାର କରାଯାଇପାରିବ ନାହିଁ।

ସ୍ୱତନ୍ତ୍ର ବିବାହ ଆଇନରେ ଲିଙ୍ଗଗତ ନିର୍ବିଶେଷରେ ଦୁଇଜଣଙ୍କ ମଧ୍ୟରେ ବିବାହକୁ ବୈଧ ଘୋଷଣା କରିବା ଲାଗି ଗେ ଏବଂ ଲେସ୍‌ବିଆନ୍ ସମ୍ପ୍ରଦାୟର ୪ ଜଣ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ଏହା ପୂର୍ବରୁ ମଧ୍ୟ ହାଇକୋର୍ଟରେ ୩ଟି ପିଟିଶନ ବିଚାରାଧୀନ ଥିଲା।

# ଭାଜପାରେ ଅଭିନେତ୍ରୀ ପାୟେଲ ସର୍କାର



**କୋଲକାତା, ୨୫।୨(ଆଇଏଏନ୍‌ଏସ୍)**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଆଉ ୨ ମାସ ବାକିଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଦଳ ଭାଜପା ଚଳଚ୍ଚିତ୍ର ଅଭିନେତାମାନଙ୍କୁ ଦଳରେ ସାମିଲ କରିବାରେ ଲାଗିଛନ୍ତି। କୋଲକାତାର ଟଲିଉଡ୍ ଅଭିନେତ୍ରୀ ପାୟେଲ ସର୍କାର ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ସମୟରେ ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷ ଓ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ପୂର୍ବରୁ ଅଭିନେତା ଯଶ ଦାସଗୁପ୍ତା ଗୈରିକ ଦଳରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ପଶ୍ଚିମବଙ୍ଗ ଚଳଚ୍ଚିତ୍ର ଓ ଟେଲିଭିଜନ ଶିଳ୍ପର ଜୁନ୍ ମାଲିଆ, ସାୟୋନି ଘୋଷ, କାଞ୍ଚନ ମଲିକ ଓ କ୍ରିକେଟର ମନୋଜ ତିୱାରୀ ଟିଏମ୍‌ସିରେ ଯୋଗ ଦେଇଥିଲେ।

# ମୁକେଶ ଅମ୍ବାନୀଙ୍କ ଘର ପାଖରେ ବିସ୍ଫୋରକ ଭର୍ତ୍ତି କାର୍

**ମୁମ୍ବାଇ, ୨୫।୨**



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟାଲିଆ ନିକଟରେ ଗୁରୁବାର ବିସ୍ଫୋରକ ଭର୍ତ୍ତି ଏକ ପରିତ୍ୟକ୍ତ କାର୍ ମିଳିବା ପରେ ମୁମ୍ବାଇ ସହରରେ ଆତଙ୍କ ଖେଳିଯାଇଛି। କଳା ରଙ୍ଗର ସ୍କର୍ପିଓରୁ ବିପୁଳ ପରିମାଣର ଜିଲେଟିନ୍ ଷ୍ଟିକ୍ ମିଳିଛି। ଖବର ପାଇବା ପରେ ମୁମ୍ବାଇ ପୋଲିସର ବୋମା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ରହି କୌଣସି ଲୋକ କିମ୍ବା ଗାଡ଼ିକୁ ସେଠାକୁ ଛାଡୁନାହିଁ। ଗାମଦେବୀ ଥାନା ଅନ୍ତର୍ଗତ କାର୍ମିଚାଏଲ୍ ରୋଡ୍‌ରୁ ଗୁରୁବାର ସନ୍ଧ୍ୟାରେ ସନ୍ଦିଗ୍ଧ ସ୍କର୍ପିଓ ମିଳିଥିବା ପୋଲିସ କହିଛି। ମୁମ୍ବାଇ ପୋଲିସର କ୍ରାଇମ ବ୍ରାଞ୍ଚ ଅଧିକ ତଦନ୍ତ ଜାରି ରହିଛି। ମୁକେଶଙ୍କ ଘର ନିକଟରୁ ବିସ୍ଫୋରକ ଭର୍ତ୍ତି କାର ଜବତ ହୋଇଥିବା ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ୍ ଦେଶମୁଖ ସ୍ପଷ୍ଟ କରିଛନ୍ତି।

# ସ୍କୁଲ ହଷ୍ଟେଲରେ ୨୨୯ ପିଲା କୋଭିଡ୍ ପଜିଟିଭ୍

**ୱାଶିମ୍, ୨୫।୨(ପି.ଟି.):** ମହାରାଷ୍ଟ୍ରର ୱାଶିମ୍ ଜିଲା ଅନ୍ତର୍ଗତ ଏକ ପବ୍ଲିକ୍ ସ୍କୁଲ୍ ହଷ୍ଟେଲରେ ୨୨୯ ଛାତ୍ରୀଛାତ୍ର ଓ ୪ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉକ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବିଦର୍ଭ ଅଞ୍ଚଳର ବିଭିନ୍ନ ଜିଲାରୁ ଉକ୍ତ ସ୍କୁଲ୍ ହଷ୍ଟେଲ୍‌ରେ ୩୨୭ ପିଲା ରହୁଥିଲେ। ଫେବୃୟାରୀ ୧୪ରେ ଏହି ପିଲାମାନେ ହଷ୍ଟେଲ୍ ଆସିଥିଲେ। ପ୍ରଥମ କିଛିଦିନ ମଧ୍ୟରେ ୨୧ ଛାତ୍ରୀଛାତ୍ରଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ସମସ୍ତ ପିଲାଙ୍କର ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଇଥିଲା ବୋଲି ରିସୋଡ଼ ତହସିଲଦାର ଅଜିତ୍ ଶେଲାର କହିଛନ୍ତି।

କିଛିଦିନ ପୂର୍ବରୁ ମରାଠାୱାଡ଼ାର ଲାତୁର ଜିଲା ଅନ୍ତର୍ଗତ ଏକ ହଷ୍ଟେଲର ୩୯ ଛାତ୍ରୀଛାତ୍ର ଓ ୫ କର୍ମଚାରୀ କରୋନା ସଂକ୍ରମିତ ହୋଇଥିଲେ। ମହାରାଷ୍ଟ୍ରରେ କରୋନା ସଂକ୍ରମଣ ବଢ଼ିଚାଲିଛି। ବୁଧବାର ସେଠାରେ ୮୦୦୦ରୁ ଊର୍ଦ୍ଧ୍ୱ କରୋନା ସଂକ୍ରମିତ ହୋଇଛନ୍ତି।



ଜମ୍ମୁ କାଶ୍ମୀରର ଅଖନୁର ସେକ୍ଟର ଅନ୍ତର୍ଗତ ଚେନାବ ନଦୀରେ ବିଏସ୍‌ଏଫ ଯବାନମାନେ ପାଟ୍ରୋଲିଂ କରୁଛନ୍ତି।

# ଭୁଲ୍‌ରେ ଦୋଷୀସାବ୍ୟସ୍ତ ହୋଇଥିଲେ

**ଲକ୍ଷ୍ନୌ, ୨୫।୨(ଆଇଏଏନ୍‌ଏସ୍)**

### ୨୦ ବର୍ଷ ଜେଲ ପରେ ଜଣାପଡ଼ିଲା



ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି ଜେଲ୍‌ରେ ୨୦ ବର୍ଷ କାଟିସାରିବା ପରେ ସେ ବଳାତ୍କାର ମାମଲାରେ ଭୁଲ୍‌ରେ ଦୋଷୀସାବ୍ୟସ୍ତ ହୋଇଥିଲେ ବୋଲି ଜଣାପଡ଼ିଛି। ଶେଷରେ ଆଲ୍ଲାହାବାଦ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିଛନ୍ତି। ଲଳିତପୁରର ବିଷ୍ଣୁ ତିୱାରୀ (୪୩)ଙ୍କୁ ଦୁଇ ଦଶନ୍ଧି ତଳେ ବଳାତ୍କାର ଅଭିଯୋଗ ଏବଂ ଏସ୍‌ସି/ଏସ୍‌ଟି ଆଇନରେ ଦୋଷୀସାବ୍ୟସ୍ତ କରାଯାଇ ଆଗ୍ରା ଜେଲ୍ ପଠାଇ ଦିଆଯାଇଥିଲା। ଏହି ସମୟ ମଧ୍ୟରେ ତାଙ୍କର ମାଆବାପା ଓ ଦୁଇଭାଇଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଶେଷକୃତ୍ୟରେ ଯୋଗଦେବାକୁ ତାଙ୍କୁ ଛଡ଼ାଯାଇ ନ ଥିଲା।

ରିପୋର୍ଟ ଅନୁଯାୟୀ ୨୦୦୦ ସେପ୍ଟେମ୍ବରରେ ଲଳିତପୁର ଜିଲାର ଜଣେ ଦଳିତ ମହିଳା ବିଷ୍ଣୁଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ପୋଲିସ ତାଙ୍କ ବିରୋଧରେ ଆଇପିସିର ଧାରା ୩୭୬, ୫୦୬ ଏବଂ ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିରୋଧୀ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ତାଙ୍କ ବିରୋଧରେ ରିପୋର୍ଟ ଦେବା ପରେ ସେସନ୍ସ କୋର୍ଟ ତାଙ୍କୁ ଆଜୀବନ ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବିଷ୍ଣୁ ୨୦୦୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୌଣସି କାରଣରୁ ଉକ୍ତ ଆବେଦନକୁ ଡିଫେକ୍ଟିଭ୍ ଦର୍ଶାଇ ୧୬ ବର୍ଷ ପକାଇ ରଖାଯାଇଥିଲା। ଶେଷରେ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷ ଆଇନଜୀବୀ ଶ୍ୱେତା ସିଂ ରାଣାଙ୍କୁ ପ୍ରତିପକ୍ଷ ଓକିଲ ନିଯୁକ୍ତ କରିଥିଲେ। ଅଭିଯୁକ୍ତ ଭୁଲ୍‌ରେ ଦୋଷୀସାବ୍ୟସ୍ତ ହୋଇଥିବା ଜଷ୍ଟିସ୍ କୌଶଳ ଜୟେନ୍ଦ୍ର ଠାକର ଏବଂ ଗୌତମ ଚୌଧରୀଙ୍କୁ ନେଇ ଗଠିତ ହାଇକୋର୍ଟର ଖଣ୍ଡପୀଠ ଅନୁଭବ କରିବା ପରେ ବୁଧବାର ତଳକୋର୍ଟ ରାୟକୁ ଖାରଜ କରିଦେଇ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୩୨,୯୯,୨୮୪ | ୨୫,୧୨,୭୯୭ | ୮,୮୮,୬୦,୨୯୬ |
| ଭାରତ | ୧,୧୦,୬୨,୫୯୧ | ୧,୫୬,୮୫୦ | ୧,୦୭,୪୮,୩୦୮ |
| ଓଡ଼ିଶା | ୩,୩୬,୯୨୪ | ୧୯୧୫(+୫୩) | ୩,୩୪,୯୨୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# କଂଗ୍ରେସ ଭବନ ବୈଠକରେ ହାତାହାତି

## ଓବିସି ସେଲ୍ ସଭାପତିଙ୍କୁ ବିରୋଧ

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

କଂଗ୍ରେସର ଗୋଷ୍ଠୀକନ୍ଦଳ ଦୂର ହେଉନାହିଁ। ନେତାମାନଙ୍କ ମଧ୍ୟରେ ରହିଥିବା ମତଭେଦ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଲୋକଙ୍କ ଆଗକୁ ଆସିଥାଏ। ଗୁରୁବାର କଂଗ୍ରେସ ଭବନରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ପ୍ରଦେଶ କଂଗ୍ରେସ କମିଟି ଓବିସି ସେଲ୍‌ର ସାଧାରଣ ପରିଷଦ ବୈଠକରେ ବସିବା ସମୟରେ ୨ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବାହ୍ନରେ ସାଧାରଣ ପରିଷଦ ବୈଠକ ଆରମ୍ଭ ହେବା ପୂର୍ବରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦୁଇଗୋଷ୍ଠୀ ମଧ୍ୟରେ ପ୍ରଥମେ ଠେଲାପେଲା ଆରମ୍ଭ ହୋଇଥିଲା। ଓବିସି ସେଲ୍ ସଭାପତି ବିଷ୍ଣୁ ବାରିକଙ୍କୁ ଗୋଟିଏ ଗୋଷ୍ଠୀ ବିରୋଧ କରିଛନ୍ତି। ବିଷ୍ଣୁ ଦଳ ବିରୋଧୀ କାମ କରୁଛନ୍ତି ଏବଂ ବିଜେଡି ସହ ହାତ ମିଳାଇଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ତିର୍ତ୍ତୋଲ ଉପନିର୍ବାଚନରେ ବିଷ୍ଣୁ କଂଗ୍ରେସକୁ ହରାଇବା ପାଇଁ କାମ କରିଥିଲେ ବୋଲି କହିବା ସହ ପୂର୍ବତନ ବିଧାୟକ ତଥା କାର୍ଯ୍ୟକାରୀ ପିସିସି ସଭାପତି ଚିରଞ୍ଜୀବ ବିଶ୍ୱାଳ ଜିନ୍ଦାବାଦ ବୋଲି ନାରାବାଜି ମାରିଥିଲେ। ଏପରି କି ବିଷ୍ଣୁଙ୍କୁ ଠେଲାପେଲା କରିଥିଲେ। ଏହା ଦେଖି ବିଷ୍ଣୁଙ୍କ ସମର୍ଥକମାନେ ଏହାକୁ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ କଂଗ୍ରେସ ଭବନ ରଣକ୍ଷେତ୍ର ପାଲଟିଥିଲା। ପରିସ୍ଥିତି ଏପରି ଘଟିଥିଲା ଯେ, ସାଧାରଣ ପରିଷଦ ବୈଠକ ଲାଗି ପ୍ରସ୍ତୁତ ହୋଇଥିବା ମଞ୍ଚ ମଧ୍ୟ ଭାଙ୍ଗି ଯାଇଥିଲା। ଏହାରି ଭିତରେ ବିଧାୟକ ସୁରେଶ ରାଉତରାୟ ଉଭୟ ଗୋଷ୍ଠୀକୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଶେଷରେ କଂଗ୍ରେସ ନେତା ମାନସ ଚୌଧୁରୀ ଏଥିରେ ହସ୍ତକ୍ଷେପ କରିଥିଲେ। ଗଣ୍ଡଗୋଳକୁ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। କେହି ଶୃଙ୍ଖଳାରୁ ଊର୍ଦ୍ଧ୍ୱରେ ନୁହନ୍ତି। ଯିଏ ଏହାକୁ ଉଲ୍ଲଂଘନ କରିବ ସେମାନଙ୍କ ବିରୋଧରେ ନିଶ୍ଚିତଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ଏହି ଘଟଣାକୁ ନେଇ ବିଷ୍ଣୁ କହିଛନ୍ତି, ସେ ବର୍ତ୍ତମାନ ଓବିସି ସଭାପତି ଅଛନ୍ତି। ତାଙ୍କର ବିଜେଡି ସହିତ କୌଣସି ସମ୍ପର୍କ ନାହିଁ। ତାଙ୍କ ସାନ ଭାଇର ସାଙ୍ଗ ବିଜେଡିରେ ବିଧାୟକ ଅଛନ୍ତି। ତେଣୁ ସେ ତାଙ୍କ ଘରକୁ ଯାଇପାରିବେ। ମୋର ଏଥିରେ କିଛି କହିବାର ନାହିଁ। ଚିରଞ୍ଜୀବ ବିଶ୍ୱାଳ ଏସବୁ କରିଛନ୍ତି। ଗଲା ଉପନିର୍ବାଚନରେ ଚିରଞ୍ଜୀବ ବାବୁ ମୋତେ କିଛି ଦାୟିତ୍ୱ ଦେଇଥିଲେ କି ବୋଲି ବିଷ୍ଣୁ ଓଲଟା ପ୍ରଶ୍ନ କରିଛନ୍ତି।



କଂଗ୍ରେସ ଭବନରେ ଗୁରୁବାର ଦୁଇ ଗୋଷ୍ଠୀ ମଧ୍ୟରେ ହେଉଥିବା ଗଣ୍ଡଗୋଳ।

# ଜିଲାପାଳ, ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ସତର୍କ କରାଇଲା ସ୍ୱାସ୍ଥ୍ୟ ବିଭାଗ

- ୧୨ ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢୁଛି
- ବିମାନବନ୍ଦର, ରେଳଷ୍ଟେଶନରେ ଯାତ୍ରୀଙ୍କ ଉପରେ ନଜର ରଖ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ବିଭିନ୍ନ ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ପୁଣି ବୃଦ୍ଧି ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ବିମାନବନ୍ଦର, ରେଳଷ୍ଟେଶନଗୁଡ଼ିକରେ ଏହି ମହାମାରୀ ଯେପରି ନ ବ୍ୟାପିବ ସେଥିଲାଗି ପ୍ରସ୍ତୁତ ରହିବାକୁ ଗୁରୁବାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ବିଜୁ ପଟ୍ଟନାୟକ ବିମାନବନ୍ଦର ଓ ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି।



ମହାରାଷ୍ଟ୍ର,କେରଳ,ତେଲେଙ୍ଗାନା, ଛତିଶଗଡ଼, ପଶ୍ଚିମବଙ୍ଗ, ପଞ୍ଜାବ, ଦିଲ୍ଲୀ, ଚଣ୍ଡିଗଡ, ମଧ୍ୟପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶ ଭଳି ୧୨ ରାଜ୍ୟରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ବିମାନବନ୍ଦର, ରେଳଷ୍ଟେଶନଗୁଡ଼ିକରେ ଯାତ୍ରୀମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯିବା ସହ ଜ୍ୱର, ଛିଙ୍କ ଭଳି ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ ଯାତ୍ରୀଙ୍କର ରାପିଡ୍ ଆଣ୍ଟିଜେନ ଟେଷ୍ଟ କରିବାକୁ କୁହାଯାଇଛି। ଯଦି କୋଭିଡ୍ ସଂକ୍ରମିତ ଜଣାପଡ଼ିବେ ସମ୍ପୃକ୍ତ ଯାତ୍ରୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟକୁ କୋଭିଡ୍ ସଂକ୍ରମଣ ମୁକ୍ତ ରଖିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଚିଠିରେ ଜଣାଇ ଦିଆଯାଇଛି।

# ବସ୍ ଓଲଟି ୨ ମୃତ, ୨୫ ଆହତ

## କାଞ୍ଜିପାଣିକୁସୁମୀ ଘାଟି

କେନ୍ଦୁଝର/ତେଲକୋଇ, ୨୫।୨(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା କାଞ୍ଜିପାଣି-ତେଲକୋଇ ରାସ୍ତାର କୁସୁମୀ ଘାଟିରେ ଗୁରୁବାର ଏକ ବରଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ସ୍ନେହା ସଫାରୀ ନାମକ ଏକ ବସ୍ ରାଉରକେଲାରୁ ବରଯାତ୍ରୀ ଧରି ଢେଙ୍କିକୋଟ ନିକଟସ୍ଥ ଲଙ୍ଗଳକଣ୍ଟି ଗ୍ରାମକୁ ଆସିଥିଲା। ବାହାଘର ସରିବା ପରେ ଫେରିବା ବାଟରେ କାଞ୍ଜିପାଣି କୁସୁମୀ ଘାଟିରେ ସକାଳ ପ୍ରାୟ ୯ଟା ୪୫ରେ ଭାରସାମ୍ୟ ହରାଇ ବସ୍‌ଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆହତମାନଙ୍କୁ ତେଲକୋଇ ଅଗ୍ନିଶମ ବିଭାଗ ଏବଂ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିଲା। ବସ୍‌ରେ ମୋଟ ୬୦ଜଣ ବରଯାତ୍ରୀ ଥିଲେ। କାଞ୍ଜିପାଣି ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ହୋଇ ଧନଜୀବନ ହାନି ଘଟୁଥିବା ବେଳେ ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ପାଇଁ ଦାବି ହୋଇଛି।

**WANTED**
**ACCOUNTS EXECUTIVES**
For Press Club of Odisha

- Candidate should be proficient in audit work.
- Executive should have at least 3 years+ experience in the field of Accounts.
- Experience should include day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

Apply immediately to : Chairman
The Press Club of Odisha
Master Canteen Chhak, Bhubaneswar
Attractive salary for experienced candidates

# ୫ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ବଧୂହତ୍ୟା ମାମଲା

ବାଲେଶ୍ୱର ଅଫିସ,୨୫।୨

ବାଲେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ବଧୂହତ୍ୟା ମାମଲାର ବିଚାର କରି ଜିଲା ଦୌରାଜଜ୍-୨ ସୁବାସ ବେହାରୀ ଗୋଟିଏ ପରିବାରର ୫ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା, ଅନାଦାୟ ୧ ବର୍ଷ ଲେଖାଏ ଜେଲ୍ ଦଣ୍ଡ ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ପଥଦୁର୍ଗା ଗ୍ରାମର ରତ୍ନାକର ଦୁଲାରୀଙ୍କ ଝିଅ ମନ୍ଦାକିନୀଙ୍କ ସହ ଅଁଳାଡ଼ିଆ ଗ୍ରାମର ଦେବେନ୍ଦ୍ର ଜେନାଙ୍କ ପୁଅ ଚିତ୍ତରଞ୍ଜନ(୩୦)ଙ୍କର ୨୦୧୪ ଏପ୍ରିଲ ୧୯ରେ ବିବାହ ହୋଇଥିଲା। ସେତେବେଳେ ଝିଅ ଘର ପକ୍ଷରୁ ସମସ୍ତ ଯୌତୁକ ସହ ୫୦ ହଜାର ଟଙ୍କା ଦିଆଯାଇଥିଲା। ବାହାଘରର କିଛିଦିନ ପରେ ଚିତ୍ତରଞ୍ଜନ ଓ ତାଙ୍କ ପରିବାର ଲୋକେ ମନ୍ଦାକିନୀଙ୍କୁ ବାପଘରୁ ଏକ ବାଇକ୍ ଆଣିବା ପାଇଁ କହିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ବଢ଼ିବା ସହ ଶାଶୁଘର ଲୋକେ ମନ୍ଦାକିନୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଉକ୍ତ ବିଷୟକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ୨ରୁ ୩ ଥର ଆପୋସ ବୁଝାମଣା ମଧ୍ୟ ହୋଇଥିଲା। ମାତ୍ର ୨୦୧୪ ଅକ୍ଟୋବର ୨୨ ତାରିଖ ସକାଳେ ଶାଶୁଘର ଲୋକେ ମନ୍ଦାକିନୀ ନିଜ ଦେହରେ ନିଆଁ ଲଗାଇ ପୋଡ଼ିଯାଇଥିବା ତାଙ୍କ ବାପଘରକୁ ଖବର ଦେଇଥିଲେ। ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମନ୍ଦାକିନୀଙ୍କର ଚିକିତ୍ସା କରାଯାଇଥିଲା। ୩ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମନ୍ଦାକିନୀଙ୍କ ବାପା ସିଂଲା ଥାନାରେ ଚିତ୍ତରଞ୍ଜନଙ୍କ ସମେତ ଦୁଇଭାଇ ସୌମ୍ୟ, ସୁବଳ, ବାପା ଦେବେନ୍ଦ୍ର ଓ ମା' ସନ୍ଧ୍ୟାରାଣୀ ଯୌତୁକ ପାଇଁ ମନ୍ଦାକିନୀଙ୍କୁ ପୋଡ଼ି ମାରିଦେଇଥିବା ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୬୯/୨୦୧୪) ରୁଜୁ କରି ତଦନ୍ତ ପୂର୍ବକ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ବିଚାର କରି ଜିଲା ଦୌରାଜଜ୍-୨ ୨୪ଜଣ ସାକ୍ଷ୍ୟ ଓ ୯ ଦସ୍ତାବିଜ୍ ମୂଳେ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ବିନୋଦ ପାଣି ଓ ଦୀପକ ଦାସ ମାମଲା ପରିଚାଳନା କରୁଥିଲେ।

# ବାପାଙ୍କ ତଣ୍ଟି କାଟିଲେ ପୁଅ

**ଢେଙ୍କାନାଳ ଅଫିସ,୨୫।୨:** ପାରିବାରିକ କଳହରୁ ବାପାଙ୍କ ତଣ୍ଟି କାଟିଦେଇଛନ୍ତି ପୁଅ। ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଚାଉଳିଆ ଖମାର ବିଦ୍ୱାନଗର ସାହିରେ ଗୁରୁବାର ଅପରାହ୍ନରେ ଘଟିଛି ଏହି ଅଭାବନୀୟ ଘଟଣା। ଅଭିଯୋଗ ପାଇ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଏକ କାତିକୁ ଜବତ କରି ତଦନ୍ତ ଜାରି ରଖିଛି। ପୋଲିସ କହିଛି, ଅପରାହ୍ନ ପ୍ରାୟ ୫ଟାରେ ସାହିର ଫଗୁ ସାହୁ(୫୭)ଙ୍କ ସହ ପୁଅ ଶିବରାମ ସାହୁ(୩୦)ଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଶିବରାମ ଏତେ ଉତ୍ତ୍ୟକ୍ତ ହୋଇଯାଇଥିଲେ ଯେ ହିତାହିତ ଜ୍ଞାନ ଭୁଲି ଘରେ ଥିବା ଏକ କାତି ଆଣି ବାପା ଫଗୁଙ୍କ ତଣ୍ଟି କାଟି ଦେଇଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ଫଗୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଫଗୁଙ୍କ ସ୍ତ୍ରୀ ସଦରଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ ଓ ଟାଉନଥାନା ଅଧିକାରୀ ନମିତା ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଶିବରାମଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୧୦୯।୨୧ରେ ଏକ ମାମଲା ରୁଜୁ କରାଯାଇଛି।

# ୩୯.୪ ଡିଗ୍ରୀରେ ଭୁବନେଶ୍ୱର

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ତତଲା ପବନ ସାଙ୍ଗକୁ ଟାଇଁଟାଇଁ ଖରା ପରିବେଶକୁ ଉତ୍ତପ୍ତ କରି ପକାଇଛି। ରାଜଧାନୀ ଭୁବନେଶ୍ୱର ଲଗାତାର ଦୁଇଦିନ ହେବ ଉତ୍ତପ୍ତ ସହରରେ ପରିଣତ ହୋଇଛି। ବୁଧବାର ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ଥିବା ବେଳେ ଗୁରୁବାର ୩୯.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାରିପଦାରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୩୬.୨, କଟକ ୩୭, ଅନୁଗୋଳ ୩୭.୭, ତାଳଚେର ୩୭.୧, ବଲାଙ୍ଗୀର ୩୭ ଏବଂ ଟିଟିଲାଗଡ଼ରେ ସର୍ବାଧିକ ୩୭.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ଆସନ୍ତା ୨୮ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ରାତ୍ରିରେ ମଧ୍ୟ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବ। ତେବେ ମାର୍ଚ୍ଚ ୨ରୁ ରାଜ୍ୟକୁ ସାମୁଦ୍ରିକ ବାୟୁ ପ୍ରବାହ ଆରମ୍ଭ ହେବ। ଏଥିଯୋଗୁ ଉପକୂଳବର୍ତ୍ତୀ ଜିଲାଗୁଡିକରେ ସାମାନ୍ୟ ଆଶ୍ୱସ୍ତି ମିଳିବ। ଏପ୍ରିଲ ୧୫ରୁ ପାରଦ ଆହୁରି ଉପରମୁହାଁ ହୋଇ ୪୪ ଡିଗ୍ରୀ ଛୁଇଁବା ସମ୍ଭାବନା ରହିଛି।


ଭୁବନେଶ୍ୱର ରାସ୍ତାରେ ଟାଣ ଖରାରେ ୩ ଯୁବତୀ ଯାଉଛନ୍ତି।



**ଆଜିର ମନ୍ତବ୍ୟ**

"ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଯୋଗ ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ।
–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


କୁନୁ
ପରିବାରବର୍ଗ


ଗୁଡ଼ିଆ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ସୀମା ବିବାଦ: ସରକାରଙ୍କୁ...

କରୁଛନ୍ତି। ସେମାନେ ଡରରେ କିଛି ପ୍ରକାଶ କରୁ ନ ଥିଲେ ମଧ୍ୟ ମଣ୍ଡିର ଅବ୍ୟବସ୍ଥାକୁ ନେଇ ସେମାନେ ମଧ୍ୟ ଚିନ୍ତିତ। ମଣ୍ଡିରେ ଏବେ ବି ଶହ ଶହ କୁଇଣ୍ଟାଲ ଧାନ ପଡିରହିଛି। ଚାଷୀମାନଙ୍କୁ ଦଲାଲ କହିଥିବାରୁ ସମବାୟ ମନ୍ତ୍ରୀ ଗୃହରେ କ୍ଷମା ମାଗନ୍ତୁ। ଚାଷୀଙ୍କର ସବୁ ଧାନ ସରକାର ଉଠାନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କୋଟିଆ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆର.ଏନ. ସିଂଦେଓ ଥିବା ବେଳେ ୧୯୬୮ରୁ ସୀମା ବିବାଦ ରହି ଆସିଛି। ରାଜ୍ୟ ସରକାର ନିଘୋଡ଼ ନିଦରେ ଶୋଇଛନ୍ତି। ମନ୍ତ୍ରୀ ଉତ୍ତର ଦେଲେ ଫେବୃୟାରୀ ୨ ତାରିଖରେ ତହସିଲଦାର ଜିଲାପାଳଙ୍କୁ ଜଣାଇଲେ। ଜିଲାପାଳ ସରକାରଙ୍କୁ ୩ ତାରିଖରେ ଜଣାଇଲେ। ଏହା ପୂର୍ବରୁ ସରକାର ଜାଣିପାରୁ ନ ଥିଲେ। ଆଡ୍‌ଭୋକେଟ ଜେନେରାଲଙ୍କ ସହ ଏ ବିଷୟରେ ଆଲୋଚନା କରି ପଦକ୍ଷେପ ନେବାର ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ରାଜ୍ୟର ଗୋଟିଏ ଅଂଶ ଚାଲିଗଲାଣି। ରାଜ୍ୟରେ କ'ଣ ଘଟୁଛି ସେ ଖବର ଗୋଇନ୍ଦା ସଂସ୍ଥା ପାଖରେ ନାହିଁ। ଗୋଇନ୍ଦା ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ କ'ଣ କିଛି ଜଣାଉନାହାନ୍ତି। ପ୍ରତ୍ୟେକ ମାସରେ ଗୋଇନ୍ଦା ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ଜଣାଇବା କଥା। ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଗୋଇନ୍ଦା ବିଭାଗ ପ୍ରତ୍ୟେକ ସପ୍ତାହରେ ରାଜ୍ୟ ବିଷୟରେ ଜଣାଉଥିଲେ। ୨୦୦୬ରେ ଯେତେବେଳେ ସୁପ୍ରିମକୋର୍ଟରେ ବୈଷୟିକ ମାମଲାରେ ସରକାର ହାରିଗଲେ ସେବେଠାରୁ କ'ଣ କରୁଥିଲେ। ସରକାର ଯେତେବେଳେ ଜାଣିଲେ ଆନ୍ଧ୍ର ସରକାର ସେଠାରେ ନିର୍ବାଚନ କରିବାକୁ ଯାଉଛନ୍ତି ସେ ସମୟରେ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତିକୁ ରଦ୍ଦ କରିବାକୁ କାହିଁକି ସୁପ୍ରିମକୋର୍ଟକୁ ଗଲେ ନାହିଁ। ଆନ୍ଧ୍ର ବିରୋଧରେ ଅଦାଲତ ଅବମାନନା କେସ୍ କଲେ। ଏଥିରେ କିଛି ଲାଭ ହେବ ନାହିଁ। କିଛି ଲୋକଙ୍କୁ ଦଣ୍ଡ ମିଳିପାରେ, ମାତ୍ର ଆନ୍ଧ୍ର ନେଇଥିବା ଜମି ଫେରି ପାଇବା ସମ୍ଭବ ହେବ ନାହିଁ। ରାଜ୍ୟ ଗଠନ ହେବା ବେଳେ ସୀମା ଚିହ୍ନଟ ହୋଇଥିଲା। ସୀମା ଚିହ୍ନଟ କରିବାକୁ ପୁଣି କି କମିଟି ଗଠନ କରାଯାଇଛି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। କୋଟିଆ ଅଞ୍ଚଳରେ ଆନ୍ଧ୍ର ସରକାର ବାର୍ଦ୍ଧକ୍ୟ ଭତ୍ତା ୨୨୫୦ ଟଙ୍କା ଦେଉଥିବା ବେଳେ ଓଡ଼ିଶା ସରକାର ମଧୁବାବୁ ପେନସନ ଯୋଜନାରେ ୫୦୦ ଟଙ୍କା ଦେଉଛନ୍ତି। ସେମାନେ କାହିଁକି ଓଡ଼ିଶା ପ୍ରତି ଆକୃଷ୍ଟ ହେବେ। ବିଧାନସଭାରେ ଖାଲି ଆଲୋଚନା କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକନ୍ତୁ। ସମସ୍ତେ ସାଙ୍ଗହୋଇ ସେଠାକୁ ଯିବା। ଲୋକମାନଙ୍କୁ ବୁଝାଇବା ବୋଲି ନରସିଂହ କହିଥିଲେ। ଧାନ ସଂଗ୍ରହ ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ ମଣ୍ଡିରେ ଚାଷୀ ଧାନ ନଷ୍ଟ ହେଉଛି। ସରକାର ଧାନ ନ କିଣିଲେ ଚାଷୀ ଆତ୍ମହତ୍ୟା ଆହୁରି ବଢ଼ିବ। ବିଧାନସଭାରେ ଚାଷୀ ପ୍ରସଙ୍ଗରେ ଆଲୋଚନା କରି ଚାଲିଗଲେ ସମସ୍ୟାର ସମାଧାନ ହେବ ନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଥିଲେ। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ଅଧିରାଜ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଚାଷୀ ସୁରକ୍ଷା ଆମର ଦାବି.... ଆମର ଦାବି, କୋଟିଆ ସୁରକ୍ଷା ଆମର ଦାବି... ଚାଷୀ ଏକତା ଜିନ୍ଦାବାଦ କହି ସ୍ଲୋଗାନ ଦେଇଥିଲେ। ଏହି ସମୟରେ ସୁରେଶ କୁମାର ରାଉତରାୟ ଜଟଣୀର ୧୩ଟି ଗ୍ରାମର ସ୍ଥିତିବାନ ସମ୍ପତ୍ତି ଜଗନ୍ନାଥଙ୍କ ନାମରେ ହୋଇଯାଇଥିବା ପ୍ରସଙ୍ଗ ଉଠାଇ ସେ ସବୁ ଜମିକୁ ଫେରାଇ ଦେବାକୁ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟମାନେ ହଟ୍ଟଗୋଳ କରିବା ଯୋଗୁ ଉପବାଚସ୍ପତି ଗୃହକୁ ୧୧ଟା ୫୯ ମିନିଟ୍‌ରେ ୧୦ ମିନିଟ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୦ ମିନିଟ୍ ପରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କଂଗ୍ରେସ ସଦସ୍ୟମାନଙ୍କୁ ହଟ୍ଟଗୋଳରୁ କ୍ଷାନ୍ତ ରହିବାକୁ ଅନୁରୋଧ କରିଥିଲେ। ମୁଲତବୀ ଆଲୋଚନାରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଥିବାରୁ ସହଯୋଗ କରିବାକୁ କହିଥିଲେ। ମାତ୍ର କଂଗ୍ରେସ ସଦସ୍ୟମାନେ ଶୁଣି ନ ଥିଲେ। ଗୃହକୁ ସ୍ୱାଭାବିକ କରିବାକୁ ଉପବାଚସ୍ପତି କଂଗ୍ରେସ ଓ ଭାଜପାର ସଦସ୍ୟମାନଙ୍କୁ ଚାମ୍ବରକୁ ଡାକି ଆଲୋଚନା କରିଥିଲେ। ଆଲୋଚନା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ପୁଣି ହଟ୍ଟଗୋଳ ଆରମ୍ଭ ହୋଇଥିଲା। ବିରୋଧୀଙ୍କ ଉଦ୍‌ବେଗ ବାଚସ୍ପତିଙ୍କୁ ଜଣାଇ ଦିଆଯିବ ବୋଲି ଉପବାଚସ୍ପତି ବାରମ୍ବାର କହିଥିଲେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ହୋଇ ନ ଥିଲା। ଫଳରେ ଉପବାଚସ୍ପତି ବାଧ ହୋଇ ମୁଲତବୀ ପ୍ରସ୍ତାବ ଆଲୋଚନା ଶୁକ୍ରବାରକୁ ଘୁଞ୍ଚାଇ ଗୃହକୁ ମଧ୍ୟାହ୍ନ ୧୨ଟା ୩୮ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

### ଓଟିଟି ଉପରେ...

କରି ୧୫ ଦିନ ଭିତରେ ତା'ର ଫଇସଲା କରିବେ। ଏହାସହ ସୋସିଆଲ ମିଡିଆ ଇଣ୍ଟରମିଡିଆରିଗୁଡ଼ିକ ଫେକ୍ ନ୍ୟୁଜ୍ ରୋକିବା ପାଇଁ କୌଣସି ତଥ୍ୟ ବା ସୂଚନା ପୋଷ୍ଟ କରିଥିବା ମୂଳ ବ୍ୟକ୍ତିଙ୍କୁ ଚିହ୍ନଟ କରି ବିବାଦୀୟ ପୋଷ୍ଟର ବିସ୍ତୃତ ତଥ୍ୟ ଜଣାଇବେ। ଫେସ୍‌ବୁକ୍ ଓ ଟୁଇଟର ଭଳି ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ଯଥାଶୀଘ୍ର ବିବାଦୀୟ ପୋଷ୍ଟ ହଟାଇବେ। ଏଥିପାଇଁ ସେମାନେ ସରକାରଙ୍କ କିମ୍ବା ଆଇନଗତ ନିର୍ଦ୍ଦେଶନାମା ଜାରି ହେବାର ୩୬ ଘଣ୍ଟାରୁ ଅଧିକ ସମୟ ନେବେ ନାହିଁ। ମହିଳାମାନଙ୍କ ମର୍ଯ୍ୟାଦା ଓ ସାଧାରଣ ୟୁଜର୍ସଙ୍କୁ ସଶକ୍ତ କରିବା ପାଇଁ ଏହି ବ୍ୟବସ୍ଥା କରାଯାଉଛି। ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ଆତ୍ମନିୟାମକ ସଂସ୍ଥା ଦ୍ୱାରା ପରିଚାଳିତ ହେବେ। ବୟସ ଅନୁସାରେ କେଉଁ କଣ୍ଟେଣ୍ଟ କିଏ ଦେଖିପାରିବେ ସେନେଇ ମଧ୍ୟ ଓଟିଟି ପ୍ଲାଟ୍‌ଫର୍ମ ବର୍ଗୀକୃତ କରିବେ।

### ହାତ, ଗୋଡ଼...

ଏ ସଂକ୍ରାନ୍ତରେ ଜଣେ ପଡ଼ୋଶୀଙ୍କ କହିବା ହେଲା ପୀଡ଼ିତାଙ୍କ ପରିବାର ବିଶେଷ କାହା ସହ ମିଳାମିଶା କରନ୍ତି ନାହିଁ। ଏଣୁ ଏଭଳି ଘଟଣା କାହିଁକି ଘଟିଲା ସେ ନେଇ ବିଶେଷ କିଛି ଜାଣି ନାହାନ୍ତି। ତେବେ ପୀଡ଼ିତାଙ୍କ ସମ୍ପର୍କୀୟ ପୋଲିସକୁ ଦେଇଥିବା ସୂଚନାନୁଯାୟୀ ସୋସିଆଲ ମିଡିଆରେ ପୀଡ଼ିତାଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା ଓ ପରେ ଏହାକୁ କାଟିଦିଆଯାଇଥିଲା। ପୀଡ଼ିତାଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଲାଲ୍‌ବାଗ ଥାନାରେ ଏ ସମ୍ବନ୍ଧରେ ଲିଖିତ ଅଭିଯୋଗ ମଧ୍ୟ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମଜନିତ ଘଟଣା ହୋଇଥାଇପାରେ ବୋଲି ପୋଲିସ କହିବା ସହ ଘଟଣାର ତଦନ୍ତ ଜାରି ରଖିଛି।

### ପ୍ରତ୍ୟର୍ପଣ ହେବେ...

ଲାଗି ନୀରବ ଷଡ଼ଯନ୍ତ୍ର କରିଥିଲେ ବୋଲି କୋର୍ଟ କହିଛନ୍ତି। ସେହିଭଳି ସାକ୍ଷୀଙ୍କୁ ସେ ପ୍ରଭାବିତ କରିଥିବା ଶୁଣାଣିରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଭାରତ ବ୍ରିଟେନ ପ୍ରତ୍ୟର୍ପଣ ଚୁକ୍ତି ମୁତାବକ ସେଠାକାର ଜଣେ କ୍ୟାବିନେଟ ମନ୍ତ୍ରୀ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଜାରି କରିବେ। ୨ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ। କୋର୍ଟଙ୍କ ଶୁଣାଣିକୁ ନେଇ ନୀରବ ୧୪ ଦିନ ମଧ୍ୟରେ ସେଠାକାର ହାଇକୋର୍ଟଙ୍କୁ ଆବେଦନ କରିପାରିବେ। ସୂଚନାଯୋଗ୍ୟ, ବହୁଚର୍ଚ୍ଚିତ ପିଏନ୍‌ବି ମହାଠକେଇରେ ନୀରବଙ୍କ ସମେତ ତାଙ୍କ ମାମୁ ମେହୁଲ ଚୋକ୍‌ସି ଜଡ଼ିତ ଅଛନ୍ତି। ୨୦୧୯ ମାର୍ଚ୍ଚ ୧୯ରେ ନୀରବଙ୍କୁ ଗିରଫ କରାଯାଇଥିଲା। ସେ ୱାଣ୍ଡସୱାର୍ଥ ଜେଲରୁ ଭିଡିଓଲିଙ୍କ୍ ଜରିଆରେ ଶୁଣାଣିରେ ହାଜର ହେଉଥିଲେ। ସେ ଜାମିନ ଲାଗି ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ଜାମିନ ଦେବାକୁ କୋର୍ଟ ମନା କରିଦେଇଥିଲେ। ତାଙ୍କ ବିରୋଧରେ ଭାରତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମାମଲା ଦାୟର କରିଛନ୍ତି। ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ (ଏଲ୍‌ଓସି) ଦ୍ୱାରା ସେ ଋଣ ଠକେଇ କରୁଥିବା ଅଭିଯୋଗ ତାଙ୍କ ନାମରେ ରହିଛି। ଏହାବାଦ ତାଙ୍କ ବିରୋଧରେ ଅନ୍ୟ ୨ ଅଭିଯୋଗ ମଧ୍ୟ ରହିଛି।

### ଆଜି ଭାରତ...

କିଛି ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଚିଠିରେ ଗୃହ ବିଭାଗ ଉଲ୍ଲେଖ କରିଛି ଯେ, ଟ୍ରେଡ୍ ଆସୋସିଏଶନ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାଦ୍ୱାରା ଗାଡି ମୋଟର, ରେଳ ଏବଂ ଦୋକାନ ବଜାର ଆଦି ବନ୍ଦ ହୋଇପାରେ। ତେଣୁ ଲୋକସେବା ଭବନ, ଖାରବେଳ ଭବନ ଏବଂ ରାଜୀବ ଭବନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ୯ଟା ୩୦ ସୁଦ୍ଧା କାର୍ଯ୍ୟରେ ଯୋଗଦିଅନ୍ତୁ। ୧୦ଟା ୧୫ ସୁଦ୍ଧା ଲୋକସେବା ଭବନର ସମ୍ମୁଖ ଫାଟକ ବନ୍ଦ କରିଦିଆଯିବ। ନାଲି ବିଲ୍ଡିଂ ଏବଂ ମୁଖ୍ୟ ଲୋକସେବା ଭବନର ଫାଟକ ଖୋଲା ରହିବ। ସମସ୍ତ କର୍ମଚାରୀ ସେମାନଙ୍କ ଗେଟ୍ ପାସ୍ ଏବଂ ଆଇଡି ପ୍ରୁଫ୍ ଆଣିବା ଜରୁରୀ କରାଯାଇଛି। ବିନା କାର୍ ପାସ୍‌ରେ ଭିତରକୁ ପ୍ରବେଶ କରାଇ ଦିଆଯିବ ନାହିଁ। ଯଦି କୌଣସି କର୍ମଚାରୀ କିଛି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ସିକ୍ୟୁରିଟି ଦାୟିତ୍ୱରେ ରହିଥିବା ଏସିପିଙ୍କୁ ଜଣାଇବେ। ବାହାର ଲୋକଙ୍କୁ ଏହିଦିନ ଲାଗି ଭିତରକୁ ମନା ରହିଛି। ବନ୍ଦ ଡାକରା ପରେ ରାଜ୍ୟ ବସ୍ ମାଲିକ ସଂଘ କୋଷାଧ୍ୟକ୍ଷ ବରଦା ଆଚାର୍ଯ୍ୟ କହିଛନ୍ତି, ବସ୍ ବନ୍ଦ ହେବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ତେଲ ଦର ବଢ଼ିଲେ ଆମ ଗାଡିର ଭଡା ମଧ୍ୟ ବଢୁଛି। ଯଦି ଲୋକ ହେବେ ଚାଲିବ ନ ହେଲେ ଚାଲିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ରାଜ୍ୟ ଟ୍ରକ୍ ମାଲିକ ସଂଘ ସାଧାରଣ ସମ୍ପାଦକ ରବି ଶତପଥୀ କହିଛନ୍ତି ଯେ, ଭାରତ ବନ୍ଦକୁ ନୈତିକ ସମର୍ଥନ ଦେଉଛି। ହେଲେ ଟ୍ରକ୍ ବନ୍ଦ ରହିବ ନାହିଁ। ସରକାରଙ୍କ ନିକଟରେ ଆମେ ୧ ତାରିଖ ସୁଦ୍ଧା କିଛି ଦାବି ପୂରଣ ଲାଗି ପ୍ରସ୍ତାବ ରଖିଛୁ। ଯେହେତୁ ସଂଘ ତରଫରୁ ସମୟ ଦିଆଯାଇଛି, ତେଣୁ ଏହା ପୂର୍ବରୁ କିଛି କରିବା ଠିକ୍ ହେବ ନାହିଁ ବୋଲି ଶତପଥୀ କହିଛନ୍ତି। ସେହିପରି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଖୋଲା ରହିବ। ପିଲାମାନେ ଯେପରି ଶିକ୍ଷାନୁଷ୍ଠାନ ଯିବା କଥା ଯିବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

## ଭାରତ ବନ୍ଦକୁ ଉଠାଦୋକାନୀ ମହାସଂଘର ସମର୍ଥନ

**ଭୁବନେଶ୍ୱର,୨୫।୨(ବ୍ୟୁରୋ)**

ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ବ୍ୟବସ୍ଥା ଓ ଜିଏସ୍‌ଟି ଅଧିକାରୀଙ୍କ ଏକଚାଟିଆ ମନୋଭାବକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସମର୍ଥନ କରିଛି। ଏଥିସହ ଓଡ଼ିଶାର ପାଖାପାଖି ୨ଲକ୍ଷ ଉଠାଦୋକାନୀ, କ୍ଷୁଦ୍ର ବ୍ୟବସାୟୀ ଏହି ଆନ୍ଦୋଳନକୁ ସମର୍ଥନ କରି ଦୋକାନ ବଜାର ବନ୍ଦ ରଖିବେ ବୋଲି ମହାସଂଘର ରାଜ୍ୟ ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ ସୂଚନା ଦେଇଛନ୍ତି। ୨୬ ତାରିଖ ଭାରତ ବନ୍ଦ ଆନ୍ଦୋଳନକୁ ବିଭିନ୍ନ କ୍ଷୁଦ୍ର ବ୍ୟବସାୟୀ ୟୁନିୟନ, ଜାତୀୟସ୍ତରୀୟ କ୍ଷୁଦ୍ର ବ୍ୟବସାୟୀ ଉଠାଦୋକାନୀ ସଙ୍ଗଠନ ସମର୍ଥନ କରିଛନ୍ତି। ତେବେ ମେଡିକାଲ, ଆମ୍ବୁଲାନ୍ସ ଭଳି ଅତ୍ୟାବଶ୍ୟକ ସେବାକୁ ବନ୍ଦ କରାଯିବ ନାହିଁ ବୋଲି ସାହୁ ସ୍ପଷ୍ଟ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜିର ସ୍ୱଗୃହୀ ଚନ୍ଦ୍ର ଅର୍ଥ ଓ ସମ୍ମାନ ପ୍ରଦାନ କରିବାରେ ଅବହେଳା କରିବ ନାହିଁ। କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଶନିଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ପରିବାରରେ ତିକ୍ତତା ଦେଖାଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବା ସହିତ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ବୃଷ**
ପରାକ୍ରମ ସ୍ଥାନସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ଉଚ୍ଚ ମନୋବଳ ପ୍ରତ୍ୟେକ କାମରେ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରିବ। କୌଣସି ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ସହଯୋଗ କରିପାରେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶା କରୁଥିବା ଫଳ ନିଶ୍ଚିତ ପାଇବେ। ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ମିଥୁନ**
ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସଙ୍ଗକୁ ଆର୍ଥିକ ସ୍ଥିତି ମଜଭୁତ ରହିବ। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ। ମାଙ୍ଗଳିକ କାମରେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ**
ଦୀର୍ଘଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଆଲୋଚନା କ୍ଷେତ୍ରରେ ଭାବପ୍ରବଣବଶତଃ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ**
ଆବଶ୍ୟକତା ଅନୁଯାୟୀ ହଠାତ୍ ବହୁତ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ। ମଘା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବ। ବ୍ୟବସାୟରେ ଲାଭ ପରିମାଣ କୌଣସି ପ୍ରକାରେ ଊଣା ହେବ ନାହିଁ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ଯୋଗଯୋଗ ତଥା ଏଜେନ୍ସିପ୍ରରୁ ଖୁସି ରହିବେ। ସରକାରୀ ସ୍ତରରୁ ଅଚାନକ ଭାବରେ ଶୁଭ ଖବର ଶୁଣି ଖୁସି ହେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ତୁଳା**
ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ହେବାର ମାର୍ଗ ଉନ୍ମୁକ୍ତ ହେବ। ଋଣ ପରିଶୋଧର ଲକ୍ଷ୍ୟ ନେଇ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବାର ସମ୍ଭାବନା ରହିଛି। ଭରସା କରି ଅପେକ୍ଷାରେ ଥିଲେ ମଧ୍ୟ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି।

**ବିଛା**
ଆଜି ମାଙ୍ଗଳିକ କାମରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବେଶିକ କୁପ୍ରଭାବରୁ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଦାମ୍ପତ୍ୟ ଜୀବନରେ ବୃଥା ସନ୍ଦେହ ଅଶାନ୍ତିର କାରଣ ପାଲଟିଯିବ। ରାଜନୈତିକ ସ୍ଥିତି ମଜଭୁତ୍ ରହିବା ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ବଢ଼ିବ।

**ଧନୁ**
ସ୍ଥଗିତ କାର୍ଯ୍ୟରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଉତ୍ତରାଷାଢା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ସରଳ ବିଶ୍ୱାସ କରି କୌଣସି ଅଜଣା ବ୍ୟକ୍ତି ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଏବଂ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**
ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ନିଶ୍ଚିତ କାମକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି।

**କୁମ୍ଭ**
ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ବିନା କାରଣରେ ଅଶାନ୍ତି ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟହାନି ହେତୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ଶେୟାରବଜାର କ୍ଷେତ୍ରରେ କ୍ଷତିର ଆଶଙ୍କା ରହିଛି। ବହୁତ ଦିନରୁ ଭଲ ସମ୍ପର୍କ ନ ଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ।

**ମୀନ**
ନିକଟ ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟାର କୁପରିଣାମ ଭୋଗ କରିବାକୁ ପଡିପାରେ। ଯେତେ ଭଲ କାମ କଲେ ମଧ୍ୟ ଖଳ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବେ। ପାରିବାରିକ କ୍ଷେତ୍ରରେ ମାଲିମକଦ୍ଦମାରୁ ଚିନ୍ତାଶୀଳ ହେବେ। ନିର୍ମାଣକୁ କେନ୍ଦ୍ରକରି ଜମିଜମା ବିବାଦ ସୃଷ୍ଟି ହୋଇପାରେ।

ଆଜି ମାଘ ଶୁକ୍ଳପକ୍ଷର ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା, ଶୁକ୍ରବାର, ଫେବୃୟାରୀ ୨୬ ତାରିଖ, ବୀର ସାବରକରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ଦିବା ଘ.୧୨।୩୩ ଗତେ, ମଘା/ସିଂହ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୨ ଗତେ ଘ.୦୬।୫୮ ମଧ୍ୟେ, ଘ.୦୭।୪୪ ଗତେ ଘ.୧୦।୦୩ ମଧ୍ୟେ, ଘ.୧୨।୨୨ ଗତେ ଘ.୦୨।୪୧ ମଧ୍ୟେ, ଘ.୦୪।୧୪ ଗତେ ଘ.୦୫।୪୭ ମଧ୍ୟେ ଅମୃତବେଳା। ରାତ୍ରି ଘ. ୦୯।୦୫ ଗତେ ଘ.୦୯।୫୫ ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦।୩୨ ଗତେ ଘ.୧୧।୫୯ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## SALE

**Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883.** D-70193

40Acres plotting township near Sumhospital. Now Phase-2 open. We provide facilities are 30ft. concrete road, park, temple, electricity with streetlight in every road, childern's playarea. For more details: SHREE KRISHNA DEVELOPER- 8337900880, 8337900881. D-69694

**Developed, demarcated gharabari plot ବାଲିଅନ୍ତା ଏବଂ ଉତ୍ତରା ନିକଟରେ କିଣନ୍ତୁ। 7008492511.** D-69377

Plot near KIIT University backside of Prasanti Vihar sqft.1150/-. Contact: 9658999848, 6371808737. D-70195

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 9692003948.** D-20052

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70535

Sum Hospitalରୁ ୪କି.ମି. ଘଂଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295. D-70191

Completed 3/2BHK flat main road side, near Rajarani Temple, Ravi Talkies, Bhubaneswar. Contact: 9861037729, 9040337729. D-20028

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

**Residential gharabari plot 400meters distance from Puri by-pass (NH-203), Bhubaneswar, Mouza : Koradakanta@ 2100/-persqft. Contact: 8847850277.** D-20006

Gharabadi converted plot sale with Bank Loan facility in Pradhansahi and AIIMS area. Contact: 8118050420. D-65912

**ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434.** D-70184

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/- ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

2BHK flat Garage Chhak, Bhubaneswar near Sriram Nagar and Samantaraypur market area. 7873492433. D-70224

**Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383.** D-20026

## PURCHASE

Wanted plots, flats, duplexes Bungalows in Bhubaneswar for marketing. 6371090682. D-68273




**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

House at Nayapalli near DAV/Stewart School, family. 9438490107, 8895096862 D-70430

**2320sqft Go-down for Rent, Talasahi, Shikarpur, Cuttack Contact Saroj- 8895331410, 9437552432.** D-20035




New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Zen salon and SPA positively health benefits with expert therapeutic&genuinely massage appointment. 7205084157. D-70534

Swarna SPA newly open positively health benefits with expert therapist. 9556978408. D-70533




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/-+ Laptop + Mobile + other facilities free (Part/ full time). 9667693638, 9667693639. D-70540

## LOST

My original B.Tech certificate bearing Regd. No. 0901292141 has been lost. If found contact Avijit Sahoo. 9040408785. D-70226

## AFFIDAVIT

By virtue of an affidavit Executive Magistrate,Cuttack, I Bhabani Sankar Behera, S/o- Sarat Chandra Behera, Nuapada, Balisahi, Cuttack state that Bhabani Sankar Behera and Rocky Behera is one and same person. Henceforth, I shall be known as Bhabani Sankar Behera for all purpose. D-20053

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କୃତିତ୍ୱ


ହିମାଂଶୁ


ଓମ୍ ପ୍ରସାଦ


ସାଇ ସୁମନ


ମନସ୍ୱିନୀ


ହରପ୍ରିୟା

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୁଡ଼ିଆପୋଖରୀର ସଫଳତା:– ଗୁଡ଼ିଆପୋଖରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ହିମାଂଶୁ ନାୟକ ପ୍ରଥମ, ଓମ୍‌ପ୍ରସାଦ ପଣ୍ଡା ୭ମ ସ୍ଥାନ ଅଧିକାର କରିଥିବା ବେଳେ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସାଇ ସୁମନ ପ୍ରଧାନ ୫ମ ସ୍ଥାନ ଅଧିକାର କରିଛନ୍ତି। ୯ମ ଶ୍ରେଣୀ N.R.T.S. ପରୀକ୍ଷାରେ ମନସ୍ୱିନୀ ପରିଡ଼ା ପ୍ରଥମ, ହରପ୍ରିୟା ପ୍ରଧାନ ୯ମ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଧ–୨୦୦୬୮

# ଲୁକ୍ କହିଦିଏ ବ୍ୟକ୍ତିତ୍ୱ



ଜଣଙ୍କୁ ଦେଖିବା ମାତ୍ରେ ତାଙ୍କ ପର୍ସନାଲିଟି ସମ୍ପର୍କରେ ଜାଣିହୁଏ ପରିଧାନ ଓ ପରିପାଟୀରୁ। କାରଣ ସମସ୍ତେ ନିଜ ରୁଚି ଅନୁସାରେ ପୋଷାକ ପିନ୍ଧିଥାଆନ୍ତି। ମନ ପସନ୍ଦର କାଜୁଆଲ୍ କୁହନ୍ତୁ କି ଟ୍ରାଡିଶନାଲ ୱେର୍ ସବୁକିଛି ଗୋଟିଏ ଛାତ ତଳେ ଉପଲବ୍ଧ। ଏଇଥିପାଇଁ ୧୯୯୬ରେ ରାଜଧାନୀର ଜନପଥରେ ଗଢ଼ିଉଠିଥିବା ଅଗ୍ରଣୀ ପୁରୁଷ ପ୍ରଧାନ ଆଉଟ୍‌ଲେଟ୍ 'ଆଲିଶନ୍' ସବୁ ପୁଅଙ୍କ ପ୍ରଥମ ପସନ୍ଦ। ସୁଲଭ ମୂଲ୍ୟରେ ବିଶ୍ୱସନୀୟ ବ୍ରାଣ୍ଡର ଡ୍ରେସ୍ ସହ ୱାଲେଟ୍, ବଡି ସ୍ପ୍ରେ, ଟାଇ, ବେଲ୍ଟ ଆଦି ଏହି ବ୍ୟବସାୟିକ ପ୍ରତିଷ୍ଠାନକୁ ଦେଇଛି ମେନ୍ସ ଏକ୍ସକ୍ଲୁସିଭ୍ ଶୋ'ରୁମ୍‌ର ଅନନ୍ୟ ପରିଚୟ। ଧରିତ୍ରୀ ସହ ତାଙ୍କ ୨୫ ବର୍ଷର ବିଜ୍‌ନେସ୍ ସକ୍‌ସେସ୍ ଷ୍ଟୋରି ଶେୟାର କରିଛନ୍ତି ଆଲିଶାନ ଓନର **ଯୁଗଲ କିଶୋର ଅଗ୍ରୱାଲ।**

**➡କାରବାରକୁ କରୋନା କିପରି ପ୍ରଭାବିତ କରିଛି?**
୨୦୧୯-୨୦ ଆର୍ଥିକ ବର୍ଷର କାରବାରଠାରୁ ୨୦୨୦-୨୧ର କାରବାର କମିଛି। କରୋନା କାରଣରୁ ନାନା କଟକଣା ଜାରି ହେବା ସାଙ୍ଗକୁ ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି ସ୍ଥିତି ଦୀର୍ଘ ସମୟ ପାଇଁ ରହିଲା। ସଂକ୍ରମଣ ଭୟ ଯୋଗୁ ବ୍ୟବସାୟ ମାନ୍ଦା ରହିଥିଲା। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଆଖିଦୃଶିଆ କାରବାର ହୋଇ ନ ଥିଲା। ଅକ୍ଟୋବରରୁ ସ୍ଥିତି ଧୀରେ ଧୀରେ ସୁଧୁରିବା ସହ କାରବାର ବୃଦ୍ଧି ପାଇ ଡିସେମ୍ବର ଶେଷ ସୁଦ୍ଧା ଅଭିବୃଦ୍ଧି ପରିଲକ୍ଷିତ ହେଲା। ଚଳିତ ଆର୍ଥିକବର୍ଷ ଶେଷ ଆଡ଼କୁ ଆଶାନୁସାରେ ଲକ୍ଷ୍ୟ ପୂରଣ ହୋଇପାରେ।

**➡ଚଳିତ ବଜେଟ ବ୍ୟବସାୟୀଙ୍କୁ କେତେ ସୁହାଇବ?**
୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଏକ ବହୁମୁଖୀ ବଜେଟ। ଦେଶରେ ଏହା ଲାଗୁ ହେବା ପରେ ବ୍ୟବସାୟ କିପରି ହେଉଛି ତା' ଉପରେ ନଜର ରଖିବା ବ୍ୟବସାୟୀଙ୍କ କର୍ତ୍ତବ୍ୟ। ସରକାର ଦେଶର ଅର୍ଥ ବ୍ୟବସ୍ଥାକୁ ସଜାଡିବା ପାଇଁ ମହତ୍ତ୍ୱାକାଂକ୍ଷୀ ନିଷ୍ପତ୍ତି ନେଇଛନ୍ତି। ସଂସ୍ଥାର ଏକ ସ୍ୱତନ୍ତ୍ର ପରିଚୟ ଥିବାରୁ ଆଗାମୀ ଦିନରେ କାରବାରରେ ଅଭିବୃଦ୍ଧି ଘଟିବା ନେଇ ଆଶାବାଦୀ।

**➡ଚଳିତ ଆର୍ଥିକବର୍ଷ ପାଇଁ ଯୋଜନା କ'ଣ?**
ଏବେ ଚାହିଦା ପୂରଣକୁ ଅଧିକ ପ୍ରାଥମିକତା ଦିଆଯିବ। ଚଳିତ ଆର୍ଥିକବର୍ଷରେ ଶୋ'ରୁମ୍‌ର ବିକାଶ ସହ ଗ୍ରାହକଙ୍କ ମନପସନ୍ଦ ଡିଜାଇନିଂ ଓ ନୂଆ ନୂଆ ବ୍ରାଣ୍ଡେଡ୍ କମ୍ପାନୀର ପୋଷାକ ଯୋଗାଇବା ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ବିଭିନ୍ନ ଅଫର ଓ ରିହାତି ପ୍ରଦାନ ସହ ଗ୍ରାହକଙ୍କୁ ପୂର୍ବଭଳି ସେବା ଯୋଗାଇଦେବାକୁ ଯୋଜନା କରାଯାଇଛି। ଗ୍ରାହକଙ୍କ ଭରସା ଓ ଭଲ ପାଇବା ଶୋ'ରୁମ୍ ପ୍ରତି ରହିଛି, ଯାହାକି ଲକ୍ଷ୍ୟ ପୂରଣରେ ସହାୟକ ହେବ।

**➡ରାଜଧାନୀର ପ୍ରମୁଖ ପୁରୁଷ ସ୍ୱତନ୍ତ୍ର ଶୋ'ରୁମ୍‌ରେ କେଉଁ କେଉଁ ବ୍ରାଣ୍ଡର ପୋଷାକ ଉପଲବ୍ଧ?**
ଆଲିଶାନର ପୋଷାକ ଏବଂ ଦର ଉପରେ ଗ୍ରାହକଙ୍କ ବିଶ୍ୱାସ ଓ ଭରସା ରହିଥିବାରୁ ଏହି ଶୋ'ରୁମ୍ ଓଡ଼ିଶାର ଘରେ ଘରେ ପରିଚିତ। ୨୦ରୁ ଅଧିକ ବର୍ଷ ହେବ ଶୋ'ରୁମ୍ ସବୁବର୍ଗର ପୁରୁଷଙ୍କ ପାଇଁ ବିଭିନ୍ନ ବ୍ରାଣ୍ଡେଡ୍ କମ୍ପାନୀର ପୋଷାକ ଚାହିଦା ଅନୁସାରେ ଯୋଗାଇଆସିଛି। ବାହାଘର ଓ ପାର୍ବଣ ସମୟରେ ସ୍ୱତନ୍ତ୍ର ପୋଷାକ ସହିତ ଋତୁ ଅନୁସାରେ ମଧ୍ୟ ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ବିଭିନ୍ନ ବ୍ରାଣ୍ଡର ଡ୍ରେସ୍ ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଇଥାଏ।

**➡ମହାମାରୀ ସମୟରେ ସଂସ୍ଥାର କର୍ମଚାରୀମାନେ କିଭଳି ପ୍ରଭାବିତ ହୋଇଥିଲେ?**
ଆଲିଶାନ୍‌ରେ ୩୦ରୁ ୪୦ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। କରୋନା ସମୟରେ ଶୋ'ରୁମ୍‌ର କାରବାର ମାନ୍ଦା ରହିଥିଲେ ସୁଦ୍ଧା କର୍ମଚାରୀଙ୍କ ପାଇଁ ସେପରି କିଛି ପରିବର୍ତ୍ତନ କରାଯାଇ ନ ଥିଲା। ଅସମୟରେ ମଧ୍ୟ ସେମାନଙ୍କୁ ପୂର୍ବ ପରି ସବୁ ସୁବିଧା ଦିଆଯାଇଥିବାରୁ ବିଶେଷ ପ୍ରଭାବିତ ହୋଇନାହାନ୍ତି।

**➡ସଫଳତାର ଶ୍ରେୟ କାହାକୁ ଦେବେ?**
ସଫଳତା ପଛରେ ରହିଥାଏ ଲୋକଙ୍କ ଭଲ ପାଇବା ଓ ଭରସା, କର୍ମଚାରୀଙ୍କ ନିଷ୍ଠାପରତା ଏବଂ ଗ୍ରାହକ ସେବା। ସେହିଭଳି ଶୋ'ରୁମ୍‌ରେ ସବୁ ପ୍ରକାର ବ୍ରାଣ୍ଡ୍ ରହିଲେ ଗ୍ରାହକଙ୍କ ଚାହିଦା ପୂରଣ କରିହୁଏ। କାରବାର ବୃଦ୍ଧି ପାଇଁ ଗ୍ରାହକଙ୍କ ପସନ୍ଦର ପୋଷାକ ଉପରେ ଆକର୍ଷଣୀୟ ଅଫର ତଥା ଉପହାର ପ୍ରଦାନ ହେଉଛି ସଫଳତାର ଅନ୍ୟ ଏକ ମୂଳମନ୍ତ୍ର। କଠିନ ପରିଶ୍ରମ କରି ପରିପକ୍ୱତା ସହିତ ଗ୍ରାହକ ସମ୍ପର୍କ ରଖିଲେ ସଫଳତା ମିଳେ।

# ୮ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ

**ନଦୀ ଜଳ ସଂରକ୍ଷଣ ଯୋଜନା**
- ୫ ବର୍ଷରେ ଖର୍ଚ୍ଚ ହେବ ୧୧ ହଜାର ୭୦୦ କୋଟି
- ଟ୍ରିବ୍ୟୁନାଲ ଆଳରେ ଜଳସେଚନ ପ୍ରକଳ୍ପକୁ ରୋକୁଛି ସିଡବ୍ଲ୍ୟୁସି

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ସମୁଦ୍ରକୁ ବୋହି ଯାଉଥିବା ଜଳକୁ ସଂରକ୍ଷଣ କରାଯିବ। ମହାନଦୀର ତଳମୁଣ୍ଡରେ ଚଳିତ ବର୍ଷ ୮ଟି ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ। ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଏହା ଚାଲିବ। ଏଥିରେ ପ୍ରାୟ ୧୧,୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚଳିତ ବର୍ଷ ବଜେଟରେ ଏଥିପାଇଁ ୧୦୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ମହାନଦୀର ବିଭିନ୍ନ ଶାଖା ନଦୀରେ ହେବାକୁ ଥିବା ଷ୍ଟୋରେଜ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ( ସିଡବ୍ଲ୍ୟୁସି)ଙ୍କ ଅନୁମତି ଦରକାର ନାହିଁ। ସେହି ପ୍ରକଳ୍ପଗୁଡ଼ିକ ଯାଜପୁର ଜିଲାର ଖରସ୍ରୋତା, ସମ୍ବଲପୁର ଜିଲାର ଭେଡେନ, ସୁନ୍ଦରଗଡ଼ ଜିଲାର ସପାଇ, ବରଗଡ଼ ଜିଲାର ଅଙ୍ଗ, କଳାହାଣ୍ଡି ଜିଲାର ରେତ, ଗଞ୍ଜାମ ଜିଲାର ବଡ଼ନଦୀ ଓ ରାମ ନଦୀ ଏବଂ ବଲାଙ୍ଗୀର ଜିଲାର ସୁକତେଲ ନଦୀରେ ନିର୍ମାଣ କରାଯିବ।

ମହାନଦୀ ଜଳ ବିବାଦ ମାମଲାକୁ ନେଇ ସିଡବ୍ଲ୍ୟୁସି ଓଡ଼ିଶାର ବହୁ ପ୍ରକଳ୍ପକୁ ଅଟକାଇ ରଖିଛି। ମହାନଦୀ ଟ୍ରିବ୍ୟୁନାଲ ରାୟ କେବେ ଆସିବ ଏହା ପରେ ସେ ସବୁ ପ୍ରକଳ୍ପ କାର୍ଯ୍ୟ ହେବ। ଏହାକୁ ନେଇ ବିଜେଡି ସଭ୍ୟ ଭୂପିନ୍ଦର ସିଂ ଉଦ୍‌ବେଗ ପ୍ରକାଶ କରିଥିଲେ। ମୂଳ ପ୍ରଶ୍ନରେ ସେ ମନ୍ତ୍ରୀଙ୍କଠାରୁ ଜାଣିବାକୁ ଚାହିଁଥିଲେ ଯେ କେଉଁ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ସିଡବ୍ଲ୍ୟୁସିଠାରେ ପଡି ରହିଛି। ରାଉଲ, ଉତେଇ ଓ ଉଦନ୍ତୀ ନଦୀର ଟେଣ୍ଡର କାର୍ଯ୍ୟ କେବେ ଡାକିବାକୁ ସ୍ଥିର ହୋଇଛି। ମନ୍ତ୍ରୀ କହିଥିଲେ ଯେ ଅପର ଉଦନ୍ତୀ, ମିଡ୍‌ଲ କୋଲାବ, ଖଇରିବନ୍ଧନ, ଅପର ବଂଶଧାରା, ଲୋୟର ବଂଶଧାରା, ତେଲ-ଇଣ୍ଟିଗ୍ରେଟେଡ୍, ଲକ୍ଷ୍ମୀପଥର ଓ ନବରଙ୍ଗପୁର ଆଦି ୮ଟି ପ୍ରକଳ୍ପର ଡିପିଆର ସିଡବ୍ଲ୍ୟୁସିକୁ ପଠାଯାଇଥିବା ବେଳେ ଅପର ସମାକୋଇ, ଚନ୍ଦ୍ରିନଳା, କଟାଙ୍ଗି, ତେଲିଯୋର, ଖଡଗୋ, ଲୋୟର ଉଦନ୍ତୀ ଓ ସତୀଘାଟ ଅନୁମୋଦନ ପାଇଁ ପଠାଯାଇଛି। ତେବେ ସେଥିରୁ ସିଡବ୍ଲ୍ୟୁସି ତେଲ-ଇଣ୍ଟିଗ୍ରେଟେଡ୍, ଲକ୍ଷ୍ମୀପଥର, ତେଲିଯୋର, ଖଡଗୋ ଓ ସତୀଘାଟ ପ୍ରକଳ୍ପଗୁଡ଼ିକୁ ମହାନଦୀ ଜଳ ବିବାଦ ମାମଲା ଚୂଡ଼ାନ୍ତ ନିଷ୍ପତ୍ତି ଯାଏ ଅନୁମୋଦନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ସେହିପରି କଟାଙ୍ଗି, ଲୋୟର ଉଦନ୍ତୀ ଓ ଅପର ଉଦନ୍ତୀ ପ୍ରକଳ୍ପର ଅନୁମୋଦନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି। ମହାନଦୀ ଟ୍ରିବ୍ୟୁନାଲର ଚୂଡ଼ାନ୍ତ ରାୟ ପରେ ଏଗୁଡ଼ିକୁ ପୁଣି ପଠାଇବାକୁ ସିଡବ୍ଲ୍ୟୁସି କହିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ଡିପିଆର ଓ ଫିଜିବିଲିଟି ରିପୋର୍ଟ ବିଭିନ୍ନ କାରଣ ପାଇଁ ସିଡବ୍ଲ୍ୟୁସିଠାରେ ପଡି ରହିଛି। ରାଉଲ, ଉତେଇ ପ୍ରକଳ୍ପର ସର୍ଭେ କାର୍ଯ୍ୟ ଚାଲୁଥିବାରୁ ଏବଂ ଅପର ଉଦନ୍ତୀ ପ୍ରକଳ୍ପ ସିଡବ୍ଲ୍ୟୁସିର ଅନୁମୋଦନ ପାଇ ନ ଥିବାରୁ ଏବେ ଏହାର ଟେଣ୍ଡର ହୋଇପାରିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସିଡବ୍ଲ୍ୟୁସି ପ୍ରକଳ୍ପ କାର୍ଯ୍ୟ ଅଟକାଉଥିବାରୁ ଲୋୟର ସୁକତେଲ କାର୍ଯ୍ୟ ହୋଇପାରିବ କି ନାହିଁ ବୋଲି କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ମନ୍ତ୍ରୀଙ୍କଠାରୁ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ କହିଥିଲେ, ଲୋୟର ସୁକତେଲ କାର୍ଯ୍ୟ ଚାଲୁ ରହିବ। ୨୦୧୬ରେ ଏହି ପ୍ରୋଜେକ୍ଟ ପାଇଁ ସଂଶୋଧିତ ମୂଲ୍ୟ ଧାର୍ଯ୍ୟ କରାଯାଇ ପଠାଯାଇଥିଲା। ତାହାକୁ ସିଡବ୍ଲ୍ୟୁସି ଫେରାଇ ଦେଇଛି। ବିଜେଡି ସଭ୍ୟ ପ୍ରଦୀପ ଅମାତ ମହାନଦୀ ଜଳ ବିବାଦକୁ ନେଇ ସିଡବ୍ଲ୍ୟୁସି ଜଳସେଚନ ପ୍ରୋଜେକ୍ଟଗୁଡ଼ିକୁ ଫେରାଇ ଦେବାକୁ ବିରୋଧ କରିଥିଲେ। ଏହା କେନ୍ଦ୍ରୀୟ ଅବହେଳାର ଆଉ ଏକ ନମୁନା ବୋଲି କହିଥିଲେ। କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଥିଲେ, ମହାନଦୀ ଜଳକୁ ଛତିଶଗଡ଼ ଅଟକାଇଲା। ଯେଉଁ ପାଣି ସମୁଦ୍ରକୁ ବୋହି ଯାଉଛି ସେଗୁଡ଼ିକୁ ସଂରକ୍ଷଣ ପାଇଁ ମହାନଦୀର ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରାଯାଉ। ନଚେତ ମଣିଷ, ପଶୁପକ୍ଷୀ ପାଣି ଟୋପାଏ ପାଇବେ ନାହିଁ। ମନ୍ତ୍ରୀ କହିଥିଲେ, ସରକାର ବିଭିନ୍ନ ନଦୀରେ ଜଳକୁ ସଂରକ୍ଷଣ କରିବା ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟ କାର୍ଯ୍ୟକାରୀ କରିବେ।

# 'ବୈଶିଷ୍ଟ୍ୟମ'ର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୫।୨(ବ୍ୟୁରୋ)



ସାଧ୍ୱୀ ଋତମ୍ଭରାଜୀଙ୍କ ବାତ୍ସଲ୍ୟ ଗ୍ରାମ ଦିବ୍ୟାଙ୍ଗଙ୍କ ପ୍ରତି ସମାଜର ଦାୟିତ୍ୱ ଓ ଆତ୍ମୀୟତାର ପରିଚୟ ଦେଇଛି ବୋଲି ଗୁରୁବାର ମଥୁରା ଠାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମାଣ ହେବାକୁ ଥିବା ବିଦ୍ୟାଳୟ 'ବୈଶିଷ୍ଟ୍ୟମ'ର ଶିଳାନ୍ୟାସ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ନିକଟରେ ଶ୍ରୀରାମ ମନ୍ଦିର ଭିତ୍ତିପ୍ରସ୍ତର ସମୟରେ ପୂଜ୍ୟ ସରସଂଘଚାଳକଙ୍କ ଦ୍ୱାରା ସମାଜକୁ ରାମମୟ ଅଯୋଧ୍ୟା କରିବା ବିଷୟରେ କହିଥିଲେ । ସେହିପରି ଭାବେ ସାଧ୍ୱୀ ଋତମ୍ଭରାଙ୍କ ବାତ୍ସଲ୍ୟଗ୍ରାମ ଭାରତର ପୌରାଣିକ ସଂସ୍କୃତି, ସଭ୍ୟତାର ଅନୁସରଣ କରିବା ସହ ରାମମୟ ସମାଜର ଏକ ଦୃଷ୍ଟାନ୍ତ ଉଦାହରଣ ଭାବରେ ଉଭା ହେଉଛି । ବାତ୍ସଲ୍ୟଗ୍ରାମ ବୃନ୍ଦାବନ ଠାରେ ତୈଳ ଓ ଗ୍ୟାସ ରାଷ୍ଟ୍ରାୟତ କମ୍ପାନୀ ଓଏନଜିସିର ସିଏସଆର୍ ସହଯୋଗରେ ସାଧ୍ୱୀ ଋତମ୍ଭରାଙ୍କ ପରମଶକ୍ତି ପୀଠର ସେବା ପ୍ରକଳ୍ପ ଅନ୍ତର୍ଗତ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସମର୍ପିତ ବୈଶିଷ୍ଟ୍ୟମ ଆବାସିକ ବିଦ୍ୟାଳୟ ଏବଂ ପୁନର୍ବାସ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ ହୋଇଯିବା ଆନନ୍ଦର ବିଷୟ । ଏହି ବୈଶିଷ୍ଟ୍ୟମ କେନ୍ଦ୍ର ଭାରତର ବୈଦିକ ରୀତିନୀତି, ତପସ୍ୟା ଏବଂ ପରୋପକାରର ଆନନ୍ଦର ପ୍ରତିଫଳିତ କରୁଛି। ପ୍ରେମ ଏବଂ ପରୋପକାରର ଏହି ପବିତ୍ର ଭୂମି ବୃନ୍ଦାବନରେ ଏକ ପୂଣ୍ୟ କାର୍ଯ୍ୟକ୍ରମ ପାଇଁ ବାତ୍ସଲ୍ୟଗ୍ରାମକୁ ଧର୍ମେନ୍ଦ୍ର ସାଧୁବାଦ ଜଣାଇଛନ୍ତି । କେବଳ ଏହି ଆଶ୍ରମ ନୁହେଁ ବରଂ ସମସ୍ତେ ସମାଜରେ ନିଜ ନିଜ ବ୍ୟବସ୍ଥାରେ ଦିବ୍ୟାଙ୍ଗ ତଥା ଦୁର୍ବଳ ଶ୍ରେଣୀର ପିଲାମାନଙ୍କ ପାଇଁ ଦାୟିତ୍ୱ ନେବାକୁ ପଡ଼ିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

**F.M. AUTONOMOUS COLLEGE, BALASORE**
**WALK-IN-INTERVIEW**
A Walk-in-Interview for the engagement of Guest Faculties on temporary basis for the period till 31.07.2021 will be conducted at 11.00 A.M. on 27th, February 2021 in the subjects of Hindi & Sociology. For details visit College website: **www.fmcollege.nic.in**.
**Sd./- Principal**

# ସୁନୁପୁର ବେଳାଭୂମିରେ ବିରଳ ହ୍ୱେଲ୍ ସାର୍କ

ଚିକିଟି,୨୫।୨(ଡି.ଏନ.ଏ.)


ସମୁଦ୍ର ଉପକୂଳରେ ବିରଳ ହ୍ୱେଲ୍ ସାର୍କ।

ଗଞ୍ଜାମ ଜିଲା ଚିକିଟି ବ୍ଲକ ସୁନୁପୁରସ୍ଥିତ ସମୁଦ୍ର ଉପକୂଳରେ ଗୁରୁବାର ଅପରାହ୍ଣରେ ଏକ ବିରଳ ପ୍ରଜାତିର ହ୍ୱେଲ୍ ସାର୍କ ଦେଖିବାକୁ ମିଳିଥିଲା। ପର୍ଯ୍ୟଟକମାନେ ବେଳାଭୂମିରେ ବୁଲୁଥିବାବେଳେ ହଠାତ୍ ସାର୍କଟି କୂଳକୁ ଆସିଥିବା ଦେଖିଥିଲେ। ଖବର ପ୍ରଚାର ହେବାପରେ ଏହାକୁ ଦେଖିବାକୁ ବେଳାଭୂମିରେ ଲୋକଙ୍କ ଭିଡ଼ ଜମିଥିଲା। ଗ୍ରାମବାସୀ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କୁ ଜଣାଇବା ପରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ଟାମଣା ଫରେଷ୍ଟର ରୂପକ କୁମାର ପ୍ରଧାନଙ୍କ ସମେତ କେତେଜଣ ବନ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସାର୍କଟିକୁ ସମୁଦ୍ର ମଧ୍ୟକୁ ଛାଡିଥିଲେ।

ସେହିଭଳି ୨୦୧୮ରୁ ୨୦୨୧ ମଧ୍ୟରେ ଏହି ବେଳାଭୂମିରେ ୩ ଥର ବିରଳ ପ୍ରଜାତିର ହ୍ୱେଲ୍ ସାର୍କ ଦେଖିବାକୁ ମିଳିଲାଣି। ମାତ୍ର ସେମାନଙ୍କ ସୁରକ୍ଷା ଦିଗରେ ବନ ବିଭାଗ ଦୃଷ୍ଟି ଦେଉ ନଥିବା ଅଞ୍ଚଳବାସୀ କହିଛନ୍ତି। ଏ ସମ୍ପର୍କରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଏ. କେ. ନାୟକ କହିଛନ୍ତି, ପ୍ରାୟ ୧୫ଫୁଟ ଲମ୍ବର ହ୍ୱେଲ୍ ସାର୍କ ବେଳାଭୂମିକୁ ଆସିଥିଲା। ବାରମ୍ବାର ଏପରି ହ୍ୱେଲ୍ ସାର୍କ ବେଳାଭୂମିକୁ ଆସୁଥିବାରୁ ସେମାନଙ୍କ ସୁରକ୍ଷା କ୍ଷେତ୍ରରେ ଲୋକଙ୍କୁ ସଚେତନ କରାଯିବ। ଏହାସହ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକମାନେ କିପରି ଆକୃଷ୍ଟ ହେବେ ବନ ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି।

# ମୋ କଲେଜ ଅଭିଯାନ ଲାଗି ସରକାରଙ୍କ ପ୍ରସ୍ତୁତି

**ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କ ସହ କଥା ହେଲେ ଉଚ୍ଚଶିକ୍ଷା ମନ୍ତ୍ରୀ**

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ ଦିଗରେ ପୁରାତନ ଛାତ୍ରୀଛାତ୍ରଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କୁ ତାଙ୍କ ଶିକ୍ଷାନୁଷ୍ଠାନ ସହିତ ଯୋଡ଼ିବା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନବ ପରିକଳ୍ପନା 'ମୋ କଲେଜ' ଆରମ୍ଭ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଉଚ୍ଚଶିକ୍ଷା ଭିତ୍ତିଭୂମିକୁ ଅଧିକ କ୍ରିୟାଶୀଳ କରିହେବ। ଏହାସହିତ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ମନୋଭାବକୁ ବୃଦ୍ଧି କରିବା ଏବଂ ଦେଶ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନ କରାଇବା ଦିଗରେ ଏହା ଏକ ସମୁଚିତ ପଦକ୍ଷେପ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଗୁରୁବାର 'ମୋ କଲେଜ' ଅଭିଯାନ ପରିଚାଳନା ସଙ୍ଗଠନ ଆନୁକୂଲ୍ୟରେ ରାଜ୍ୟର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ସହିତ ୱେବିନାର ମାଧ୍ୟମରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ କହିଛନ୍ତି, 'ମୋ କଲେଜ' ଅଭିଯାନ ମାଧ୍ୟମରେ ଦେଶ ବିଦେଶରେ ରହୁଥିବା ପୁରାତନ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନକୁ ସହଯୋଗ କରିବା ସହିତ ଭାବଗତ ଭାବେ ଯୋଡ଼ି ହୋଇରହିବେ। ୱେବିନାର୍‌ରେ 'ମୋ କଲେଜ'ର ଅଧ୍ୟକ୍ଷ ଆକାଶ ଦାସ ନାୟକ ଯୋଗଦେଇ କହିଛନ୍ତି, 'ମୋ କଲେଜ' ଅଭିଯାନ ଏକ ବ୍ୟାପକ ଚିନ୍ତାଧାରା । ଏହା ମାଧ୍ୟମରେ ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଶିକ୍ଷା ଓ ସାମାଜିକ ପରିବେଶରେ ଉନ୍ନତି ସହ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ଓ ଜୀବନ ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, 'ମୋ କଲେଜ' ଅଭିଯାନକୁ ଅଧିକ କ୍ରିୟାଶୀଳ କରାଯାଇଛି। 'ମୋ କଲେଜ' ଅଭିଯାନ ପରିଚାଳନା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ବଜେଟ୍‌ରେ ଓଡ଼ିଶା ସରକାର ଏକ କର୍ପସ ପାଣ୍ଠି ଗଠନ କରିଛନ୍ତି ବୋଲି ସେ କହିଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office, Burla-768017**
**NOTICE INVITING TENDER**
**Tender Enquiry No.: TPWODL/SD/O/SER/ 004**
The Tata Power Company Limited invites tenders (2part bidding) from eligible vendors for the following package to be done for TP Western Odisha Distribution Limited.
**Scope of Tender :**
**Call center Operation at TPWODL (Sambalpur)**
For detailed tender document, please visit Tender section on website https://www.tatapower.com.Further details for participating in tender is given in the tender document.
Interested bidders to submit Tender Participation Fee and Authorization Letter through email before **4th March 2021, 1500Hrs**, after which link from e-Tender system shall be shared. All future correspondence regarding the tender, bid submission, bid submission date extension etc will happen with participating bidders only through E-Tender system.

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ଯବାନ ଶହୀଦ

ମାଲକାନଗିରି,୨୫।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ବୁଧବାର ରାତିରେ ପୃଥକ୍ ସ୍ଥାନରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨ଯବାନ ଶହୀଦ ଏବଂ ଅନ୍ୟଜଣେ ଯବାନ ଗୁରୁତର ହୋଇଛନ୍ତି। ଦୁଇ ଶହୀଦ ହେଲେ ଡିଆର୍‌ଜି ଯବାନ କନ୍‌ରେ ଉସେଣ୍ଡି ଏବଂ ଏନ୍. ବାଲାଚାମୀ। ସୂଚନା ଅନୁଯାୟୀ, ଛତିଶଗଡ଼ ନାରାୟଣପୁର ଜିଲାର ସୋନପୁରରେ ମାଓବାଦୀ ଦମନ ନେଇ ଯବାନଙ୍କ ଅପରେଶନ ଚାଲିଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା। ଏଥିରେ ଡିଆର୍‌ଜି ଯବାନ କନ୍‌ରେ ଉସେଣ୍ଡି ଘଟଣା ସ୍ଥଳରେ ଶହୀଦ ହୋଇଥିଲେ। ସେହିପରି ନାରାୟଣପୁର ଜିଲା ସୋନପୁରଠାରୁ ୩୦ କି.ମି. ଦୂରରେ ସୁରକ୍ଷା କର୍ମୀଙ୍କ କୋମ୍ବିଂ ଅପରେଶନବେଳେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଯବାନ ଏନ୍. ବାଲାଚାମୀ ଶହୀଦ ହୋଇଥିଲେ। ଏଥିରେ ସାଥୀ ଯବାନ ଗୁରୁତର ଥିବା ଜଣାପଡ଼ିଛି। ତାଙ୍କୁ ଚିକିତ୍ସା ନିମନ୍ତେ ହେଲିକପ୍ଟର ଯୋଗେ ରାୟପୁର ମେଡିକାଲ ପଠାଯାଇଛି। ଶହୀଦ ଦୁଇ ଯବାନଙ୍କ ନିମନ୍ତେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିବା ସହ ଗୁରୁତର ଯବାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଜଙ୍ଗଲରୁ ୨ ଗଳିତ ମୃତଦେହ ଜବତ

**ଆସିକା,୨୫।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ବୁଢ଼ାକେନ୍ଦୁ ଜଙ୍ଗଲରୁ ଗୁରୁବାର ସକାଳେ ପୋଲିସ ୨ ଗଳିତ ମୃତଦେହ ଜବତ କରିଛି। ସେଥିମଧ୍ୟରେ ଥିବା ଯୁବତୀଙ୍କ ମୃତଦେହ ବେକରେ ଚୁନି ବନ୍ଧା ଅବସ୍ଥାରେ ଗଛ ଡାଳରେ ଝୁଲି ରହିଥିବା ବେଳେ ତଳେ ଅନ୍ୟ ମୃତଦେହ ପଡିଥିବା ଦେଖାଯାଇଥିଲା। ଗଛରୁ ଛିଣ୍ଡି ତଳେ ପଡ଼ିଥିବା ମୃତଦେହଟି ତାଳପତ୍ର ସହ ପୋଡ଼ି ହୋଇଥିବାରୁ କିଛି ସ୍ପଷ୍ଟ ଜଣାପଡୁନାହିଁ। ତେବେ ଏହା ଜଣେ ଯୁବକଙ୍କ ମୃତଦେହ ବୋଲି ପୋଲିସ ଅନୁମାନ କରିଛି । ବନ କର୍ମଚାରୀ ଜଙ୍ଗଲକୁ ଯାଇଥିବା ବେଳେ ୨ ମୃତଦେହ ଦେଖି ଗାଙ୍ଗପୁର ଥାନାରେ ଜଣାଇଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି । ଛତ୍ରପୁରରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ମେଡିକାଲ ଏଫ୍‌ଏମ୍‌ଟି ବିଭାଗକୁ ପଠାଯିବ ବୋଲି ଥାନା ଅଧିକାରୀ ଧୀରେଶ କୁମାର ଦାସ କହିଛନ୍ତି। ନଂ.୪/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ୧୯ ବର୍ଷ ପରେ ଅଭିଯୁକ୍ତ ଗିରଫ

**ପଡ଼ୋଶୀ ମହିଳାଙ୍କୁ ଏସିଡ୍ ଫିଙ୍ଗିବା ଘଟଣା**

ଭଦ୍ରକ ଅଫିସ/ଆରଡ଼ି, ୨୫।୨(ଡି.ଏନ.ଏ.)


ସୁବାସ ବେହେରା

ପଡ଼ୋଶୀ ମହିଳାଙ୍କୁ ଏସିଡ୍ ଫିଙ୍ଗିବା ଘଟଣାରେ ୧୯ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଭଦ୍ରକ ଜିଲା ଧୂଷୁରୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରଇପୁର ଗାଁର ସୁବାସ ବେହେରା(୪୮)। ସୂଚନାଯୋଗ୍ୟ, ସୁବାସ ତାଙ୍କ ପଡ଼ୋଶୀ ଜଣେ ବିବାହିତା ମହିଳାଙ୍କୁ ପ୍ରେମ ନିବେଦନ କରିଥିଲେ। ଏଥିରେ ବିଫଳ ହେବାରୁ ସେ ତାଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୨୫/୨୦୦୨) ରୁଜୁ ହୋଇଥିଲା। ସେବେଠାରୁ ଅଭିଯୁକ୍ତ ସୁବାସ ଫେରାର ଥିବାବେଳେ ପୋଲିସ ତାଙ୍କୁ ଖୋଜୁଥିଲା। ସେ କେତେବେଳେ କଟକ ତ ଆଉ କେତେବେଳେ ହାଇଦ୍ରାବାଦ ଅଞ୍ଚଳରେ ରହୁଥିବା ଜଣାପଡ଼ିଥିଲା। ବୁଧବାର ସୁବାସ ନିଜ ଘରକୁ ଆସିଥିବା ଖବର ପାଇ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରାଯାଇଥିବା ପୋଲିସ ସୂଚନା ଦେଇଛି।

NATION TAX MARKET GST
Ph: 0674-258 9935, 258 8672
Fax: 0674-258 9938
E-mail: ccbbsr@rediffmail.com/ ccu-exbbr@nic.in
मुख्य आयुक्त का कार्यालय, जीएसटी एवं सीमा शुल्क, भुवनेश्वर जोन
**OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE**
केंद्रीय राजस्व भवन, राजस्व विहार, भुवनेश्वर - 751007, ओड़िशा
**C.R. BUILDING, RAJASWA VIHAR, BHUBANESWAR-751007, ODISHA**
**NOTICE**
With the approval of the Competent Authority, applications are invited for drawal of an Additional panel for engagement of Standing Counsels (03 Senior Standing Counsels and 03 Junior Standing Counsels) for handling litigation related to Indirect Taxation before the Hon'ble High Court of Orissa and other fora. The details of eligibility and other terms and conditions governing the appointment of Standing Counsels are as per CBIC's Letter F. No. 278A/43/2007-Legal dated 05.12.2007 and F.No. 278A/50/2011-Legal dated 14.09.2012 available with the link *www.cbic.gov.in/resources//htdocs-cbec/standing-counsels-guidelines.pdf .*
The eligible counsels enrolled/ registered as an advocate with Orissa High Court and having requisite experience in handling preferable GST, Customs, Central Excise & Service Tax matters and emerging areas in Antiprofiteering, NCLT, NCLAT, etc. may apply in the prescribed proforma A or A-1 in a sealed cover address to **Shri Sourabh Chakravorty, Assistant Commissioner (Law), Office of the Chief Commissioner, CGST, Central Excise & Customs, C.R. Building, Rajaswa Vihar, Bhubaneswar, Odisha- 751007**, so as to reach on or before 18.00 hrs. of 09.03.2021. The applicants can collect dated acknowledgement at the time of submission of the application forms along with the accompanying documents.
Applications received after **18.00 hrs. of 09.03.2021** shall not be entertained. The short listed candidates/ Advocates will be called for an interview on a specified date/ time as decided by the competent authority, which will be intimated in due course. The envelope containing the application along with copies of all the requisite documents should be clearly superscribed as "Application for the post of Senior/ Junior Standing Counsel."
**Sd./- (SOURABH CHAKRAVORTY)**
**Assistant Commissioner (Law-CCO)**
**CGST, Central Excise & Customs**
**Bhubaneswar Zone, Bhubaneswar**

ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି ପ୍ରତିବିଧାନ କରିବାକୁ ହେବ। **–ଶ୍ରୀଅରବିନ୍ଦ**

# କୃଷି ଉପେକ୍ଷିତ

ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ୧.୭୦ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଗତ ଆର୍ଥିକ ବର୍ଷ ବଜେଟଠାରୁ ଏହା ପ୍ରାୟ୧୩% ଅଧିକ। ସରକାର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଋଣ ଯୋଜନାକୁ ୧.୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ୨୦୨୦-୨୧ ଆର୍ଥିକବର୍ଷଠାରୁ ଏହା ୨୨.୫% ଅଧିକ। ଚଳିତ ବଜେଟରେ ସରକାର କୃଷି ବ୍ୟତୀତ ଅଧିକାଂଶ କ୍ଷେତ୍ରରେ ଖର୍ଚ୍ଚ ବଢ଼ାଇଛନ୍ତି। ଓଡ଼ିଶାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ଏହାର ୭୫ ଭାଗ ଲୋକଙ୍କ ମୁଖ୍ୟ ଜୀବିକା କୃଷି। ଦୁର୍ଭାଗ୍ୟର କଥା ଯେ, ଏହି ଲୋକମାନଙ୍କ ମଧ୍ୟରୁ ଏକ ସିଂହଭାଗ ଗରିବ। କେବଳ ଏତିକି ନୁହେଁ, ଓଡ଼ିଶାରେ ବି ବହୁଳ ସଂଖ୍ୟାର କୃଷକଙ୍କ ପାଖରେ 'ଗରିବ' ଏବେ ସମାର୍ଥକ ଶବ୍ଦ ପାଲଟିଯାଇଛି। ସେଥିପାଇଁ ସରକାର କୃଷକମାନଙ୍କ ହିତ ଲାଗି ଅନେକ ଯୋଜନା କରିଛନ୍ତି। ୨୦୧୩-୧୪ ଠାରୁ ରାଜ୍ୟ ସରକାର ଏକ ପୃଥକ୍ କୃଷି ବଜେଟ ମଧ୍ୟ ଉପସ୍ଥାପନ କରିଆସୁଛନ୍ତି। ୨୦୧୩-୧୪ ବଜେଟରେ ଏଥିରେ ୭,୧୬୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଏହା ୨୦୨୦-୨୧ରେ ୧୯,୪୦୮ କୋଟି ଟଙ୍କାରେ ପହଞ୍ଚିଛି। ଅବଶ୍ୟ ୨୦୨୧-୨୨ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରରେ କରାଯାଉଥିବା ବ୍ୟୟ ବରାଦ ୧୦% କମିଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟର କୃଷି ଅଭିବୃଦ୍ଧି ୬.୫% ହ୍ରାସ ପାଇଛି। ଏଣୁ ଅତି କମ୍‌ରେ ଆମେ ଆଶା କରୁଥିଲୁ ଯେ, କୃଷିକୁ ଆଗକୁ ବଢ଼ାଇବା ଲାଗି ଏହି ବଜେଟରେ ସରକାର ଅଧିକ ବ୍ୟୟବରାଦ କରିବେ। ଯେଉଁ ଦୀର୍ଘଦିନ ଧରି ଲାଗି ରହିଥିବା କୃଷକ ଆନ୍ଦୋଳନ ସାରା ଦେଶକୁ ଅଚଳ କରିଥିବା ସମୟରେ କୃଷି ପାଇଁ କମ୍ ବ୍ୟୟବରାଦ ସେମାନଙ୍କ ଲାଗି ଅତ୍ୟନ୍ତ ଦୁଃଖଦାୟକ। ସେହିପରି କୃଷକମାନଙ୍କ କଲ୍ୟାଣ ପାଇଁ କରାଯାଉଥିବା ବହୁ ଚର୍ଚ୍ଚିତ 'କାଳିଆ' ଯୋଜନା ନିମନ୍ତେ ବି କମ୍ ବ୍ୟୟବରାଦ କରାଯାଇଛି। ଏ ବାବଦରେ ଗତ ବର୍ଷ ବଜେଟରେ କରାଯାଇଥିବା ବ୍ୟୟବରାଦ ୩,୧୯୫ କୋଟି ଟଙ୍କାରୁ ୪୩% କମାଯାଇ ଏବେ ୧,୮୦୦ କୋଟି ଟଙ୍କା ରଖାଯାଇଛି। ବାସ୍ତବରେ ଏଭଳି ହ୍ରାସ ଚିନ୍ତାଜନକ। 'କାଳିଆ' ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା କୁହାଯାଉଛି। ଅବଶ୍ୟ ରାଜ୍ୟରେ ଏହି ଯୋଜନା ଲାଗୁ ହେବା ପରଠାରୁ ସବୁଠୁ ବିବାଦୀୟ ରହିଆସିଛି। ବୁଧବାର ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ କୃଷିମନ୍ତ୍ରୀ ଅରୁଣ ସାହୁ ସ୍ୱୀକାର କରିଛନ୍ତି ଯେ, ୧.୦୪ ଲକ୍ଷ ନକଲି ହିତାଧିକାରୀଙ୍କ ଖାତାକୁ ଟଙ୍କା ପଠାଯାଇଛି। ସରକାର ଏ ବାବଦରେ ପ୍ରାୟ ୧୦୦ କୋଟି ଟଙ୍କା ହରାଇଛନ୍ତି। ଏହି ଠକ ହିତାଧିକାରୀମାନଙ୍କ ପାଖରୁ ଟଙ୍କା ଆଦାୟ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ମଧ୍ୟ ପ୍ରକାଶ କରିଛନ୍ତି ଯେ, ଏହି ଯୋଜନାରେ ଗ୍ରାମାଞ୍ଚଳର ବହୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଟଙ୍କା ପାଉଛନ୍ତି ଓ ଏହାଦ୍ୱାରା ସେମାନେ ଉପକୃତ ହୋଇଛନ୍ତି। କୋଭିଡ୍-୧୯ ମହାମାରୀ ଆସିବା ପରଠାରୁ ଗ୍ରାମାଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ବହୁ ଦୁଃଖ ବି ପାଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶାରେ କୃଷକମାନଙ୍କ ପାଖରେ ସ୍ୱଳ୍ପ ଜମି ରହିଛି ଓ ଏହା ବହୁ ଭାଗରେ ବିଭାଜିତ। ତେବେ କୃଷକମାନେ ସେମାନଙ୍କ କୃଷି ଉତ୍ପାଦରୁ କମ୍ ଆୟ କରିବାର ଏହା ଏକ ପ୍ରମୁଖ କାରଣ। ଏହା ସହ ରାଜ୍ୟରେ ଶୀତଳଭଣ୍ଡାର ଓ ଗୋଦାମ ଘର ସୁବିଧା ନାହିଁ। ଏ କ୍ଷେତ୍ରରେ ଭିତ୍ତିଭୂମିର ଅଧିକ ବିକାଶ କରାଯାଇନାହିଁ। ଏଭଳି ପରିସ୍ଥିତିରେ କୃଷକମାନଙ୍କ କୃଷି ଉତ୍ପାଦ ନଷ୍ଟ ହେଉଛି। ଶେଷରେ କୃଷକମାନେ ତାହାକୁ ବିକ୍ରି କରି କିଛି ବି ଲାଭ ପାଉନାହାନ୍ତି। ଏଣୁ ସରକାର କୃଷକଙ୍କ ହିତରେ ଗ୍ରହଣ କରିଥିବା କାର୍ଯ୍ୟକ୍ରମ ବା ଯୋଜନାକୁ ଅଧିକ କ୍ରିୟାଶୀଳ କରିବା ଉଚିତ ଏବଂ ସେମାନଙ୍କୁ ଏକକ କୃଷି ବଦଳରେ ବିଭିନ୍ନ ପ୍ରକାର ଫସଲ କରିବାକୁ ପ୍ରୋତ୍ସାହିତ କରିବା ଲାଗି ସଚେତନତା ଭିତ୍ତିକ ପଦକ୍ଷେପ ନେବା ଦରକାର। ହେଲେ ଏକର ପିଛା କୃଷି ଉତ୍ପାଦନ ବୃଦ୍ଧି କରିବାରେ ଆବଶ୍ୟକ ଭିତ୍ତିଭୂମି ବିକାଶ ପାଇଁ ଏହି ବଜେଟ କିଛି ବି ଯୋଗାଇ ଦେଇନାହିଁ। ଅପରପକ୍ଷେ, 'କାଳିଆ' ଦ୍ୱାରା ଗରିବ ଚାଷୀମାନେ କିଛି ଆର୍ଥିକ ସହାୟତା ପାଉଲେ। ଏପରିକି କେନ୍ଦ୍ର ରାଜ୍ୟ ସରକାରଙ୍କୁ ନକଲ କରି ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ଲାଗୁ କରି ଏଥିରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୬,୦୦୦ ଟଙ୍କା ଯୋଗାଉଛନ୍ତି। ଏଣୁ କାଳିଆ ଯୋଜନାର ଭୁଲ କାର୍ଯ୍ୟକାରିତାକୁ ଦାୟୀକରି ଏହାର ବଜେଟ ହ୍ରାସ କରିବା କେବେ ବି ଗ୍ରହଣୀୟ ନୁହେଁ। କୋଭିଡ୍ ମହାମାରୀରେ ଭୀଷଣ ଦୁଃଖ ସହିଥିବା ସମାଜର ଏହି ନାମମାତ୍ର ବର୍ଗଙ୍କୁ ଆର୍ଥିକ ସହାୟତା ବନ୍ଦ କରିବା କିମ୍ବା ହ୍ରାସ କରିବା ଆଦୌ ଉଚିତ ନୁହେଁ। କୃଷି କ୍ଷେତ୍ରରେ ଓଡ଼ିଶାର ତିଳେ ମାତ୍ର ଅବହେଳା ବା ଉପେକ୍ଷାକୁ କେବେ ବି ସହ୍ୟ କରାଯାଇପାରିବ ନାହିଁ।

ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଫେବୃୟାରୀ ୧୯୯୬**

- ଇସ୍ରାଏଲରେ ୨ଟି ପୃଥକ୍ ବୋମା ବିସ୍ଫୋରଣରେ ୨୭ ଜଣଙ୍କ ପ୍ରାଣହାନୀ।
- ଅନ୍ତର୍ଜାତୀୟ ବ୍ୟବସ୍ଥା ଅନୁଯାୟୀ ଶୁଳ୍କ ନିର୍ଦ୍ଧାରିତ କରିବା ସହ ନୂଆ ସୀମାନ୍ତ ବାଣିଜ୍ୟ ନୀତି ଲାଗୁ କରିବାକୁ ଚୀନ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଅର୍ଥନୈତିକ ଉଦାରୀକରଣ ଏବଂ ଶିଳ୍ପନୀତି ପୂର୍ଣ୍ଣ ସଦୁପଯୋଗ କରିବା ପାଇଁ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ନୂତନ ଶିଳ୍ପନୀତି ଘୋଷଣା କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | | | | | 4 | | 9 | 5 | | | 3 | |
| 7 | E | 0 | | | | | 2 | | | 4 | | | | 5 |
| | | | | 8 | | A | | 5 | | | | | | |
| | | | B | | E | 9 | | | | | A | | 8 | |
| | 9 | 2 | 7 | 3 | | | | | | | E | C | | D |
| 0 | | | | | 1 | | | 6 | | | | | D | C |
| | | | | | | 3 | | | A | B | | 4 | 0 | |
| | 4 | 9 | 3 | | | | C | | 6 | | 8 | | | |
| | | | | | 7 | | | | | | | 6 | | A |
| 6 | | | C | E | 8 | | D | B | | 0 | | | | 3 |
| | 3 | | A | 1 | | 5 | | | B | | | 0 | | |
| A | | | | 9 | 6 | 8 | B | | | | 5 | | | |
| 9 | 7 | | | D | | E | | | | | | | A | |
| E | | 8 | 4 | | B | | | 0 | | | | 9 | | |
| C | 2 | | 5 | | | 1 | | 3 | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 7 | C | 9 | A | 2 | E | 4 | D | 1 | 0 | B | 8 | 6 | 5 |
| 1 | 5 | 4 | 6 | 8 | E | B | C | 3 | 2 | 9 | D | 0 | 7 | A |
| 8 | E | 2 | 4 | 3 | B | 5 | 0 | 7 | 6 | A | C | D | 9 | 1 |
| 6 | 0 | 9 | D | 1 | C | 8 | 2 | A | 5 | 7 | E | 3 | 4 | B |
| D | A | B | 7 | 0 | 5 | 9 | 1 | 6 | 4 | 3 | 8 | E | 2 | C |
| 0 | 3 | 7 | C | 2 | 1 | A | 6 | E | B | D | 5 | 9 | 8 | 4 |
| 9 | 2 | A | 8 | 4 | 0 | 3 | D | B | C | 1 | 7 | 6 | 5 | E |
| 5 | C | D | A | E | 6 | 0 | 7 | 4 | 3 | 8 | 9 | 1 | B | 2 |
| 4 | 8 | 6 | 3 | B | 9 | C | 5 | 1 | E | 2 | 0 | 7 | A | D |
| B | 1 | E | 5 | 7 | D | 2 | 9 | 8 | A | 6 | 4 | C | 3 | 0 |
| 2 | 9 | 1 | 0 | 6 | A | D | E | 5 | 7 | B | 3 | 4 | C | 8 |
| C | 4 | 8 | 1 | D | 7 | 6 | B | 9 | 0 | 5 | 2 | A | E | 3 |
| A | D | 5 | E | C | 8 | 7 | 3 | 2 | 9 | 4 | 1 | B | 0 | 6 |
| E | B | 3 | 2 | 9 | 4 | 1 | A | 0 | 8 | C | 6 | 5 | D | 7 |
| 7 | 6 | 0 | B | 5 | 3 | 4 | 8 | C | D | E | A | 2 | 1 | 9 |

ଗତକାଲିର ଉତ୍ତର



# ଶିକ୍ଷା ବ୍ୟବସ୍ଥା ଚାରିଚକିଆ ଯାନ

**ବୈକୁଣ୍ଠନାଥ ମିଶ୍ର**

ଆଜିର ଶିକ୍ଷା ବ୍ୟବସ୍ଥା ବିଶେଷକରି ସରକାରୀ ଶିକ୍ଷାନୁଷ୍ଠାନ ଉପରେ ନଜର ପକାଇଲେ ଯେ କେହି ସ୍ୱାଭାବିକ ଭାବେ ଉଦ୍‌ବେଗ ପ୍ରକାଶ କରିବ ଯେ ଏହା କ'ଣ ସେହି ମଣିଷଗଢ଼ା ଅନୁଷ୍ଠାନ, ଯିଏ ଦିନେ ଆଜିର ସଭ୍ୟସମାଜର ମୂଳପିଣ୍ଡ ଗଠନର ଦାୟିତ୍ୱ ନିର୍ବାହ କରୁଥିଲା। ନବେ ଦଶକ ପୂର୍ବରୁ ଯେତେବେଳେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମୁଣ୍ଡ ଟେକି ନ ଥିଲେ, ସେତେବେଳେ ସମଗ୍ର ଶିକ୍ଷା ବ୍ୟବସ୍ଥାର ଦାୟିତ୍ୱ ବହନ କରୁଥିଲେ ଏହି ସରକାରୀ ସ୍କୁଲ୍‌ଗୁଡ଼ିକ। ସରକାରଙ୍କର ସବୁ ବିଭାଗର ଉଚ୍ଚପଦାଧିକାରୀମାନେ ସରକାରୀ ସ୍କୁଲ୍‌ରୁ ଶିକ୍ଷାଗ୍ରହଣ କରି ରାଜ୍ୟ ଓ ଦେଶର ଗୌରବକୁ ବହୁଗୁଣିତ କରିଥିଲେ। ଦେଶର ସର୍ବବିଧ ବିକାଶକୁ ତ୍ୱରାନ୍ୱିତ କରି ଗୋଟିଏ ସୁସଂଗଠିତ ଜାତିର ଅଭ୍ୟୁତ୍ଥାନରେ ଏଇମାନଙ୍କର ଥିଲା ଅବଦାନ। ଏହି ବିଦ୍ୟାଳୟରୁ ଉତ୍ତୁରିଥିବା ଶାସକ, ପ୍ରଶାସକ, ମନ୍ତ୍ରୀ, ଯନ୍ତ୍ରୀ, ବିଚାରପତି ଓ ଚିକିତ୍ସକ ଆଦିଙ୍କର ନିଃସ୍ୱାର୍ଥପର ସେବାରେ ଦେଶର ପ୍ରଗତିରଥ ସଞ୍ଚାଳିତ ହେଉଥିଲା।

କିନ୍ତୁ କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଶିକ୍ଷା ବ୍ୟବସ୍ଥାରେ ଘରୋଇକରଣ ପ୍ରବେଶକଲା, ଯଦ୍ୱାରା ଶିକ୍ଷାଦାନ ଏକ ସେବା ପରିବର୍ତ୍ତେ ବ୍ୟବସାୟିକ ଭିତ୍ତିଭୂମିରେ ପରିବର୍ତ୍ତିତ ହେବାକୁ ଲାଗିଲା। ସରକାରୀ କଳ ପରିଚାଳନା କରୁଥିବା ଉଚ୍ଚପଦାଧିକାରୀଙ୍କର ସରକାରୀ ସ୍କୁଲ୍ ଉପରେ କ୍ରମେ ଆସ୍ଥା ତୁଟିବାକୁ ଲାଗିଲା। ସରକାରୀ ସ୍କୁଲ୍‌ଗୁଡ଼ିକ ରୁଗ୍‌ଣ ହେବାକୁ ଲାଗିଲେ। ବିଶେଷକରି ଅଣଓଡ଼ିଆ ଅଧିକାରୀମାନେ ସରକାରୀ ବିଦ୍ୟାଳୟ ପ୍ରତି ବିତୃଷ୍ଣ ହୋଇ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଅଧିକ ଅନୁକମ୍ପା ପ୍ରଦର୍ଶନ କଲେ। ସେମାନେ ତାଙ୍କ ପିଲାଙ୍କୁ ଓଡ଼ିଶାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ କାହିଁକି ସାମିଲ କରିବେ? ତାଙ୍କୁ ଅନୁକରଣକରି ଓଡ଼ିଆ ଅଧିକାରୀମାନେ ମଧ୍ୟ ସରକାରୀ ସ୍କୁଲ ପ୍ରତି ମୁହଁ ଫେରାଇଲେ। 'ଓଧ ସହ ଭୁଆଁ ବିରାଡି ବାଇ'ନ୍ୟାୟରେ ସାଧାରଣବାବୁମାନଙ୍କ ପିଲାମାନେ ମଧ୍ୟ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଆଗ୍ରହ ପ୍ରକାଶ କଲେ। ସାଧାରଣତଃ ବାବୁଭୂୟାଁଙ୍କ ପିଲାମାନେ ଅପେକ୍ଷାକୃତ ମେଧାବୀ। ସେମାନଙ୍କର ଅନୁପସ୍ଥିତି ସରକାରୀ ସ୍କୁଲର ଛାତ୍ରସଂଖ୍ୟା ଓ ବାର୍ଷିକ ଫଳାଫଳକୁ ଘୋର ପ୍ରଭାବିତ କଲା। ଫଳରେ ସରକାରୀ ବିଦ୍ୟାଳୟଗୁଡ଼ିକ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ସଙ୍କଟକୁ ସାମ୍ନା କରିବାକୁ ଲାଗିଲେ। ସରକାରୀ ବିଦ୍ୟାଳୟଗୁଡ଼ିକର ସୁଦୃଢ଼ ଭିତ୍ତିଭୂମି ଓ ଉପଯୁକ୍ତ ତାଲିମପ୍ରାପ୍ତ ଯୋଗ୍ୟ ଶିକ୍ଷକ ଥିଲେ ମଧ୍ୟ ସେମାନଙ୍କର କାର୍ଯ୍ୟଧାରା ଓ ତଜ୍ଜନିତ ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ। ଅପରନ୍ତୁ ସରକାରୀ ସମର୍ଥନ ଓ ସହଯୋଗରେ ଘରୋଇ ବିଦ୍ୟାଳୟ ମୁଣ୍ଡ ଟେକିବାକୁ ଲାଗିଲେ। ଫଳରେ ସରକାରୀ ବିଦ୍ୟାଳୟ କ୍ରମେ ଜରାଜୀର୍ଣ୍ଣ ହୋଇପଡ଼ିଲେ। ଏ କଥାକୁ ହୃଦୟଙ୍ଗମ କରି ୨୦୧୫ରେ ଆଲ୍ଲାହାବାଦ ଉଚ୍ଚନ୍ୟାୟାଳୟ ଏକ ରାୟ ପ୍ରକାଶ କରି କହିଥିଲେ ଯେ, ସରକାରୀ କର୍ମଚାରୀ ଓ ରାଜନେତା ସେମାନଙ୍କ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ବାଧ୍ୟତାମୂଳକ। କିନ୍ତୁ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ଏପର୍ଯ୍ୟନ୍ତ ପାଳିତ ହୋଇପାରି ନାହିଁ।

ସମଗ୍ର ଭାରତରେ ଓ ଆମ ରାଜ୍ୟରେ ମଧ୍ୟ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ଅବଶ୍ୟ ଓଡ଼ିଶାର ସମୁଦାୟ ଛାତ୍ରସଂଖ୍ୟାର ମାତ୍ର ୧୬ ପ୍ରତିଶତ ବର୍ତ୍ତମାନ ସୁଦ୍ଧା ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ଅବଶିଷ୍ଟ ୮୪ ପ୍ରତିଶତ ଛାତ୍ରଙ୍କର ଭବିଷ୍ୟତ ଗଠନର କ୍ଷେତ୍ର ଏଇ ସରକାରୀ ବିଦ୍ୟାଳୟ। କିନ୍ତୁ ବାସ୍ତବରେ ସରକାରୀ ସ୍କୁଲଗୁଡ଼ିକରେ ୮୪ ପ୍ରତିଶତ ପିଲା ନାହାନ୍ତି। ସେମାନଙ୍କ ମଧ୍ୟରେ ଆଦୌ ବିଦ୍ୟାଳୟ ଯାଉ ନ ଥିବା ଓ ପ୍ରାଥମିକ ସ୍ତରରୁ ପାଠ ଛାଡୁଥିବା (ଡ୍ରପ୍‌ଆଉଟ୍) ପିଲା ମଧ୍ୟ ଅଛନ୍ତି। ୧ମ ଶ୍ରେଣୀରେ୧୦୦ପିଲା ନାମ ଲେଖାଉଥିବା ବେଳେ ମାଟ୍ରିକ୍ ପରୀକ୍ଷା ବେଳକୁ ସେମାନଙ୍କ ମଧ୍ୟରୁ ରହୁଛନ୍ତି ମାତ୍ର ୭୦ ପ୍ରତିଶତ। ମାଟ୍ରିକ୍ ପାସ୍ କରୁଥିବା ୧୦୦ପିଲାଙ୍କ ମଧ୍ୟରୁ ଯୁକ୍ତ ୨ରେ ନାମ ଲେଖାନ୍ତି ୬୫ରୁ ୭୦ଭାଗ। ଯୁକ୍ତ ୨ ଉତ୍ତୀର୍ଣ୍ଣ ୧୦୦ପିଲାଙ୍କ ମଧ୍ୟରୁ ବିଭିନ୍ନ ବର୍ଗରେ ନାମଲେଖାନ୍ତି ମାତ୍ର ୬୦ରୁ ୭୦ଭାଗ। ଏସବୁ କେବଳ ସରକାରୀ ବିଦ୍ୟାଳୟ କ୍ଷେତ୍ରରେ ଘଟିଥାଏ। ଘରୋଇ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶତପ୍ରତିଶତ ଛାତ୍ରୀଛାତ୍ର ଉଚ୍ଚତର ଶିକ୍ଷାକ୍ଷେତ୍ରରେ ପ୍ରବେଶ କରନ୍ତି। ଅପରପକ୍ଷେ ସରକାରୀ ବିଦ୍ୟାଳୟରେ ଯେଉଁମାନେ ଅଧ୍ୟୟନ କରନ୍ତି, ସେମାନେ ପ୍ରାୟତଃ ଦରିଦ୍ର ଓ ଚାଷୀ ମୂଲିଆଙ୍କ ସନ୍ତାନ। ବଞ୍ଚିବା ପାଇଁ ସେମାନେ ଅହରହ ସଂଗ୍ରାମରତ। ବିଳମ୍ବରେ ହେଲେ ମଧ୍ୟ ଏ କଥାକୁ ହୃଦୟଙ୍ଗମ କରି ଆମ ସରକାର ସରକାରୀ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ନିମନ୍ତେ ମେଡିକାଲ୍ ଓ ଇଞ୍ଜିନିୟରିଂ ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ଘୋଷଣା କରିଛନ୍ତି ; ଯାହା ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ନୂତନ ଆଶା ସଞ୍ଚାର କରିଛି।

ସମାଜରୁ ଛାଣିହୋଇ ମେଧାବୀ ଛାତ୍ରୀଛାତ୍ରମାନେ ଘରୋଇ ଶିକ୍ଷାନୁଷ୍ଠାନକୁ ଚାଲିଯିବା ଦ୍ୱାରା ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ କ୍ରମଶଃ ଦୁର୍ବଳ ହେବାକୁ ଲାଗିଲେ। ଆମ ପୂର୍ବ ଅଭିଜ୍ଞତାରୁ ଆମେ ଜାଣୁ ଯେ, ସମୁଦାୟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅତି ମେଧାବୀ ବା ଏ(୧)ଗ୍ରେଡ୍ ପିଲାଙ୍କ ସଂଖ୍ୟା ମାତ୍ର ୧ ପ୍ରତିଶତରେ ସୀମିତ। ଉଚ୍ଚ ଓ ମଧ୍ୟମ ମେଧା ସମ୍ପନ୍ନ ପିଲାମାନେ ଘରୋଇ ବିଦ୍ୟାଳୟ ମୁହାଁ ହେବା ଯୋଗୁ ସରକାରୀ ବିଦ୍ୟାଳୟଗୁଡ଼ିକ ସାଧାରଣ ପାଠୁଆଙ୍କ ଦ୍ୱାରା ପରିପୁଷ୍ଟ। ଶିକ୍ଷକମାନେ ମଧ୍ୟ ବେପରୁଆ ଭାବେ ନାମକୁ ମାତ୍ର କର୍ତ୍ତବ୍ୟ ସମ୍ପାଦନ କରି ଚାଲିଲେ। ସରକାରୀ ସ୍କୁଲରେ ଆଉ ସେପରି ପିଲା ରହିଲେ ନାହିଁ, ଯେଉଁମାନେ ଶିକ୍ଷକଙ୍କଠାରୁ ପାଠ ଆଦାୟ କରିବେ। ଶିକ୍ଷାଦାନକୁ ଏକ ବୃତ୍ତି ଭାବେ ନ ମଣି ଏକ ବ୍ରତଭାବେ ଗ୍ରହଣ କରିଥିବା ଶିକ୍ଷକଙ୍କ ସଂଖ୍ୟା ହ୍ରାସ ପାଇବାକୁ ଲାଗିଲା। ଶିକ୍ଷାଦାନରୁ ମୁହଁ ଫେରାଇ ଶିକ୍ଷକ ରାଜନୀତି ଓ ଅନ୍ୟ ବ୍ୟକ୍ତିଗତ ସ୍ୱାର୍ଥ ହାସଲରେ ଅଧିକ ମନୋନିବେଶ କଲେ। ଆଜିକାଲି ଅନେକ ଶିକ୍ଷକଙ୍କର କାର୍ଯ୍ୟକଳାପ ସାମାଜିକ ସ୍ତରରେ ଲଜ୍ଜାଜନକ ହେଲାଣି। କୋମଳମତି ଛାତ୍ରୀ ସହ ଅସଭ୍ୟ ଆଚରଣର ଖବର ନୀତି ଶ୍ରୁତିଗୋଚର ହେଉଛି। କେତେକ ଶିକ୍ଷକ ମଦ୍ୟପାନ କରି ଗୁରୁକୁଳର ସମସ୍ତ ସୀମା ଲଙ୍ଘନ କରିସାରିଲାଣି। ସରକାର ମଧ୍ୟ ଶିକ୍ଷକଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କର୍ମରେ ନିୟୋଜିତ କରିବା ଦ୍ୱାରା ଶିକ୍ଷକ ନିଜ ବୃତ୍ତିଠାରୁ ଦୂରେଇଗଲେଣି। ପଣ୍ଡିତ ନୀଳକଣ୍ଠ 'ଶିକ୍ଷା କ'ଣ' ପ୍ରବନ୍ଧରେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇ କହିଥିଲେ, 'ତୁମେ ଭାରତର ଋଷିକୁଳର ଅବତଂସ। ତୁମ ପୂର୍ବପୁରୁଷ ପୃଥିବୀକୁ ଜ୍ଞାନାଲୋକ ଦେଇଥିଲେ। ସତ୍‌ଶିକ୍ଷା, ସରଳତା, ସାଧୁମନୁଷ୍ୟତା କ'ଣ ତାହା ଜଗତକୁ ଦେଖାଇଥିଲେ। ମନେରଖ– ସେହି ସତ୍‌ଶିକ୍ଷା, ସରଳତା, ସତ୍ୟତା ଓ ସାଧୁମନୁଷ୍ୟତା ପ୍ରତିଷ୍ଠିତ କରିବା ତୁମ ପକ୍ଷରେ ବଡ଼ ଗହନକଥା ନୁହେଁ। ଏହା ତୁମର ପୈତୃକ ସମ୍ପତ୍ତି। ଏଥିପାଇଁ ତୁମକୁ ଅନ୍ୟ ଦେଶକୁ ଖୋଜିବାକୁ ଯିବାକୁ ହେବନାହିଁ। ଏହା ତୁମ ରକ୍ତ ମାଂସରେ ରହିଛି। ସେ କଥା ମନେରଖି ଜୀବନରେ ପ୍ରସ୍ତୁତ ହୁଅ'।

ଆଜିର ଶିକ୍ଷକ ଏ ସବୁର ବ୍ୟତିକ୍ରମ। ମେଧାବୀ ଛାତ୍ରର ଅନୁପସ୍ଥିତି, ଶିକ୍ଷକର ନିଜ ବୃତ୍ତି ପ୍ରତି ଅନମନୀୟତା, ମାତାପିତାଙ୍କର ଆସ୍ଥାଶୂନ୍ୟତା ଓ ଅସହଯୋଗ ଏବଂ ସର୍ବୋପରି ସରକାରୀ ଉଦାସୀନତା ସରକାରୀ ବିଦ୍ୟାଳୟର ଅବହେଳାର ମୁଖ୍ୟ କାରଣ। ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ 'ପ୍ରତିକାରାତ୍ମକଶିକ୍ଷା'ଭଲପିଲାଙ୍କ ଶିକ୍ଷଣମାନକୁ ବୃଦ୍ଧି କରିବା ପରିବର୍ତ୍ତେ ଏହାକୁ ସଙ୍କୁଚିତ କରିଦେଲା। 'ଶ୍ରେଣୀର ସର୍ବନିମ୍ନ ପିଲା ସବୁକଥା ଶିଖିବା ଦରକାର' – ଏପରି ଉଦ୍ଦେଶ୍ୟ ରଖି ଶିକ୍ଷାବର୍ଷର ପ୍ରଥମ ତନିମାସ ଓ ପ୍ରତିଦିନ ଗୋଟିଏ ପିରିୟଡ ବର୍ଷ ତମାମ ପ୍ରତିକାରାତ୍ମକ ଶିକ୍ଷା ମେଧାବୀ ଛାତ୍ରକୁ ଉପରକୁ ଉଠିବାକୁ ନ ଦେଇ ତା'ର ଶିକ୍ଷଣ ଦକ୍ଷତା ହ୍ରାସ କରିବାରେ ସହାୟକ ହେଲା। ବିଦ୍ୟାଳୟଗୁଡ଼ିକର ଚାକଚକ୍ୟମୟ ସୁନ୍ଦର ପରିବେଶ, ଶିକ୍ଷକମାନଙ୍କର ନିୟମିତ ବିଦ୍ୟାଳୟ ଆଗମନ, ଘଣ୍ଟିବାଜିବା, ମଧ୍ୟାହ୍ନଭୋଜନ ପ୍ରଭୃତି ଓ ଅନ୍ୟାନ୍ୟ ଜନିଷ ବାହାରକୁ ଠିକ୍‌ଠାକ୍ ଥିବାର ପ୍ରତୀୟମାନ ହେଉଥିଲେ ମଧ୍ୟ ଭିତରେ ଶିକ୍ଷା ଅଭାବ ଜନିତ ଏକ ମହାଶୂନ୍ୟତା ସରକାରୀ ଶିକ୍ଷାବ୍ୟବସ୍ଥାକୁ କୀଟଦ୍ରଂଷ୍ଟ କରିଦେଲା। ସରକାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିଲେ ମଧ୍ୟ ରାଶିରାଶି ବିଶୃଙ୍ଖଳାର ପାହାଡ଼ ଉପରେ ଦଣ୍ଡାୟମାନ ହୋଇ ସରକାରୀ ବିଦ୍ୟାଳୟ ଶିକ୍ଷା ତା'ର ମହତ୍ତ୍ୱ ହରାଇଲା।

ଏହାର ପ୍ରତିକାର ସ୍ୱରୂପ ଘରୋଇ ଅନୁଷ୍ଠାନ ଉପରେ ଅଙ୍କୁଶ ଲଗାଇବା ନୁହେଁ ; ବରଂ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅଭିନବ ପ୍ରଣାଳୀ ଅବଲମ୍ବନ କରାଯାଇ କିପରି ଉନ୍ନତ ଛାତ୍ରୀଛାତ୍ର ସୃଷ୍ଟି ହେବେ ସେଥିପ୍ରତି ଧ୍ୟାନ ଦେବା ଉଚିତ ହେବ। ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପୋଷ୍ୟ ବିଦ୍ୟାଳୟ ଗ୍ରହଣ ଅବଶ୍ୟ ଏକ ନୂତନ ପ୍ରୟାସ। ଏହାଦ୍ୱାରା ଯେ ସବୁ ବିଦ୍ୟାଳୟର ସାମୂହିକ ବିକାଶ ସାଧିତ ହେବ ତାହା ନୁହେଁ। କିନ୍ତୁ ଏହାଦ୍ୱାରା ଅବଶ୍ୟ କିଛିମାତ୍ରାରେ ବିକାଶ ସାଧିତ ହୋଇପାରେ। ସମସ୍ତେ ସରକାରୀ ବିଦ୍ୟାଳୟ ପ୍ରତି ଯତ୍ନଶୀଳତାର ହସ୍ତ ପ୍ରସାରିତ କଲେ ହୁଏତ ହୃତଗୌରବ ଫେରିଆସିବ। ସରକାର, ଶିକ୍ଷକ, ଅଭିଭାବକ ଓ ଛାତ୍ର –ଏମାନେ ବିଦ୍ୟାଳୟରୂପୀ ଚାରିଚକିଆ ଯାନର ୪ ଗୋଟି ଚକ ସଦୃଶ। କୌଣସି ଗୋଟିଏ ଚକର ଅସହଯୋଗରେ ସମ୍ପୂର୍ଣ୍ଣ ଯାନଟି ଅଚଳ ହେଲାପରି ଶିକ୍ଷା ବ୍ୟବସ୍ଥା ଆଉ କ୍ଷତିଗ୍ରସ୍ତ ନ ହେଉ। ସରକାରୀ ଶିକ୍ଷା ବ୍ୟବସ୍ଥା ପ୍ରତି ସଭିଙ୍କର ଧ୍ୟାନ କେନ୍ଦ୍ରିତ ହେଉ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ–୯୯୩୭୪୫୦୫୪୦



# ଆର୍ଥିକ ବୈଷମ୍ୟ ଓ ସାମାଜିକ ଚିତ୍ର

**ପ୍ରଭାତ କୁମାର ଦାସ**

ଲେଖାଟି ଆରମ୍ଭ କରୁଛି, ନିଜ ବ୍ୟକ୍ତିଗତ ଅନୁଭବରୁ। ପଞ୍ଚଷଠି ମସିହାରେ ମୁଁ ଏକ ସରକାରୀ ଶିଳ୍ପ ଉଦ୍ୟୋଗରେ ଉତ୍ପାଦନ ବିଭାଗରେ ବୈଷୟିକ ଶିକ୍ଷାନବିସ ଭାବରେ ଯୋଗଦେଇଥିଲି। କିଛିଦିନ ପରେ ମୋତେ, ଉତ୍ପାଦନ ବିଭାଗରୁ କଞ୍ଚାମାଲ ବ୍ୟବସାୟିକ ବିଭାଗକୁ ବଦଳି କରାହେଲା। ମୁଁ ଅସନ୍ତୋଷ ବ୍ୟକ୍ତକରି ଉଦ୍ୟୋଗ ଅଧିକାରୀଙ୍କୁ ଦେଖାକଲି। ଉତ୍ପାଦନ ବିଭାଗ ଭଳି ମୁଖ୍ୟ ବିଭାଗରୁ କଞ୍ଚାମାଲ ଭଳି ଗୌଣ ବିଭାଗକୁ ନ ଯିବା ପାଇଁ ଇଚ୍ଛା ପ୍ରକାଶ କଲି। ଉଦ୍ୟୋଗ ଅଧିକାରୀ ମୋ ଅଭିଯୋଗ ଶୁଣିଲେ, ମୋ ବଦଳିଆଦେଶକୁରଦ୍ଦ କରିମୋ ସାଥିର ଆଉ ଜଣେ ଶିକ୍ଷାନବିସଙ୍କୁ ସେଠାକୁ ପଠାଇଲେ। ଆନନ୍ଦର ସହ ସେ ଆଦେଶକୁ ଗ୍ରହଣ କଲେ।

ପଚିଶ ବର୍ଷର ଚାକିରି କାଳ ପରେ, ମୁଁ ସେଦିନର ମୂର୍ଖତା ପାଇଁ ଅନୁତାପ କରିଥିଲି। କାରଣ ଆମ ଦୁହିଁଙ୍କର ପଦବୀ ଓ ମର୍ଯ୍ୟାଦାରେ ବିଶେଷ ବ୍ୟତିକ୍ରମ ନ ହୋଇଥିଲେ ବି ବାହାର ପରିଚୟ ଓ ଆର୍ଥିକ ସ୍ୱଚ୍ଛନ୍ଦତାରେ ଆକାଶପାତାଳ ପ୍ରଭେଦ ବାରିହୋଇ ପଡିଥିଲା। ମୁଁ ମୋ ନିଜ ବିଭାଗରେ ବୈଷୟିକ ପରିସୀମା ଭିତରେ ସୀମିତ ହୋଇ ରହିଗଲି। ସେ କିନ୍ତୁ ଏକ ବିଶାଳ ବ୍ୟବସାୟିକ ସାମ୍ରାଜ୍ୟ ପରିଚାଳନାର ଅଧିପତି ହୋଇଗଲେ। ଖଣିଖାଦାନ ମାଲିକମାନଙ୍କଠାରୁ ଆରମ୍ଭ କରି ଅନେକ ଠିକାଦାର ଓ କମିଶନ ମଧ୍ୟସ୍ଥମାନେ ତାଙ୍କ ଚାରିପଟେ ଘୂରି ବୁଲିଲେ। ସରକାରୀ ଉଚ୍ଚାଧିକାରୀମାନଙ୍କ ସହିତ ତାଙ୍କର ପରିଚୟ ଓ ସମ୍ପର୍କ ତିଆରି ହୋଇପାରିଲା। ତେଣୁ ତାଙ୍କର କ'ଣ ସବୁ ଲାଭ ହେଲା, ସେ ସବୁ ସହଜରେ ଅନୁମେୟ।

ମୁଁ ଏତକ ଲେଖିବାର ଉଦ୍ଦେଶ୍ୟ ହେଲା, ଆମ ଦେଶର ନୀତିଚରିତ୍ର ଏଇଭଳି ମାନସିକତାରେ ଉଲ୍ଲସିତ। ଉତ୍ପାଦନଠାରୁ ବ୍ୟବସାୟ ଅଧିକ ଆକର୍ଷଣୀୟ ଓ ଲାଭପ୍ରଦ। ଆଉ ତା'ଠାରୁ ଅଧିକ ଆକର୍ଷଣୀୟ ହେଉଛି ପ୍ରଶାସନିକ ଓ ସେବା କ୍ଷମତା। ହାଡ଼ଭଙ୍ଗା କଠିନ ପରିଶ୍ରମ କରି ଯେଉଁମାନେ ଉତ୍ପାଦନ କରାନ୍ତି, ସେମାନଙ୍କ ପ୍ରତ୍ୟକ୍ଷ ଲାଭ–ବ୍ୟବସାୟିକ ଓ ପ୍ରଶାସନିକ ଉପାୟରେ ଯେଉଁମାନେ ତାକୁ ପରିଚାଳନା କରନ୍ତି, ସେମାନଙ୍କ ପରୋକ୍ଷ ଲାଭଠାରୁ ଅନେକ କମ୍। ଏ କଥା ଜଣେ ଚିନ୍ତା କରିପାରିବ ନାହିଁ, ଆଉ ଚିନ୍ତାକଲେ ସହିପାରିବ ନାହିଁ।

ଏବେ ଦେଶବ୍ୟାପୀ ଚାଲିଥିବା କୃଷକ ଆନ୍ଦୋଳନକୁ ବିଚାରକୁ ନିଆଯାଉ। କୃଷକମାନେ ସରକାର ବିରୋଧରେ ଆନ୍ଦୋଳନ କରୁନାହାନ୍ତି। ସେମାନଙ୍କ ଆନ୍ଦୋଳନ ବୈଷମ୍ୟତା ବିରୋଧରେ। ଯେଉଁମାନେ ଦିନ ରାତି ପରିଶ୍ରମ କରି ଦେଶ ପାଇଁ ଉତ୍ପାଦନ କରୁଛନ୍ତି, ତାଙ୍କ ଉତ୍ପାଦିତ ଦ୍ରବ୍ୟର ଯେତିକି ଲାଭ ତାଙ୍କ ପାଖରେ ପହଞ୍ଚେ, ତା'ଠାରୁ ଯଥେଷ୍ଟ ଅଧିକ ବ୍ୟବସାୟୀ ଓ ପ୍ରଶାସକଙ୍କ ପାଖରେ ପହଞ୍ଚେ। ସେମାନେ ସେହି ଲାଭକୁ କୌଶଳରେ ଅପହରଣ କରି ନିଅନ୍ତି। ଲାଭରୂପକ ଫଳରୁ ସେମାନେ ରସ ଶୋଷି ନେଲା ପରେ ଉତ୍ପାଦନ କରିଥିବା ମଣିଷ ପାଇଁ ଶିଠା ଟିକକ ରହେ। ଦେଶ ତମାମ ଏ ତିନି ଶ୍ରେଣୀର ଜୀବନଧାରଣର ମାନକକୁ ଯଦି ନିରପେକ୍ଷ ଭାବରେ ବିଚାର କରାଯାଏ, ତେବେ ଏକଥା ବୁଝିବାରେ ଅସୁବିଧା ହେବନାହିଁ ଯେ, କୃଷକ ଶ୍ରେଣୀର ଜୀବନ ଧାରଣର ମାନଠାରୁ, ପ୍ରଶାସକ ଶ୍ରେଣୀ ଓ ବ୍ୟବସାୟୀ ଶ୍ରେଣୀର ଜୀବନ ଧାରଣର ମାନ ଅନେକ ଭଲ।

ଆବଶ୍ୟକୀୟ ପଦାର୍ଥର ମୂଲ୍ୟବୃଦ୍ଧି ହେଲେ ଚାକିରିଆଙ୍କ ମହଙ୍ଗାଭତ୍ତା ଆପେ ବଢ଼ିଯାଏ। ବ୍ୟବସାୟୀମାନେ ସେମାନଙ୍କ ସେବା ଓ ସାମଗ୍ରୀର ମୂଲ୍ୟବୃଦ୍ଧି ନିଜେ କରି ଦିଅନ୍ତି। ଅବଶିଷ୍ଟ ଶ୍ରେଣୀ ଭକୁଆ ଭଳି ଚାହିଁଥାନ୍ତି। ପ୍ରଶାସକମାନେ ସରକାରଙ୍କୁ ଭୁଲ୍ ମାର୍ଗରେ ପରିଚାଳିତ କରାନ୍ତି। ଏଥିପାଇଁ ମଝିରେ ମଝିରେ, କେବେକେବେ ସାଙ୍ଗଠନିକ କ୍ରୋଧ ପ୍ରକାଶ ପାଏ। ତାକୁ କୁହାଯାଏ ଆନ୍ଦୋଳନ। କିନ୍ତୁ ଅଧିକାଂଶ ଅଣସଙ୍ଗଠିତ ହୋଇ ଅଧିକ ନିର୍ଯାତିତ ହୁଅନ୍ତି। ସେମାନଙ୍କ ଲାଳସା ଆଉ କ୍ରୋଧ ସହଜରେ ପ୍ରଶମିତ ହୁଏନାହିଁ। ସେମାନେ ଅନ୍ୟାୟ ଉପାୟରେ, ଆପରାଧୀକ ରାସ୍ତାରେ ଲାଭ ଆଦାୟ କରି ନେବାର ପ୍ରୟାସ କରନ୍ତି। ଆପରାଧୀକ ପ୍ରବୃତ୍ତି ବଢ଼େ। ଦେଶ ଭ୍ରଷ୍ଟାଚାର ଦିଗରେ ଯିବାର ଏହା ଏକ କାରଣ।

ଗୋଟିଏ ଅତି ସାଧାରଣ ବିଷୟ ବିଚାରକୁ ନିଆଯାଉ। ସମସ୍ତ ଉପାର୍ଜନକ୍ଷମ ନାଗରିକଙ୍କୁ ତିନି ଭାଗରେ ଭାଗ କରି ଦିଆଯାଉ। ପ୍ରଥମଟି ଯେଉଁମାନେ ଉତ୍ପାଦନ ପ୍ରକ୍ରିୟାରେ ଉପାର୍ଜନ କରନ୍ତି, ଦ୍ୱିତୀୟଟି ଯେଉଁମାନେ ସେବା ଆଉ ବ୍ୟବସାୟିକ ପ୍ରକ୍ରିୟାରେ ଉପାର୍ଜନ କରନ୍ତି, ତୃତୀୟଟି ଯେଉଁମାନେ ପରିଚାଳନା ଓ ପ୍ରଶାସନିକ ଉପାୟରେ ଉପାର୍ଜନ କରନ୍ତି। ବିଗତ ପଚିଶ ବର୍ଷର ଅଭିବୃଦ୍ଧିର ହିସାବ ମୂଲ୍ୟାୟନ କରାଯାଉ। କେଉଁ ଶ୍ରେଣୀର ସମ୍ପତ୍ତିମୂଲ୍ୟ କେତେ ବଢ଼ିଛି, କିଏ କେତେ ଜୀବନ ମାନରେ ଉନ୍ନତି କରିଛି, କିଏ କେତେ ମାତ୍ରାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇବାରେ ସକ୍ଷମ ହୋଇଛି, କାହାର ଆଗାମୀ ପିଢ଼ି, ଆସନ୍ତା ସମୟ ପାଇଁ କେତେ ଶିକ୍ଷାଗତ ଯୋଗ୍ୟତାରୁ ପ୍ରସ୍ତୁତ ହୋଇଛି। ଏହି ପରିଗଣନାରେ ସ୍ପଷ୍ଟ ଦେଖାଯିବ, ଉତ୍ପାଦନରେ ନିୟୋଜିତ ଶ୍ରେଣୀ ସବୁଠାରୁ ଅବହେଳିତ ଓ ଅସମର୍ଥ। ପରିଚାଳନା–ପ୍ରଶାସକ କ୍ଷେତ୍ର ସବୁଠାରୁ ବିକଶିତ।

ଏହି ମାତ୍ରାଧିକ ବୈଷମ୍ୟ କାରଣରୁ, ଦେଶର ବେକାରି ସମସ୍ୟା ବଢ଼ିଚାଲିଛି। ସମସ୍ତେ ଚାହୁଁଛନ୍ତି ଚାକିରି କରିବେ। କାରଣ ସେହି ବାଟଟି ଜୀବନ ଜିଇବାର ସବୁଠାରୁ ସହଜ ଉପାୟ। କେହି ଚାହାନ୍ତି ନାହିଁ ଚାଷ କରିବେ–ଶ୍ରମ କରିବେ। ସରକାର ସବୁବର୍ଷ ବିକାଶର ନୂଆ ନୂଆ ଯୋଜନା କରୁଛନ୍ତି। କିନ୍ତୁ ମୌଳିକ ଭାବନା ନଈରେ ଭାସି ସମୁଦ୍ରରେ ବୁଡିଗଲାଣି। ସରକାର ସେକଥା ଭାବୁନାହାନ୍ତି, କାରଣ ଯଦି ସରକାର ଠିକ ମାର୍ଗରେ ଯିବ, ତେବେ ତାଙ୍କ ହାତରୁ କ୍ଷମତାର ସୁନା ଅଣ୍ଡାଦିଆ କୁକୁଡାଟା ଉଡ଼ିଯାଇ ଏଇ ଶ୍ରମିକ–କୃଷକ ଶ୍ରେଣୀଙ୍କ ଅଗଣାରେ ଅଣ୍ଡା ଦେଇଦବ।

ଭୟାବହ କରୋନା ମହାମାରୀ ସମୟରେ, କେଉଁମାନେ ସବୁଠାରୁ ଅଧିକ ଆର୍ଥିକ ସ୍ୱଚ୍ଛନ୍ଦତାରେ ରହୁଥିଲେ? ସେମାନେ ଚାକିରିଆ, ତାଙ୍କ ଆୟ ଓ ଉପାର୍ଜନରେ ଟିକିଏ ବିମଳିଲାଗିଲାନି। ଆମ ଦେଶରେ ସମସ୍ତେ ଏକଥା ଜାଣନ୍ତି କିନ୍ତୁ କେହି କିଛି କରିବେ ନାହିଁ।

୫୮, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର
ମୋ–୯୪୩୭୦୧୫୨୫୦

## ଏଇ ଭାରତରେ

୪ଜଣ ମହିଳା ୩,୦୦୦ ଟଙ୍କାରେ ଏକ କ୍ୟାଣ୍ଟିନ୍ ଆରମ୍ଭ କରି ଏବେ ବର୍ଷକୁ ୩ କୋଟି ଟଙ୍କା ରୋଜଗାର କରୁଥିବା ଘଟଣା ସାମ୍ନାକୁ ଆସିଛି ମୁମ୍ବାଇରେ। ଇନ୍ଦୁମତୀ ବ୍ରାଭେ, ଉଷା ମନେରିକା, ଜୟଶ୍ରୀ ସାମନ୍ତ ଏବଂ ସୁଭଦ୍ରା କୋଥାଓ୍ୱାଲେ ଏହି କ୍ୟାଣ୍ଟିନ୍ ଚଳାଉଛନ୍ତି। ସେମାନେ ଅସହାୟ ମହିଳା ଓ ସିଙ୍ଗଲ ମଦରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧୯୯୧ରେ ଶ୍ରମିକ ମହିଳା ବିକାଶ ସଂଘ ଗଠନ କରି ପଞ୍ଜୀକରଣ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଇନ୍ଦୁମତୀ। ସେ ବସାଇ ଅଞ୍ଚଳର ଏମ୍‌ଜି ରୋଡସ୍ଥିତ ନ୍ୟୁ ଇଂଲିଶ ସ୍କୁଲର ଶିକ୍ଷୟିତ୍ରୀ ଥିଲେ। ଏହି ସଂଗଠନର ସହଯୋଗରେ କେବଳ କ୍ୟାଣ୍ଟିନ୍ ନୁହେଁ, ଅନ୍ୟ କେତେକ କ୍ଷେତ୍ରରେ ୩୦୦ ମହିଳା ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଉକ୍ତ ସଂଗଠନ ପ୍ରଥମେ ପାମ୍ପଡ଼ ତିଆରି କରି ସଫଳ ନ ହେବାରୁ ଇନ୍ଦୁମତୀ ଓ ତାଙ୍କର ଅନ୍ୟ ତିନିଜଣ ସାଙ୍ଗ ୩ ହଜାର ଟଙ୍କା ଆଦାୟ କରି କ୍ୟାଣ୍ଟିନ୍ ଆରମ୍ଭ କରିଥିଲେ। ପ୍ରଥମେ କ୍ୟାଣ୍ଟିନ୍‌ରେ ୭ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଥିଲେ। ଏବେ ଏଥିରେ ୧୭୫ ଜଣ ମହିଳା କାମ କରୁଛନ୍ତି। ଏମାନେ ରୋଷେଇ କରି ବସ୍ ଓ ଅଟୋରିକ୍ସା ଡ୍ରାଇଭର, କର୍ମଜୀବୀ ବ୍ୟାଚେଲର୍‌ଙ୍କ ପାଖରେ ଖାଦ୍ୟ ପହଞ୍ଚାଉଥିଲେ। ଏହି ସଂଗଠନ ପରେ ଲୋକମାନଙ୍କଠାରୁ ଅନୁଦାନ ପାଇବାରେ ଲାଗିଲା। ସେମାନେ ବାସନ, ଗ୍ରୋସେରୀ ଏବଂ ପରିବା ଆଦି ଯୋଗାଇ ଦେଲେ। ପ୍ରଥମେ କ୍ୟାଣ୍ଟିନରେ ୧୦ ଟଙ୍କାରେ ମିଲ୍ ଯୋଗାଇ ଦେଉଥିଲେ, ଏବେ ଏହାର ମୂଲ୍ୟ ପହଞ୍ଚିଛି ୭୦ ଟଙ୍କାରେ। ସକାଳ ୮ଟାରୁ ରାତି ୧୦ଟାଯାଏ ଚାଲୁଛି କ୍ୟାଣ୍ଟିନ୍। ଏବେ ଏମାନେ ସହରର ୬ଟି ସ୍ଥାନରେ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରିଛନ୍ତି ଓ ଏଥିରୁ ବର୍ଷକୁ ୩ କୋଟି ଟଙ୍କା ରୋଜଗାର କରୁଛନ୍ତି।

## ଚିରନ୍ତନୀ

ନିବିଡ଼ତମ ସେହି ସରମ
ଜାଳିଲା ଚିରଦିନ ମରମ
ନିଲଜ ସମ ଯାହା ଲୁଚାଇ ନ ପାରିଲି
ହେଲା ସେ କବିତାର ଧରମ। –(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବାହାର ଡାକ୍ତରଙ୍କୁ ନିଯୁକ୍ତି ନ ଦିଆଯାଉ


ମହାଶୟ,

ମହାମାରୀ କରୋନାରେ ନିଜ ଜୀବନକୁ ବାଜି ଲଗାଇ ଡାକ୍ତରମାନେ ମୁମୂର୍ଷୁମାନଙ୍କ ଜୀବନ ରକ୍ଷା କରି ଅକାଳରେ ନିଜ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ପାଇଁ ବିପଦର କାରଣ ପାଲଟିଥିଲେ। ଜଣେ ମୁମୂର୍ଷୁର ଜୀବନ ଅତ୍ୟନ୍ତ ମୂଲ୍ୟବାନ ଓ ଶ୍ରେଷ୍ଠ ସେବାଧର୍ମ ବୋଲି ସେମାନେ ବିଚାର କରନ୍ତି। ତେବେ ଇତିମଧ୍ୟରେ ରାଜ୍ୟ ସରକାର ଏକ ତରଫା ଭାବେ ଡାକ୍ତରଙ୍କ ଅବସର ବୟସକୁ ୬୨ରୁ ୬୫ ବର୍ଷକୁ ବୃଦ୍ଧି କରିଛନ୍ତି, ଯାହାକି ସମ୍ପୂର୍ଣ୍ଣ ଜନ ବିରୋଧୀ ନିଷ୍ପତ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ରାଜ୍ୟରେ ପ୍ରତିବର୍ଷ ୧ ହଜାରରୁ ଅଧିକ ଡାକ୍ତର ଉତ୍ତୀର୍ଣ୍ଣ ହେଉଥିବାବେଳେ ରାଜ୍ୟସରକାର ବାହାର ରାଜ୍ୟର ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିରେ ସ୍ଥାନୀୟ ଡାକ୍ତର ଉପେକ୍ଷିତ ହେବେ। ତେଣୁ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ପ୍ରତିବର୍ଷ ଓପିଏସ୍‌ସି ଜରିଆରେ ଓଡ଼ିଶାର ଡାକ୍ତର ମାନଙ୍କୁ ନିଯୁକ୍ତି ଦିଆଯାଉ। ସେହିପରି ୨୦୦୬ରୁ କେନ୍ଦ୍ର ସରକାର ଡାକ୍ତରଙ୍କୁ ଡିଏସିପି ପ୍ରଦାନ କରି ଆସୁଛନ୍ତି। ୨୦୧୮ ସୁଦ୍ଧା ପଡ଼ୋଶୀ ରାଜ୍ୟ ସେମାନଙ୍କ ଡାକ୍ତରଙ୍କୁ ୪,୯,୧୩,୨୦ ବର୍ଷରେ ସମୟାନୁଭିତ୍ତିକ ଡିଏସିପି ପ୍ରଦାନ କରିଆସୁଛନ୍ତି। ତେଣୁ ରାଜ୍ୟ ସରକାର କେନ୍ଦ୍ରୀୟ ହାରରେ ଡିଏସିପି ଲାଗୁ କଲେ ନୂତନ ଡାକ୍ତର ଆକୃଷ୍ଟ ହେବା ସହିତ ଖାଲି ପଡ଼ିଥିବା ପଦବୀ ପୂରଣ ହୋଇପାରିବ। ଏହାସହ ଦୀର୍ଘ ବର୍ଷ ଧରି କାର୍ଯ୍ୟକରୁଥିବା ଆଡହକ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ନିୟମାବଳି ଅନୁସାରେ ରାଜ୍ୟ ପାଇଁ ୪୫ ହଜାର ଡାକ୍ତର ଆବଶ୍ୟକ ଥିବାବେଳେ ୮୭୧୯ ସରକାରୀ ଡାକ୍ତର ପଦବୀ ରହିଛି। ୩୫ ଶହରୁ କମ୍ ସରକାରୀ ଡାକ୍ତର ଡାକ୍ତରଖାନା ସମ୍ଭାଳୁଛନ୍ତି। ତେଣୁ ରାଜ୍ୟର ସ୍ୱାସ୍ଥ୍ୟସେବାର ଉନ୍ନତି ଓ ଭିତ୍ତିଭୂମି ସୁଦୃଢ଼ ପାଇଁ ଡାକ୍ତର ପଦବୀ ପୂରଣ କରିବା ଲାଗି ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ।

–ଡା. ସମ୍ରାଟ କର, ସଂଯୋଜକ, ଜର୍ନାଲ ଏଡିଟର, ଓଡ଼ିଶା, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସମୟ ସହ ତାଳଦେଇ ନିଜକୁ ପରିବର୍ତ୍ତନ ଆଡ଼କୁ ଟାଣିନେଉଛି ସାରା ବିଶ୍ୱ। ଅଳ୍ପ କେତୋଟି କମ୍ୟୁନିଷ୍ଟ ଦେଶ ଓ ଏକଚ୍ଛତ୍ରବାଦୀ ଶାସନକୁ ଛାଡ଼ିଦେଲେ ପ୍ରାୟ ସବୁ ରାଷ୍ଟ୍ରରେ ଲୋକଙ୍କ ଇଚ୍ଛାକୁ ସମ୍ମାନ ଦିଆଯାଇଥାଏ। ହେଲେ ଭାରତ ଭଳି ସର୍ବବୃହତ୍ ଗଣତନ୍ତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଜ୍ଞାପନ ନିୟନ୍ତ୍ରଣ ଜରିଆରେ ଗଣମାଧ୍ୟମ ସଂସ୍ଥା, ସର୍ଭିଲାନ୍ସ ନାମରେ ସୋସିଆଲ ମିଡିଆ ଆଉ ଏବେ ସେନ୍ସରଶିପ୍ ଆଳରେ ଓଟିଟି ଉପରେ ଲଗାମ କଷିବା ଆରମ୍ଭ କରିଛି କେନ୍ଦ୍ର। ମନୋରଞ୍ଜନର ସର୍ବୋତ୍କୃଷ୍ଟ ଡିଜିଟାଲ ମାଧ୍ୟମ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକୁ କେନ୍ଦ୍ର ସରକାର ନିଜ ଆୟତ୍ତରେ ରଖିବା ପାଇଁ ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ଦେଶରେ ୩ ମାସ ମଧ୍ୟରେ ସଂଶୋଧିତ ଆଇନ ଲାଗୁ ହେବ। ସରକାରଙ୍କ ଏହି ଉଦ୍ୟମକୁ କେତେକ ମହଲରେ ସ୍ୱାଗତ କରାଯାଇଥିବାବେଳେ ଆଉ କେତେକେ ନିନ୍ଦା କରିଛନ୍ତି। ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କଟକଣା ଜାରି କରାଯିବା ଦ୍ୱାରା ସମ୍ବିଧାନ ପ୍ରଦତ୍ତ ପ୍ରିଭେସି ଓ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ହସ୍ତକ୍ଷେପ ବଢ଼ିବ ବୋଲି ଅନେକେ ମତ ଦେଇଛନ୍ତି।

# ସଙ୍କୁଚିତ ହେବ ସ୍ୱାଧୀନତା

# ଭଲ କଣ୍ଟେଣ୍ଟକୁ ହତ୍ୟା

## ଓଟିଟି ଅସୀମ ମନୋରଞ୍ଜନ / ଅସଂଖ୍ୟ ବିବାଦ


ରହସ୍ୟ, ରୋମାଞ୍ଚକର କାହାଣୀ। ସେକ୍ସ, ହିଂସା, ଧର୍ମୀୟ ଭାବନାକୁ କୁଠାରାଘାତର କଥା। ଚାଞ୍ଚଲ୍ୟକର ଦୃଶ୍ୟକୁ ଜୀବନ୍ତ କରି ଆଧୁନିକ ପିଢ଼ିକୁ ମନୋରଞ୍ଜନର ଅସୀମିତ ଉପାଦାନ ଯୋଗାଇଛି ଓଭର ଦି ଟପ୍ (ଓଟିଟି)। ଯାହା ଘରେ ବସି ଦେଖିହୁଏ ନାହିଁ ବା ସିନେମା ହଲ୍‌ରେ ମିଳେ ନାହିଁ ତାହା ସ୍ମାର୍ଟ ଫୋନ୍‌ରେ ଉପଲବ୍ଧ। ଏହାକୁ ସମ୍ଭବ କରାଇଛି ଓଟିଟି। ଏଣ୍ଟରଟେନ୍‌ମେଣ୍ଟର ସଦ୍ୟତମ ମାଧ୍ୟମ ପାଲଟିଥିବା ଏହି ମଞ୍ଚରେ ଭରି ରହିଛି ଅନେକ ସମ୍ଭାବନା ଓ ଆଶଙ୍କା। କରୋନା କାଳରେ ସିନେମା ହଲ୍‌ଗୁଡ଼ିକ ବନ୍ଦ ହୋଇଯିବାରୁ ଓଟିଟି ହୃଷ୍ଟପୁଷ୍ଟ ହୋଇଛି। ତେବେ ଏଥିରେ ପ୍ରଦର୍ଶିତ ୱେବ୍ ସିରିଜର କଣ୍ଟେଣ୍ଟ ବା ବିଷୟବସ୍ତୁ ସାମ୍ପ୍ରତିକ ସମାଜର ଅନ୍ଧାରୀ ଦିଗ ଉପରେ ଆଲୋକପାତ କରେ। ସମ୍ବିଧାନ ପ୍ରଦତ୍ତ ଅଭିବ୍ୟକ୍ତି ସ୍ୱାଧୀନତା କେବେ ସୀମାରେ ରହି ଗର୍ଜନ କରେ ତ ପୁଣି କେତେବେଳେ ସରହଦ ଲଂଘେ। ୱେବ୍ ସିରିଜଗୁଡ଼ିକୁ ନେଇ ଚର୍ଚ୍ଚା ଓ ବିବାଦ ଲାଗି ରହୁଥିବାବେଳେ କେନ୍ଦ୍ର ସରକାର ଏହି ଡିଜିଟାଲ ଜଗତକୁ ନିଜ ଆୟତ୍ତରେ ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।




ନୂଆଦିଲ୍ଲୀ,୨୫।୨

ଭାରତରେ ଆମାଜନ ପ୍ରାଇମ୍, ନେଟ୍‌ଫ୍ଲିକ୍ସ, ହଟ୍‌ଷ୍ଟାର, ଜି ୫, ଭୁଟ, ସୋନି ଲାଇଭ, ଏମ୍‌ଏକ୍ସ ପ୍ଲେୟାର ଭଳି ଅନେକ ଓଟିଟି ପ୍ଲାଟ୍‌ଫର୍ମ ରହିଛି। ସିନେମା କିମ୍ବା ଟିଭିରେ ମିଳୁଥିବା କଣ୍ଟେଣ୍ଟ ପାଇଁ ଦେଶରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି) ଏବଂ ବ୍ରଡ୍‌କାଷ୍ଟିଂ କଣ୍ଟେଣ୍ଟସ୍ କମ୍ପ୍ଲେନ୍ କାଉନ୍‌ସିଲ (ବିସିସିସି) ଭଳି ସ୍ୱୟଂଶାସିତ ନିୟନ୍ତ୍ରକ ରହିଛନ୍ତି। କିନ୍ତୁ ଓଟିଟିରେ ପ୍ରସାରିତ ବିଷୟବସ୍ତୁ ଉପରେ ଲଗାମ ଲଗାଇବା ପାଇଁ କୌଣସି ନିୟାମକ ସଂସ୍ଥା ନ ଥିବାରୁ ପ୍ଲାଟଫର୍ମଗୁଡ଼ିକ ସ୍ୱାଧିକାର ଉପଭୋଗ କରୁଛନ୍ତି। ଏହି ସୁବିଧାର ଫାଇଦା ନେଇ କେତେକ ପ୍ଲାଟଫର୍ମ ଯେଉଁ କଣ୍ଟେଣ୍ଟ ଦେଖାଇଥାଆନ୍ତି, ତାକୁ ଅନେକେ ଅନୈତିକ/ବେଆଇନ ବୋଲି ବିବେଚନା କରନ୍ତି। ଦକ୍ଷିଣପନ୍ଥୀଙ୍କ ରକ୍ଷଣଶୀଳତା ଆଗରେ ପ୍ରତିବାଦୀଙ୍କ ବାକ୍ ସ୍ୱାଧୀନତା ହାର ମାନୁ ନ ଥିବାରୁ ମୋବାଇଲ୍ ସ୍କ୍ରିନ୍‌କୁ ଓହ୍ଲାଇ ଆସୁଥିବା ଚିତ୍ର ଓ ଚରିତ୍ରଗୁଡ଼ିକୁ ନେଇ ବିବାଦ ଲାଗିରହିଥାଏ।

ଡିଜିଟାଲ ପ୍ଲାଟ୍‌ଫର୍ମରେ ପ୍ରଦର୍ଶିତ ୱେବ୍ ସିରିଜଗୁଡ଼ିକରେ ଅଶ୍ଳୀଳତା, ଯୌନ ଦୃଶ୍ୟ, ହିଂସା, ଧର୍ମୀୟ ଭାବନା ଉପରେ କୁଠାରାଘାତ ଭଳି କାହାଣୀ ଭରିରହୁଥିବା ଦର୍ଶାଇ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ଏକ ସ୍ୱୟଂଶାସିତ ସଂସ୍ଥା ଗଠନ






ସକାଶେ ଆଇନଜୀବୀ ଶଶାଙ୍କ ଶେଖର ଝା ଓ ଅପୂର୍ବ ଅରହାଟିଆ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ଏ ଦିଗରେ କି ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଇଣ୍ଟରନେଟ୍ ଆଣ୍ଡ ମୋବାଇଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆ (ଆଇଏଏମ୍‌ଏଆଇ)କୁ ଗତ ଅକ୍ଟୋବର ୧୫ରେ ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ସରକାର ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କିଛି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଚାର କରୁଥିବା ନେଇ ଆଡିଶନାଲ ସଲିସିଟର ଜେନେରାଲ କେ.ଏମ୍. ନଟରାଜ ଫେବୃୟାରୀ ୧୬ରେ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଏହା ପୂର୍ବରୁ ଫେବୃୟାରୀ ୭ ତାରିଖରେ ଲୋକ ସଭାରେ ସାଂସଦଙ୍କ ପକ୍ଷରୁ ଉଠାଯାଇଥିବା ପ୍ରଶ୍ନର ଉତ୍ତରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡକର କହିଥିଲେ, ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକରେ ଉପଲବ୍ଧ କେତୋଟି ୱେବ୍ ସିରିଜ ବିରୋଧରେ ଅଭିଯୋଗ ଆସିଛି। ଏଥିରେ ରିଲିଜ ହେଉଥିବା ଫିଲ୍ମ ଓ ଧାରାବାହିକ, ଡିଜିଟାଲ ଖବରକାଗଜ, କେବୁଲ ନେଟ୍‌ୱର୍କ ରେଗୁଲେଶନ ଆକ୍ଟ କିମ୍ବା ସେନ୍ସର ବୋର୍ଡ ଅଧୀନରେ ଆସୁନାହିଁ। ଆଇଏଏମ୍‌ଏଆଇ ଦ୍ୱାରା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ଓଟିଟି ପ୍ଲାଟ୍‌ଫର୍ମର କଣ୍ଟେଣ୍ଟପାଇଁ ଏକ ସେଲ୍ଫ ରେଗୁଲେଟୋରି ମେକାନିଜମ୍ (ସ୍ୱନିୟାମକ ତନ୍ତ୍ର) ବିକଶିତ କରିବାକୁ ଆଶ୍ୱାସନା ଦିଆଯାଇଛି। ଖୁବ୍ ଶୀଘ୍ର ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକ ପାଇଁ ଗାଇଡ୍‌ଲାଇନ୍ ଜାରି କରାଯିବ ବୋଲି ସେତେବେଳେ ଜାଭଡେକର କହିଥିଲେ। ଗୁରୁବାର ଉକ୍ତ ଗାଇଡ୍‌ଲାଇନ ଜାରି କରାଯାଇଛି।

## ଓଟିଟି କ'ଣ

ଓଭର ଦି ଟପ୍ (ଓଟିଟି) ମିଡିଆ ସର୍ଭିସ୍ ହେଉଛି ଦର୍ଶକମାନଙ୍କୁ ପ୍ରତ୍ୟକ୍ଷ ଭାବେ ଇଣ୍ଟରନେଟ ଜରିଆରେ ଯୋଗାଇ ଦିଆଯାଉଥିବା ଏକ ଷ୍ଟ୍ରିମିଂ ସେବା। ଏଥିପାଇଁ କେବୁଲ, ପ୍ରସାରଣ, ସାଟେଲାଇଟ୍ ଟିଭି ପ୍ଲାଟଫର୍ମ ଏବଂ ପାରମ୍ପରିକ ନିୟନ୍ତ୍ରକ ବା ବିତରକ ରୂପେ କାର୍ଯ୍ୟ କରୁଥିବା କମ୍ପାନୀ ଆବଶ୍ୟକ ହୋଇ ନ ଥାଏ। ଓଟିଟି ସହ ସବ୍‌ସ୍କ୍ରିପ୍ସନଭିତ୍ତିକ ଭିଡିଓ-ଅନ୍-ଡିମାଣ୍ଡ (ଏସ୍‌ଭିଓଡି) ସେବାର ସାମଞ୍ଜସ୍ୟ ରହିଛି, ଯେଉଁଥିରେ ଫିଲ୍ମ ଏବଂ ଟିଭି କଣ୍ଟେଣ୍ଟ ମିଳିଥାଏ। ଓଟିଟି ସେବା ୱେବ୍‌ସାଇଟ୍ ମାଧ୍ୟମରେ ପର୍ସନାଲ କମ୍ପ୍ୟୁଟର, ମୋବାଇଲ ଆପ୍, ଡିଜିଟାଲ ମିଡିଆ ପ୍ଲେୟର୍ସ କିମ୍ବା ସ୍ମାର୍ଟ ଟିଭି ପ୍ଲାଟଫର୍ମ ସହ ଇଣ୍ଟିଗ୍ରେଟେଡ୍ ଟେଲିଭିଜନ ସେଟ୍‌ରେ ଦେଖାଯାଇପାରେ।



"ଓଟିଟି ଉପରେ କେନ୍ଦ୍ରର କଟକଣା ଡିଜିଟାଲ ମିଡିଆର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିଦେବ।

-ତେହସିନ ପୁନାୱାଲା, ଆକ୍ଟିଭିଷ୍ଟ ତଥା ସ୍ତମ୍ଭକାର



"ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକର କଣ୍ଟେଣ୍ଟ କିପରି ହେବ ସେହି ନିଷ୍ପତ୍ତି ଅଫିସରମାନେ କିଭଳି ନେବେ? ଏଭଳି ପ୍ରସଙ୍ଗ ବିଚାର କରିବା ପାଇଁ ଦେଶରେ ଅଦାଲତ ଅଛି।

-ମେନକା ଗୁରୁସ୍ୱାମୀ, ବରିଷ୍ଠ ଆଇନଜୀବୀ



"ନୂଆ ଗାଇଡ୍‌ଲାଇନ୍ କଣ୍ଟେଣ୍ଟ କ୍ରିଏଟର ଓ କଳାକାରମାନଙ୍କ ସପକ୍ଷରେ ନୁହେଁ। ସରକାରଙ୍କ କଟକଣା ଯୋଗୁ ସିନେମା ଓ ଭଲ କଣ୍ଟେଣ୍ଟର ମୃତ୍ୟୁ ଘଟିବ। ଓଟିଟି ନିୟନ୍ତ୍ରଣ ଜରିଆରେ କଳାକାରଙ୍କୁ ଛୁରାମାଡ଼ କରି ଅନ୍ୟମାନଙ୍କୁ ଖୁସି କରିବା ଗଣତନ୍ତ୍ରରେ ସବୁଠୁ ଖରାପ କାର୍ଯ୍ୟ।

-ଓନିର, ବଲିଉଡ୍ ନିର୍ଦ୍ଦେଶକ

## ସପକ୍ଷରେ ଯୁକ୍ତି...

- ଓଟିଟି ପ୍ଲାଟ୍‌ଫର୍ମରେ ପ୍ରସାରିତ ୱେବ୍ ସିରିଜ ହେଉଛି ଇଣ୍ଟରନେଟ ଜରିଆରେ ମିଳୁଥିବା ଏକ କଣ୍ଟେଣ୍ଟ। ଇଣ୍ଟରନେଟ ଆମକୁ ଭାବନାର ପରିପ୍ରକାଶ ପାଇଁ ସ୍ୱାଧୀନତା ଦେବା ସହ ଭିଡିଓ, ଅଡିଓ ଆଦିରେ ସୃଜନଶୀଳ କରାଇଥାଏ। ତରଙ୍ଗଭିତ୍ତିକ ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ଅଥବା ବ୍ୟକ୍ତିଗତ ଭାବେ ଏହାକୁ ଶେୟାର କରାଯାଏ।
- ୱେବ୍ ସିରିଜରେ ୧୮+ ବୈଧାନିକ ସଙ୍କେତ ସତର୍କ କରାଏ ଯେ ତାହା କେବଳ ପ୍ରାପ୍ତ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ୧୮ ବର୍ଷରୁ କମ୍ ବୟସର ପିଲା ଦେଖିବା ନିଷିଦ୍ଧ। ଏହା ସ୍କୁଲ ପାଠ୍ୟକ୍ରମ ବହିର୍ଭୂତ ହୋଇଥିଲେ ସୁଦ୍ଧା ଘରେ ଟିଭି, ହଲ୍‌ରେ ଫିଲ୍ମ ଦେଖୁଥିବା ଓ ବିଶେଷକରି ହାତରେ ମୋବାଇଲ ଧରୁଥିବା ଛାତ୍ରୀଛାତ୍ରମାନଙ୍କୁ ଅଛପା ନୁହେଁ।
- ନଗ୍ନତା ବା ଅଶ୍ଳୀଳ ଦୃଶ୍ୟର ପ୍ରସାରଣ ଭାରତୀୟ ଦଣ୍ଡ ସଂହିତା (ଆଇପିସି), ସିନେମାଟୋଗ୍ରାଫ ଆକ୍ଟ ୧୯୫୨, ଇନ୍‌ଡିସେଣ୍ଟ ରିପ୍ରେଜେଣ୍ଟେଶନ ଅଫ୍ ୱିମେନ(ପ୍ରୋହିଭିଶନ) ଆକ୍ଟ ୧୯୮୬ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ୨୦୦୦ ଅନୁସାରେ ଧର୍ତ୍ତବ୍ୟ ଅପରାଧର ପର୍ଯ୍ୟାୟଭୁକ୍ତ।





- ୱେବ୍ କଣ୍ଟେଣ୍ଟ ଉପରୋକ୍ତ ଆଇନ ଓ ନିୟମଗୁଡ଼ିକର ପରିସର ଭିତରେ ଆସୁନାହିଁ। ତେଣୁ ଇଣ୍ଟରନେଟରେ ଦେଖିବାକୁ ମିଳୁଥିବା ବିଷୟବସ୍ତୁ ଉପରେ କାହାରି ନିୟନ୍ତ୍ରଣ କରିବା ଅଧିକାର ନାହିଁ। ଅନେକ ଦେଶର ସରକାର ଏହା ଉପରେ ଲଗାମ ଲଗାଇବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି।
- ଜଣେ ସାବାଳକ ଇଣ୍ଟରନେଟରେ କ'ଣ ଦେଖିବାକୁ ଚାହାନ୍ତି ସେ ନିଜ ସୁସ୍ଥ ମସ୍ତିଷ୍କରେ ନିଷ୍ପତ୍ତି ନେଇପାରିବେ। ତାଙ୍କ ପାଇଁ କେଉଁଟା ଉପଯୁକ୍ତ ତାହା ସ୍ଥିର କରିବା ଅଧିକାର ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାର ରହିବା ଅନୁଚିତ।
- ସେନ୍ସର ବୋର୍ଡର କଇଁଚି ଲୋକଙ୍କ ସୃଜନଶୀଳ ରୁଚିର ସ୍ୱାଧୀନତାକୁ କାଟି ଛଡ଼ାଇ ନେଇଥିବାରୁ ଯୁବପିଢ଼ି ଟେଲିଭିଜନ ଓ ଫିଲ୍ମରୁ ଦୂରେଇବାରେ ଲାଗିଛନ୍ତି।

## ପ୍ରତ୍ୟେକ ସୃଜନଶୀଳ ବ୍ୟକ୍ତି ଭୟଭୀତ

"ଓଟିଟି ପ୍ଲାଟ୍‌ଫର୍ମ ଉପରେ କେନ୍ଦ୍ରର କଟକଣା ପ୍ରସ୍ତୁତି ଦେଖି ଦେଶର ପ୍ରତ୍ୟେକ ସୃଜନଶୀଳ ବ୍ୟକ୍ତି ଭୟଭୀତ ହୋଇଯାଇଛନ୍ତି। ସେନ୍ସରଶିପ୍ ଲାଗିଲେ ଓଟିଟି ମୌଳିକତା ଓ ଆକର୍ଷଣ ହରାଇବ। ମୁଁ ନୈତିକତା ଦୃଷ୍ଟିରୁ ଏଭଳି ସେନ୍ସରଶିପ୍‌କୁ ଦୃଢ଼ ବିରୋଧ କରେ। ଜଣେ ନାଗରିକ ଭାବେ ମୋର ମତ ହେଉଛି ସୃଜନଶୀଳ ଲୋକଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ରହିବା ଜରୁରୀ।

-ମନୋଜ ବାଜପେୟୀ, ପ୍ରଖ୍ୟାତ ଅଭିନେତା




## ସେନ୍ସରଶିପ୍ ଦରକାର କି




ପ୍ରେକ୍ଷାଳୟ ପରଦାକୁ ଆସୁଥିବା ଫିଲ୍ମଗୁଡ଼ିକର ସେନ୍ସରଶିପ୍ ଇସ୍ୟୁ ଅନେକ ସମୟରେ ବଡ଼ ଖବର ପାଲଟିଥାଏ। ହେଲେ ମୋବାଇଲ୍ ସ୍କ୍ରିନ୍‌ରେ ଆସୁଥିବା ୱେବ୍ ସିରିଜ୍ ସମ୍ପୃକ୍ତ ଓଟିଟି ପ୍ଲାଟ୍‌ଫର୍ମର ସେଲ୍ଫ ସେନ୍ସରଶିପ୍ କୋଡ୍ ଦ୍ୱାରା ପରିଚାଳିତ ହୋଇଥାଏ। ଏଭଳି ସମୟରେ ସରକାର ସବୁ ଓଟିଟି ଏବଂ ନ୍ୟୁଜ୍ ସାଇଟ୍‌କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନକୁ ଆଣିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଏହାର ପ୍ରାସଙ୍ଗିକତା ନେଇ ପ୍ରଶ୍ନ ଉଠିଛି। ଓଟିଟି ପ୍ଲାଟଫର୍ମକୁ ସେନ୍ସରଶିପ୍ ଗାଇଡ୍‌ଲାଇନ୍ ଅଧୀନକୁ ଅଣାଗଲେ ଦର୍ଶକମାନେ କ୍ଷତି ସହିବେ। ଏହି ପ୍ଲାଟ୍‌ଫର୍ମଗୁଡ଼ିକର କଣ୍ଟେଣ୍ଟକୁ ଅସୀମିତ ପହଞ୍ଚ ରହୁଥିବାରୁ ସ୍ୱଳ୍ପ କଟକଣା ଲାଗୁ ହେଲେ ବୟସ୍କ ପିଲାମାନଙ୍କୁ ସେମାନଙ୍କ ବୟସ ତୁଳନାରେ ଅନୁପଯୁକ୍ତ ତଥା ମୂଲ୍ୟବୋଧ ଓ ସଂସ୍କୃତି ପାଇଁ କ୍ଷତିକାରକ ଦୃଶ୍ୟରୁ ରକ୍ଷା କରାଯାଇପାରିବ। ଅପରପକ୍ଷେ ଏଭଳି କଟକଣା ଯୋଗୁ ୱେବ୍ ସିରିଜ୍ ଷ୍ଟୋରିଗୁଡ଼ିକର ମୌଳିକତା ରହିବ ନାହିଁ ବୋଲି ଅନେକ କଣ୍ଟେଣ୍ଟ କ୍ରିଏଟର ଆଶଙ୍କା କରୁଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ନିଜ ସେନ୍ସରଶିପ୍‌କୁ ଏଡ଼ାଇ ପରିପକ୍ୱତା ଦେଖାଇବା ଉଚିତ। କ୍ଷମତାରେ ଥିବା ଦଳ, ଗୋଷ୍ଠୀ ବା ନେତାଙ୍କୁ ନ ସୁହାଇଲା ଭଳି ଓ ସେମାନଙ୍କ ମୁଖା ଖୋଲି ଦେଉଥିବା କଣ୍ଟେଣ୍ଟ ଉପରେ ସରକାର ଜାଣିଶୁଣି କଠୋର ଆଭିମୁଖ୍ୟ ଦେଖାଇପାରନ୍ତି। ଏପରି ହେଲେ ମନୋରଞ୍ଜନ ଉପରେ ଅଯଥା ହସ୍ତକ୍ଷେପ ଲାଗିରହିବ ଏବଂ ଅସହିଷ୍ଣୁତା ବଢ଼ିବ।

# ନେଟ୍‌ଫ୍ଲିକ୍ସ ବନାମ ଆମାଜନ ପ୍ରାଇମ୍

କରୋନା ଭାଇରସ୍ ଆସିବା ପରେ ଭାରତୀୟ ଦର୍ଶକମାନଙ୍କ ଫିଲ୍ମ ଦେଖିବା ଧାରାରେ ଅନେକ ପରିବର୍ତ୍ତନ ଆସିଛି। ମହାମାରୀ ଯୋଗୁ ଦେଶରେ ଥିଏଟରଗୁଡ଼ିକ ଅନେକ ମାସ ଧରି ବନ୍ଦ ହୋଇଯିବା ଫଳରେ ଓଟିଟି ପ୍ଲାଟଫର୍ମଗୁଡ଼ିକର ଲୋକପ୍ରିୟତା ଅତ୍ୟଧିକ ବୃଦ୍ଧିପାଇଛି। ଲକ୍ଷ ଲକ୍ଷ ଲୋକ ନେଟ୍‌ଫ୍ଲିକ୍ସ ଓ ଆମାଜନ୍ ପ୍ରାଇମ୍‌ର ସବ୍‌ସ୍କ୍ରାଇବର ହୋଇଛନ୍ତି। ତେବେ ନିଜ ଆବଶ୍ୟକତା ଅନୁସାରେ କେଉଁ ପ୍ଲାଟଫର୍ମକୁ ବାଛିବେ ସେନେଇ ଅନେକ ଦର୍ଶକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ମଧ୍ୟ ରହିଛି। ନେଟ୍‌ଫ୍ଲିକ୍ସ ଓ ଆମାଜନ୍ ପ୍ରାଇମ୍ ଭାରତୀୟ ବଜାରକୁ ଦଖଲ କରିଥିବା ଦୁଇଟି ଅଗ୍ରଣୀ ଓଟିଟି ଜାଏଣ୍ଟ।




## ଅନ୍ତର୍ଜାତୀୟ କଣ୍ଟେଣ୍ଟ ପାଇଁ ସବୁଠୁ ଭଲ

କ୍ଲାସିକ୍ ଗ୍ଲୋବାଲ କଣ୍ଟେଣ୍ଟ ଦେଖିବାକୁ ଚାହୁଁଥିବା ଦର୍ଶକଙ୍କ ପାଇଁ ସର୍ବୋତ୍ତମ ପସନ୍ଦ ହେଉଛି ନେଟ୍‌ଫ୍ଲିକ୍ସ। ଷ୍ଟ୍ରେଞ୍ଜର ଥିଙ୍ଗସ, ସ୍ପାର୍ଟାକସ୍, ଓଜାର୍କ, ଜୁ ଡାର୍କ, ଅମ୍ବ୍ରେଲା ଏକାଡେମୀ, ପିକି ବ୍ଲାଇଣ୍ଡର୍ସ ଭଳି ଅନେକ କ୍ୱାଲିଟି ସିରିଜ୍ ଦେଉଥିବାରୁ ବିଙ୍ଗେ-ୱାଚିଂ କ୍ଷେତ୍ରରେ ମଧ୍ୟ ନେଟ୍‌ଫ୍ଲିକ୍ସ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏଥିରେ ସକ୍ରେଡ୍ ଗେମ୍ସ ଭଳି ଲୋକପ୍ରିୟ ସିରିଜ୍ ମଧ୍ୟ ରହିଛି। ସିନେମାକୁ ଯେଉଁମାନେ ସିରିୟସ୍‌ଲି ନେଇଥାନ୍ତି, ସେମାନଙ୍କ ପାଇଁ ନେଟ୍‌ଫ୍ଲିକ୍ସ ହେଉଛି ପରଫେକ୍ଟ ଡେଷ୍ଟିନେଶନ। ତେବେ ଭାରତୀୟ ବିଷୟବସ୍ତୁ କଥା ବିଚାର କଲେ ଏହା ଆମାଜନ୍ ପ୍ରାଇମ୍ ଭିଡିଓଠାରୁ ଅନେକ ପଛରେ ରହିଛି। ଏହି ଓଟିଟି ପ୍ଲାଟ୍‌ଫର୍ମର ମାସିକ ଏଚ୍‌ଡି ସବ୍‌ସ୍କ୍ରିପ୍ସନ ୬୪୯ ଟଙ୍କା।

## ଶସ୍ତାରେ ଦେଶୀ ମନୋରଞ୍ଜନ

ଆମାଜନ୍ ପ୍ରାଇମ୍ ଭିଡିଓ ଇ-କମର୍ସ କମ୍ପାନୀ ଆମାଜନ୍ ଦ୍ୱାରା ବିକଶିତ ଏକ ଓଟିଟି ପ୍ଲାଟଫର୍ମ। ଏହା ଭାରତୀୟ ଦର୍ଶକଙ୍କ ପାଇଁ ଶସ୍ତାରେ ଦେଶୀ ଏଣ୍ଟରଟେନ୍‌ମେଣ୍ଟ ଶପ୍ ପାଲଟିଛି। ଏହି ପ୍ଲାଟଫର୍ମରେ ଅନେକ ଭାରତୀୟ ଆଞ୍ଚଳିକ ଭାଷାରେ ବିଷୟବସ୍ତୁର ବହୁ ଡାଟାବେସ୍ ରହିଛି। ନିକଟରେ ଆମାଜନ୍ ପ୍ରାଇମ୍ ମୋଲିଉଡ୍ ମୁଭି ଦୃଶ୍ୟମ୍ ୨ ଓ ତାମିଲ ସିନେମା ମାଷ୍ଟର ଭଳି ବହୁ ଫିଲ୍ମର ପ୍ରିମିୟରିଂ ରାଇଟ୍ସ ମଧ୍ୟ ଆଣିଛି। ଆମାଜନ୍ ପ୍ରାଇମ୍ ଭିଡିଓର ବାର୍ଷିକ ସବ୍‌ସ୍କ୍ରିପ୍ସନ ହେଉଛି ୯୯୯ ଟଙ୍କା। ମାସିକିଆ ଭାବେ ଦେଖିଲେ ବି ମାତ୍ର ୧୨୯ ଟଙ୍କାରେ ଉପଲବ୍ଧ ଆମାଜନ୍ ପ୍ରାଇମ୍ ଭାରତରେ ସବୁଠୁ ଶସ୍ତା ଓଟିଟି ବିକଳ୍ପ।

## ସଂକ୍ଷେପରେ

### ବିଜେଡିରୁ ଇସ୍ତଫା ଦେଲେ ଗୋଦାବରୀ



ପଦ୍ମପୁର,୨୫।୨ (ଡି.ଏନ୍.ଏ.)-ଦୀର୍ଘ ୧୮ ବର୍ଷ ବିଜେଡିରେ ରହିବା ପରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପଦ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ଗୋଦାବରୀ ରାଉତ। ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଏଥିସହ ଏହାର ଏକକିତା ନକଲ ଜିଲା ସଭାପତିଙ୍କ ସମେତ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ମନ୍ତ୍ରୀ ଲାଲ୍ ବିହାରୀ ହିମିରିକାଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଅଞ୍ଚଳର ଦିବଂଗତ ଯୁବନେତା ଯଯାତି ସାହୁଙ୍କ ପରଲୋକ ପରେ ଦୀର୍ଘ ୧୮ ବର୍ଷ ଧରି ଶୃଙ୍ଖଳିତ ସଦସ୍ୟଭାବେ ସେ ବିଜେଡିରେ ସଙ୍ଗଠନ କାର୍ଯ୍ୟ ସମ୍ଭାଳିଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ଜିଲା ସଭାପତି ସୁଧୀର ଦାଶଙ୍କ ମନମୁଖି କାର୍ଯ୍ୟର ପ୍ରତିବାଦ କରି ସେ ଉପେକ୍ଷିତ ହୋଇଥିବା ଯୋଗୁ ସେ ଦଳରୁ ଇସ୍ତଫା ଦେଇଥିବା କାରଣ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାଉତଙ୍କ ଇସ୍ତଫା ଯୋଗୁ ବିଜେଡିରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଦଳ ମଧରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି।

### ଖଦି ଗ୍ରାମୋଦ୍ୟୋଗ ବୋର୍ଡ ସଭ୍ୟ ସମ୍ବର୍ଦ୍ଧିତ

ବିଷମକଟକ,୨୫।୨-ବିଜେଡି ଯୁଗ୍ମ ସମ୍ପାଦକ ପୃଥ୍ୱୀରାଜ ସାହୁ ନିକଟରେ ଦ୍ୱିତୀୟ ଥର ପାଇଁ ଓଡ଼ିଶା ଖଦି ଗ୍ରାମୋଦ୍ୟୋଗ ବୋର୍ଡ ସଭ୍ୟ ମନୋନୀତ ହୋଇଛନ୍ତି। ଏନେଇ ଗୁରୁବାର ନେତାଜୀ ସଂସଦ ପକ୍ଷରୁ ସାହୁଙ୍କୁ ବିଷମକଟକ ବ୍ଲକ୍ କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ମୁଖ୍ୟ ଅତିଥିଭାବେ ଗବେଷକ ଶ୍ରୀରଙ୍ଗ ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ବୁଦ୍ଧିଜୀବୀ ସୁବାସ ଚନ୍ଦ୍ର ବକ୍ସି, ତ୍ରିନାଥ ଗୌଡ଼ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବିଜେଡି ବ୍ଲକ୍ ସଭାପତି ଦେବୀ ପଟ୍ଟନାୟକ ଓ ବ୍ଲକ୍ ଯୁବ ବିଜେଡି ନେତା ନାନୁ ପଣ୍ଡା ଉପସ୍ଥିତ ଥିଲେ। ସଭାରେ ବିଷମକଟକର ବୁଦ୍ଧିଜୀବୀ, ଆଇନଜୀବୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଖଦି ଗ୍ରାମୋଦ୍ୟୋଗ ବୋର୍ଡ ସଭ୍ୟଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି।

### ଏପ୍ରିଲ ୩୦ ସୁଦ୍ଧା ପୂର୍ବ ରୁଟ୍‌ରେ ଚାଲିବ ୨ ଏକ୍ସପ୍ରେସ ଟ୍ରେନ୍

ରାୟଗଡା ଅଫିସ,୨୫।୨-ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସ୍ ଏବଂ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଏପ୍ରିଲ ୩୦ ସୁଦ୍ଧା ବ୍ରହ୍ମପୁର ଦେଇ ଚଳାଚଳ କରିବ ବୋଲି ରେଲୱେ ବୋର୍ଡ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଏହାପରେ ଫେବୃୟାରୀ ୨୬ରେ ରାୟଗଡ଼ା ଜିଲା ଯୁବ ବିକାଶ ପରିଷଦ(ୱାଇଭିପି)ପକ୍ଷରୁ ଦିଆଯାଇଥିବା ରେଲରୋକୋକଚ ଏପ୍ରିଲ ୩୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପ୍ରତିଶ୍ରୁତି ପୂରଣ ନ ହେଲେ ମେ ୪ରୁ ରାୟଗଡ଼ା ଜିଲା ବ୍ୟାପୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଲରୋକୋକୁ ତୀବ୍ରତର କରାଯିବ ବୋଲି ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାସ କହିଛନ୍ତି।

### ବିଇଓଙ୍କ ସୀମାନ୍ତ ଗାଁ ଗସ୍ତ

ଚିତ୍ରକୋଣ୍ଡା, ୨୫।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଧୂଳିପୁଟ ପଞ୍ଚାୟତ ଜୁମଡାଙ୍ଗ ଗ୍ରାମକୁ ଗୁରୁବାର ଚିତ୍ରକୋଣ୍ଡା ବିଇଓ ଗାୟତ୍ରୀ ଦେବୀ ଗସ୍ତ କରିଛନ୍ତି। ସେଠାକାର ପିଲାଙ୍କ ପାଠପଢ଼ାରେ କିପରି ଉନ୍ନତି ହେବ ସେ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସେଠାକାର ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ପାଇଁ ସ୍ୱାଭିମାନ ଅଞ୍ଚଳ ବଡପଡାସ୍ଥିତ ଆବାସିକ ବିଦ୍ୟାଳୟରେ ପିଲାମାନଙ୍କ ନାମ ଲେଖା, ପାଠପଢ଼ା ଓ ରହଣୀ ବ୍ୟବସ୍ଥା କରାଇଛନ୍ତି। ଜୁମଡାଙ୍ଗରେ ଶୀଘ୍ର ବିଦ୍ୟାଳୟ ଖୋଲିବ ବୋଲି ବିଇଓ ପ୍ରତିଶ୍ରୁତି ଦେଇଛନ୍ତି। ଏଠାକାର ପିଲାମାନେ ଏବେ ଓଡିଆ କହିବେ ଏବଂ ଓଡିଆ ପଢିବେ ବୋଲି ବିଇଓ କହିଛନ୍ତି। ଏହି ଗସ୍ତବେଳେ ବିଆରସିସି ଅଞ୍ଜନ ଚୌଧୁରୀ, ସିଆରସିସି ପିତାମ୍ବର ଖରା ଓ ଶିକ୍ଷକ ବସନ୍ତ ତାଙ୍ଗୁଲ ଉପସ୍ଥିତ ଥିଲେ।ପ୍ରକାଶ ଯେ, ଉକ୍ତ ଜୁମଡାଙ୍ଗ ଗାଁ ଟି ଓଡିଶା ଓ ଆନ୍ଧ୍ର ସୀମାରେ ରହିଛି। ଆନ୍ଧ୍ର ଉକ୍ତ ଗାଁ କୁ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ କରି ବିଭିନ୍ନ ଯୋଜନା ଓ ଉନ୍ନୟନ କାମ କରାଉଥିଲା। ଆନ୍ଧ୍ର ସେମାନଙ୍କୁ ନିଜ ନିର୍ବାଚନ ସାମିଲ କରାଇବାର ଚେଷ୍ଟା କରୁଥିବା ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ସେଠାରେ ପହଞ୍ଚି ଅଞ୍ଚଳର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେଠାରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବ ସହ ଗ୍ରାମକୁ ରାସ୍ତା, ଲୋକଙ୍କୁ ଆବାସ ଘର, ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି।

# ନ୍ୟାୟ ଦାବିରେ ମେଡିକାଲ ସମ୍ମୁଖରେ ବିକ୍ଷୋଭ

- ଡାକ୍ତର ନ ଆସିବାରୁ ରୋଗୀ ମୃତ୍ୟୁ ଘଟଣା
- ଚିତ୍ରକୋଣ୍ଡାର ଦୋକାନ, ବଜାର ବନ୍ଦ
- ମୃତଦେହ ନ ନେଇ ପରିବାର, ଅଞ୍ଚଳବାସୀଙ୍କ ଧାରଣା
- ଏଡିଏମ୍‌ଓଙ୍କ ପ୍ରତିଶ୍ରୁତି ପରେ ହଟିଲା

ଚିତ୍ରକୋଣ୍ଡା,୨୫।୨(ଡି.ଏନ୍.ଏ.)



ଏଡିଏମ୍‌ଓ ପରିବାର ଓ ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ବୁଧବାର ଚିତ୍ରକୋଣ୍ଡା ସାଇମନ୍ଦିର ପଛ ସାହିର ବିଜୁ ନାୟକ(୨୯)ଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅନୁପସ୍ଥିତି, ଘରୁ ଆସିବାରେ ବିଳମ୍ବ ଓ ଚିକିତ୍ସା ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗକରି ମୃତ ଯୁବକଙ୍କ ପରିବାର ଲୋକେ ବୁଧବାର ରାତି ପର୍ଯ୍ୟନ୍ତ ଚିତ୍ରକୋଣ୍ଡା ମେଡିକାଲ ଘେରାଉ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଗୁରୁବାର ମଧ ପରିବାର ଏବଂ ଅଞ୍ଚଳବାସୀ ଡାକ୍ତରଖାନାରୁ ମୃତଦେହ ନ ନେଇ ମୃତ ଯୁବକଙ୍କୁ ନ୍ୟାୟ ଏବଂ ପରିବାରକୁ କ୍ଷତିପୂରଣ ଦାବିରେ ମେଡିକାଲ ଆଗରେ ପୁଣି ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ନ୍ୟାୟ ଦାବିରେ ଗୁରୁବାର ଚିତ୍ରକୋଣ୍ଡାର ସମସ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ମାଲକାନଗିରି ଜିଲା ପ୍ରଶାସନ ପହଞ୍ଚି ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା ଅନ୍ୟପକ୍ଷରେ ଦୀଘ ସମୟ ଧରି ମେଡିକାଲ ୱାର୍ଡରୁ ମୃତଦେହ ନ ନେବା ଯୋଗୁ ଅନ୍ୟ ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନ ଗୋଟାଏ ବେଳେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ(ମ୍ୟାଲେରିଆ) ଧନେଶ୍ୱର ମହାପାତ୍ର ପହଞ୍ଚି ମୃତ ବିଜୁଙ୍କ ପରିବାର ଓ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିବା ସହ ଯୁବକଙ୍କ ମୃତ୍ୟୁକୁ ନେଇ ସେ ଦୁଃଖ ପ୍ରକାଶ କରିଥିଲେ। ଏଥିସହ ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଏବଂ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯୁବକଙ୍କ ମୃତ୍ୟୁ ପାଇଁ ଯିଏ ଦାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ନିମନ୍ତେ ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା। ସେହିପରି ଚିତ୍ରକୋଣ୍ଡା ଥାନାରେ ୩୦/୨୧ରେ ଏକ ମାମଲା ରୁଜୁ କରାଯାଇ ବିଜୁଙ୍କ ମୃତଦେହ ଜବତ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ବୁଧବାର ରାତିରୁ ଡାକ୍ତରଖାନାରେ ପୋଲିସ ମୁତୟନ ହୋଇଥିଲେ।

## ପୁଣି ଜଣେ ଜମାକାରୀଙ୍କ ପକ୍ଷରୁ ଏତଲା

କାଲିମେଲା,୨୫।୨(ଡି.ଏନ୍.ଏ)

**ଭେଜାଙ୍ଗିବାଡ଼ା ଗ୍ରାମ୍ୟ ଡାକଘରେ ଟଙ୍କା ହଡପ ଘଟଣା**

ମାଲକାନଗିରି ଜିଲା କାଲିମେଲା ଡାକଘର ଅଧୀନ ଭେଜାଙ୍ଗିବାଡ଼ା ଗ୍ରାମ୍ୟ ଡାକଘରେ ଶତାଧିକ ଜମାକରୀଙ୍କ ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହଡପ ଘଟଣାରେ ଜମାକାରୀ ଟଙ୍କା ଫେରିପାଇବା ନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ସେପଟେ ଲୋକଙ୍କ ଠାରୁ ଟଙ୍କା ନେଇ ପାସ୍‌ବୁକ ଖାତାରେ ଦସ୍ତଖତ୍ତ କରିଥିବା ବେଜାଙ୍ଗିବାଡ଼ା ଡାକଘର ପୋଷ୍ଟ ମାଷ୍ଟର ଏ ପର୍ଯ୍ୟନ୍ତ ଫେରାର ଥିବାରୁ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିବା ସହ ସେମାନେ ଚିନ୍ତାରେ ଅଛନ୍ତି। ଗୁରୁବାର ଜଣେ ଜମାକାରୀ ଅନ୍ୟ ଉପାୟ ନ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଭେଜାଙ୍ଗିୱାଡ଼ା ଗ୍ରାମର ରାଜୁବାବୁ ଦୁଡାଲ ପୋଷ୍ଟମାଷ୍ଟରଙ୍କ ନାମରେ କାଲିମେଲା ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନାଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି । ଏ ନେଇ ପୋଲିସ ଏକ ମାମଲା ରଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଏତଲା ଦେଇଥିବା ରାଜୁବାବୁ ଜଣେ ଗାଡ଼ି ଚାଳକ। ସେ ୧ଲକ୍ଷ ୭୭ହଜାର ଟଙ୍କା ଭେଜାଙ୍ଗିୱାଡ଼ା ଡାକଘରେ ଜମା କରିବାକୁ ପୋଷ୍ଟମାଷ୍ଟର ମନ ଖରାଙ୍କୁ ଦେଇଥିଲେ। ତେବେ ତାଙ୍କ ପାସ୍‌ବୁକରେ ଅଳ୍ପ ଟଙ୍କା ଜମା ହୋଇଥିବାବେଳେ ବଳକା ଟଙ୍କା ହଡ଼ପ ହୋଇଥିବା ସେ ଜାଣିବାକୁ ପାଇଥିଲେ। ପୋଲିସ ଅଭିଯୋଗ ଅନୁଯାୟୀ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଗଞ୍ଜେଇ ଚାଲାଣରେ ସରକାରୀ କର୍ମଚାରୀ ସମ୍ପୃକ୍ତ

ମାଲକାନଗିରି,୨୫।୨(ଡି.ଏନ୍.ଏ.) – ମାଲକାନଗିରି ଜିଲାରେ ବିଭିନ୍ନ ଉପାୟରେ ଗଞ୍ଜେଇ ଚାଲାଣ ବଢୁଛି। ବୁଧବାର ଏକ ପଣସ ଓ କଖାରୁ ବୋଝେଇ ଗାଡ଼ିରେ ଗଞ୍ଜେଇ ଚୋରାଚାଲାଣ ବେଳେ ଅବକାରୀ ବିଭାଗ ଧରିଥିଲା। ଏହି ଘଟଣାରେ ଚାଳକଙ୍କ ସମେତ ୨ଜଣଙ୍କୁ ଅଟକ ରଖିଥିବାବେଳେ ତଦନ୍ତ ପରେ ଏମ୍‌ଭି-୭ ଗ୍ରାମର ଗାଡ଼ି ଚାଳକ ସଞ୍ଜୀବ୍ ହୀରାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସେହିପରି ଏ ବିଷୟରେ ଗୁରୁବାର ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ୍ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇ କହିଛନ୍ତି, ଏଥିରେ ଅନ୍ୟ ୧୦ଜଣ ସମ୍ପୃକ୍ତ ଥିବାବେଳେ ଏମାନଙ୍କ ମଧ୍ୟରେ କେତେଜଣ ସରକାରୀ କର୍ମଚାରୀ ରହିଛନ୍ତି। ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଥିବାବେଳେ ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜବତ ଗଞ୍ଜେଇ ଚିତ୍ରକୋଣ୍ଡା ଖଡ଼ିକାଜଡ଼ ଅଞ୍ଚଳରୁ ଛତିଶଗଡ଼କୁ ଚାଲାଣ ହେଉଥିଲା। ମାଲକାନଗିରି-କୋରୁକୋଣ୍ଡା ରାସ୍ତାରେ ପାଟ୍ରୋଲିଂବେଳେ ସୂଚନା ପାଇ ବାଲିମେଲା ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ପିକ୍‌ଅପକୁ ଅବକାରୀ ଅଧିକାରୀ ବିଭାଗ ଟିମ୍ ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ଭ୍ୟାନ୍‌ଟି ନ ଅଟକି ଚାଲିଯାଇଥିଲା। ଟିମ୍ ଗାଡ଼ିର ପିଛା କରି ଅଟକାଇବାରେ ସଫଳ ହୋଇଥିଲା। ପରେ ଗାଡ଼ି ଯାଞ୍ଚବେଳେ ପଣସ ଏବଂ କଖାରୁ ତଳେ ଗଞ୍ଜେଇ ରଖି ଚାଲାଣ କରାଯାଉଥିବା ଜଣାପଡ଼ିଥିଲା। ଗାଡ଼ିରୁ ୩୧ ବସ୍ତା(୮କୁଇଣ୍ଟାଲ) ଗଞ୍ଜେଇ ଜବତ କରାଯାଇଥିଲା। ଏହାର ମୂଲ୍ୟ ଗଞ୍ଜେଇର ମୂଲ୍ୟ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ଜୁଆ ଆଡ୍ଡାରୁ ୨ ଜୁଆଡ଼ି ଗିରଫ

ମାଲକାନଗିରି,୨୫।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଶିଖପାଲ୍ଲୀ ସାପ୍ତାହିକ ହାଟରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉ କରି ପୋଲିସ ୨ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪ହଜାର୨ଶହ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ ମାଲକାନଗିରି ଥାନା ଅଧୀନ ଶିଖପାଲ୍ଲୀ ସାପ୍ତାହିକ ହାଟରେ ଜୁଆଆଡ୍ଡା ଚାଲିଥିଲା। ଅନେକ ଲୋକ ଜୁଆ ଖେଳରେ ଅର୍ଥ ଲଗାଉଥିଲେ। ପୋଲିସ ଖବର ପାଇ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ରାମପ୍ରସାଦ ନାଗଙ୍କ ନେତୃତ୍ୱରେ ଟିମ୍ ଚଢାଉ କରିଥିଲା। ପୋଲିସଙ୍କୁ ଦେଖି ସେଠାରେ ଅର୍ଥ ଲଗାଇ ଖେଳୁଥିବା ଜୁଆଡିମାନେ ଖସି ପଳାଇଥିଲେ। ଘଟଣାସ୍ଥଳରୁ ୨ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଖେଳ ସାମଗ୍ରୀ ଜବତ କରାଯାଇଛି।

## ରାମଚନ୍ଦ୍ର ହେଲେ ମେଟୁଖିଲିଙ୍ଗିରାଇ ସରପଞ୍ଚ

ଗୁଡାରି,୨୫।୨(ଡି.ଏନ୍.ଏ.)



ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ମେଟୁଖିଲିଙ୍ଗିରାଇ ସରପଞ୍ଚ ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ରାମଚନ୍ଦ୍ର ଗମାଙ୍ଗ ବିଜୟୀ ହୋଇଛନ୍ତି। ବୁଧବାର ଉପନିର୍ବାଚନ ହୋଇଥିବାବେଳେ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟରେ ଗଣତି ହୋଇଥିଲା। ରାମଚନ୍ଦ୍ର ୧୩୫୪ ଭୋଟ ପାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଯଶୋଦା ଶବରଙ୍କୁ ପରାଜିତ କରିଛନ୍ତି। ଯଶୋଦା ୮୬୧ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ୬୪ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି। ଗୁଡାରି ବିଡିଓ ତଥା ଉପନିର୍ବାଚନ ଅଧିକାରୀ ନୃସିଂହ ଚରଣ ସେଠୀ, ତହସିଲଦାର ଭାରତୀ ଦେବୀ, ଥାନାଧିକାରୀ ସୁଶାନ୍ତ କୁମାର ତାଡଡ଼ିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋଟ ଗଣତି ହୋଇଥିଲା। ଶୁକ୍ରବାର ନିର୍ବାଚନ ଅଧିକାରୀ ଅନୁଷ୍ଠାନିକଭାବେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ଜଣାପଡ଼ିଛି।

# କାଲିମେଲା ଗସ୍ତରେ ନୀତି ଆୟୋଗ ଅଧିକାରୀ



ଅଧିକାରୀମାନେ ସାଥୀ କେନ୍ଦ୍ର ବୁଲି ଦେଖୁଛନ୍ତି।

- ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା
- ବୁଲି ଦେଖିଲେ ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର

କାଲିମେଲା,୨୫।୨(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି ନୀତି ଆୟୋଗର ଅଧିକାରୀ ରଞ୍ଜିତ କୁମାର ମିଶ୍ର। ଗୁରୁବାର ସେ ଦିନିକିଆ ଗସ୍ତରେ ଆସି କାଲିମେଲା ବ୍ଲକ୍ ଅଫିସ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ଆଦି ବୁଲି ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଥିଲେ। ପରିଦର୍ଶନ ବେଳେ ଜିଲା ଅଧିକାରୀଭାବେ ଡିଆର୍‌ଡିଏର ପ୍ରକଳ୍ପ ଅଧିକାରୀ ବାଳକୃଷ୍ଣ ଭୂୟାଁ, ଡିଇଓ ରମେଶ ଚନ୍ଦ୍ର ସେଠୀ, ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନୀ ପ୍ରଧାନ, କାଲିମେଲା ବିଡିଓ ଉମାଶଙ୍କର ଦଳାଇ, ତହସିଲଦାର ଆଲୋକ କୁମାର ଅନୁଗୁଳିଆ, ସିଡିପିଓ ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ମିଶ୍ର କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟସେବା ବିଷୟରେ ମେଡିକାଲ ଇନ୍‌ଚାର୍ଜ ଡା. ଅଭିଦ୍ ହୁସେନ ଖାନ୍‌ଙ୍କୁ ପଚାରି ବୁଝିଥିଲେ। ଏଥିସହ ଚିକିତ୍ସିତ ରୋଗୀଙ୍କୁ ପଚାରି ସେମାନଙ୍କ ସମସ୍ୟା ବୁଝିଥିଲେ। ପରେ କାଲିମେଲା ତହସିଲ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ତହସିଲଦାରଙ୍କ ସହ ଆଲୋଚନାକରି ସନ୍ତୋଷ ବ୍ୟକ୍ତ କରିଥିଲେ। ଏଠାରୁ ସେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ଶିକ୍ଷା ନିମନ୍ତେ ତହସିଲ ନିକଟରେ ଥିବା ସାଥୀ କେନ୍ଦ୍ରକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। ସେହିପରି ଏମ୍‌ଭି-୮୧ ଗସ୍ତରେ ଯାଇ ସ୍ଥାନୀୟ ଅପ୍‌ଗ୍ରେଡ୍ ହାଇସ୍କୁଲରେ ପିଲାଙ୍କ ସମସ୍ୟା ବୁଝିଥିଲେ ଏବଂ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାପରେ କାଲିମେଲା ବ୍ଲକ୍‌ର ୧୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଚାଲିଥିବା ଆଦର୍ଶ ଗ୍ରାମ୍ୟ ଯୋଜନା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, କୃଷି ବୀମା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆଦି ଗ୍ରାମାଞ୍ଚଳରେ ସମସ୍ତଙ୍କ ନିକଟରେ ପହଞ୍ଚିଛି କି ନାହିଁ ତାହାର ସମୀକ୍ଷା କରିଥିଲେ।

## ସୋରିଷପଦରରେ ଲେମନ ଗ୍ରାସ୍ ପ୍ରକ୍ରିୟାକରଣ ୟୁନିଟ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୟୁଏଆଇଏଲ୍ ୟୁନିଟ ମୁଖ୍ୟ, ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ଓ ଅନ୍ୟମାନେ।

**କୃଷକଙ୍କ ସ୍ଥାୟୀ ଉପାର୍ଜନକୁ ୟୁଏଆଇଏଲ୍‌ର ପ୍ରୋତ୍ସାହନ**

ରାୟଗଡ଼ା ଅଫିସ/ଟିକିରି, ୨୫।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ସୋରିଷପଦର ଗ୍ରାମରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍(ୟୁଏଆଇଏଲ୍) ସହାୟତାରେ ଏକ ଲେମନ ଗ୍ରାସ୍ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ହୋଇଛି। ୟୁଏଆଇଏଲ୍‌ର ୟୁନିଟ ମୁଖ୍ୟ ମଜହର ବେଗ୍ ଏବଂ ରାୟଗଡ଼ା ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଏ ପର୍ଯ୍ୟନ୍ତ ଉଭୟ ଖଣି ଓ ବିଶୋଧନାଗାର ପାରିପାର୍ଶ୍ୱିକ ୧୬ଟି ଗ୍ରାମରେ ୧୧୧ଚାଷୀ ୧୬୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଲେମନ ଗ୍ରାସ୍ ଚାଷ କରୁଛନ୍ତି। ସେହିପରି ଯୋଗୀ ପାରିତୁଣ୍ଡା ଏବଂ ସୋରିଷପଦର ଗାଁରେ ୨ଟି ଲେମନ ଗ୍ରାସ୍ ତୈଳ ନିଷ୍କାସନ ୟୁନିଟ ସ୍ଥାପନ କରାଯାଇଛି। ଚଳିତ ବର୍ଷ ଏହି ଚାଷ ଆଉ ୨୦୦ ଏକର ଜମିକୁ ସମ୍ପ୍ରସାରିତ କରାଯାଇଛି। ଏଥିସହ ଆଉ ୨ଟି ତୈଳ ନିଷ୍କାସନ ୟୁନିଟ ସ୍ଥାପନର ଯୋଜନା ରହିଥିବା ଜଣାପଡ଼ିଛି। କୃଷକଙ୍କ ନିମନ୍ତେ ସ୍ଥାୟୀ ଜୀବିକା ଉପାର୍ଜନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କମ୍ପାନୀ ଏବଂ ଉଦ୍ୟାନ କୃଷି ବିଭାଗର ମିଳିତ ଉଦ୍ୟମକୁ ୟୁଏଆଇଏଲ୍ ୟୁନିଟ ମୁଖ୍ୟ ବେଗ୍ ପ୍ରଶଂସା କରିଛନ୍ତି। ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ଏହି ଉଦ୍ୟୋଗ ସ୍ଥାପନ ନିମନ୍ତେ ଜଣେ ସ୍ଥାନୀୟ ଉଦ୍ୟୋଗୀ ତଥା ଚାଷୀ ଗୌରାଙ୍ଗ ବିଷୋୟୀଙ୍କୁ ସହାୟତା ମଧ୍ୟ ଯୋଗାଇଦେଇଥିବା ଜଣା ପଡ଼ିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୟୁଏଆଇଏଲ୍‌ର ଉପସଭାପତି ସୁଧାକର ବିଶ୍ୱାଳ, ଜେନେରାଲ ମ୍ୟାନେଜର(ମାଇନ୍ସ) ମୁକେଶ ଝା, ଜେନେରାଲ ମ୍ୟାନେଜର(ସିଏସ୍‌ଆର୍) ଶିବ ମହାପାତ୍ର, ଜେନେରାଲ ମ୍ୟାନେଜର(ସିଆର୍ ଏଣ୍ଡ ଏସ୍) ଲୋପାମୁଦ୍ରା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ଚାଟଶାଳୀ ଅଭିଯାନରେ ଶିକ୍ଷୟିତ୍ରୀ-ଶିକ୍ଷକଙ୍କୁ ତାଲିମ

ମାଲକାନଗିରି,୨୫।୨(ଡି.ଏନ୍.ଏ.)



ଚାଟଶାଳୀରେ ତାଲିମ ଦିଆଯାଉଛି ।

ଶ୍ରମଜୀବି ସଙ୍ଗଠନ ଓ ମହିଳା ଶ୍ରମଜୀବି ସଙ୍ଗଠନ ମାଲକାନଗିରି ଶାଖା ପକ୍ଷରୁ ୭ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମୋ ଚାଟଶାଳୀ ଅଭିଯାନରେ ସ୍ୱେଚ୍ଛାସେବୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ସଙ୍ଗଠନର କର୍ମକର୍ତ୍ତା ଗୀତାଞ୍ଜଳୀ ମହାନ୍ତି, ଚିତ୍ତରଞ୍ଜନ ସାହୁ, ଓଡ଼ିଶା ଶ୍ରମଜୀବି ମଞ୍ଚ, ମହିଳା ଶ୍ରମଜୀବି ମଞ୍ଚ, ଓଡ଼ିଶା ଓ ଆତ୍ମଶକ୍ତି ଟ୍ରଷ୍ଟ ପକ୍ଷରୁ ଚିତ୍ତରଞ୍ଜନ ପ୍ରଧାନ, ବଟକୃଷ୍ଣ ସାହୁ ତାଲିମ ଦେଇଛନ୍ତି। କରୋନା ମହାମାରୀ ଯୋଗୁ ପ୍ରାୟ ବର୍ଷେ ହେଲା ପିଲାଙ୍କ ପାଠପଢ଼ା ଏକପ୍ରକାର ବନ୍ଦ ଥିବାବେଳେ ଗ୍ରାମାଞ୍ଚଳରେ ପିଲାଙ୍କ ପାଠପଢ଼ା ପଛେଇ ଯାଇଥିବା ପରିଲକ୍ଷିତ ହୋଇଛି। ଏଥିପାଇଁ ମାଲକାନଗିରି ସଙ୍ଗଠନ ପକ୍ଷରୁ ମୋ ଚାଟଶାଳୀ କେନ୍ଦ୍ର ମାଧ୍ୟମରେ ବ୍ୟବସ୍ଥାରେ ସୁଧାର ଆଣିବା, ଶିକ୍ଷା କ୍ଷେତ୍ରରେ ଦୁର୍ବଳ ଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଗୁଣାତ୍ମକ ଶିକ୍ଷାଦାନ ଦ୍ୱାରା ସମାନ ସ୍ତରକୁ ଆଣିବା ପାଇଁ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକଙ୍କୁ ତାଲିମ ଦିଆଯାଇଛି। ଏହାଦ୍ୱାରା ୧୭ ଗୋଟି ଆଦିବାସୀ ଓ ପଛୁଆ ଜିଲାର ୧ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ତାଲିମ ଦାତାମାନେ କହିଛନ୍ତି। ଏଥିରେ ଖେଳକୁଦ, ନାଚ, ଗପ, ଗୀତ, ଦଣ୍ଡ ନ ଦେବା, ସରକାରଙ୍କ କୋଭିଡ୍ କଟକଣା ମାନି ଶିକ୍ଷାଦାନ କରିବା ବିଷୟରେ ତାଲିମ ଦିଆଯାଇଛି।

# ୪ର୍ଥ ଦିନରେ ଟ୍ରାକ୍ଟର ମାଲିକ ସଂଘର ଅନଶନ

ରାୟଗଡ଼ା ଅଫିସ,୨୫।୨–

**ସମସ୍ତ ବାଲିଘାଟର ଟେଣ୍ଡର, ନିଲାମ ଦାବି**

ରାୟଗଡ଼ା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ରିଲେ ଅନଶନ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ସଂଘର ସଭାପତି ପଦ୍ମନାଭ ଦାଶଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ସୋମବାରଠାରୁ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ବାଲି ନିଲାମଧାରୀ ଏବଂ ରାୟଗଡ଼ା ତହସିଲଦାରଙ୍କ ମନମୁଖି କାର୍ଯ୍ୟର ଅଭିଯୋଗ କରି ସଂଘର ଆନ୍ଦୋଳନ ଜାରି ରହିଛି। ଯେଉଁ ବାଲିଘାଟର ଟେଣ୍ଡର ବା ଲିଜ୍ ହୋଇଛି ସେଠାରୁ ବାଲି ଉଠାଣ କରି ଅନ୍ୟ ସ୍ଥାନକୁ ନେବାବେଳେ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ଫଳରେ ଟ୍ରାକ୍ଟର ମାଲିକମାନେ ଅଧିକ କ୍ଷତି ସହୁଛନ୍ତି। ବ୍ୟାଙ୍କରୁ ଋଣ ଆଣିଥିବାବେଳେ ଅଧିକ ପରିମାଣରେ ଜରିମାନା ଦେବା ମାଲିକଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ତେଣୁ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ 'ୱାଇ' ଫର୍ମର ବ୍ୟବସ୍ଥା ଶୀଘ୍ର କରିବା, ବାହାର ରାଜ୍ୟକୁ ବାଲି ଚାଲାଣ ବନ୍ଦ କରି କାର୍ଯ୍ୟାନୁଷ୍ଠାନ, ଜିଲାରେ ଥିବା ସମସ୍ତ ବାଲିଘାଟର ଟେଣ୍ଡର ଏବଂ ନିଲାମ କରିବାକୁ ମାଲିକ ସଂଘ ଦାବି କରିଛି। ଏଥିରେ ସଂଘର ସମ୍ପାଦକ ବିବେକାନନ୍ଦ ସାହୁଙ୍କ ସମେତ ସଦସ୍ୟମାନେ ସାମିଲ ଅଛନ୍ତି। ଏହି ଆନ୍ଦୋଳନକୁ ବିଭିନ୍ନ ରାଜନୈତିକ ଦଳ ଏବଂ ଅଟୋ ଚାଳକ ସଂଘ ମଧ ସମର୍ଥନ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଟ୍ରାକ୍ଟର ମାଲିକ ସଂଘର ଆନ୍ଦୋଳନ ଯୋଗୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ମଧ ବନ୍ଦ ରହିଛି। ତେବେ ତହସିଲଦାର କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିବା ସଂଘ ପକ୍ଷରୁ ସୂଚନା ମିଳିଛି।

# କଂଗ୍ରେସ ଗଡ଼ରେ ବିଜେଡିର ଶଙ୍ଖନାଦ

- ପଦ୍ମପୁର(ଖ) ଜିଲା ପରିଷଦ ଉପନିର୍ବାଚନ ଫଳାଫଳ
- ବିପୁଳ ଭୋଟରେ ବିଜୟ

ପଦ୍ମପୁର, ୨୫।୨ (ଡି.ଏନ୍.ଏ.)



ବିଜେଡି ପକ୍ଷରୁ ବାହାରିଥିବା ବିଜୟ ଶୋଭାଯାତ୍ରା।

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ର ୭ଟିପଞ୍ଚାୟତ ଯଥା ନୂଆଗଡ଼, ଗୁଲୁଗୁଡ଼ା, ଲିଙ୍ଗିପଦର, ତେମ୍ବାଗୁଡ଼ା, ଆଖୁସିଂ, ଇନ୍ଦୁପୁର ଓ ଜାଡିଲିଙ୍କୁ ନେଇ ଗଠିତ 'ଖ' ଜୋନ୍ ଜିଲା ପରିଷଦ ସଭ୍ୟ ନିମନ୍ତେ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳ ୭ଟାରୁ ଗଣତି ଆରମ୍ଭ ହୋଇ ମଧ୍ୟାହ୍ନ ସୁଦ୍ଧା ସରିଥିଲା। ଏଥିରେ ବିଜେଡି ବିପୁଳ ଭୋଟ ହାସଲକରି ବିଜୟୀ ହୋଇଛି। କଂଗ୍ରେସର ଗଡ଼ ଭାଙ୍ଗି ଏହି ପଞ୍ଚାୟତଗୁଡ଼ିକରେ ଶଙ୍ଖନାଦ ଶୁଭିଛି ବୋଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ପ୍ରକାରେ ବିଜେଡି ସର୍ବମୋଟ ୧୦,୫୧୯ ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସ ୨୮୯୬, ଭାଜପା ୧୬୦୨ ଓ ସିପିଆଇ(ଏମ୍‌ଏଲ୍) ୩୪୪ ଖଣ୍ଡ ଭୋଟ ପାଇଛି। ବିଜେଡି କଂଗ୍ରେସଠାରୁ ୭୬୨୩ ଖଣ୍ଡ ଅଧିକ ଭୋଟ ପାଇ ବିଜୟ ହାସଲ କରିଛି। ବିଜେଡି ପ୍ରାର୍ଥୀ କରୁଣା ଶବର ସର୍ବାଧିକ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ କଂଗ୍ରେସର ମାନୁଆଲ ମାଝି ରହିଛନ୍ତି। ତେଣୁ ସମଗ୍ର ପଦ୍ମପୁର ଅଞ୍ଚଳକୁ ବିଜେଡି ଦଖଲ କରିଥିବା କୁହାଯାଉଛି। ସୂଚନାଯୋଗ୍ୟ, ୮୫ଟି ୱାର୍ଡ ପାଇଁ ୮୫ ବୁଥ୍‌ରେ ୨୧,୯୫୫ ଜଣ ମତଦାତା ରହିଥିବାବେଳେ ସେଥିମଧ୍ୟରୁ ୧୧,୩୪୫ ମହିଳା ଭୋଟର ଏବଂ ୧୦,୭୪୫ ପୁରୁଷ ଭୋଟର ରହିଛନ୍ତି। ତେବେ ୨୦୧୯ ଡିସେମ୍ବର ୨୪ରେ କଂଗ୍ରେସ ଦଳର ଜିଲା ପରିଷଦ ସଭ୍ୟ ଥିବା ପୁରୁଷୋତ୍ତମ ଗମାଙ୍ଗଙ୍କ ଦେହାନ୍ତ ପରଠାରୁ ଏହି ପଦବୀ ଖାଲି ପଡ଼ିଥିଲା। ଏବେ ବିଜେଡିରୁ ବିଜୟୀ ହୋଇଥିବା କରୁଣା ଶବର ୨୦୧୭ ନିର୍ବାଚନରେ ୪୧୫୨ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପୁରୁଷୋତ୍ତମ ଗମାଙ୍ଗ ସେତେବେଳେ ୫୧୯୭ ଭୋଟ ପାଇ ବିଜୟୀ ହୋଇଥିଲେ। ତେବେ ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ବିଜେଡି ବିଜୟୀ ହୋଇଛି। ନିର୍ବାଚନକୁ ଜିତେଇବା ପାଇଁ ବିଜେଡିର ବହୁ ତୁଙ୍ଗନେତା ଏଠାରେ ଡେରା ପକାଇ ଲୋକଙ୍କୁ ବୁଝାଇବାରେ ସମର୍ଥ ହୋଇଥିବା ଆଲୋଚନାର ବିଷୟ ହୋଇଛି। ବିଜୟ ପରେ ବିଜେଡି ଶିବିରରେ ଉତ୍ସବ ଶୋଭାଯାତ୍ରା ଦେଖିବାକୁ ମିଳିଛି। ଶୋଭାଯାତ୍ରାରେ ବିଜେଡି ଜିଲା ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାଶ, ବିଧାୟକ ରଘୁନାଥ ଗମାଙ୍ଗ, ଉପସଭାପତି ଗଗନ ଆଚାର୍ଯ୍ୟ, ବ୍ଲକ୍ ଅଧକ୍ଷ ରମାକାନ୍ତ ମାଝି, ପଦ୍ମପୁର ବ୍ଲକ୍ ବିଜେଡି ସଭାପତି ରବିନାରାୟଣ ଆଚାର୍ଯ୍ୟ, ଦାମୋଦର କୈବର୍ତ୍ତ, ରଞ୍ଜିତ ପାଣିଗ୍ରାହୀ, ରଘୁନନ୍ଦନ ନାୟକ, ବି. ମୁରଲି ରାଓ, ଗୋବର୍ଦ୍ଧନ ଶବର, ପିଣ୍ଟୁ ରଣା, ମୁରଲୀ ବାର୍ଲା, ଦେବାଶିଷ ଖାଡ଼ଙ୍ଗା, କୈଳାସ କ୍ରାସ୍କା, ବ୍ରଜସୁନ୍ଦର ପାଣିଗ୍ରାହୀଙ୍କ ସମେତ ଶତାଧିକ ସମର୍ଥକ ସାମିଲ ଥିଲେ। ଗଣତି ସମୟରେ ଗୁଣପୁର ଉପଜିଲାପାଳ ସୋନାଲ୍ ଜେନା, ପଦ୍ମପୁର ଉପନିର୍ବଚାନ ଅଧିକାରୀ ତଥା ବିଡିଓ ଦୟାମୟ ପାଢ଼ୀ ଓ ତହସିଲଦାର ନୀଳମାଧବ ମାଝି ଉପସ୍ଥିତ ଥିଲେ। ପଦ୍ମପୁର ଥାନାଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

### ଚୟନ ମ୍ୟାଚରେ ରେଡ୍ ଦଳ ବିଜୟୀ

ଜୟପୁର,୨୫।୨ (ନି.ପ୍ର.)- ଜୟପୁର ଦଶହରା ପଡିଆରେ ୧୯ ବର୍ଷରୁ କମ୍ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ୪ଟି ଟିମ୍ ଗଠନ କରାଯାଇଛି। ଆଜିର ପ୍ରଥମ ଦିନରେ ରେଡ୍ ଗ୍ରୁପ୍ ଓ ବ୍ଲୁ ଗ୍ରୁପ୍ ପରସ୍ପରକୁ ଭେଟିଥିଲେ। ବ୍ଲୁ ଟିମ୍ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ରେଡ ଟିମ୍ ୭ ଉଇକେଟ ହରାଇ ଜରୁରୀ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ଅତିଥି, ଅମ୍ପାୟାର ଓ ଅନ୍ୟ କର୍ମମର୍ଚ୍ଚାମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାରତ ବନ୍ଦକୁ କୋରାପୁଟ ଚାମ୍ବର୍ସ ଅଫ କମର୍ସର ସମର୍ଥନ

କୋରାପୁଟ,୨୫।୨,(ସ୍ୱ.ପ୍ର.)- ଜିଏସଟି ସରଳୀକରଣ ଦାବିରେ ଶୁକ୍ରବାର ସର୍ବଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। କୋରାପୁଟ ଚାମ୍ବର୍ସ ଅଫ କମର୍ସ ଏହାକୁ ସମର୍ଥନ ଜଣାଇଛି। କୋରାପୁଟରେ ଏକ ହୋଟେଲଠାରେ ଗୁରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଚାମ୍ବର୍ସ ଅଫ କର୍ମସର ସଭାପତି ଅକ୍ଷୟ ପାତ୍ର ସୂଚନା ଦେଇଛନ୍ତି। ଗତ ୩ବର୍ଷରେ ୩୫୦ ଥର ଜିଏସ୍‌ଟି ମୂଲ୍ୟାୟନ ନିୟମ ବଦଳାଯାଇଥିବା କୋରାପୁଟ ବ୍ୟବସାୟୀ ସଂଘ ସମ୍ପାଦକ ଏନ୍ ରମେଶ କହିଛନ୍ତି। ତେଣୁ ଜିଏସଟିର ସରଳୀକରଣ ପାଇଁ ଶୁକ୍ରବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦକୁ ସଫଳ କରିବାକୁ ସଂଘ ନିବେଦନ କରିଛି। ଏହି ସମ୍ମିଳନୀରେ କୋରାପୁଟ ଚାମ୍ବର୍ସ ଅଫ କର୍ମସର ଉପସଭାପତି ପି ମୁରଲୀ କ୍ରିଷ୍ଣା, ଯୁଗ୍ମ ସମ୍ପାଦକ ବି.ଚନ୍ଦ୍ରଶେଖରଙ୍କ ସମେତ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।

### ଅସହାୟଙ୍କ ମୃତଦେହ ସତ୍କାର କଲା 'ବିପଦର ବନ୍ଧୁ'

ଉମରକୋଟ, ୨୫।୨(ସ୍ୱ.ପ୍ର.)- ଜଣେ ଅସହାୟଙ୍କ ମୃତଦେହକୁ ସ୍ଥାନୀୟ 'ବିପଦର ବନ୍ଧୁ' ସାମାଜିକ ଅନୁଷ୍ଠାନ ପକ୍ଷରୁ ସତ୍କାର କରାଯାଇଛି। ଏଥିପାଇଁ ସେମାନଙ୍କୁ ସହରବାସୀ ସାଧୁବାଦ ଜଣାଇଛନ୍ତି। ପ୍ରକାଶ ଯେ, ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଭୋଳାନାଥ ଦୁର୍ଗା(୩୮) ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଦିନ ତଳେ ଭର୍ତ୍ତି ହୋଇଥିଲେ। ତାଙ୍କର କେହି ପରିବାର ଲୋକ କିମ୍ବା ସମ୍ପର୍କୀୟ ନ ଥିବାରୁ ଉମରକୋଟ ମେଡିକାଲ୍ ଅଫିସର ଡକ୍ଟର ସୁକାନ୍ତ ଚରଣ ସେଠୀ 'ବିପଦର ବନ୍ଧୁ'ର ସଦସ୍ୟ ଲଳିତ ସେଠୀଙ୍କୁ ଜଣାଇଥିଲେ। ସଂଗଠନ ସଦସ୍ୟମାନେ ଭୋଳାନାଥଙ୍କ ୭ଦିନ ଧରି ସେବା କରି ଆସୁଥିଲେ। ଏହା ମଧ୍ୟରେ ବୁଧବାର ରାତିରେ ଭୋଳାନାଥଙ୍କ ମୃତ୍ୟୁ ହୋଇଯାଇଥିଲା। 'ବିପଦର ବନ୍ଧୁ' ସଦସ୍ୟମାନେ ଉମରକୋଟ ତହସିଲଦାର ଓ ଥାନାଧିକାରୀଙ୍କ ଅନୁମତି ନେଇ ଗୁରୁବାର ହିନ୍ଦୁ ରୀତିନୀତି ଅନୁଯାୟୀ ଉମରକୋଟ-ଝରିଗାଁ ରୋଡ଼ରେ ଥିବା ଶ୍ମଶାନ ଘାଟରେ ମୃତଦେହ ସତ୍କାର କରାଇଥିଲେ। ଏହି ସମୟରେ ସଂଗଠନର ଲଳିତ ସେଠୀ, ନିଆଲ ଦାସ, ନରେଶ ପଟ୍ଟନାୟକ, ଧୀରଜ ବିଶ୍ୱାସ, ମୁକେଶ ମିର୍ଦ୍ଧା, ଅଭିଜିତ୍ ମଣ୍ଡଳ, ବାବୁଲା ନାୟକ, ସେହେଜାଦ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ବୈଠକ

ପାପଡ଼ାହାଣ୍ଡି,୨୫।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସିତାଂଶୁ ଶେଖର ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ଜିଲା ସମ୍ପାଦକ କାଶୀନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସହ ସପ୍ତମ ବେତନ କମିଶନ କିପରି ଲାଗୁ ହେବ, ସେ ନେଇ ଆଲୋଚନା ହୋଇଥିଲା। କୁସୁମପୁର ହାଇସ୍କୁଲ ବରିଷ୍ଠ ଶିକ୍ଷୟିତ୍ରୀ ବୀଣାପାଣି ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କର ଆଦର୍ଶ, ଶିକ୍ଷାନୀତି ସମସ୍ତଙ୍କୁ ଆକର୍ଷିତ କରିଥିଲା ବୋଲି ଅତିଥିମାନେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଗ୍ୟଧର ପତି, କେନ୍ଦ୍ରାପଡ଼ା ସମ୍ପାଦକ ପ୍ରକାଶ କୁମାର ବଳ, ଯଯାତି କେଶରୀ ସ୍ୱାଇଁ, ଆମ୍‌ଜାଦ ଅଲ୍ଲୀ, ଶେଖ ଯାଉଲ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

### ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

ନବରଙ୍ଗପୁର,୨୫।୨(ବି.ପ୍ର.)-ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ପାପଡାହାଣ୍ଡି ବ୍ଲକର ତୁମୁର୍ଲାରେ ମହିଳା ଉଦ୍ୟୋଗୀ ଶତାବ୍ଦୀ ପାଳଙ୍କ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ରକୁ



ଉଦ୍‌ଘାଟନ କରିଛନ୍ତି। ଶତାବ୍ଦୀ ପ୍ରଥମେ ୧.୩୦ ଏକର ରେ ଲେମ୍ବୁ ଘାସ ଚାଷ କରିବା ପରେ ବର୍ତ୍ତମାନ ବିଭିନ୍ନ କିସମର ଛତୁ ଚାଷ ସହ ମଞ୍ଜି ଉତ୍ପାଦନ ମଧ କରୁଛନ୍ତି। ବର୍ତ୍ତମାନ ପାଳ ଛତୁ,ଡିଙ୍ଗିରି ଛତୁ ଉତ୍ପାଦନ କରୁଥିବା ବେଳେ ଆଗକୁ ଔଷଧୀୟ ଛତୁ ଉତ୍ପାଦନ କରିବା ପାଇଁ ଯୋଜନା ରହିଛି। ପ୍ରାୟ ୧୫ଲକ୍ଷ ଟଙ୍କା ନିଜସ୍ୱ ଖର୍ଚ୍ଚରେ ସେ ଏହି ଉଦ୍ୟୋଗ ଆରମ୍ଭ କରିଛନ୍ତି। ସଫଳ ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କୁ ସାମିଲ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଆଜିର ଉଦ୍‌ଘାଟନ ସମୟରେ ଓରମାସ୍ ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ଏ.ଉମା ମହେଶ ସହ ଅନେକ ସୁଗନ୍ଧି ଫସଲ ଚାଷୀ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟସ୍ତରରେ ପହଞ୍ଚିବ କୋରାପୁଟ କଫି

**ଜିଲା କଫି ଉନ୍ନୟନ ବୈଠକ**

- ସ୍ଥାନୀୟ ଗ୍ରାମବାସୀଙ୍କୁ କଫି ଚାଷ ପାଇଁ ଉତ୍ସାହିତ କରାଯିବ
- ଚଳିତ ବର୍ଷ ୪୦ ହେକ୍ଟର ଜମିରେ କରାଯାଇଛି କଫିଚାଷ

କୋରାପୁଟ,୨୫।୨(ସ୍ୱ.ପ୍ର.)

କୋରାପୁଟର କଫିକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଯିବ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲା କଫି ଉନ୍ନୟନ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଜିଲାପାଳ ମହମ୍ମଦ ଅବଦାଲ ଅକ୍ତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, କୋରାପୁଟ କଫି ବୋର୍ଡର ଲୋକ ସମ୍ପର୍କ ଅଧିକାରୀ ଅଜିତ କୁମାର ରାଉତ, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନଙ୍କ ସମେତ ବିଭାଗୀୟ



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାରେ କଫିଚାଷକୁ କିପରି ଭାବେ ଅଗ୍ରାଧିକାରୀ ଦିଆଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୋରାପୁଟ କଫି ବ୍ରାଣ୍ଡକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ବିଭାଗୀୟ ଅଧିକାରୀଙ୍କ ମିଳିତ ସହଯୋଗ ଜରୁରୀ ବୋଲି ବୈଠକରେ କୁହାଯାଇଛି। ଏହି କଫି ପାଇଁ ସ୍ଥାନୀୟ ଗ୍ରାମାଞ୍ଚଳ ଲୋକଙ୍କୁ ଅଧିକରୁ ଅଧିକ ଉତ୍ସାହିତ କରାଯିବ। ଏହାଦ୍ୱାରା ସେମାନେ ଆର୍ଥିକସ୍ତରରେ ଉନ୍ନତ ହୋଇପାରିବେ ବୋଲି ଜିଲାପାଳ କହିଛନ୍ତି। କୋରାପୁଟ ଜିଲାରେ ଚଳିତ ବର୍ଷ ବିଭାଗ ପକ୍ଷରୁ ୪୦ ହେକ୍ଟର ଜମିରେ କଫିଚାଷ କରାଯାଇଛି। ଆସନ୍ତା ବର୍ଷ ଜିଲାରେ ୯୦ ହେକ୍ଟର ଜମିରେ ଚାଷ କରାଯିବ ବୋଲି ବୈଠକରେ ଉପସ୍ଥିତ ଅଧିକାରୀମାନେ କହିଛନ୍ତି।

# କଲେଜ, ରାସ୍ତାରେ ସଚେତନ କଲା ପ୍ରଶାସନ



ପଥଚାରୀଙ୍କୁ ପ୍ରଶାସନିକ ଅଧିକାରୀମାନେ ସଚେତନ କରୁଛନ୍ତି।

ଜୟପୁର ୨୫।୨(ନି.ପ୍ର.)

କରୋନା ଦ୍ୱିତୀୟ ସଂକ୍ରମଣ ବ୍ୟାପିବା ଆଶଙ୍କା କରି ଜିଲା ପ୍ରଶାସନ ବ୍ୟାପକ ପଦକ୍ଷେପ ନେଉଛି। ଜୟପୁର ସହରରେ କୋଭିଡ୍ ନିୟମ ପାଳନ ନେଇ ଲୋକଙ୍କୁ ସଚେତନ କରିବାକୁ ୨ଟି ଟିମ୍ ଗଠନ କରାଯାଇଛି। ଗୁରୁବାର ଜୟପୁର ତହସିଲଦାର ପ୍ରଧାନ ଚୁଲି ଆମ୍ମାଙ୍କ ନେତୃତ୍ୱରେ ଗଠିତ ଟିମ୍ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଯାଇଥିଲେ। ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧୁଛନ୍ତି କି ନାହିଁ ତାହା ଯାଞ୍ଚ କରିବା ସହ କରୋନା ସମ୍ପର୍କରେ ସଚେତନ କରିଛନ୍ତି। ଏଥିସହ ସହରର ମୁଖ୍ୟ ରାସ୍ତାରେ ମଧ୍ୟ ପଥଚାରୀଙ୍କୁ ସଚେତନ କରାଯାଇଛି। ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯାଉଛି। ଅମାନିଆଙ୍କ ବିରୋଧରେ ଶୁକ୍ରବାରଠାରୁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଏହି ଟିମ୍‌ରେ ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ପୌର କର୍ମଚାରୀ, ଟାଉନ ଥାନା ପୋଲିସ ପ୍ରମୁଖ ସାମିଲ ଥିଲେ। ପ୍ରଥମେ ଲୋକଙ୍କୁ ସଚେତନ କରାଯାଉଛି। ନିୟମ ନ ମାନିଲେ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ରାସ୍ତା କାମ ବନ୍ଦ କରାଇଲେ ଲୋକ ପ୍ରତିନିଧି, ଗ୍ରାମବାସୀ

**ନିମ୍ନମାନର କାମ ଚାଲିଥିବା ଅଭିଯୋଗ**

ପାପଡାହାଣ୍ଡି,୨୫।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ବର୍ଲା-ଗୁମିଦରା ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ପୁନଃ ମରାମତି କାମ ନିମ୍ନମାନର ହେଉଥିବା ଅଭିଯୋଗ କରି ଗ୍ରାମବାସୀ ତାହାକୁ ବନ୍ଦ କରିଛନ୍ତି। ଠିକାଦାର କମ୍ ପରିମାଣର ଚିପ୍ସ ଓ ବଜୁରୀ ପକାଇବା ସହ ରାସ୍ତାର ମାଟି ସଫା ନ କରି ପିଚୁ ଢଳାଇ କରୁଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ସଂକୀର୍ନ କରାଯାଉ ଥିବାରୁ ଯାନ ବାହାନ ଚଳା ଚଳରେ ଅସୁବିଧା ହେବା ହେଉଛି। ରାସ୍ତାର ଅବସ୍ଥା ଅଳ୍ପ ଦିନ ମଧ୍ୟରେ ଖରାପ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ତୁମ୍ବର୍ଲାଠାରୁ ଗୁମିଦୋରା ଗ୍ରାମକୁ ସଂଯୋଗ କରୁଥିବା ପ୍ରାୟ ୮କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ପୁନଃ ମରାମତି ଲାଗି ୨ କୋଟିରୁ ଉର୍ଦ୍ଧ ଟଙ୍କା ଆସିଛି। ଠିକାଦାର କାମ ପ୍ରାରମ୍ଭରୁ ରାସ୍ତା ଦୁଇ କଡ଼ ମାଟି କାଢି ରାସ୍ତା ଉପରେ ପକାଇଦେଇଥିଲେ। ପରେ କିଛି ଭାଗ ଝାଡୁ ମାରି ପିଚୁ ସହ ଚିପ୍ସ ଓ ବଜୁରୀ ପକାଇ ଢଳାଇ କାମ ଚଳାଇଛନ୍ତି। ଏହାଦ୍ୱାରା ରାସ୍ତାର ବହୁ ସ୍ଥାନରୁ ବର୍ତ୍ତମାନ ପିଚୁ ବାହାରିବା ଦେଖା ଦେଇଛି। ତେଣୁ ଏହି କାମକୁ ଗ୍ରାମବାସୀ, ସରପଞ୍ଚ, ନାୟବ ସରପଞ୍ଚ ଓ ଗ୍ରାମବାସୀ ମିଶି ବନ୍ଦ କରାଇଛନ୍ତି। କାମ ଠିକ୍‌ରେ କରା ନ ଗଲେ ଏହା ଆଗକୁ ବଢିପାରିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ରାସ୍ତା କାମ ନିମ୍ନମାନର ହେଉଥିବାରୁ ରାସ୍ତା କାମ ବନ୍ଦ କରାଗଲା ବୋଲି ଘନ ଭତରା,ନାୟବ ସରପଞ୍ଚ ଲଛମନ ସୌରା, ଗଣପତି ପାଇକ, ଲବ ଯାନୀ, ରତନ ପାଇକ, ଘେନୁ ପାଇକ, ବିଶୁ ପାଇକ, ବିଦ୍ୟା ପାଇକ, ନକତାଳି ଗରଡା,ଝାଡ଼େଶ୍ୱର ଭତରା ଅଭିଯୋଗ କରିଛନ୍ତି। ଏ ନେଇ ଆର୍‌ଡ଼ି ଯନ୍ତ୍ରୀ ଉଦୟ ଚୌଧୁରୀଙ୍କ ଯୋଗାଯୋଗ କରିବାରୁ ସେ ଫୋନ ଗ୍ରହଣ କରିନଥିଲେ।

# ଦଶହରା ପଡିଆ, ଷ୍ଟାଡିୟମ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ଜୟପୁର,୨୫।୨ (ନି.ପ୍ର.)

କୋରାପୁଟ ଜିଲାପାଳ ଅବ୍‌ଦଲ ଅଖତର ଗୁରୁବାର ଜୟପୁର ଦଶହରା ପଡିଆ ଓ ଲିଙ୍ଗରାଜ ନଗର ନିକଟ ଇଣ୍ଡୋର ଷ୍ଟାଡିୟମ୍ ପରିଦର୍ଶନ କରିଛନ୍ତି। ପଡିଆରେ ମଦ ବାତଲ ପଡିଥିବା ଦେଖି ବିରକ୍ତି ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଜୟପୁର ଦଶହରା ପଡିଆଟି ଅସାମାଜିକଙ୍କ ଆଡ୍ଡା ସ୍ଥଳ ପାଲଟିଥିବାନେଇ ଜିଲ୍ଲାପାଳଙ୍କୁ ଟୁଇଟ କରାଯାଇଥିଲା। ଏହାପରେ ହଠାତ୍ ଜିଲାପାଳ ଗୁରୁବାର ଅପରାହ୍ନରେ ଜୟପୁର ଦଶହରା ପଡିଆ ପରିଦର୍ଶନ କରିବାକୁ ଆସିଥିଲେ।ପଡିଆରେ ମଦ ବୋତଲ ଗୁଡିକ ପଡିଥିବା ଦେଖି ବିରକ୍ତ ହୋଇଥିଲେ। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲାପାଳ ହେମକାନ୍ତ ସୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ପରେ ଜିଲାପାଳ ଲିଙ୍ଗରାଜ ନଗର ନିକଟ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଇଣ୍ଡୋର ଷ୍ଟାଡିୟମରେ ନିମ୍ନମାନର କାମକୁ ଦେଖି ବିରକ୍ତ ହେବା ସହ ତୁରନ୍ତ ଏହାର ମରାମତି ନିମନ୍ତେ ଏକ ଏଷ୍ଟିମେଟ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଣ୍ଡୋର ଷ୍ଟାଡିୟମ କମିଟି କର୍ମକର୍ତ୍ତାମାନେ ପାଚେରୀ ନିର୍ମାଣ ପାଇଁ ଦାବି କରିଛନ୍ତି। ପ୍ରଥମେ ଇନ୍‌ଡୋର କାର୍ଯ୍ୟ ସମାପ୍ତ ହେବା ପରେ ପାଚେରୀ କାମ ଦେଖିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ହନୁମାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କଲେ ଜଗଦଲପୁର ରାଜା

ଜୟପୁର, ୨୫।୨(ନି.ପ୍ର.)

ଜୟପୁର ବ୍ଲକ ଅଧୀନ ପୂଜାରିପୁଟ ଛକରେ ହନୁମାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଛତିଶଗଡ଼ ଜଗଦଲପୁର ମହାରାଜ କମଳଚନ୍ଦ୍ର ଭଞ୍ଜଦେଓ ଏବଂ କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଉପସ୍ଥିତ ଥିଲେ। ରାଜାଙ୍କୁ ବାଜା ବଜାଇ ସ୍ୱାଗତ କରାଯାଇଥିଲା। ପୂଜାରିପୁଟ ଛକରେ ପହଞ୍ଚିବା ପରେ ସେ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ। ଏହି ସମୟରେ ଗୌରଙ୍ଗ ନାୟକ, ପୂର୍ବତନ କୋରାପୁଟ ପୌରପାଳିକା



ପ୍ରତିଷ୍ଠାସ୍ଥଳକୁ ଜଗଦଲପୁର ରାଜାଙ୍କୁ ନିଆଯାଉଛି।

ଅଧ୍ୟକ୍ଷ ଭଗବାନ ବାହିନୀପତି, ଜୟପୁର ବ୍ଲକ କଂଗ୍ରେସ ସଭାପତ ବସନ୍ତ ନାୟକ ଏବଂ ଉଦୟ ପାଣିଗ୍ରାହୀଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତ୍ରିନାଥ କୋଟା ରାଲେଗଡ଼ା ନୂତନ ସରପଞ୍ଚ



ଶୁଭେଚ୍ଛୁଙ୍କ ଗହଣରେ ବିଜୟୀ ତ୍ରିନାଥ କୋଟା।

ପଟ୍ଟାଙ୍ଗୀ, ୨୫।୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ ରାଲେଗଡ଼ା ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ହରାଇ ତ୍ରିନାଥ କୋଟା ବାଜି ମାରି ନେଇଛନ୍ତି। ତ୍ରିନାଥଙ୍କୁ ଉଭୟ କଂଗ୍ରେସ ଓ ଭାଜପା ସମର୍ଥନ କରୁଥିଲା। ତାଙ୍କୁ ୯୬୭ ଖଣ୍ଡ ଭୋଟ ମିଳିଥିବାବେଳେ ବିଜେଡି ସମର୍ଥିତ ପ୍ରାର୍ଥୀ ଆପାନା ଜାନିଙ୍କୁ ମିଳିଛି ୯୫୩ ଖଣ୍ଡ ।

ପ୍ରକାଶ ଯେ, ରାଲେଗଡ଼ା ସରପଞ୍ଚ ପଦବୀ ପାଇଁ ବୁଧବାର ଭୋଟ ଗ୍ରହଣ କରାଯାଇଥିଲା। ଗୁରୁବାର ବ୍ଲକ କାର୍ଯ୍ୟାଳୟର ଏଫ୍‌ଆଇସି ସଭାଗୃହରେ ବିଡିଓ ମୋନାଲିସା ଦେବତା ଏବଂ ତହସିଲଦାର ହରିପଦ ମଣ୍ଡଳଙ୍କ ଉପସ୍ଥିତିରେ ସକାଳ ୯ଟାରେ

ଭୋଟ ଗଣତି ଆରମ୍ଭ ହୋଇଥିଲା। ୧୧ଟି ବୁଥ୍‌ରୁ ଆସିଥିବା ମତଦାନ ବାକ୍ସ ଦୁଇ ସରପଞ୍ଚ ପ୍ରାର୍ଥୀଙ୍କ ଏଜେଣ୍ଟ ଓ ପୋଲଂ ଅଧିକାରୀଙ୍କ ଉପସ୍ଥିତିରେ ଗଣତି କରାଯାଇଥିଲା। ଚାରି ରାଉଣ୍ଡ ଗଣିତ ପରେ ତ୍ରିନାଥ ୧୫ ଖଣ୍ଡ ଅଧିକ ଭୋଟ ପାଇଥିବା ଘୋଷଣା କରାଯାଇଥିଲା। ଏହାକୁ କିନ୍ତୁ ବିପକ୍ଷ ପାର୍ଟି ଗ୍ରହଣ କରି ନ ଥିଲେ। ପଞ୍ଚାୟତର ୭ ନଂ ୱାର୍ଡ ଯଥା ଯୋଡ଼ିମାଦିଲି ବୁଥ୍‌ର ଭୋଟକୁ ପୁନର୍ବାର ଗଣତି କରିବାକୁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ଦୃଷ୍ଟିରେ ରଖି ବିଡିଓ ପୁଣି ଦ୍ୱିତୀୟ ଥର ପାଇଁ ଉକ୍ତ ୱାର୍ଡର ଭୋଟ ଗଣତି ଆରମ୍ଭ କରିଥିଲେ। ଏହାପରେ ତ୍ରିନାଥ ୧୪ ଖଣ୍ଡ ଭୋଟରେ ଜିତିଥିବା ଘୋଷଣା କରାଯାଇଥିଲା। ତ୍ରିନାଥଙ୍କୁ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ରବି ଖରା, କଂଗ୍ରେସ ସେବା ଦଳର ଗୋବିନ୍ଦ ଖରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗୀ, ବଳରାମ ଚପାଡି, ଭାଜପା ମଣ୍ଡଳ ସଭାପତି ବଲ୍ଲୁ ଚପାଡି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଜଳିଗଲା ଲକ୍ଷାଧିକ ଟଙ୍କାର ଫସଲ

ଚନ୍ଦାହାଣ୍ଡି, ୨୫।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ର ଭାଲୁଡଙ୍ଗରୀ, ଅନକାବେଡା, ଏବଂ ଫଲସାପଡା ରେ ନିଆଁ ଲାଗି ପାଳଗଦା ସମେତ ଲକ୍ଷାଧିକ ଟଙ୍କାର ଚଣା ଏବଂ କାଜୁ ଫସଲ ପୋଡି ନଷ୍ଟ ହୋଇଯାଇଛି। ଭାଲୁଡଙ୍ଗରୀ ଗ୍ରାମକୁ ଅଗ୍ନିଶମ ଗାଡି ପହଞ୍ଚି ନ ପାରିବାରୁ ବିଜୟ ବାଗ୍‌ଙ୍କ ୪ ଏକର ଜମିର ଚଣା ଫସଲ ପୋଡି ନଷ୍ଟ ହୋଇ ଯାଇଥିବା ସୂଚନା ମିଳିଛି।

ସୂଚନାନୁସାରେ ବିଜୟ ବାଗ୍ ୪ ଏକର ଜମିରେ ଚଣା ଚାଷ କରିଥିଲେ। ସେ ଘର କୁ ଖାଇବାକୁ ଆସିବା ପରେ ତାଙ୍କ ଜମିରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀମାନେ ଦମକଳକୁ ଖବର ଦେଇଥିଲେ। ଦମକଳ ବାହିନୀ ସେ ସମୟରେ ଅନ୍ୟ ଏକ ସ୍ଥାନରେ ନିଆଁ ଲିଭାଉଥିବାରୁ ପହଞ୍ଚି ପାରି ନ ଥିଲେ। ଫଳରେ ସମସ୍ତ ଫସଲ ପୋଡି ଯାଇଥିଲା। ସେହିପରି ଅନକାବେଡା ପଞ୍ଚାୟତ ନୁଆପଡାର ଚାଷୀ ମୋତିଲାଲ ପାଣ୍ଡେଙ୍କ କାଜୁବଗିଚାରେ ନିଆଁ ଲାଗିଥିବା ଖବରପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ଥିଲେ। ସେତେବେଳକୁ ୫୦ ହଜାର ମୂଲ୍ୟର କାଜୁ ପୋଡି ନଷ୍ଟ ହୋଇଜାଇଥିଲା। ଧଡିପାଣି ପଞ୍ଚାୟତ ଫଲସାପଡା ଗ୍ରାମର ନିଳାମ୍ବର ଦଣ୍ଡସେନାଙ୍କ ଜମିରେ ଥିବା ଖଳାରେ ନିଆଁ ଲାଗି ତାଙ୍କ ପାଳଗଦା ପୋଡି ପାଉଁଶ ହୋଇଯାଇଛି ବୋଲି ଅଗ୍ନିଶମ ବିଭାଗ ହାବିଲଦାର ମହେନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି।

# ହାଟଗୁଡା ଉପନିର୍ବାଚନରେ ବାଜିମାରିଲେ ଜିପାଲି

ସେମିଳିଗୁଡା, ୨୫/୦୨(ସ୍ୱ. ପ୍ର)

ସେମିଳିଗୁଡା ବ୍ଲକ ହାଟଗୁଡା ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ହୋଇଥିବା ଉପର୍ନିବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ ଜିପାଲି ନନ୍ଦିବାଲି ବିଜୟୀ ହୋଇଛନ୍ତି।

ପ୍ରକାଶ ଯେ, ପୂର୍ବତନ ସମିତି ସଭ୍ୟ ରାଧା ବଂତେଲ ଅଶାକର୍ମୀରେ ଯୋଗଦେବା ଲାଗି ନିଜ ପଦବୀ ଛାଡି ଦେଇଥିଲେ। ଏଥିପାଇଁ ବିଜେଡି ସମର୍ଥିତ ପ୍ରାର୍ଥୀ ଜିପାଲି ନନ୍ଦିବାଲି ଓ ଭାଜପା ସମର୍ଥିତ ପ୍ରାର୍ଥୀ ଜି.ରାଧାଙ୍କ ମଧ୍ୟରେ ବୁଧବାର ଉପନିର୍ବାଚନ କରାଯାଇଥିଲା। ଗୁରୁବାର ବ୍ଲକ ବିଡ଼ିଓ



ବିଜୟୀ ଜିପାଲିଙ୍କୁ ନନ୍ଦିବାଲିଙ୍କୁ ବିଜେଡି ନେତା ଓ କର୍ମୀମାନେ ଶୁଭେଚ୍ଛା ଜଣାଉଛନ୍ତି ।

ସବ୍ୟସାଚୀ ବେହେରାଙ୍କ ଅଧକ୍ଷତାରେ ଭୋଟ ଗଣତି କରାଯାଇଥିଲା। ଜିପାଲିଙ୍କୁ ୧୩୩୨ ଓ ଜି.ରାଧାଙ୍କୁ ୧୨୯୫ଖଣ୍ଡ ଭୋଟ ମିଳିଛି। ୩୭ ଖଣ୍ଡ ଅଧିକ ଭୋଟ ପାଇ ଜିପାଲି ବିଜୟୀ ହୋଇଛନ୍ତି। ହାଟଗୁଡା ପଞ୍ଚାୟତରେ ୧୨ ଗାଁରୁ ୩୦୯୫ ଭୋଟର ଭୋଟ ଦେଇଛନ୍ତି। ସେଥିରୁ ୨୩୪ ଖଣ୍ଡ ଭୋଟ ନାକଚ ହୋଇଛି। ଏହାପରେ ବିଜୟୀ ଜିପାଲିଙ୍କୁ ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ, ଦଳେଇଗୁଡା ସମିତି ସଭ୍ୟ ଅନନ୍ତ ରାମ ମାଟାମ,ପୂର୍ବତମବ୍ଲକ ଅଧକ୍ଷ ଦିନେଶ ଖରା ଶୁଭେଚ୍ଛା ଜଣାଇଛନ୍ତି।

# ଟ୍ରକ୍‌ରୁ ମିଳିଲା ୭୦ ଲକ୍ଷ ଟଙ୍କାର ଗଞ୍ଜେଇ

ଜୟପୁର ୨୫।୨ (ନି.ପ୍ର.)

ଜୟପୁର ସଦର ଥାନା ପୋଲିସ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଅଞ୍ଚଳର ପାନାଲାଲା ବର୍ମା (୩୯), ରାମୁ ଗୁରୁ (୨୫), ଟ୍ରକ୍ ମାଲିକ ରାଜେନ୍ଦ୍ର କୁମାର (୨୫)। ଅଭିଯୁକ୍ତମାନଙ୍କଠାରୁ ୪୦ ହଜାର ଟଙ୍କା ପୋଲିସ ଜବତ କରିଛି। କୋରାପୁଟ ଜିଲା ଲମତାପୁଟରୁ ଏକ ୧୨ ଚକିଆ ଟ୍ରକ୍ (ୟୁପି-୭୨ଏଟି ୨୧୭୦)ରେ ଗଞ୍ଜେଇ ଚାଲାଣ ହେଉଥିଲା। ଜୟପୁର ସଦର ପୋଲିସ ବାମୁଣି ଗାଁ ନିକଟରେ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରୁ ୨୮୦ ପ୍ୟାକେଟରେ ପ୍ରାୟ ୭୩୮ କେଜି ଗଞ୍ଜେଇ ମିଳିଥିଲା ; ଯାହାର ଆନୁମାନିକ ମୂଲ୍ୟ ୭୦ ଲକ୍ଷ ଟଙ୍କା ହେବ। ଏଥିସହ ପୋଲିସ ଅଭିଯୁକ୍ତଙ୍କଠାରୁ ୪୦ ହଜାର ଟଙ୍କା ଓ ଗାଡିକୁ ଜବତ କରିଛି। ୩୨/୨୧ରେ ମାମଲା ରୁଜୁକରି ତଦନ୍ତ କରାଯାଉଥିବା ସଦର ଥାନାଧିକାରୀ ଆଦିତ୍ୟ ମହାକୁଡ଼ କହିଛନ୍ତି।

# ପୋଖରୀ ଖୋଳୁଛି ମେଶିନ୍, କାମ ନ ପାଇ ବସିଛନ୍ତି ଶ୍ରମିକ

ବୈପାରୀଗୁଡା,୨୫।୨ (ଡି.ଏନ୍.ଏ)

ଲକ୍ ଡାଉନ୍ ସମୟରେ ବାହାରୁ ରାଜ୍ୟରୁ ଫେରୁଥିବା ଶ୍ରମିକମାନେ କାମ ଧନ୍ଦା ନ ପାଇ ବସିଛନ୍ତି। ସରକାରଙ୍କ ପକ୍ଷରୁ ଶ୍ରମଭିତ୍ତିକ ଉନ୍ନୟନ କାମ ଉପରେ ଗୁରୁତ୍ୱ ଦିଆଯାଉଛି।କିନ୍ତୁ ବୈପାରୀଗୁଡା ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଯାଉଛି।

ବ୍ଲକର ଦଣ୍ଡାବାଡି ପଞ୍ଚାୟତ ପୋଡାପଦର ଗ୍ରାମରେ ଏକ ପୋଖରୀ ଖନନ କାମ କରାଯାଉଛି। ଏଥିରେ କିନ୍ତୁ ଶ୍ରମିକଙ୍କ ବଦଳରେ ମେଶିନ୍ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ୪ ଦିନ ହେବ ମେଶିନ ସାହାଯ୍ୟରେ ଦିନ ରାତି କାମ ଚାଲିଛି। ନିୟମ ଅନୁସାରେ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲାଗିବା କଥା। କିନ୍ତୁ ତାହା ଲାଗିନାହିଁ। ଉକ୍ତ ପୋଖରୀ ଖୋଳା କାମ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ନବୀନ ନାୟକଙ୍କୁ ଯୋଗାଯୋଗ କରିବାରୁ ୮ ଲକ୍ଷ ଟଙ୍କା ଅଟକଳରେ ଏସ୍.ଏଫ୍.ସି ଫଣ୍ଡରେ ଏହି ପୋଖରୀ ଖୋଳା କାମ କରାଯାଉଛି। ଉକ୍ତ ଯୋଜନାରେ ମେସିନ୍ ଦ୍ୱାରା କାମ କଲେ କୌଣସି ସମାସ୍ୟା ନାହିଁ ବୋଲି ସେ କହିଛନ୍ତି। ତେବେ ପ୍ରକୃତରେ କେଉଁ ଯୋଜନାରେ ଏହି କାମ କରାଯାଉଛି ତାହାର ତଦନ୍ତ କରିବାକୁ ଦାବି ହୋଇଛି। ଏଥିସହ ଶ୍ରମିକଙ୍କ ବଦଳରେ ମେଶିନ ଲଗାଇ ପୋଖରୀ ଖୋଳା ଘଟଣାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

# ବୁଲିଲେ ଲାଠି, କୁର୍ଚି, ଶିରା, ଦୁଲୁକିଲା ଡାବୁଗାଁ ରାସ୍ତା

**ଆଦିବାସୀ ପାଳିଲେ ମାଘ ମଣ୍ଡେଇ**

ଡାବୁଗାଁ, ୨୫।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଆଦିବାସୀମାନଙ୍କ ପର୍ବ ମାଘ ମଣ୍ଡେଇ ଗୁରୁବାର କରୋନା କଟକଣାରେ ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେତାଳେ ପର୍ବ ପାଳନ କରାଯାଇଛି। ଡାବୁଗାଁ ବ୍ଲକ ସମେତ ଆଖପାଖ ଗ୍ରାମରୁ ଲାଠି, କୁର୍ଚି ଓ ପାଲିଙ୍କି ଭୈରବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ମା' ଦୁଲାରଦେଇ ମନ୍ଦିରରୁ ବାହାରି ନଗର ପରିକ୍ରମା କରି ଭୈରବ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପୂଜାରୀ ଶିରାମାନେ ସାଜସଜ୍ଜା ହୋଇ ଖଣ୍ଡା ଧରି ନୃତ୍ୟ ପରିବେଷଣ କରିଥିଲେ। ଲାଠି, କୁର୍ଚି, ଶିରାମାନେ ବାଦ୍ୟର ତାଳେ ତାଳେ ନୃତ୍ୟ



କରି ମନ୍ଦିରରେ ପହଞ୍ଚିଥିଲେ। ଶୁକ୍ରବାର ଲାଠି,କୁର୍ଚି ଓ ଶିରା ପୂଜାରୀମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଏମ୍.ଆପ୍ପା ରାଓ, ଡାବୁଗାଁ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି.ସାଇ ରାଜୁ, ଅଶୋକ କୁମାର ମୂର୍ତ୍ତି, ଦେବରାଜ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମଣ୍ଡେଇ ଯାତ୍ରା ପରିଚାଳନା କମିଟି ସଭାପତି ଅଶୋକ ସୌରା, ସମ୍ପାଦକ ପାପନ୍ନା ରେଲି, ପ୍ରଦୀପ ଜେନା, ଜଗନ୍ନାଥ ବେହେରା, ତରଣୀ ରେଲି, ସୁରେନ୍ଦ୍ର ରେଲି ପ୍ରମୁଖ ପରିଚାଳନା କରିଥିଲେ।

**ବିମାନବନ୍ଦର, ରେଳ ଷ୍ଟେଶନରେ ହେବ ସ୍କ୍ରିନିଂ ଟେଷ୍ଟ**

ଭୁବନେଶ୍ୱର,(ବ୍ୟୁରୋ)- ରାଜ୍ୟରେ କରୋନା ପୁଣି କାୟା ବିସ୍ତାର କରିବାକୁ ଲାଗିଲାଣି। ବିଭିନ୍ନ ଜିଲାରୁ ପ୍ରାୟ ପ୍ରତିଦିନ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ପ୍ରତିଦିନ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ହଜାର ହଜାର ଯାତ୍ରୀ ଯାତାୟାତ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ବିମାନବନ୍ଦରରେ ଏକ ଟେଷ୍ଟିଂ ସେଣ୍ଟର କରାଯାଇଛି। ଏଠାରେ ପ୍ରତ୍ୟେକ ଯାତ୍ରୀଙ୍କର ବାଧ୍ୟତାମୂଳକ ସ୍କ୍ରିନିଂ ଟେଷ୍ଟ କରାଯିବ। ଏଥିଲାଗି ଗୁରୁବାରଠାରୁ ଏହି ବିମାନବନ୍ଦରରେ ଏକ ହେଲ୍ପ ଡେସ୍କ ଖୋଲାଯାଇଛି। ଏଠାରେ ସକାଳ ୭ଟାରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଯାତ୍ରୀଙ୍କ ସ୍କ୍ରିନିଂ ଟେଷ୍ଟ କରାଯିବ।

# ଛତିଶଗଡ଼ କବ୍‌ଜାରେ ମହୁଲପାହାଡ଼

ଲଖନପୁର,୨୫।୨(ଡି.ଏନ୍.ଏ.)



**ସୀମା ବିବାଦ**

ଜିଲା ପ୍ରଶାସନିକ ଅଧିକାରୀମାନେ ଛତିଶଗଡ ସୀମାରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

- ଓଡ଼ିଶା ସୀମା ଭିତରେ ପିଲର ପୋତିଛି ଛତିଶଗଡ଼
- ଘଟଣାସ୍ଥଳ ପରିଦର୍ଶନ କଲା ଜିଲା ପ୍ରଶାସନ

ଓଡିଶା-ଆନ୍ଧ୍ରପ୍ରଦେଶ ସୀମାରେ ଥିବା କୋରାପୁଟ ଜିଲା କୋଟିଆ ପଞ୍ଚାୟତକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଦେଖାଦେଇଛି ସୀମା ବିବାଦ। ଏ ନେଇ ଚଳିତ ବିଧାନସଭାରେ ବିରୋଧୀ ଦଳଗୁଡିକ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଫଳରେ ରାଜ୍ୟ ସୀମାରେ ଥିବା ସୀମାନ୍ତବର୍ତ୍ତୀ ଗ୍ରାମବାସୀଙ୍କ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ପାଇଁ ସରକାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅନ୍ତର୍ଗତ ୧୯ଖଣ୍ଡ ମୌଜାର ଚାଣ୍ଟିପାଲି, କନକତୋରା ଓ ଭିକମପାଲି ଆର୍‌ଆଇ ସର୍କଲର ସମୁଦାୟ ୨୧ଗ୍ରାମ ସୀମାନ୍ତରେ ରହିଛି। ଏହିସବୁ ଗ୍ରାମରେ ସୀମା ବିବାଦକୁ ନେଇ କି ସମସ୍ୟା ରହିଛି ଏହାର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ପାଇଁ ସରକାର ଝାରସୁଗୁଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଆଧାରରେ ଜିଲାପାଳ ସରୋଜ କୁମାର ସାମଲ ଲଖନପୁର ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର ବିଶ୍ୱକେଶନ ପାଣ୍ଡେ ଉପରୋକ୍ତ ଆର୍‌ଆଇମାନଙ୍କୁ ଗ୍ରାଉଣ୍ଡ ଜିରୋରେ ତଦନ୍ତ କରିବା ପାଇଁ କହିଥିଲେ। ତଦନ୍ତ ପରେ ଜଣାପଡିଛି କନକତୋରା ଆର୍‌ଆଇ ସର୍କଲ ଅନ୍ତର୍ଗତ ସୀମାନ୍ତବର୍ତ୍ତୀ ଝାରଗାଁ ଗ୍ରାମ ନିକଟରେ ଛତିଶଗଡ ଓଡ଼ିଶା ସୀମାରେ ପ୍ରବେଶ କରି ସୀମା ପିଲର୍ ପୋତିଛି। ଏହା ଦ୍ୱାରା ସୀମାରେ ଥିବା ମହୁଲପାହାଡ ସଂରକ୍ଷିତ ଜଙ୍ଗଲ ପ୍ରଭାବିତ ହେଉଛି ବୋଲି ଝାରଗାଁ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

ଏଭଳିସ୍ଥିତିରେ ଜିଲା ପ୍ରଶାସନ ତରଫରୁ ଜିଲାପାଳ ସାମଲଙ୍କ ନିର୍ଦ୍ଦେଶକ୍ରମେ ଗତ ବୁଧବାର ଉପଜିଲାପାଳ ଶିବ ଟପ୍ପୋ, ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ, ଆର୍‌ଆଇ ହେମସାଗର ପଟେଲ ପ୍ରମୁଖ ଝାରଗାଁ ଗ୍ରାମରେ ପହଞ୍ଚି ସ୍ଥିତିଅନୁଧ୍ୟାନକରିଫେରିଛନ୍ତି। ଏ ନେଇ ଉପଜିଲାପାଳ ଟପ୍ପୋ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୭ ମସିହାରେ ତଦନ୍ତ କରାଯାଇ କୌଣସି ସୀମା ବିବାଦ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା । ଏବେ ଝାରଗାଁ ସୀମାରେ ସେମିତି କିଛି ଗୁରୁତର ସମସ୍ୟା ନାହିଁ। ସୂଚନାଯୋଗ୍ୟ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବା ପୂର୍ବରୁ ଏହି ଅଞ୍ଚଳ ଅବିଭକ୍ତ ମଧ୍ୟପ୍ରଦେଶରେ ରହିଥିଲା। ଓଡ଼ିଶା ପ୍ରଦେଶ ଘୋଷଣା ହେବା ପରେ ସେତେବେଳେ ଉଭୟ ପ୍ରଦେଶର ସୀମା ନିର୍ଦ୍ଧାରଣ କରାଯାଇଥିଲା । ଏଥିରେ ଝାରଗାଁ ଗ୍ରାମ ଓଡିଶା ପ୍ରଦେଶରେ ରହିଥିଲା। ଏହି ଗ୍ରାମକୁ ଲାଗିରହିଛି ମହୁଲପାହାଡ । ସେତେବେଳେ ବର୍ମା ବନ୍ଦୋବସ୍ତ ସମୟରେ ଓଡିଶାର ଝାରଗାଁ ସଂରକ୍ଷିତ ଜଙ୍ଗଲ ରୂପେ ରହିଥିଲା। ପରେ ମେଜର୍ ବନ୍ଦୋବସ୍ତ ସମୟରେ ଓଡିଶା ସରକାରଙ୍କ ଅଗୋଚରରେ ଛତିଶଗଡ ସରକାର ଏହାକୁ ନିଜ କବ୍‌ଜାକୁ ନେଇଯାଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଅନେକ ସମୟରେ ଉଭୟ ରାଜ୍ୟର ସୀମାନ୍ତବର୍ତ୍ତୀ ବାସିନ୍ଦାଙ୍କ ମଧ୍ୟରେ ସୀମା ବିବାଦ ଦେଖିବାକୁ ମିଳୁଛି । ଅନେକଥର ବିଧାନସଭାରେ ଜନପ୍ରତିନିଧିମାନେ ଏହି ସମସ୍ୟା ଉପସ୍ଥାପନ କରି ସ୍ଥାୟୀ ସମାଧାନ ଦାବି କରିଥିବା ନଜିର ରହିଛି ।

# ଓଡ଼ିଶା-ପଶ୍ଚିମବଙ୍ଗ ଆଲୋଚନା

ଜଳେଶ୍ୱର,୨୫।୨(ଡି.ଏନ.ଏ.)

- ଏନ୍‌ଜିଟି ନିର୍ଦ୍ଦେଶରେ ଏକାଠି ହେଲେ ଦୁଇ ରାଜ୍ୟର ଅଧିକାରୀ
- ସୁବର୍ଣ୍ଣରେଖା ନଦୀର ବିବଦମାନ ସ୍ଥାନ ବୁଲି ଦେଖିଲେ
- ମାର୍ଚ୍ଚ ୨ରେ ବାଲେଶ୍ୱରରେ ହେବ ବିଶେଷ ଆଲୋଚନା

ବାଲେଶ୍ୱର ଓ ପଶ୍ଚିମ ମେଦିନୀପୁର ସୀମାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀକୁ ନେଇ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ ଦୀର୍ଘ ଦିନ ହେବ ସୀମା ବିବାଦ ଲାଗି ରହିଛି। ଏହାର ସମାଧାନ ଲାଗି ଏନ୍‌ଜିଟି ନିର୍ଦ୍ଦେଶରେ ଗୁରୁବାର ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀମାନେ ଏକାଠି ହୋଇଥିଲେ। ପଶ୍ଚିମ ମେଦିନୀପୁର ଜିଲାର ସର୍କିଟ ହାଉସ୍‌ଠାରେ ଏଥିନେଇ ବ୍ୟାପକ ଆଲୋଚନା ହୋଇଥିଲା। ଓଡ଼ିଶା ପକ୍ଷରୁ ବାଲେଶ୍ୱର ଏଡିଏମ୍ ସମ୍ବିତ କୁମାର ନାୟକ, ଅତିରିକ୍ତ ଡାଇରେକ୍ଟର (ଲ୍ୟାଣ୍ଡ ରେକର୍ଡସ୍) ନିଗମାନନ୍ଦ ପଣ୍ଡା ଏବଂ ଦୁଇ ବୈଜ୍ଞାନିକ ପ୍ରମୋଦ କୁମାର ପରିଡ଼ା ଓ ମନୋଜ କୁମାର ସାମ୍‌ସଡାଙ୍କ ବିଭିନ୍ନ ଯୁକ୍ତିକୁ ପଶ୍ଚିମବଙ୍ଗର ପ୍ରଶାସନିକ ଅଧିକାରୀମାନେ ଏଡ଼ାଇ ପାରି ନ ଥିଲେ। ଅପରାହ୍ନରେ ଅଧିକାରୀମାନେ ପଶ୍ଚିମବଙ୍ଗର ସୁନାକଣିଆଠାରେ ସୁବର୍ଣ୍ଣରେଖାର ବିବଦମାନ ସ୍ଥାନରେ ଥିବା ବେସ୍ ପଏଣ୍ଟ ବୁଲି ଦେଖିଥିଲେ। ଆସନ୍ତା ୨ ତାରିଖରେ ବାଲେଶ୍ୱରଠାରେ ଏସମ୍ପର୍କରେ ବିଶଦ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଛି।

୧୯୩୮ରେ ତତ୍କାଳୀନ ରାଜ୍ୟ ପିଡବ୍ଲୁଡି କମିଶନର ତଥା ବାଲେଶ୍ୱର ଜିଲାପାଳ ଏସ୍ ସୋଲେମାନ ସୁବର୍ଣ୍ଣରେଖା ନଦୀକୁ ଓଡ଼ିଶା- ପଶ୍ଚିମବଙ୍ଗର ସୀମା ଭାବେ ନିର୍ଣ୍ଣୟ କରିଥିଲେ। ପରବର୍ତ୍ତୀ ସମୟରେ ନଦୀର ଗତିପଥ ପରିବର୍ତ୍ତନ ହୋଇଥିଲା। ଓଡ଼ିଶାର ବାଲେଶ୍ୱର ଜିଲା ଅନ୍ତର୍ଗତ ରାଇବଣିଆ ଅଞ୍ଚଳରେ ଅତଡ଼ା ଖସି ଥିବାରୁ ପଶ୍ଚିମବଙ୍ଗ ପଟେ ପଠା ସୃଷ୍ଟି ହୋଇଥିଲା। ଏହି ପଠାକୁ ପଶ୍ଚିମବଙ୍ଗର ଦାନ୍ତୁନ ଅଞ୍ଚଳବାସୀ ଅକ୍ତିଆର କରିଛନ୍ତି। ଏଥିଯୋଗୁ ଦୀର୍ଘବର୍ଷ ଧରି ପଶ୍ଚିମବଙ୍ଗର କେତେକ ବାଲି ମାଫିଆ ବ୍ୟାପକ ବାଲି ଉତ୍ତୋଳନ କରି ମାଲେମାଲ ହୋଇ ଆସୁଛନ୍ତି। ବାଲି ଉତ୍ତୋଳନ ବେଳେ ଖଣି, ପରିବେଶ, ପ୍ରଦୂଷଣ ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ଏକାଧିକ ମାମଲା ଏନ୍‌ଜିଟି କୋର୍ଟରେ ବିଚାରାଧୀନ ରହିଛି। ନିକଟରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସରକାରଙ୍କୁ ଏଥିନିମନ୍ତେ ତଦାରଖ ଓ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ କିଛିଦିନ ତଳେ ବାଲେଶ୍ୱର ଜିଲାପାଳ, ଜଳେଶ୍ୱର ତହସିଲଦାର, ଓଡ଼ିଶା ମହାକାଶ ଉପଯୋଗୀ କେନ୍ଦ୍ରର ୨ ବୈଜ୍ଞାନିକଙ୍କୁ ନେଇ ଜିପିଏସ୍ ଓ ଡିଜିପିଏସ୍ ସର୍ଭେ ଅଫ୍ ଇଣ୍ଡିଆ ଅନୁଯାୟୀ ଉପାନ୍ତରେ ବେସ୍ ପଏଣ୍ଟଗୁଡ଼ିକୁ ସ୍ଥିର କରାଯାଇଛି। ସେହିପରି ପଶ୍ଚିମବଙ୍ଗର ଦାନ୍ତୁନ ଥାନା ଅନ୍ତର୍ଗତ ସୁନାକଣିଆ ପଟେ ବେସ୍ ପଏଣ୍ଟ ଗୁଡ଼ିକ ପଶ୍ଚିମବଙ୍ଗ ପକ୍ଷରୁ ମଧ ସ୍ଥିର ହୋଇଛି।

ସୂଚନାଯୋଗ୍ୟ ପୂର୍ବରୁ ଜିପିଏସ୍ ଓ ଡିଜିପିଏସ୍ ମାଧମରେ ଚିହ୍ନଟ ବେସ୍ ପଏଣ୍ଟ ଗୁଡ଼ିକୁ ପ୍ରାଧାନ୍ୟ ଦେଇ ସୀମା ନିର୍ଦ୍ଧାରଣ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା।

ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଉପଜିଲାପାଳ କିଶୋର କୁମାର ସ୍ୱାଇଁ, ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଆର୍‌ଆଇ ଦିଲ୍ଲୀପ କୁମାର ଚନ୍ଦ୍ର, ଅମିନ ଗୌରାଙ୍ଗ ଜେନା ବୈଠକରେ ଯୋଗ ଦେଇଥିଲେ। ସେହିପରି ପଶ୍ଚିମ ମେଦିନୀପୁର ଜିଲାର ଏଡିଏମ୍ (ଲ୍ୟାଣ୍ଡ ରିଫର୍ମ) ତୁଷାର କୁମାର ସିଂଲା, ଆଡିଶନାଲ ଡି.ଏଲ.ଆର୍.ଏସ୍ ଅରିନ୍ଦମ ମନି, ସର୍ଭେ ଅଫିସର ଡି.ଏଲ.ଆର୍.ଏସ୍ ସମର କୁମାର ଦାସ, ଏସ୍.ଡି.ଏଲ.ଏଲ୍.ଆର୍. ସୁବାଷ ଚନ୍ଦ୍ର ସାମନ୍ତ, ଟିଏ ବାଉଣ୍ଡରୀ ସେଲ୍ ଡିଏଲ୍‌ଆର୍‌ଏସ୍ ହିତବ୍ରତ ଚନ୍ଦ୍ର ଏବଂ ଏସ୍‌ଆର୍‌ଓ (୨) ସୌମିତ୍ର ମୁଦୁଲି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ଆଲୋଚନାରେ ଅଂଶଗ୍ରହଣ କରିଥିବା ୨ ରାଜ୍ୟର ଅଧିକାରୀମାନେ।

## ମହିଳା, ତାଙ୍କ ପ୍ରେମିକଙ୍କୁ ପିଟିଲେ ଶାଶୁଘର ଲୋକେ

ରାଇଘର, ୨୫।୨(ଡି.ଏନ୍.ଏ.)

ପରକୀୟା ପ୍ରୀତିର କରୁଣ ଦୃଶ୍ୟ। ରାସ୍ତାରେ ବାନ୍ଧି ମହିଳା ଓ ତାଙ୍କ ପ୍ରେମିକଙ୍କୁ ଶାଶୁଘର ଲୋକ ନିର୍ଦ୍ଧୂମ୍ ପିଟିଛନ୍ତି। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ପୋଲିସ ପହଞ୍ଚି ତଦନ୍ତ କରୁଛି। ରାଇଘର ଥାନା ଅଞ୍ଚଳର ତପସ୍ୟ ଖମାରୀଙ୍କ ସ୍ତ୍ରୀଙ୍କ ସହ ଶିବ କୁମାରଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ୩ ବର୍ଷ ପ୍ରେମ କରିବା ପରେ ତପସ୍ୟଙ୍କ ସ୍ତ୍ରୀ ପରିବାର ଓ ନିଜ ୨ ବର୍ଷର ଝିଅକୁ ଛାଡ଼ି କିଛିଦିନ ତଳେ ଶିବଙ୍କ ସହ ଘରୁ ପଳାଇଥିଲେ। ତପସ୍ୟ ଏ ସମ୍ପର୍କରେ ରାଇଘର ଥାନାରେ ଅଭିଯୋଗ କରିଥିଲେ। ଘରଲୋକ ବହୁ ଖୋଜାଖୋଜି କରି ସ୍ଥାନୀୟ ଧଇଁଡାମାଲ୍‌ରେ ପ୍ରେମୀଯୁଗଳ ରହୁଥିବା ଖବର ପାଇ ସେଠାରେ ପହଞ୍ଚି ଥିଲେ। ଏହାପରେ ଉଭୟଙ୍କୁ ନିର୍ଦ୍ଧୂମ୍ ମାଡ଼ ମାରି ରକ୍ତାକ୍ତ କରି ଦେଇଛନ୍ତି। ଏହି ଘଟଣାର କେହି ଜଣେ ଭିଡିଓ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଘଟଣା ସମ୍ପର୍କରେ ଅବଗତ ହୋଇ ରାଇଘର ଥାନା ଏସ୍‌ଆଇ ଅନସୂୟା ନାୟକ ତଦନ୍ତ କରିଛନ୍ତି।

## ଜିଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡରେ ଅନ୍ୟ ବିଧାୟକ ସଦସ୍ୟ ହୋଇପାରିବେ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ଖଣି ଅଞ୍ଚଳର ବିକାଶ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡରେ ଖଣି ଅଞ୍ଚଳ ଛଡ଼ା ଅନ୍ୟ ଅଞ୍ଚଳର ବିଧାୟକ କିମ୍ବା ଜନପ୍ରତିନିଧିଙ୍କୁ ସଦସ୍ୟ କରିବାର ଆଇନରେ କୌଣସି ବ୍ୟବସ୍ଥା ନାହିଁ। କେବଳ ଖଣି ଖନନ ହେଉଥିବା ଅଞ୍ଚଳର ବିଧାୟକ କିମ୍ବା ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି ଟ୍ରଷ୍ଟ ବୋର୍ଡର ସଦସ୍ୟ ହୋଇ ପାରିବେ। ଜିଲା ଖଣିଜ ଫାଉଣ୍ଡେଶନ(ଡିଏମ୍‌ଏଫ) ଅର୍ଥ ସମ୍ପୃକ୍ତ ଅଞ୍ଚଳରେ ୬୦ ପ୍ରତିଶତ ଓ ଜିଲାର ଅନ୍ୟ ଅଞ୍ଚଳରେ ୪୦ ପ୍ରତିଶତ ଖର୍ଚ୍ଚ ହେବାର ବ୍ୟବସ୍ଥା ରହିଛି। ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ବଦ୍ରିନାରାୟଣ ପାତ୍ର ଅଭିଯୋଗ କରିଥିଲେ ଯେ ଖଣି ଅଞ୍ଚଳ ବ୍ୟତୀତ ଜିଲାର ଅନ୍ୟ ବିଧାୟକମାନଙ୍କୁ ଟ୍ରଷ୍ଟ ବୋର୍ଡରେ ସାମିଲ କରାଯାଉ ନାହିଁ। ଡିଏମ୍‌ଏଫ୍‌ର ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଉଥିବା ଅଞ୍ଚଳର ବିଧାୟକମାନଙ୍କୁ ବୋର୍ଡରେ ରଖା ଗଲେ ସମ୍ପୃକ୍ତ ଅଞ୍ଚଳର ବିକାଶ ପାଇଁ ସେମାନେ ପ୍ରସ୍ତାବ ଦେଇପାରନ୍ତେ। ଅନ୍ୟ ରାଜ୍ୟରେ ହେଉଛି। ଓଡ଼ିଶାରେ ଏହାକୁ ଲାଗୁ କରିବାକୁ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ନିୟମରେ ଏଭଳି ବ୍ୟବସ୍ଥା ନ ଥିବାରୁ ଅନ୍ୟ ରାଜ୍ୟରେ କ'ଣ ହୋଇଛି ତାହାକୁ ଅନୁଧ୍ୟାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ମୋହନ ମାଝି ଓଡ଼ିଶା ଜିଲା ଖଣିଜ ପ୍ରତିଷ୍ଠାନ ୨୦୧୫ର ନିୟମ ୫ ଅନୁଯାୟୀ କେନ୍ଦୁଝର ଖଣିଜ ଜିଲାର ୨୦୧୯-୨୦ରେ ଜିଲାରେ ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡ ଦ୍ୱାରା ବାର୍ଷିକ ବଜେଟ, ଆକ୍ସନ ପ୍ଲାନ୍, ମାଷ୍ଟର ପ୍ଲାନ୍, ସମୀକ୍ଷକ ନିଯୁକ୍ତି ଓ ବାର୍ଷିକ ବିବରଣୀକୁ ଅନୁମୋଦନ କରାଯାଇଛି କି । ଯଦି କରାଯାଇ ନାହିଁ କେଉଁ କାରଣରୁ କରାଯାଇ ନାହିଁ । ଟ୍ରଷ୍ଟ ବୋର୍ଡ ବୈଠକ ବର୍ଷକୁ ଦି'ଥର ବସିବାକୁ ଥିବା ବେଳେ କେତେ ବର୍ଷ ହେବ ବସି ନାହିଁ ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ଓଡ଼ିଶା ଜିଲା ଖଣିଜ ପ୍ରତିଷ୍ଠାନ ୨୦୧୫ର ନିୟମ ୫ ଅନୁଯାୟୀ କେନ୍ଦୁଝର ଖଣିଜ ଜିଲାର ୨୦୧୯-୨୦ରେ ଜିଲାରେ ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡ ଦ୍ୱାରା ବାର୍ଷିକ ବଜେଟ, ଆକ୍ସନ ପ୍ଲାନ୍, ମାଷ୍ଟର ପ୍ଲାନ୍, ସମୀକ୍ଷକ ନିଯୁକ୍ତି ଓ ବାର୍ଷିକ ବିବରଣୀକୁ ଅନୁମୋଦନ କରାଯାଇଛି। ଆସନ୍ତା ଟ୍ରଷ୍ଟ ବୋର୍ଡ ବୈଠକରେ ଏହାକୁ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ।

## ରୁକୁଣା ରଥ ପାଇଁ ଭୁବନେଶ୍ୱର ପଠାଗଲା ଆମ୍ବକାଠ



ଖଣ୍ଡପଡ଼ା,୨୫।୨(ସ୍ୱ.ପ୍ର.)

ଚଳିତ ବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ପାଇଁ ୮ ଖଣ୍ଡ ଆମ୍ବକାଠ ଖଣ୍ଡପଡାରୁ ଭୁବନେଶ୍ୱର ପଠାଯାଇଛି। ବୁଧବାର ସନ୍ଧ୍ୟାରେ ଆମ୍ବ କାଠ ଗଣ୍ଡିଗୁଡ଼ିକୁ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଖଣ୍ଡପଡା ସହର ନିକଟସ୍ଥ ଟିଙ୍ଗରୁଆ ଗ୍ରାମ ମିଲଟରେ ଥିବା ୨ ଆମ୍ବଗଛକୁ କଟାଯାଇ କାଠ ସଂଗ୍ରହ କରାଯାଇଥିଲା । ସେହିପରି ବରିଷ୍ଠ ଆଇନଜୀବି ବାସୁଦେବ ରଥ ଏକ ଆମ୍ବଲାଠ ଦାନ କରିଥିଲେ। ଲିଙ୍ଗରାଜ ମନ୍ଦିର ପକ୍ଷରୁ ଆସିଥିବା ପ୍ରଭୁଙ୍କ ଆଜ୍ଞାମାଳକୁ ଆମ୍ବଲାଠ ଗଣ୍ଡିରେ ଲଗାଯିବା ପରେ ଏକ ଟ୍ରକ ଯୋଗେ କାଠଗୁଡ଼ିକୁ ଭୁବନେଶ୍ୱର ପଠାଯାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସିଙ୍ଘାଣିନାକି ଦହି ସୋଡ଼କି**
**ଅଇଁଠା ପତର ଖାଏ**
**ନିଷ୍ଠା ଦେଖାଇ ଛୁଆଁତି ବୋଲି**
**ନଈକି ଗାଧୋଇ ଯାଏ।**

ଅଇଁଠା ପତରରେ ଖାଉଥିବା ମହିଳା ଦେହହାତରେ ଅଇଁଠା ଲାଗିବାରୁ ଅଶୌଚ ମନେକରି ଗାଧୋଇଯିବା ହାସ୍ୟାସ୍ପଦ କଥା ହୋଇଥାଏ। ପରୋକ୍ଷରେ ଅନ୍ୟାୟ ଏବଂ ଅସଂଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ଏକ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟସ୍ତ ବିବ୍ରତ ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ସୁ ସଙ୍ଗରେ ସଙ୍ଗିତା**
**ସୁନା କଣ୍ଠି ଲମ୍ବିତା**
**କୁ ସଙ୍ଗରେ ସଙ୍ଗୀ ହେଲେ**
**କାଠ ଘଣ୍ଟି ଲମ୍ବିତା।**

ଉତ୍ତମ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା କରିବା ସବୁଠାରୁ ବୁଦ୍ଧିମାନର କାର୍ଯ୍ୟ। ସେମାନଙ୍କର ସୁପରାମର୍ଶ ଅନେକ ପ୍ରକାର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ -ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## କୁଜି ହରିଣର ଶାବକ ଜନ୍ମ

ବାରଙ୍ଗ,୨୫।୨(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୮ନଂ ଏନ୍‌କ୍ଲୋଜରରେ ଥିବା କୁଜିହରିଣ ଗୁରୁବାର ଏକ ଶାବକ ଜନ୍ମ ଦେଇଛି। ମା ଓ ଛୁଆ ଉଭୟ ସୁସ୍ଥ ଥିବାବେଳେ ମୁକ୍ତରେ ଏନକ୍ଲୋଜରରେ ବିଚରଣ କରୁଛନ୍ତି। ଏହି ଶାବକଟି ଜନ୍ମ କରିବାପରେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୪୫ରେ ପହଞ୍ଚିଛି। ଏହାପୂର୍ବରୁ ଗତ୧୫ତାରିଖରେ ଏକ ଛୁଆ ଜନ୍ମ ଦେଇଥିଲା।

## ବିବାହ ବନ୍ଧନରେ ଆବଦ୍ଧ ହେଲେ କ୍ରୀଡ଼ାମନ୍ତ୍ରୀ



କାକଟପୁର,୨୫।୨(ଡି.ଏନ୍.ଏ.)

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅସ୍ତରଙ୍ଗ ବାଲିଡ଼ିଆ ଗ୍ରାମର ରୋହିତ ବେହେରାଙ୍କ କନ୍ୟା ନନ୍ଦିନୀଙ୍କୁ ସେ ଜୀବନସାଥୀ ରୂପେ ଗ୍ରହଣ କରିଛନ୍ତି। କାକଟପୁର ନିକଟସ୍ଥ ଦେଉଳିମଠ ପରିସରରେ ଗୁରୁବାର ଏହି ଶୁଭ ବିବାହ ଅନୁଷ୍ଠିତ ହୋଇଯାଇଛି। ଦେଉଳି ମଠରେ ବୈଦିକ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା। ଏହି ଉତ୍ସବରେ କାକଟପୁର ତହସିଲଦାର, ବ୍ଲକ ପ୍ରଶାସନର ଅଧିକାରୀ ଏବଂ ସରପଞ୍ଚ ଯୋଗଦେଇଥିଲେ।

## ଅଧ୍ୟାପକଙ୍କୁ ୭ ବର୍ଷ ଜେଲ

ଯାଜପୁର ଟାଉନ,୨୫।୨(ଡି.ଏନ.ଏ.)

**ଛାତ୍ରୀଙ୍କୁ ଅନ୍ତଃସତ୍ତ୍ୱା ମାମଲା**

ଜଣେ ଛାତ୍ରୀଙ୍କୁ ଅନ୍ତଃସତ୍ତ୍ୱା କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଯାଜପୁର ଜିଲା ଦୌରାଜଜ୍ ଶ୍ରୀକାନ୍ତ ମିଶ୍ର ମାମଲାର ବିଚାର କରି ଦୋଷୀ ଅଧ୍ୟାପକଙ୍କୁ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବଡ଼ଚଣା ଥାନା ଅଞ୍ଚଳର ଶିକ୍ଷା ବିଭାଗ ଅଧ୍ୟାପକ କିଶୋର ମହାରଣା(୫୨)ଙ୍କ ପାଖକୁ ଜଣେ ସ୍କୁଲ ଛାତ୍ରୀ ଟିଉଶନ୍ ହେବା ପାଇଁ ପ୍ରତିଦିନ ଆସନ୍ତି। ସ୍ତ୍ରୀ ଘରେ ନ ଥିବା ସୁଯୋଗରେ ଅଧ୍ୟାପକ ମହାରଣା ସମ୍ପୃକ୍ତ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣକ ଏକଥା ଘରେ ଜଣାଇବାକୁ କହିବାରୁ ଅଧ୍ୟାପକ ମହାରଣା ସମ୍ପୃକ୍ତ ଛାତ୍ରୀଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଛାତ୍ରୀ ଜଣକ ୫ ମାସ ଗର୍ଭବତୀ ଥିବା ଜଣାପଡ଼ିଥିଲା । ହେଲେ ଅଧ୍ୟାପକ ମହାରଣା ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଏହାପରେ ଛାତ୍ରୀ ଜଣକ ସମସ୍ତ ଘଟଣା ଘରେ କହିଥିଲେ। ଏଥିରେ ଛାତ୍ରୀଙ୍କ ମା' ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ୨୦୧୬ ଜୁନ୍ ୧୦ରେ ଛାତ୍ରୀ ଜଣକ ଏ ସଂକ୍ରାନ୍ତରେ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଧ୍ୟାପକ ମହାରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଥାନା ଅଧିକାରୀ ଏକ ମାମଲା (ନଂ.୧୪୬/୧୬)ରୁଜୁ କରି ଚାର୍ଜଶିଟ୍ ଦାଖଲ କରିଥିଲେ। ୧୫ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଜିଲା ଦୌରାଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ସମରେନ୍ଦ୍ର ଦାସ ମକଦ୍ଦମା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଅଧ୍ୟାପକଙ୍କ ୨ ସନ୍ତାନ ଥିବା ବେଳେ ତାଙ୍କ ସ୍ତ୍ରୀ ଷ୍ଟାଫନର୍ସ ଭାବେ କାର୍ଯ୍ୟରତ ଅଛନ୍ତି ।

# ପୁଷ୍ଟି କ୍ଷେତ୍ରରେ ଓଡ଼ିଶା ଆଦର୍ଶ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୨(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗର ୫ ଅନ୍‌ଲାଇନ୍ ସେବା ଲୋକାର୍ପିତ କରୁଛନ୍ତି।

**ଡବ୍ଲ୍ୟୁଓସିଡି ବିଭାଗର ୫ ଅନ୍‌ଲାଇନ ସେବା ଲୋକାର୍ପିତ**

ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଜରିଆରେ ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତାରେ ଉନ୍ନତି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଗୁରୁବାର ଏହି ଉପକ୍ରମ ଅଧୀନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ୫ ଗୋଟି ନୂଆ ଅନ୍‌ଲାଇନ ସେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସେହି ସେବାଗୁଡିକ ହେଉଛି ଇ-କଳିକା, ମୋ ଛତୁଆ ଆପ୍, ଇ-ମାନଦେୟ ପୋର୍ଟାଲ, ମମତା ଆପ୍ ଏବଂ ମୋ ଶିଶୁ ପୋର୍ଟାଲ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଗତ ୨୦ ବର୍ଷ ଧରି ମହିଳାମାନଙ୍କ ସଶକ୍ତୀକରଣ ଏବଂ ଶିଶୁଙ୍କ କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରିଆସୁଛି। ଏଥିପାଇଁ ପଞ୍ଚାୟତରେ ମହିଳାଙ୍କ ପାଇଁ ସଂରକ୍ଷଣଠାରୁ ଆରମ୍ଭ କରି ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ଓଡ଼ିଶା ମହିଳା ସଶକ୍ତୀକରଣ, ଶିଶୁମାନଙ୍କ ଯତ୍ନ ଏବଂ ପୁଷ୍ଟି କ୍ଷେତ୍ରରେ ସାରା ଦେଶରେ ଏକ ଆଦର୍ଶ ରାଜ୍ୟ ହୋଇପାରିଛି। ସାରା ଦେଶରେ ଏ ପର୍ଯ୍ୟନ୍ତ କେବଳ ଓଡ଼ିଶାରେ ହିଁ ପୁଷ୍ଟି ବଜେଟ କରାଯାଇଥିବା ସେ କହିଥିଲେ। ମା' ଓ ଶିଶୁମାନଙ୍କୁ ସବୁ ପ୍ରକାର ସେବା ଯୋଗାଇଦେବା ପାଇଁ ଅଙ୍ଗନୱାଡିଠାରୁ ଆରମ୍ଭ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କ୍ରେଚ୍, କର୍ମଜୀବୀ ମହିଳାଙ୍କ ପାଇଁ ହଷ୍ଟେଲ, ଅନାଥାଶ୍ରମ ଏବଂ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ କାର୍ଯ୍ୟ କରୁଛି। ସରକାରଙ୍କ ଏହିସବୁ କାର୍ଯ୍ୟକ୍ରମ ଯେପରି ଅଧିକ ଦକ୍ଷତାର ସହିତ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ ଅଧିକ ଯତ୍ନବାନ ରହିଛନ୍ତି। ବୈଷୟିକ ଜ୍ଞାନକୌଶଳ ଏହି ଉପକ୍ରମକୁ ବିଶେଷ ସୁଗମ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ କହିଥିଲେ, ରାଜ୍ୟ ସରକାର ଉକ୍ତ ବିଭାଗର କଲ୍ୟାଣ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ବିଭାଗୀୟ ସଚିବ ଅନୁ ଗର୍ଗ ଲୋକାର୍ପିତ ଅନ୍‌ଲାଇନ ସେବା ବିଷୟରେ ସୂଚନା ଦେଇ ସ୍ୱାଗତ ଭାଷଣରେ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ଇ-କଳିକା ଆପ୍ ଜରିଆରେ କ୍ରେଚ୍‌ରେ ରହୁଥିବା ୩ ବର୍ଷରୁ କମ୍ ବୟସ୍କ ଶିଶୁମାନଙ୍କ ପାଇଁ ରହିଥିବା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ତଦାରଖ କରୁଛନ୍ତି। ରାଜ୍ୟର ସବୁ ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟକଙ୍କୁ ମାନଦେୟ/ପ୍ରୋତ୍ସାହନ ପାଇଁ ଇ-ମାନଦେୟ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି।

ରାଜ୍ୟ ସରକାରଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ମମତାକୁ ଆହୁରି ଲୋକାଭିମୁଖୀ ଓ ସେବା କୈନ୍ଦ୍ରିକ କରିବା ପାଇଁ ମମତା ଆପ୍ ଖୋଲାଯାଇଛି। ଏଥିରେ ଘରେ ରହି ମହିଳାମାନେ ପଞ୍ଜୀକରଣଠାରୁ ଆରମ୍ଭକରି ବ୍ୟାଙ୍କରେ ଟଙ୍କା ଦାଖଲ କରିବା ପର୍ଯ୍ୟନ୍ତ ସବୁ ତଥ୍ୟ ପାଇବେ। ଏଥିପାଇଁ ୧୮୧ ହେଲ୍ପଲାଇନ ନମ୍ବରକୁ ବ୍ୟବହାର କରିପାରିବେ। ସେହିପରି ମୋ ଶିଶୁ ପୋର୍ଟାଲ ଶିଶୁ ସୁରକ୍ଷା ସେବାକୁ ତଦାରଖ ଓ ଦ୍ରୁତଗାମୀ କରିବା ପାଇଁ ଏକ ସରଳ ବ୍ୟବସ୍ଥା। ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନେ ଏହାଦ୍ୱାରା ଉପକୃତ ହୋଇପାରିବେ। ଶିଶୁ ମଙ୍ଗଳ କମିଟି ଓ କିଶୋର ନ୍ୟାୟ ବୋର୍ଡ ମଧ ଅନ୍‌ଲାଇନରେ ବିଭିନ୍ନ ତଥ୍ୟକୁ ଅନୁଧ୍ୟାନକରି ଶିଶୁମାନଙ୍କ ଥଇଥାନ କାର୍ଯ୍ୟକାରୀ କରିପାରିବେ। ଏହି ଅବସରରେ ୫-ଟି ଜାତୀୟ ଅନ୍ତର୍ଜାତୀୟ ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ମାନବ ସମ୍ବଳର ଦକ୍ଷତା ବୃଦ୍ଧି ପାଇଁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଓ ୟୁନିସେଫ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି।

୩୯

# ପ୍ରତ୍ୟର୍ପଣ ରାସ୍ତା ଖୋଲିଲା

ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୧୩ ହଜାର କୋଟି ଟଙ୍କାର ମହାଠକେଇର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ଭାରତ ପ୍ରତ୍ୟର୍ପଣ ନେଇ ବ୍ରିଟେନ କୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଠକେଇ ଏବଂ ବେଆଇନ ଅର୍ଥ କାରବାର ଅଭିଯୋଗ ଆସିଛି। ୟୁକେ କୋର୍ଟ ନୀରବଙ୍କୁ ଭାରତ ଆଣିବା ନେଇ ନିର୍ଦ୍ଦେଶ ଦେଇଥିବାରୁ ତାଙ୍କୁ ଭାରତ ଅଣାଯିବା ନେଇ ଆଶା ଜନ୍ମିଛି। ଭାରତୀୟ ବ୍ୟାଙ୍କିଙ୍ଗ ଇତିହାସରେ ଏହି ଚର୍ଚ୍ଚିତ ଠକେଇର ଘଟଣାକ୍ରମ....

## ପିଏନ୍‌ବି ଠକେଇ

- **୨୦୧୮ ଜାନୁୟାରୀ ୨୯:** ନୀରବ ମୋଦି, ମେହୁଲ ଚୋକସୀ ଏବଂ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସରେ ଏତଲା।
- **୫ ଫେବୃୟାରୀ ୨୦୧୮:** ଠକେଇ ଘଟଣାର ତଦନ୍ତ ସିବିଆଇ ଆରମ୍ଭ କଲା।
- **୧୬ ଫେବୃୟାରୀ ୨୦୧୮:** ନୀରବଙ୍କ ଘର ଏବଂ ଅଫିସରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୫,୬୭୪ କୋଟି ମୂଲ୍ୟର ହୀରା ଜବତ କଲା।
- **୧୭ ଫେବୃୟାରୀ ୨୦୧୮:** ମାମଲାରେ ସିବିଆଇର ପ୍ରଥମ ଗିରଫ; ୨ ପିଏନ୍‌ବି କର୍ମଚାରୀ ଏବଂ ନୀରବ ମୋଦି ଗ୍ରୁପର ଜଣେ ଏକଜିକ୍ୟୁଟିଭ ଗିରଫ ହେଲେ।
- **୧୭ ଫେବୃୟାରୀ ୨୦୧୮:** ପିଏନ୍‌ବି ଠକେଇରେ ନୀରବ ମୋଦି ଏବଂ ମେହୁଲ ଚୋକସୀଙ୍କ ପାସ୍‌ପୋର୍ଟକୁ ଭାରତ ସରକାର ୪ ସପ୍ତାହ ଲାଗି ରଦ୍ଦ କଲେ।
- **୨୧ ଫେବୃୟାରୀ ୨୦୧୮:** ନୀରବ ମୋଦି ଫାର୍ମର ସିଏଫ୍‌ଓ ଏବଂ ଅନ୍ୟ ୨ ବରିଷ୍ଠ ଏକଜିକ୍ୟୁଟିଭଙ୍କୁ ସିବିଆଇ ଗିରଫ କଲା। ଆଲିବାଗର ଫାର୍ମ ହାଉସ ସିଲ୍ ।
- **୨୨ ଫେବୃୟାରୀ ୨୦୧୮:** ନୀରବ ମୋଦିଙ୍କ ୯ ବିଳାସପୂର୍ଣ୍ଣ କାର ଜବତ କଲା ଇଡି।
- **୨୭ ଫେବୃୟାରୀ ୨୦୧୮:** ନୀରବଙ୍କ ବିରୋଧରେ ଜାମିନଯୁକ୍ତ ଗିରଫ ପରୱାନା ଜାରି କଲେ ମ୍ୟାଜିଷ୍ଟ୍ରେଟ କୋର୍ଟ।
- **୨ ଜୁନ ୨୦୧୮:** ବେଆଇନ ଅର୍ଥକାରବାର ମାମଲାରେ ଇଣ୍ଟରପୋଲର ରେଡ କର୍ନର ନୋଟିସ ଜାରି
- **୨୫ ଜୁନ ୨୦୧୮:** ନୀରବଙ୍କ ପ୍ରତ୍ୟର୍ପଣ ଲାଗି ମୁମ୍ବାଇର ସ୍ୱତନ୍ତ୍ର କୋର୍ଟ ଗଲା ଇଡି।
- **୩ ଅଗଷ୍ଟ ୨୦୧୮:** ନୀରବଙ୍କ ପ୍ରତ୍ୟର୍ପଣ ଲାଗି ବ୍ରିଟେନ କର୍ତ୍ତୃପକ୍ଷଙ୍କୁ ଭାରତ ସରକାରଙ୍କ ଅନୁରୋଧ।


ନୀରବ ମୋଦି

- **୨୦ ଅଗଷ୍ଟ ୨୦୨୦:** ନୀରବଙ୍କୁ ଲଣ୍ଡନରେ ଅଟକ ରଖିବା ଲାଗି ସିବିଆଇର ଇଣ୍ଟରପୋଲ ମ୍ୟାଞ୍ଚେଷ୍ଟରକୁ ଅନୁରୋଧ।
- **୨୭ ଡିସେମ୍ବର ୨୦୧୮:** ନୀରବ ଲଣ୍ଡନରେ ରହୁଥିବା ନେଇ ସ୍ପଷ୍ଟ କଲେ ବ୍ରିଟେନ ସରକାର।
- **୯ ମାର୍ଚ୍ଚ ୨୦୧୯:** ନୀରବ ଲଣ୍ଡନ ରାସ୍ତାରେ ବୁଲୁଥିବା ନେଇ ସେଠାକାର ଟେଲିଗ୍ରାଫ ଖବରକାଗଜରେ ଖବର ପ୍ରକାଶିତ।
- **୯ ମାର୍ଚ୍ଚ ୨୦୧୯:** ନୀରବଙ୍କ ପ୍ରତ୍ୟର୍ପଣ ମାମଲା ଆଗକୁ ବଢାଇବା ଲାଗି ପ୍ରକ୍ରିୟା ହେଉଥିବା ଇଡିର ସୂଚନା।
- **୧୮ ମାର୍ଚ୍ଚ ୨୦୧୯:** ଭାରତ ସରକାରଙ୍କ ଅନୁରୋଧ ପରେ ଲଣ୍ଡନର ୱେଷ୍ଟ ମିନଷ୍ଟର କୋର୍ଟ ନୀରବଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କଲେ।
- **୨୦ ମାର୍ଚ୍ଚ ୨୦୧୯:** ଲଣ୍ଡନରେ ଗିରଫ ହେଲେ ନୀରବ। ୱେଷ୍ଟମିନଷ୍ଟର କୋର୍ଟର ହାଜର, ଜାମିନ ନାମଞ୍ଜୁର।
- **୨୯ ମାର୍ଚ୍ଚ ୨୦୧୯:** ନୀରବଙ୍କ ଦ୍ୱିତୀୟ ଜାମିନ ଆବେଦନ ଅଗ୍ରାହ୍ୟ କଲେ କୋର୍ଟ, ୨୬ ଏପ୍ରିଲରେ ଭିଡିଓ ଲିଙ୍କ୍ ଦ୍ୱାରା ଶୁଣାଣିରେ ନୀରବ ହାଜର।
- **୮ ମେ ୨୦୧୯:** ତୃତୀୟ ଥର ଲାଗି ନୀରବଙ୍କୁ ଜାମିନ ଦେବା ଲାଗି ଅଗ୍ରାହ୍ୟ କଲେ କୋର୍ଟ।
- **୧୨ ମେ ୨୦୧୯:** ୪ର୍ଥ ଥର ଲାଗି ଜାମିନ ନାମଞ୍ଜୁର।
- **୨୨ ଅଗଷ୍ଟ ୨୦୧୯:** ରିମାଣ୍ଡ ଅବଧି ୨୦୧୯ ସେପ୍ଟେମ୍ବର ଯାଏ ବଢିଲା।
- **୬ ନଭେମ୍ବର ୨୦୧୯:** ନୀରବଙ୍କ ନୂଆ ଜାମିନ ଆବେଦନ ଅଗ୍ରାହ୍ୟ।
- **୧୧ ମେ ୨୦୨୦:** ପିଏନ୍‌ବି ଠକେଇର ୫ ଦିନିଆ ପ୍ରତ୍ୟର୍ପଣ ଶୁଣାଣି ବ୍ରିଟେନ କୋର୍ଟରେ ଆରମ୍ଭ।
- **୧୩ ମେ ୨୦୨୦:** ବେଆଇନ ଅର୍ଥ କାରବାର ମାମଲାରେ ଭାରତୀୟ କର୍ତ୍ତୃପକ୍ଷ ନିରବଙ୍କ ବିରୋଧରେ ଅଧିକ ତଥ୍ୟ ପ୍ରମାଣ ଦେଲେ।
- **୭ ସେପ୍ଟେମ୍ବର ୨୦୨୦:** ଆର୍ଥର ରୋଡ ଜେଲର ଭିଡିଓ ଟୁର ୟୁକେ କୋର୍ଟଙ୍କୁ ପ୍ରଦାନ।
- **୧ ଡିସେମ୍ବର ୨୦୨୦:** ନୀରବଙ୍କ ରିମାଣ୍ଡ ଅବଧି ବୃଦ୍ଧି। ଚୂଡାନ୍ତ ଶୁଣାଣି ୨୦୨୧ରେ କରାଯିବାକୁ ନିଷ୍ପତ୍ତି।
- **୮ ଜାନୁୟାରୀ ୨୦୨୧:** ପ୍ରତ୍ୟର୍ପଣ ମାମଲାର ନିଷ୍ପତ୍ତି ଫେବୃୟାରି ୨୫ରେ କରିବାକୁ ଘୋଷଣା।
- **୨୫ ଫେବୃୟାରୀ ୨୦୨୧:** ପ୍ରତ୍ୟର୍ପଣ ନିର୍ଦ୍ଦେଶ।

# ଗୋଟିଏ ସ୍ଥାନରେ ଦେଶ ବିଦେଶର ପ୍ରଡକ୍ଟ

## ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାରକୁ ମିଳୁଛି ଭଲ ରେସ୍‌ପନ୍ସ

ଭୁବନେଶ୍ୱର,୨୫।୨

ସ୍ଥାନୀୟ ଜନତା ମୈଦାନରେ ଚାଲିଥିବା ୧୬ତମ ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର ଏବଂ କ୍ରେଡାଇ ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀକୁ ଭଲ ରେସପନ୍ସ ମିଳୁଛି। ଗୋଟିଏ ସ୍ଥାନରେ ଦେଶ ବିଦେଶର ସାମଗ୍ରୀ ଉପଲବ୍ଧ ହେଉଥିବାରୁ ଲୋକମାନେ ଏଠାକୁ ଆସି କିଣାକିଣି କରିବାକୁ ବେଶ ପସନ୍ଦ କରୁଛନ୍ତି। କରୋନା ଯୋଗୁ ବଜାର ପ୍ରଭାବିତ ହୋଇ ରହିଛି। ହେଲେ ଏଭଳି ସ୍ଥିତିରେ ସାମଗ୍ରୀର ଭିନ୍ନତା ରହିବା ଯୋଗୁ ଲୋକମାନେ ଏଠାକୁ ଆସି କିଣାକିଣି କରିବାକୁ ପସନ୍ଦ କରୁଥିବା ଜଣେ ବ୍ୟବସାୟୀ ମତ ରଖିଛନ୍ତି।

ଏହି ମେଳା ପ୍ରତିଦିନ ୧୨ଠାରୁ ସନ୍ଧ୍ୟା ୮ ଯାଏ ଚାଲୁଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ଅନ୍ତର୍ଜାତୀୟ ଷ୍ଟାଣ୍ଡାର୍ଡର ସାମଗ୍ରୀ ଉପଲବ୍ଧ କରାଯାଉଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି। ଏଠାରେ ଅନେକ ଏସି ପାଭିଲିୟନ ସ୍ଥାପନ କରାଯାଇଛି। ୫୦ ହଜାରରୁ ଉର୍ଦ୍ଧ୍ୱ ଆକର୍ଷଣୀୟ ପ୍ରଡକ୍ଟ ଏଠାରେ ଗ୍ରାହକ ପାଇପାରିବେ। ୯ ଦେଶ ଏବଂ ଭାରତର ୧୯ ରାଜ୍ୟର ପ୍ରଡକ୍ଟ ମେଳାରେ ଉପଲବ୍ଧ ରହିଛି। ଏଣୁ ଏଠାରେ କିଣାକିଣିର ଏକ ବିଶେଷ ଅବସର ମିଳିପାରିବ ବୋଲି



ଆୟୋଜକ କୁହନ୍ତି। ମେଳାର ପାର୍ଟନର ଦେଶ ଭାବେ ବାଲାଦେଶ ରହିଛି। ଫୋକସ ଦେଶ ଭାବେ ଆଫଗାନିସ୍ତାନ ଏବଂ ଇରାନ ରହିଛନ୍ତି। ମୁଖ୍ୟ ଆୟୋଜକ ରାଜ୍ୟ ଭାବେ ଓଡିଶା ଏବଂ ପାର୍ଟନର ରାଜ୍ୟ ଭାବେ ବିହାର ରହିଛି।

### ହୋମ୍ ଡେକୋର ପ୍ରଦର୍ଶନୀ

ଗୋଟିଏ ସ୍ଥାନରେ ୨ଟି ମେଳା ବୁଲିବାର ଗ୍ରାହକ ମଜା ଉଠାଇପାରିବେ। କ୍ରେଡାଇ ଦ୍ୱାରା ଆୟୋଜିତ ହୋମ୍ ଡେକୋର ମେଳାରେ ରିୟଲ ଇଷ୍ଟେଟ ପ୍ରକଳ୍ପ ଏବଂ ଏହା ସହିତ ଜଡିତ କମ୍ପାନୀଗୁଡିକର ସମାଗମ ମଧ୍ୟ ହୋଇଛି। କୋଭିଡର ସମସ୍ତ ନିୟମ ଏଠାରେ ପାଳନ କରାଯାଉଛି। ସେହିଭଳି ନିର୍ଦ୍ଦିଷ୍ଟ କ୍ରୟ ଉପରେ ଗ୍ରାହକଙ୍କ ଲାଗି ମାଗଣା ଗିଫ୍ଟ ପ୍ରଦାନ କରାଯାଉଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି।

### ବିଭିନ୍ନ ସେଗ୍‌ମେଣ୍ଟର ପ୍ରଡକ୍ଟ ସ୍ଥାନିତ


ଇଣ୍ଟରନ୍ୟାଶନାଲ, ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ଫୁଡ ପ୍ରଡକ୍ଟ, ହେଲଥ ଆଣ୍ଡ ବିୟୁଟି ପ୍ରଡକ୍ଟ, ସରକାରୀ ଏବଂ ରାଷ୍ଟ୍ରାୟତ୍ତ ସେଗମେଣ୍ଟ, ହସ୍ତଶିଳ୍ପ ଏବଂ ବୟନ ସାମଗ୍ରୀ ଏଠାରେ ରହିଛି।

### ମେଳାର ଆକର୍ଷଣ

ଲେବାନନ ଜୁଏଲେରୀ, ଟ୍ୟୁନିସିଆ ଲେଦର ବ୍ୟାଗ, ମାଲେସିଆ ଫାଉଣ୍ଟେନ, ବାଲାଂଦେଶ ଜମଦାନୀ ଶାଢୀ, ନଷ୍ଟାଲଜିଆ ଫର୍ନିଚର, ଆଫଗାନିସ୍ତାନ ଡ୍ରାଏ ଫ୍ରୁଟସ, ଆଣ୍ଟିକ ଗହଣା, ଦୁବାଇ ପରଫ୍ୟୁମ, ଥାଇଲାଣ୍ଡ ଆସେସୋରିଜ, ଇରାନର ସିଲଭର ଜୁଏଲେରୀ।




# ଷ୍ଟାର୍ଟଅପ୍ ପ୍ରଡକ୍ଟ କିଣିବେ ସରକାର




## ଟାଇ ଭୁବନେଶ୍ୱର ପକ୍ଷରୁ ହଲ୍ ଅଫ୍ ଫେମ୍ ଆୟୋଜିତ

ଭୁବନେଶ୍ୱର,୨୫।୨

ଷ୍ଟାର୍ଟଅପ୍ ସଂସ୍ଥାଗୁଡିକର ପ୍ରଚାର ପ୍ରସାର କରିବା ଲାଗି ରାଜ୍ୟ ମଧ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏ କ୍ଷେତ୍ରରେ ରାଜ୍ୟ ମଧ୍ୟରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ଷ୍ଟାର୍ଟଅପ୍ ପ୍ରସ୍ତୁତ କରୁଥିବା ପ୍ରଡକ୍ଟ କିଣିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲରୁ ଏହି ସଂସ୍ଥାଗୁଡିକର ପ୍ରଡକ୍ଟ ରାଜ୍ୟ ସରକାର କିଣିବେ ବୋଲି ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇଛନ୍ତି।

ଏଠାରେ ଟାଇ ଭୁବନେଶ୍ୱର ପକ୍ଷରୁ ଓଡିଶା ଓଡିଶା ଷ୍ଟାର୍ଟଅପ୍ ସହଯୋଗରେ ଆୟୋଜନ କରାଯାଇଥିବା ହଲ୍ ଅଫ୍ ଫେମ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସାହୁ କହିଛନ୍ତି, ଷ୍ଟାର୍ଟଅପ୍ ଉତ୍ପାଦ କିଣିବା ଏବଂ ସେମାନଙ୍କୁ ମାର୍କେଟିଂ ସହାୟତା ଯୋଗାଇ ଦେବା ଲାଗି ରାଜ୍ୟ ସରକାର ଆଗ୍ରହୀ ଅଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷ ଆରମ୍ଭରୁ ଏ ନେଇ ପ୍ରକ୍ରିୟା ଆରମ୍ଭ କରାଯିବ। ସେମାନଙ୍କୁ ମାର୍କେଟିଂ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ଗତ ୪ ବର୍ଷରେ ରାଜ୍ୟରେ ୯୦୦ରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍ ସଂସ୍ଥା ଖୋଲିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ଏହି ସଂସ୍ଥାଗୁଡିକୁ ଅନୁକୂଳ ପରିବେଶ ପ୍ରଦାନ କରିବା ଲାଗି ରାଜ୍ୟ ସରକାର ଷ୍ଟାର୍ଟଅପ୍ ନୀତିର ସଂଶୋଧିତ ଚିଠା ପ୍ରସ୍ତୁତ କରିଛନ୍ତି। ପୂର୍ବନୀତିର କେତେକ ଧାରାରେ ପରିବର୍ତ୍ତନ କରାଯାଇଛି। ଷ୍ଟାର୍ଟଅପ୍‌ଗୁଡିକୁ ଏହା ସୁହାଇବା ସହ ଅଧିକ ଲାଭ ପ୍ରଦାନ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଇନଫୋସିଟିରେ ୧୮୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ଷ୍ଟାର୍ଟଅପ ହବ୍ ଶୀଘ୍ର ଉଦଘାଟନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଷ୍ଟାର୍ଟଅପ୍‌ଗୁଡିଲାଗି କେନ୍ଦ୍ର ସରକାର ଗ୍ରହଣ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଡିପିଆଇଆଇଟି ସଚିବ ଗୁରୁପ୍ରସାଦ ମହାପାତ୍ର ଏଠାରେ ଗୁରୁତ୍ୱାରୋପ କରିଥିଲେ। ଉଦ୍ୟୋଗୀଙ୍କୁ ସହାୟତା ପ୍ରଦାନ କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ କୁମାର ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଓଡିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗଚି, ଟାଇ ଭୁବନେଶ୍ୱର ଭିପି ସୁନୀଲ ତନେଜା, ଟାଇ ଭୁବନେଶ୍ୱର ସଭାପତି ଦେବାଶିଷ ପଟ୍ଟନାୟକ ଏବଂ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ମହାଦେବ ଜୈସୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମନୀଷ ସିଆଇଆଇ ଓଡ଼ିଶା ଅଧ୍ୟକ୍ଷ

ଭୁବନେଶ୍ୱର,୨୫।୨

୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଓଡ଼ିଶା ରାଜ୍ୟ ପରିଷଦର ନୂଆ ଅଧ୍ୟକ୍ଷ ଭାବେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡର ପରାମର୍ଶଦାତା ମନୀଷ ଖରବନ୍ଦା ଏବଂ ଉପାଧ୍ୟକ୍ଷ ଭାବେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ରଙ୍କୁ ନିର୍ବାଚିତ କରାଯାଇଛି। ବୁଧବାର ପୁରୀଠାରେ ଅନୁଷ୍ଠିତ ରାଜ୍ୟ ପରିଷଦର ପ୍ରଥମ ବୈଠକରେ ଉଭୟଙ୍କ ନାମ ଘୋଷଣା କରାଯାଇଥିଲା। ହାର୍ଭାର୍ଡ ବିଜନେସ୍ ସ୍କୁଲରୁ ଆଡଭାନ୍ସ ମ୍ୟାନେଜମେଣ୍ଟ ଡିଗ୍ରୀ ହାସଲ କରିଥିବା ମନୀଷ ଇକଫାଇରୁ ମଧ୍ୟ ଅର୍ଥ ଓ ମାନବ ସମ୍ବଳରେ ଏମ୍‌ବିଏ ଡିଗ୍ରୀ ସମ୍ପୂର୍ଣ୍ଣ କରିଛନ୍ତି। ଏହା ସହିତ ସେ ଆଡଭାନ୍ସ ଡିପ୍ଲୋମା ଇନ୍ ଫାଇନାନ୍ସ (ସିଏଫଏ ଚାର୍ଟର୍) ଏବଂ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରି ମଧ୍ୟ ହାସଲ କରିଛନ୍ତି। ନିଜର ବ୍ୟାବସାୟିକ ଜ୍ଞାନ ଓ ବଳିଷ୍ଠ ନେତୃତ୍ୱ ପାଇଁ ତାଙ୍କ କ୍ୟାରିଅରରେ ଦ୍ରୁତ ଅଭିବୃଦ୍ଧି ହୋଇଛି। ସେହିପରି ପାତ୍ର ସରଳ ଜୀବନ ଯାପନ-ଉଚ୍ଚ ଚିନ୍ତାଧାରା ପାଇଁ ଜଣାଶୁଣା। ନାଲ୍‌କୋର ସିଏମ୍‌ଡି ଭାବରେ ଦାୟିତ୍ୱ ନେବା ପୂର୍ବରୁ ସେ ଏହି କମ୍ପାନୀର ଫାଇନାନ୍ସ ନିର୍ଦ୍ଦେଶକ ଥିଲେ। ପିଏସୟୁ ଫାଇନାନ୍ସ ଏବଂ ଆକାଉଣ୍ଟ ପରିଚାଳନା କ୍ଷେତ୍ରରେ ତାଙ୍କର ତିନି ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି।

# ୨୫ ଟଙ୍କା ବଢ଼ିଲା ଏଲ୍‌ପିଜି

ଭୁବନେଶ୍ୱର,୨୫।୨

ଦରଦାମ ବୃଦ୍ଧି ଏକ ନିତିଦିନିଆ ଖବର ହୋଇସାରିଛି। ଏହି ଖବର ସାଧାରଣ ଜନତାଙ୍କ ମୁହଁରୁ ବେଶ ବାରି ହୋଇପଡୁଛି। ଗୋଟି ପଟେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ହେଉଥିବା ବେଳେ ଅନ୍ୟପକ୍ଷରେ ଇନ୍ଧନ ଦର ଆକାଶଛୁଆଁ ହୋଇଛି। ଗୁରୁବାର ପୁଣି ଥରେ ଏଲ୍‌ପିଜି ମୂଲ୍ୟ ସିଲିଣ୍ଡର ପିଛା ୨୫ ଟଙ୍କା ବୃଦ୍ଧି ଘଟିଛି। ଗତ ଦୁଇ ମାସ ମଧ୍ୟରେ ଏଲ୍‌ପିଜି ସିଲିଣ୍ଡର ଉପରେ ୨୦୦ ଟଙ୍କାର ବୃଦ୍ଧି ପାଇଥିବା ପ୍ରମୁଖ ତୈଳ ବିପଣନ କମ୍ପାନୀ ଗୁଡିକ ପକ୍ଷରୁ ସୂଚନା ମିଳିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରର ଏଲ୍‌ପିଜି ୧୪.୨ କେଜି ସିଲିଣ୍ଡରର ମୂଲ୍ୟ ୮୨୦.୫୦ଟଙ୍କାକୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ଭୁବନେଶ୍ୱରରେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୭୯୫.୫୦ଟଙ୍କା ରହିଥିଲା। ଚଳିତ ମାସରେ ଏଲ୍‌ପିଜି ସିଲିଣ୍ଡର ଉପରେ କ୍ରମାଗତ ଭାବେ ୩ ୟ ଥର ପାଇଁ ମୂଲ୍ୟ ବୃଦ୍ଧି ଘଟିଛି। ଫେବୃୟାରୀ ୪ରେ ଏଲ୍‌ପିଜି ସିଲିଣ୍ଡର ଉପରେ ୨୫ ଟଙ୍କା ବୃଦ୍ଧି ଘଟିଥିବା ବେଳେ ୧୪ ତାରିଖରେ ଆଉ ୫୦ ଟଙ୍କା ବୃଦ୍ଧି ଘଟିଥିଲା। ଗୁରୁବାର ତୃତୀୟ ଥର ପାଇଁ ଏଲ୍‌ପିଜି ଦର ସିଲିଣ୍ଡର ପିଛା ଆଉ ୨୫ ଟଙ୍କା ବଢିଥିବା ଜଣାପଡିଛି। ଅନ୍ୟପକ୍ଷରେ ଗୁରୁବାର ଗ୍ୟାସ ଦର ବୃଦ୍ଧି ଫଳରେ ଦିଲ୍ଲୀ ଓ ମୁମ୍ବାଇରେ ଗ୍ରାହକଙ୍କୁ ୧୪.୨ କେଜି ସିଲିଣ୍ଡର ପିଛା ୭୯୪ ଟଙ୍କା ଦେବାକୁ ପଡୁଛି।


**OFFICE OF THE NOTIFIED AREA COUNCIL, KHARIAR ROAD**
"e"-Procurement Notice
Bid Reference No. 2021_ORULB_66707
Tender Call Notice No.337/Dt.25.02.2021

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

1. Nature of work : Civil construction works as mentioned in website.
2. Estimated cost : Rs.1.33 lakhs to 8.92 lakhs
3. Period of completion : As per DTCN
4. Date and time fo availability of the documents in the portal : 10.00 A.M. of dt.26.02.2021 to 5.30 P.M. of dt.15.03.2021
5. Last date/time for receipt of bids in the portal : Upto 5.30 P.M. of dt.15.03.2021
6. Offline submission of bid : 10 A.M. of dt.16.03.2021 to 5.30 P.M. of 18.03.2021
7. Name and address of the officer inviting bid : Executive Officer, Khariar Road NAC, District- Nuapada

Further, the details can be seen from the 'e'-procurement portal: www.tendersorissa.gov.in.

Sd./- Executive Officer, NAC Khariar Road

**FIRST CORRIGENDUM**
**for 'e' PROCUREMENT NOTICE, REFERENCE No.- E.E. (A), Mayurbhanj Division, Baripada - 01/2020-21**

No. L-73: Due to Bharat Bandh on 26.02.2021 to avoid any consequence the tender will be open on 02.03.2021 at 11 A.M. instead of 26.02.2021.

Sd./- Executive Engineer (Agril.)
Mayurbhanj Division, Baripada
OIPR-01024/11/0002/2021

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୪୮ **ବିଜ୍ଞାପନ** ତା: ୨୮।୧।୨୧

No. CAD-1348: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରୁଚିକା ବଜାର, ବରମୁଣ୍ଡା ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଦୋକାନ ଗୃହ ନଂ. ବି-୬ (B-6)ଟିକୁ ଶ୍ରୀ ଜହରଲାଲ୍ ପୃଷ୍ଟି, ପି.- ବାଞ୍ଛାନିଧି ପୃଷ୍ଟି, ସା: ଗୋପବନ୍ଧୁ ନଗର, ପୋ/ଥା: ଚନ୍ଦନପୁର, ଜି.- ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଜହରଲାଲ୍ ପୃଷ୍ଟି ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅରବିନ୍ଦ ସାହୁ, ପି.- ରବିନ୍ଦ୍ର କୁମାର ସାହୁ, ସା: ଗୋପୀନାଥପୁର, ପୋ: ସିଂହନାଥପୀଠ, ଥା- ବଡ଼ମ୍ବା, ଜି- କଟକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଦୋକାନ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0032/2021

No. B-776:-

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523
**INVITATIONS FOR BIDS (IFB)**
File No-B-IV-H-(H&D)-42/2018 Lr. No.- 8025 / Bhubaneswar, the 23rd Feb . 2021
**Invitation for Bids**
**Bid Identification No. EIC (B) – 15 / 2020-21**

| | | | |
|---|---|---|---|
| 1. | The Engineer-in-Chief (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | :- | Building Works |
| 3. | No. of work | :- | 01 No. |
| 4. | Bid Cost | :- | ₹ 10,000/- (each) |
| 5. | Class of Contractor | :- | Super |
| 6. | Availability of Bid Documents in the website | :- | From dt. 03.03.2021 to 17.00 Hours of dt.23.03.2021. |
| 7. | Date of opening of Bid | :- | Dt. 24.03.2021 at 11:30 AM. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Engineer-in-Chief(Buildings), Odisha, Bhubaneswar
OIPR-34117/11/0020/2021

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, CUTTACK**
**NOTICE INVITING TENDERS FOR BUILDING WORKS**
**NATIONAL COMPETITIVE BIDDING THROUGH e-Procurement**
**No.-Tender Online RWC-05/2021 Letter No.685 Date: 23.2.21**
No.O-1153:-
**e-Procurement NOTICE**

1. Name of the work : Construction of multipurpose Cyclone Shelter.
2. Class of contractor
   a) Estimated cost more than Rs.6.00 Crore & upto Rs.15.00 Crore : Special class & Super class (of Odisha PWD) & relevant class of other licencing authorities.
   b) Estimated cost more than Rs.3.00 Crore & upto Rs.6.00 Crore : A & Special class (of Odisha PWD) & relevant class of other licencing authority.
   c) Estimated cost more than Rs.40.00 lakhs & upto Rs.3.00 Crores : A & Special class (of Odisha PWD) & relevant class of other licencing authority.
3. Time for completion : Noted against the work as per Annexure
4. Period of availability of tenders online/date & time of bidding online/ last date of seeking clarification/ date of opening of tender papers : The details are as follows:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack | Tender Online RWC 05/2021 | 04.03.2021 at 11. A.M. | 25.03.2021 upto 05.00 P.M. | 24.03.2021 upto 2.00 P.M. | 26.03.2021 at 11.30 A.M. | Will be intimated later |

Further details can be seen from the website www.tendersorissa.gov.in for building works.
OIPR-25097/11/0015/2021
Sd./- Superintending Engineer, Rural Works Circle, Cuttack

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
PLOT NO.C/2, NAYAPALLI, BHUBANESWAR-12

PP-42/2019 Letter No. 3183 Date- 25.02.2021

**NOTICE INVITING TENDER**

OSCSC Ltd., Bhubaneswar invites sealed tenders from valid approved parties registered with FCI including State Government Departments and Agencies having feed stock manufacturing plants for sale of damaged rice (unfit for human consumption) to the tune of 7.726 MT lying at OSWC, Paralakhemundi of Gajapati district on "AS IS WHERE IS BASIS".

Tender forms (non-transferable) embodying the terms and conditions and other details can be available from OSCSC Ltd., Bhubaneswar on payment of Rs.590/- (Rupees Five hundred ninety only) towards cost of tender papers (Rs.500.00 + 18% GST) in shape of Demand Draft / Pay Order drawn in favour of Managing Director, OSCSC Ltd., Bhubaneswar payable at Bhubaneswar on all working days during office hours from **dt.26.02.2021** to **dt.16.03.2021.**

The tender form with terms and conditions and other details can also be downloaded from OSCSC website (**www.oscsc.in**), F.S & C.W Department website (**www.foododisha.in**). Incase it is downloaded from the web, the tenderer has to deposit Rs.590/- in shape of Demand Draft/Pay Order in favour of Managing Director, OSCSC Ltd., Bhubaneswar payable at Bhubaneswar on any Nationalized Bank alongwith tender documents.

**The sealed tenders will be received in the office of OSCSC Ltd., C/2 Nayapalli, Bhubaneswar-12 upto 2.00 P.M on dt.16.03.2021 and will be opened on dt.16.03.2021 at 3.00 P.M.**

Tenders received without required documents shall not be considered and liable to be rejected at the initial stage itself.

OSCSC reserves the right to accept or reject any or all tenders without assigning any reason whatsoever.

Sd/
Managing Director
OSCSC Ltd, Bhubaneswar

## ଦ୍ୱିତୀୟ ଦିବସରେ ଶେଷ ହୋଇଥିବା ଟେଷ୍ଟ ମ୍ୟାଚ

**୧.** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ (ଦି ଓଭାଲ, ୧୮୮୨ ଅଗଷ୍ଟ ୨୮): ଅଷ୍ଟ୍ରେଲିଆ ବିଜୟୀ।
**୨.** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ (ଲର୍ଡ୍ସ, ୧୮୮୮ ଜୁଲାଇ ୧୬): ଅଷ୍ଟ୍ରେଲିଆ ବିଜୟୀ।
**୩.** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ (ଦି ଓଭାଲ, ୧୮୮୮ ଅଗଷ୍ଟ ୧୩): ଇଂଲଣ୍ଡ ବିଜୟୀ।
**୪.** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ (ମାଞ୍ଚେଷ୍ଟର, ୧୮୮୮ ଅଗଷ୍ଟ ୩୦: ଇଂଲଣ୍ଡ ବିଜୟୀ।
**୫.** ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ (ପୋର୍ଟ ଏଲିଜାବେଥ, ୧୮୮୯ ମାର୍ଚ୍ଚ ୧୨): ଇଂଲଣ୍ଡ ବିଜୟୀ।
**୬.** ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ (କେପ୍‌ଟାଉନ୍, ୧୮୮୯ ମାର୍ଚ୍ଚ ୨୫): ଇଂଲଣ୍ଡ ବିଜୟୀ।
**୭.** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ (ଦି ଓଭାଲ, ୧୮୯୦, ଅଗଷ୍ଟ ୧୧): ଇଂଲଣ୍ଡ ବିଜୟୀ।
**୮.** ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ (ପୋର୍ଟଏଲିଜାବେଥ୍, ୧୮୯୬, ଫେବୃୟାରୀ ୧୩): ଇଂଲଣ୍ଡ ବିଜୟୀ।
**୯.** ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ (କେପ୍‌ଟାଉନ୍ ୧୮୯୬, ମାର୍ଚ୍ଚ ୨୧) ଇଂଲଣ୍ଡ ବିଜୟୀ।
**୧୦.** ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା(ମାଞ୍ଚେଷ୍ଟର, ୧୯୧୨, ମେ ୨୭): ଅଷ୍ଟ୍ରେଲିଆ ବିଜୟୀ।
**୧୧.** ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା (ଦି ଓଭାଲ, ୧୯୧୨ ଅଗଷ୍ଟ ୧୨): ଇଂଲଣ୍ଡ ବିଜୟୀ।
**୧୨.** ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ (ନଟିଂହାମ୍, ୧୯୧୨ ମେ ୨୮): ଅଷ୍ଟ୍ରେଲିଆ ବିଜୟୀ।
**୧୩.** ଅଷ୍ଟ୍ରେଲିଆ ବନାମ ୱେଷ୍ଟଇଣ୍ଡିଜ ( ମେଲବୋର୍ନ, ୧୯୩୬ ଫେବୃୟାରୀ ୧୩)। ଅଷ୍ଟ୍ରେଲିଆ ବିଜୟୀ।
**୧୪.** ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ (ଜୋହାନ୍ସବର୍ଗ, ୧୯୩୬, ଫେବୃୟାରୀ ୧୫):ଅଷ୍ଟ୍ରେଲିଆ ବିଜୟୀ।
**୧୫.** ନ୍ୟୁଜିଲାଣ୍ଡ ବନାମ ଅଷ୍ଟ୍ରେଲିଆ (ୱେଲିଂଟନ, ୧୯୪୬ ମାର୍ଚ୍ଚ ୨୯): ଅଷ୍ଟ୍ରେଲିଆ ବିଜୟୀ।
**୧୬.** ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ (ଲିଡ୍ସ, ୨୦୦୦ ଅଗଷ୍ଟ ୧୭) ଇଂଲଣ୍ଡ ବିଜୟୀ।
**୧୭.** ଅଷ୍ଟ୍ରେଲିଆ ବନାମ ପାକିସ୍ତାନ (ଶାରଜା, ୨୦୦୨ ଅକ୍ଟୋବର ୧୧): ଅଷ୍ଟ୍ରେଲିଆ ବିଜୟୀ।
**୧୮.** ଦକ୍ଷିଣ ଆଫ୍ରିକା ବନାମ ଜିମ୍ବାୱେ (କେପ୍ ଟାଉନ୍ ୨୦୦୫ ମାର୍ଚ୍ଚ ୪) ଦକ୍ଷିଣ ଆଫ୍ରିକା ବିଜୟୀ।
**୧୯.** ଜିମ୍ବାୱେ ବନାମ ନ୍ୟୁଜିଲାଣ୍ଡ (ହରାରେ, ୨୦୦୫ ଅଗଷ୍ଟ ୭): ନ୍ୟୁଜିଲାଣ୍ଡ ବିଜୟୀ।
**୨୦.** ଦକ୍ଷିଣ ଆଫ୍ରିକା ବନାମ ଜିମ୍ବାୱେ (ପୋର୍ଟ ଏଲିଜାବେଥ୍, ୨୦୧୭ ଡିସେମ୍ବର ୨୬): ଦକ୍ଷିଣ ଆଫ୍ରିକା ବିଜୟୀ।
**୨୧.** ଭାରତ ବନାମ ଆଫଗାନିସ୍ତାନ (ବେଙ୍ଗାଲୁରୁ ୨୦୧୮ ଜୁନ୍ ୧୪): ଭାରତ ବିଜୟୀ।
**୨୨.** ଭାରତ ବନାମ ଇଂଲଣ୍ଡ (ଅହମଦାବାଦ, ୨୦୨୧ ଫେବୃୟାରୀ ୨୫) ଭାରତ ବିଜୟୀ।

## ସ୍କୋର ବୋର୍ଡ

**ଇଂଲଣ୍ଡ ପ୍ରଥମ ଇନିଂସ: ୧୧୨**
**ଭାରତ ପ୍ରଥମ ଇନିଂସ**
ରୋହିତ–ଏଲ୍‌ବିଡବ୍ଲ୍ୟୁ–ଲିଚ୍–୬୬
ଶୁବମନ–କ–କ୍ରଲି–ବୋ–ଆର୍ଚର–୧୧
ପୂଜାରା–ଏଲ୍‌ବିଡବ୍ଲ୍ୟୁ–ଲିଚ୍–୦
କୋହଲି–ବୋ–ଲିଚ୍–୨୭
ରାହାନେ–ଏଲବିଡବ୍ଲ୍ୟୁ–୭
ପନ୍ତ–କ–ଫୋକ୍ସ–ବୋ–ରୁଟ୍–୧
ଅଶ୍ୱିନ–କ–କ୍ରଲି–ବୋ–ରୁଟ୍–୧୭
ସୁନ୍ଦର–ବୋ–ରୁଟ୍–୦
ଅକ୍ଷର–କ–ସିବ୍‌ଲେ–ବୋ–ରୁଟ୍–୦
ଈଶାନ୍ତ–ନଟଆଉଟ–୧୦
ବୁମ୍‌ରା–ଏଲ୍‌ବିଡବ୍ଲ୍ୟୁ–ରୁଟ୍–୧
ଅତିରିକ୍ତ–୫
ମୋଟ(ଅଲ୍‌ଆଉଟ, ୫୩.୨ ଓଭର)୧୪୫
ଉଇକେଟ ପତନ: ୧/୩୩, ୨/୩୪, ୩/୯୮, ୪/୧୧୪, ୫/୧୧୫, ୬/୧୧୭, ୭/୧୨୫, ୮/୧୨୫, ୯/୧୩୪।
ବୋଲିଂ(ଇଂଲଣ୍ଡ)
ଜେମ୍ସ ଆଣ୍ଡରସନ ୧୩–୮–୨୦–୦
ଷ୍ଟୁଆର୍ଟ ବ୍ରଡ୍ ୬–୧–୧୬–୦
ଜୋଫ୍ରା ଆର୍ଚର ୫–୨–୨୪–୧
ଜ୍ୟାକ୍ ଲିଚ୍ ୨୦–୨–୫୪–୪
ବେନ୍ ଷ୍ଟୋକ୍ସ–୩–୦–୧୯–୦
ଜୋ ରୁଟ୍ ୬.୨–୩–୮–୫।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ**
କ୍ରଲି–ବୋ–ଅକ୍ଷର–୦
ସିବ୍‌ଲେ–କ–ପନ୍ତ–ବୋ–ଅକ୍ଷର–୭
ବେୟାରଷ୍ଟୋ–ବୋ–ଅକ୍ଷର–୦
ରୁଟ୍–ଏଲ୍‌ବିଡବ୍ଲ୍ୟୁ–ଅକ୍ଷର–୧୯
ଷ୍ଟୋକ୍ସ–ଏଲ୍‌ବିଡବ୍ଲ୍ୟୁ–ଅଶ୍ୱିନ–୨୫
ପୋପ୍–ବୋ–ଅଶ୍ୱିନ–୧୨
ଫୋକ୍ସ–ଏଲ୍‌ବିଡବ୍ଲ୍ୟୁ–ଅକ୍ଷର–୮
ଆର୍ଚର–ଏଲ୍‌ବିଡବ୍ଲ୍ୟୁ–ଅଶ୍ୱିନ–୦
ଲିଚ୍–କ–ରାହାନେ–ବୋ–ଅଶ୍ୱିନ–୯
ବ୍ରଡ୍–ନଟଆଉଟ–୧
ଆଣ୍ଡରସନ–କ–ପନ୍ତ–ବୋ–ସୁନ୍ଦର–୦
ଅତିରିକ୍ତ–୦
ମୋଟ(ଅଲ୍‌ଆଉଟ, ୩୦.୪ ଓଭର) ୮୧
ଉଇକେଟ ପତନ:୧/୦, ୨/୦, ୩/୧୯, ୪/୫୦, ୫/୫୬, ୬/୬୬, ୭/୬୮, ୮/୮୦, ୯/୮୦।
ବୋଲିଂ(ଭାରତ)
ଅକ୍ଷର ପଟେଲ ୧୫–୦–୩୨–୫
ରବିଚନ୍ଦ୍ରନ ଅଶ୍ୱିନ ୧୫–୩–୪୮–୪
ୱାଶିଂଟନ ସୁନ୍ଦର ୦.୪–୦–୧–୧
**ଭାରତ ଦ୍ୱିତୀୟ ଇନିଂସ**
ରୋହିତ–ନଟଆଉଟ–୨୫
ଶୁବମନ–ନଟଆଉଟ–୧୫
ଅତିରିକ୍ତ–୯
ମୋଟ(୭.୪ ଓଭର, ବିନା ଉଇକେଟରେ) ୪୯
ବୋଲିଂ(ଇଂଲଣ୍ଡ)
ଜ୍ୟାକ୍ ଲିଚ୍ ୪–୧–୧୫–୦
ଜୋ ରୁଟ୍ ୩.୪–୨୫–୦।

# ଦେଢ଼ ଦିନରେ ଲଢ଼େଇ ଶେଷ


ରବିଚନ୍ଦ୍ରନ ଅଶ୍ୱିନ

**ଅହମଦାବାଦ, ୨୫।୨**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଭାରତ–ଇଂଲଣ୍ଡ ଦିବାରାତ୍ର ତୃତୀୟ କ୍ରିକେଟ ଟେଷ୍ଟ ଦେଢ଼ଦିନରେ ଶେଷ ହୋଇଛି। ଦ୍ୱିତୀୟ ଦିବସରେ ମୋଟ ୧୭ ଉଇକେଟର ପତନ ଘଟିଥିବାବେଳେ ଭାରତ ୧୦ ଉଇକେଟରେ ବୃହତ୍ ବିଜୟ ହାସଲ କରିଛି। ସ୍ପିନରଙ୍କୁ ସୁହାଇଥିବା ପିଚ୍‌ରେ ଇଂଲଣ୍ଡ ପ୍ରଥମ ଇନିଂସରେ ୧୧୨ ରନ କରିଥିବା ବେଳେ ଭାରତ ୧୪୫ ରନ କରି ଅଗ୍ରଣୀ ହାସଲ କରିଥିଲା। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୮୧ ରନରେ ଅଲ୍‌ଆଉଟ ହେବାରୁ ଭାରତ ସମ୍ମୁଖରେ ୪୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଦିବସର ଡିନର ବ୍ରେକ୍ ପରେ ପରେ ଭାରତ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରୋହିତ ଶର୍ମା ୨୫ ବଲ୍‌ରୁ ୨୫ ଓ ଶୁବମନ ଗିଲ୍ ୨୧ ବଲ୍‌ରୁ ୧୫ ରନରେ ଅପରାଜିତ ରହିଥିଲେ। ଏହି ବିଜୟ ଫଳରେ ଭାରତ ୪ ମ୍ୟାଚ ବିଶିଷ୍ଟ ସିରିଜରେ ୨–୧ରେ ଅଗ୍ରଣୀ ଲାଭ କରିଛି।

### ରୁଟ୍‌ଙ୍କ ବୋଲିଂ ଯାଦୁ

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ସାଧାରଣତଃ ଜଣେ ବିଶ୍ୱଶ୍ରେଣୀୟ ବ୍ୟାଟ୍ସମ୍ୟାନ ଭାବେ ପରିଚିତ। ମାତ୍ର ଏହି ଟେଷ୍ଟରେ ସେ ବୋଲିଂରେ ଚମତ୍କାରିତା ଦେଖାଇ ନିଜ ୬.୨ ଓଭର ସ୍ପେଲ୍‌ରେ ୩ ମେଡେନ ନେବା ସହ ମାତ୍ର ୮ ରନ ଦେଇ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ। ଟେଷ୍ଟରେ ଏହା ଥିଲା ତାଙ୍କର ଶ୍ରେଷ୍ଠ ବୋଲିଂ ଏବଂ ପ୍ରଥମ ୫ ଉଇକେଟ ସଫଳତା। ପ୍ରଥମ ଦିବସର ଅସମାପ୍ତ ସ୍କୋର ୯୯/୩ରୁ ଖେଳ ଆରମ୍ଭ କରିଥିବା ଭାରତ ଆଉ ୪୬ ରନ ଯୋଗକରି ଅବଶିଷ୍ଟ ୭ ଉଇକେଟ ହରାଇଥିଲା। ସ୍ପେଶାଲିଷ୍ଟ ସ୍ପିନର ଜ୍ୟାକ୍ ଲିଚ୍‌ଙ୍କୁ ପଛରେ ପକାଇ ସାମୟିକ ବୋଲର ରୁଟ୍ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଲିଚ୍‌ଙ୍କୁ ୪ ଉଇକେଟ ମିଳିଥିଲା। ଏହି ଇନିଂସରେ ଭାରତର ରୋହିତ ଶର୍ମା ସର୍ବାଧିକ ୬୬ ରନ କରିଥିଲେ।

**ଦିବାରାତ୍ର ଟେଷ୍ଟ**
- ଦ୍ୱିତୀୟ ଦିବସରେ ୧୭ ଉଇକେଟର ପତନ
- ୧୦ ଉଇକେଟରେ ଜିତିଲା ଟିମ୍ ଇଣ୍ଡିଆ
- ଭାରତ ବିପକ୍ଷରେ ଇଂଲଣ୍ଡର ସର୍ବନିମ୍ନ ସ୍କୋର
- ଅଶ୍ୱିନଙ୍କ ୪୦୦ ଉଇକେଟ ପୂରଣ
- ଅକ୍ଷର ମ୍ୟାନ ଅଫ୍ ଦି ମ୍ୟାଚ


ପ୍ରଥମଥର ୫ ଉଇକେଟ ହାସଲ କରିଥିବା ଜୋ ରୁଟ୍।

### ଅକ୍ଷର ସ୍ୱର୍ଣ୍ଣାକ୍ଷର

ଟେଷ୍ଟର ୨ଟି ଯାକ ଇଂଲଣ୍ଡ ଇନିଂସରେ ଆଧିପତ୍ୟ ବିସ୍ତାର କରିଥିଲେ ଅକ୍ଷର ପଟେଲ। ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନଙ୍କ ଉପସ୍ଥିତି ସତ୍ତ୍ୱେ ସେ ଦେଖାଇଥିଲେ କମାଲ। ଇଂଲଣ୍ଡର ପ୍ରଥମ ଇନିଂସରେ ସେ ୩୮ ରନରେ ୬ଟି ଏବଂ ଦ୍ୱିତୀୟ ଇନିଂସରେ ୩୨ ରନ ବିନିମୟରେ ୫ ଉଇକେଟ ନେଇ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି। ପୂରା ମ୍ୟାଚରେ ସେ ୭୦ ରନ ଦେଇ ୧୧ ଉଇକେଟ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ତାଙ୍କ ଟେଷ୍ଟ କ୍ୟାରିୟରରେ ଏହା ଥିଲା ସର୍ବଶ୍ରେଷ୍ଠ ସଫଳତା। ଇଂଲଣ୍ଡର ଦ୍ୱିତୀୟ ଇନିଂସ ୮୧ ରନରେ ସୀମିତ ରହିଥିଲା। ଭାରତ ବିପକ୍ଷରେ ଇଂଲଣ୍ଡର ଏହା ଥିଲା ସର୍ବନିମ୍ନ ସ୍କୋର। ଏହି ଇନିଂସରେ କେବଳ ବେନ୍ ଷ୍ଟୋକ୍ସ (୨୫), ଜୋ ରୁଟ୍ (୧୯) ଓ ଓଲି ପୋପ୍ (୧୨)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଏଥିରେ ୪ ଉଇକେଟ ହାସଲ ସହ ଅଶ୍ୱିନ ଟେଷ୍ଟ କ୍ରିକେଟରେ ୪୦୦ ଉଇକେଟ ପୂରଣ କରିଥିଲେ। ପୂରା ମ୍ୟାଚରେ ମାତ୍ର ୪ଟି ବଲ୍ ବୋଲିଂ କରିବାର ସୁଯୋଗ ପାଇଥିବା ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇ ଏଭଳି ପିଚ୍‌ରେ ସେ ମଧ୍ୟ ପାରଙ୍ଗମ ବୋଲି ପ୍ରମାଣିତ କରିଥିଲେ।

### ଅଶ୍ୱିନଙ୍କ ସର୍ବାଧିକ ଶିକାର
୧୧: ବେନ୍ ଷ୍ଟୋକ୍ସ
୧୦: ଡେଭିଡ ୱାର୍ନର
୯: ଆଲିଷ୍ଟର କୁକ୍
୭: ଏଡ୍‌ୱାର୍ଡ କୋୱାନ/ଜେମ୍ସ ଆଣ୍ଡରସନ

### ଇନିଂସର ପ୍ରଥମ ବଲ୍‌ରେ ସ୍ପିନରଙ୍କୁ ସଫଳତା
ବବି ପିଲ୍ ବନାମ ଅଷ୍ଟ୍ରେଲିଆ, ୧୯୮୮
ବେର୍ଟ ଭୋଗଲର ବନାମ ଇଂଲଣ୍ଡ, ୧୯୦୭
ରବିଚନ୍ଦ୍ରନ ଅଶ୍ୱିନ ବନାମ ଇଂଲଣ୍ଡ, ୨୦୨୦–୨୧

### ଭାରତ ବିପକ୍ଷରେ ଇଂଲଣ୍ଡର ସର୍ବନିମ୍ନ ସ୍କୋର
୮୧: ଅହମଦାବାଦ, ୨୦୨୦–୨୧
୧୦୧: ଓଭାଲ, ୧୯୭୧
୧୦୨: ମୁମ୍ବାଇ, ୧୯୭୯–୮୦
୧୦୨: ଲିଡ୍ସ, ୧୯୮୬
୧୧୨: ଅହମଦାବାଦ, ୨୦୨୦–୨୧

### ଦିବାରାତ୍ର ଟେଷ୍ଟରେ ସ୍ପିନରଙ୍କୁ ସର୍ବାଧିକ ସଫଳତା
୨୭: ଭାରତ ବନାମ ଇଂଲଣ୍ଡ, ଅହମଦାବାଦ, ୨୦୨୦–୨୧
୨୪: ପାକିସ୍ତାନ ବନାମ ଶ୍ରୀଲଙ୍କା, ଦୁବାଇ, ୨୦୧୭–୧୮
୨୨: ପାକିସ୍ତାନ ବନାମ ୱେଷ୍ଟଇଣ୍ଡିଜ, ଦୁବାଇ, ୨୦୧୬–୧୭
୮: ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ, ପର୍ଥ, ୨୦୧୯–୨୦

### ଦିବାରାତ୍ର ଟେଷ୍ଟରେ ୧୦ ଉଇକେଟ ସଫଳତା
୧୧/୭୦: ଅକ୍ଷର ପଟେଲ ବନାମ ଇଂଲଣ୍ଡ, ଅହମଦାବାଦ, ୨୦୨୦–୨୧
୧୦/୬୨: ପ୍ୟାଟ୍ କମିନ୍ସ ବନାମ ଶ୍ରୀଲଙ୍କା, ବ୍ରିସ୍‌ବେନ, ୨୦୧୮–୧୯
୧୦/୧୭୪: ଦେବେନ୍ଦ୍ର ବିଶୁ ବନାମ ପାକିସ୍ତାନ, ଦୁବାଇ, ୨୦୧୬–୧୭

### କମ୍ ଟେଷ୍ଟରେ ୪୦୦ ଉଇକେଟ
୭୨: ମୁଥୟା ମୁରଲୀଧରନ
୭୭: ରବିଚନ୍ଦ୍ରନ ଅଶ୍ୱିନ
୮୦: ରିଚାର୍ଡ ହାର୍ଡଲି/ଡେଲ ଷ୍ଟେଇନ
୮୪: ରଙ୍ଗନା ହେରାଥ
୮୪: ଅନିଲ କୁମ୍ବଲେ

# ପିଚ୍‌କୁ ନେଇ ଭିନ୍ନମତ

**ଅହମ୍ମଦାବାଦ, ୨୫।୨ (ପି.ଟି.):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଦିବାରାତ୍ର ତୃତୀୟ କ୍ରିକେଟ ଟେଷ୍ଟ ଦୁଇ ଦିନ ମଧ୍ୟରେ ଶେଷ ହେବା ପରେ କ୍ରିକେଟ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତର ହରଭଜନ ସିଂ ଓ ଭିଭିଏସ୍ ଲକ୍ଷ୍ମଣଙ୍କ ସମେତ ବହୁ ପୂର୍ବତନ ଖେଳାଳି ଟେଷ୍ଟ ମ୍ୟାଚ ପାଇଁ ଏହି ପିଚ୍ ଉପଯୁକ୍ତ ନୁହେଁ ବୋଲି କହିଛନ୍ତି। କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର କିନ୍ତୁ ଭିନ୍ନ ମତ ପୋଷଣ କରିଛନ୍ତି। ମ୍ୟାଚରେ ବ୍ୟାଟ୍ସମ୍ୟାନମାନେ ରକ୍ଷଣାତ୍ମକ ଖେଳିବା ଲାଗି ମାନସିକ ସ୍ତରରେ ନିଷ୍ପତ୍ତି ନେଇ ସାରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଷ୍ଟ୍ରେଟ୍ ଡେଲିଭରିରେ ଆଉଟ ହୋଇଛନ୍ତି। ଲକ୍ଷ୍ମଣ କହିଛନ୍ତି, ଟର୍ଣ୍ଣିଂ ପିଚ୍ ହୋଇଥିବାରୁ ବିପକ୍ଷ ଦଳର ୨୦ ଟି ଉଇକେଟ ମଧ୍ୟରୁ ଅଧିକାଂଶ ସ୍ପିନ ବୋଲିଂର ଶିକାର ହୋଇଛନ୍ତି। ମ୍ୟାଚରେ ବାମହାତୀ ସ୍ପିନର ଅକ୍ଷର ପଟେଲ ୭୦ରନ ବିନିମୟରେ ୧୧ ଉଇକେଟ ନେଇଥିବାବେଳେ ସିନିୟର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୭ ଉଇକେଟ ଅକ୍ତିଆର କରିଛନ୍ତି। ହରଭଜନ କହିଛନ୍ତି ଇଂଲଣ୍ଡ ଯଦି ଏହାର ପ୍ରଥମ ଇନିଂସରେ ୨୦୦ ରନ ସଂଗ୍ରହ କରିପାରିଥାନ୍ତା ଭାରତ ଅଡୁଆରେ ପଡ଼ିଥାନ୍ତା। ତେଣୁ କହିବାକୁ ଗଲେ ଉଭୟ ଦଳ ପାଇଁ ପିଚ୍ ଉପଯୁକ୍ତ ନୁହେଁ। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି କହିଛନ୍ତି, ଉଭୟ ଦଳର ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ଭଲ ନ ଥିଲା। ଏଥିପାଇଁ ପିଚ୍‌କୁ ଦାୟୀ କରାଯିବା ଉଚିତ ନୁହେଁ।

# ଧୋନୀଙ୍କୁ ଟପିଲେ କୋହଲି

**ଅହମ୍ମଦାବାଦ, ୨୫।୨**

ଭାରତ–ଇଂଲଣ୍ଡ ତୃତୀୟ କ୍ରିକେଟ ଟେଷ୍ଟ ଦେଢ଼ଦିନରେ ଶେଷ ହୋଇଛି। ଭାରତ ୧୦ ଉଇକେଟରେ ବିଜୟୀ ହୋଇ ବିରଳ କ୍ଲବରେ ସାମିଲ ହୋଇଛି। ଏଠାରେ ଟିମ୍ ଇଣ୍ଡିଆର ବିଜୟ ସହ ସଫଳ ଅଧିନାୟକ ଭାବେ ବିରାଟ କୋହଲି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ଘରୋଇ ପରିବେଶରେ ବିରାଟଙ୍କ ନେତୃତ୍ୱରେ ଭାରତ ୨୯ ଟେଷ୍ଟରୁ ୨୨ ବିଜୟ ହାସଲ କରିଛି। ପୂର୍ବରୁ ଧୋନୀଙ୍କ ନେତୃତ୍ୱରେ ଭାରତ ୩୦ ଟେଷ୍ଟରୁ ୨୧ ବିଜୟ ହାସଲ କରିଥିଲା। ଫଳରେ ଧୋନୀ ଘରୋଇ ପରିବେଶରେ ସବୁଠାରୁ ସଫଳ ଅଧିନାୟକର ରେକର୍ଡ ବହନ କରୁଥିଲେ।

### ୨୨ତମ ଦୃଷ୍ଟାନ୍ତ

ଦ୍ୱିତୀୟ ଦିନରେ କୌଣସି ଟେଷ୍ଟ ମ୍ୟାଚ ଶେଷ ହେବା ଏହା ନୂଆ ନୁହେଁ। ପୂର୍ବରୁ ୨୧ଟି ଟେଷ୍ଟ ୨ ଦିନରେ ଶେଷ ହୋଇଥିବାବେଳେ କୋହଲିଙ୍କ ଦଳ ୨୨ତମ ଦୃଷ୍ଟାନ୍ତ ସାଜିଛି। ଭାରତରେ ଏତେ ଶୀଘ୍ର କୌଣସି ଟେଷ୍ଟ ଶେଷ ହେବା ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ୨୦୧୮ ଜୁନ୍ ୧୪ରେ ଭାରତ–ଆଫଗାନିସ୍ତାନ ମ୍ୟାଚ ୨ ଦିନରେ ଶେଷ ହୋଇଥିଲା ଏବଂ ଭାରତ ବିଜୟ ହାସଲ କରିଥିଲା।

### ଅଶ୍ୱିନଙ୍କ ମାଇଲଖୁଣ୍ଟ

ଭାରତର ୪ର୍ଥ ଏବଂ ବିଶ୍ୱର ୬ଷ୍ଠ ସ୍ପିନରଭାବେ ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟରେ ୪୦୦ ଉଇକେଟ ପୂରଣ କରିଛନ୍ତି। 'ମଡର୍ନ ଡେ ଲିଜେଣ୍ଡ'ଭାବେ ପରିଚିତ ହେଉଥିବା ଅଶ୍ୱିନ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଜୋଫ୍ରା ଆର୍ଚରଙ୍କ ଉଇକେଟ ନେଇ ଏହି ସଫଳତା ପାଇଛନ୍ତି। ମ୍ୟାଚରେ ୭ଟି ଉଇକେଟ ନେଇଥିବାରୁ ସେ ନିଜ ମୋଟ ଉଇକେଟ ସଂଖ୍ୟାକୁ ୪୦୧ରେ ପହଞ୍ଚାଇଛନ୍ତି। ୩୪ ବର୍ଷୀୟ ଏହି ଅଫ୍ ସ୍ପିନର କ୍ୟାରିୟରର ୭୭ତମ ଟେଷ୍ଟରେ ଏହି ମ୍ୟାଜିକ୍ ସଂଖ୍ୟାକୁ ଅତିକ୍ରମ କରିଛନ୍ତି। ବିଶ୍ୱର ୧୬ତମ ବୋଲର ଭାବେ ସେ ୪୦୦ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। "୪୦୦ ଉଇକେଟ ସଂଖ୍ୟା ସ୍ପର୍ଶ କରିବାର ଅନୁଭୂତି ଅବର୍ଣ୍ଣନୀୟ। ଷ୍ଟାଡିୟମରେ ଉପସ୍ଥିତ ଥିବା ସମସ୍ତ ଦର୍ଶକ ଛିଡ଼ା ହୋଇ ତାଳିମାରି ମୋତେ ଅଭିନନ୍ଦନ ଜଣାଇଥିଲେ। ଏହା ଭାରତର ବିଜୟରେ କାମ ଦେଇଥିବାରୁ ବହୁତ ଖୁସି ଲାଗୁଛି। ବାସ୍ତବରେ ସ୍ୱପ୍ନ ସତ ହେବା ପରି ଅନୁଭବ ହେଉଛି" ବୋଲି ଅଶ୍ୱିନ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅଧିନାୟକ ବିରାଟ କୋହଲି ମଧ୍ୟ ଅଶ୍ୱିନଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଟେଷ୍ଟରେ ଅଶ୍ୱିନ ଯାହା କରିଛନ୍ତି ଯେତେ ପ୍ରଶଂସା କଲେ କମ୍ ହେବ। ସେ ହେଉଛନ୍ତି ଆଧୁନିକ ଯୁଗର କିମ୍ବଦନ୍ତୀ। ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ (୬୧୯), କପିଳ ଦେବ (୪୩୪), ହରଭଜନ ସିଂ (୪୧୭) ଏହି କ୍ଲବରେ ସାମିଲ ଅଛନ୍ତି। ଅଶ୍ୱିନ ୭୭ ଟେଷ୍ଟରୁ ଏହି ସଫଳତା ଅର୍ଜନ କରି ୪୦୦ ଉଇକେଟ ପୂରଣରେ ଦ୍ୱିତୀୟ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। କେବଳ ଶ୍ରୀଲଙ୍କା କ୍ରିକେଟ କିମ୍ବଦନ୍ତୀ ମୁଥୟା ମୁରଲୀଧରନ ୭୨ ଟେଷ୍ଟରୁ ୪୦୦ ଉଇକେଟ ପୂରଣ କରି ତାଲିକାର ଶୀର୍ଷରେ ରହିଛନ୍ତି। ତୃତୀୟ ଟେଷ୍ଟ ପୂର୍ବରୁ ଅଶ୍ୱିନ ମ୍ୟାଜିକ୍ ସଂଖ୍ୟା ସ୍ପର୍ଶଠାରୁ ୬ ଉଇକେଟ ଦୂରରେ ଥିଲେ। ପ୍ରଥମ ଇନିଂସରେ ୩ ଉଇକେଟ ନେଇ ସେ ଏହାର ନିକଟତର ହୋଇଥିଲେ। ଦ୍ୱିତୀୟ ଇନିଂସରେ ୪ ଉଇକେଟ ହାସଲ କରି ସେ ସ୍ୱପ୍ନକୁ ସାକାର କଲେ। ୨୦୧୫–୧୬ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲି ବୋଲି ଅନେକ କହିଥିଲେ। ୨୦୧୬–୧୭ରେ ମଧ୍ୟ ତାହାର ପୁନରାବୃତ୍ତି ହୋଇଥିଲା। ଏଥର ମଧ୍ୟ ତାହା ହୋଇଛି। ମୁଁ ସବୁବେଳେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରି ଆସିଛି। ଲକ୍‌ଡାଉନ୍ ସମୟରେ ୭–୮ କେଜି ଓଜନ କମାଇଛି। ତାହା କାମ ଦେଇଛି ବୋଲି ଅଶ୍ୱିନ କହିଛନ୍ତି।


ଭାରତକୁ ୧୦ ଉଇକେଟରେ ଜିତାଇବା ପରେ ଉଲ୍ଲସିତ ଶୁବମନ ଗିଲ୍ ଓ ରୋହିତ ଶର୍ମା।

ଧରିତ୍ରୀ
DHARITRI
ଶୁକ୍ରବାର, ୨୬ ଫେବୃୟାରୀ, ୨୦୨୧



**ଭୋଜିଖାଇ ୨୧ଅସୁସ୍ଥ**

ତରବୋଡ/ନୂଆପଡା ଅଫିସ, (ଡି.ଏନ.ଏ.):ନୂଆପଡା ଜିଲା କୋମନା ବ୍ଲକ ପୋଏଁର ଗାଁରେ ବିବାହ ଓ ଦଶାହ ଭୋଜି ଖାଇ ୨୧ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଛୋଟ ପିଲା ବି ରହିଛନ୍ତି। ସେମାନଙ୍କୁ ଗୁରୁବାର କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ଡାକ୍ତର ସୌମ୍ୟ ହିରଣ୍ୟ ପଣ୍ଡାଙ୍କୁ ପଚାରିବାରୁ ଫୁଡ ପଏଜନିଂରୁ ଏପରି ହୋଇଥାଇପାରେ। ତେବେ ଖାଦ୍ୟ ନମୁନା ପରୀକ୍ଷା ହୋଇ ଆସିଲା ପରେ ସବୁକିଛି ଜଣାପଡିବ ବୋଲି ସେ କହିଛନ୍ତି। ଉକ୍ତ ଗାଁରେ ମଙ୍ଗଳବାର ଏକ ବାହାଘର ଓ ବୁଧବାର ଏକାଦଶାହ ଭୋଜିଥିଲା। ଲାଗି ଲାଗି ଦୁଇଟି ଭୋଜି ଖାଇଥିବାରୁ କେତେକଙ୍କ ଝାଡ଼ାବାନ୍ତି ଓ ପେଟଦରଦ ହୋଇ ଅସୁସ୍ଥ ହୋଇ ପଡିଥିବା ଗ୍ରାମବାସୀ କହିଛନ୍ତି।

## ସଂକ୍ଷେପରେ

**ପ୍ରାତଃ ଭ୍ରମଣବେଳେ ଦୁର୍ଘଟଣା**

### ବେଲଗୁଣ୍ଠା ଏଏଫଓଙ୍କ ମୃତ୍ୟୁ

ଭଞ୍ଜନଗର,୨୫।୨(ଡି.ଏନ.ଏ)- ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଭାତ କୁମାର ଦାସ(୪୨)ଙ୍କର ଗୁରୁବାର ସକାଳେ ଏକ ଅଟୋ ଧକ୍କାରେ ମୃତ୍ୟୁ ଘଟିଛି। ସେ ପ୍ରାତଃ ଭ୍ରମଣରେ ଭଞ୍ଜନଗର ବାଗ୍‌ଦେବୀ ରୋଡସ୍ଥିତ ବାସଭବନରୁ ତୁଳସୀପଲ୍ଲୀ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଭଞ୍ଜନଗର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଅପରାହ୍ଣରେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଏହାପରେ ତାଙ୍କ ପୈତୃକ ବାସଭବନ ଭୁବନେଶ୍ୱର ଅଭିମୁଖେ ନିଆଯାଇଥିଲା। ପ୍ରଭାତ ସ୍ଥାନୀୟ ବାଗ୍‌ଦେବୀ ରୋଡ଼ରେ ଘର ଭଡ଼ାନେଇ ରହୁଥିଲେ। ପ୍ରତିଦିନ ଭଳି ଗୁରୁବାର ସକାଳେ ସେ ପ୍ରାତଃ ଭ୍ରମଣରେ ବାହାରିଥିଲେ। କିଛିବାଟ ଯିବାପରେ ଏକ ଅଟୋ ପ୍ରଭାତଙ୍କୁ ଧକ୍କା ଦେଇ ପଳାଇଥିଲା। ଅଞ୍ଚଳବାସୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍‌ପିଟାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟ ଋଣ ଭାରରେ ବୁଡ଼ିଛି: ବିରୋଧୀ ଲୋକାଭିମୁଖୀ ବଜେଟ: ଶାସକ

**ବଜେଟ ଆଲୋଚନା**

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ରାଜ୍ୟରେ ଋଣ ଭାର ବଢ଼ିଚାଲିଛି। ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ନିଯୁକ୍ତି ଦିଶାହୀନ। ବିଧାନସଭା ବଜେଟ ଆଲୋଚନା ବେଳେ ବିରୋଧୀ ଏଭଳି ଢଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଶାସକ ବିଜେଡି ବଜେଟ ଲୋକାଭିମୁଖୀ ହୋଇଥିବା କହିଛି। ଗୁରୁବାର ଅପରାହ୍ଣରେ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଉପରେ ବିଧାନସଭାରେ ସାଧାରଣ ଆଲୋଚନା ଆରମ୍ଭ ହୋଇଥିଲା। ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି, ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି । ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାର ଏବେ ଋଣ କରିବାରେ ବ୍ୟସ୍ତ। ଏହି ଅର୍ଥରେ ଉନ୍ନୟନମୂଳକ କାର୍ଯ୍ୟ ହେବା କଥା। ମାତ୍ର ସରକାର ଋଣ ଟଙ୍କା କାଳିଆ ଯୋଜନା ପାଇଁ ଖର୍ଚ୍ଚ କରୁଛନ୍ତି । ଫଳରେ ରାଜ୍ୟ ଉପରେ ଋଣ ଭାର ବଢ଼ିଚାଲିଛି। ସୀମା ଏବେ ଅସୁରକ୍ଷିତ। ସାଧାରଣ ଲୋକେ ନ୍ୟାୟ ପାଉନାହାନ୍ତି। ଶିଳ୍ପ, କାରଖାନା ଯୋଗୁ ବିସ୍ଥାପିତ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରମିକ, ବେକାର ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ମିଳୁନାହିଁ ବୋଲି ସେ କହିଥିଲେ। କେନ୍ଦ୍ର ସରକାର ରାଜ୍ୟକୁ ବିଭିନ୍ନ ସୂତ୍ରରେ ପ୍ରଦାନ କରୁଥିବା ଅର୍ଥ ସଂକ୍ରାନ୍ତରେ ଉଲ୍ଲେଖ କରାଯାଉନାହିଁ। ଋଣ ପଇସା ଆଣି ଆମେ କେଉଁ ଜାଗାରେ ବିନିଯୋଗ କଲେ, ତାହା ପରିଶୋଧ କରିହେବ ସେ ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ରାଜ୍ୟକୁ ଋଣରେ ବୁଡ଼ାଇବା ପାଇଁ ଲୋକେ ସରକାରକୁ ଦାୟିତ୍ୱ ଦେଇନାହାନ୍ତି। କୋଭିଡ୍ ସମୟରେ କେନ୍ଦ୍ର ସରକାର ୪୦ ହଜାର କୋଟି ଟଙ୍କା ରାଜ୍ୟକୁ ପ୍ରଦାନ କରିଥିବା ବେଳେ ସରକାର ତାହାକୁ କେଉଁଠି ଖର୍ଚ୍ଚ କଲେ, ତାହା ଜଣାପଡ଼ିଲା ନାହିଁ। ଶିଳ୍ପ ବିକାଶ ନାଁରେ ଓଡ଼ିଶାର ଲୋକଙ୍କୁ ଅପମାନିତ କରାଯାଉଛି। ଓଡ଼ିଶାର ଯୁବକ ବାହାର ରାଜ୍ୟକୁ କର୍ମସଂସ୍ଥାନ ସନ୍ଧାନରେ ଯାଉଛନ୍ତି ବୋଲି ପ୍ରଦୀପ୍ତ କହିଛନ୍ତି। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ କହିଥିଲେ ଯେ ବିରୋଧୀ ଦଳ କେବଳ ବିରୋଧ ପାଇଁ ବିରୋଧ କରୁଛନ୍ତି ।

୧୯୯୯-୨୦୦୦ ପରଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱ ନେବା ପରେ ରାଜ୍ୟ ବଜେଟ ନିଅଣ୍ଟିଆରୁ ଏବେ ବଳକାରେ ପରିଣତ ହୋଇଛି। ୨୦୦୦-୦୧ ପୂର୍ବରୁ ରାଜ୍ୟ ବଜେଟର କଳେବର ୧୧,୮୦୧ କୋଟି ୮ଲକ୍ଷ ଥିବା ବେଳେ ଏବେ ୧.୭୦ ଲକ୍ଷ କୋଟିରେ ପହଞ୍ଚିଛି। ଲୋକଙ୍କୁ ଆଖିଆଗରେ ରଖି ବଜେଟ ପ୍ରସ୍ତୁତ କରାଯାଇଛି। ବିଭିନ୍ନ ବର୍ଗର ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଏହି ବଜେଟ ପ୍ରସ୍ତୁତ ହୋଇଛି। ଏ ବଜେଟ ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ସହାୟକ ହେବ। କୋଭିଡ୍-୧୯ ପ୍ରଭାବ ଯୋଗୁ ଅଭିବୃଦ୍ଧି କମିଛି। ଏହି ଅସ୍ୱାଭାବିକ ପରିସ୍ଥିତିରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ପ୍ରଭାବିତ ହୋଇଥିବା ବେଳେ ଓଡ଼ିଶା ମଧ ପ୍ରଭାବିତ ହୋଇଛି। ତଥାପି ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ଭଲ ଅଛି ବୋଲି ଶତପଥୀ କହିଥିଲେ। ବିକଶିତ ରାଷ୍ଟ୍ର ଗଠନ ଲାଗି ଋଣ କରିବା ଅପରାଧ ନୁହେଁ। ଆମେ ବିକାଶ କଥା କହୁଥିବାବେଳେ ଋଣ କରିବା ବେଳେ ପ୍ରଶ୍ନ ଉଠାଉଛେ। ଭାରତ ସରକାର ଓ ବିଭିନ୍ନ ରାଜ୍ୟ ସରକାର ମଧ ଋଣ କରୁଛନ୍ତି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ଓଡ଼ିଶାର ଭାଗ ୧୦ ହଜାର କୋଟି କମିବାକୁ ଯାଉଛି। ଏହାକୁ ଚିନ୍ତାକରି ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ଚାଷୀଙ୍କ ଉନ୍ନତି ଲାଗି ରାଜ୍ୟ ସରକାରଙ୍କ କାଳିଆ ଯୋଜନାକୁ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି । ବଜେଟରେ ଭିତ୍ତିଭୂମି ବିକାଶ, ଶିକ୍ଷା ସହ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ବଜେଟ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ ବୋଲି ଶତପଥୀ କହିଛନ୍ତି। ଆଲୋଚନାରେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଅଂଶଗ୍ରହଣ କରି ସରକାରଙ୍କୁ ସମାଲୋଚନା କରିଥିଲେ।

# ନିଯୁକ୍ତି ପାଇଁ ବିମାନରେ ବେଙ୍ଗାଲୁରୁ ଗଲେ ୧୯ ଯୁବତୀ




ବଙ୍ଗାଲୁରୁ ଯିବାପାଇଁ ଯୁବତୀମାନେ ବିମାନ ବନ୍ଦରରେ ଅପେକ୍ଷା କରିଛନ୍ତି।

ଲଖନପୁର,୨୫।୨(ଡି.ଏନ୍.ଏ.)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଅଧୀନରେ କାର୍ଯ୍ୟ କରୁଥିବା ଡାଲ୍‌ମିଆ ଭାରତ ଫାଉଣ୍ଡେଶନ୍ ତରଫରୁ ପ୍ରଶିକ୍ଷଣ ଦିଆଯାଇଥିବା ୧୯ଜଣ ଯୁବତୀଙ୍କୁ ନିଯୁକ୍ତି ଦେବା ପାଇଁ ସୁଦୂର ବେଙ୍ଗାଲୁରୁ ପଠାଯାଇଛି। ଏହି ଯୁବତୀମାନେ ଗୁରୁବାର ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ସ୍ପାଇସ୍‌ଜେଟ୍ ବିମାନରେ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ସମୟରେ ଝାରସୁଗୁଡ଼ା ଜିଲା ନିୟୋଜନ ଅଧିକାରିଣୀ ସଞ୍ଜୁ କୁମାରୀ ସାହୁ ଓ ରାଉରକେଲା ଜିଲା ନିୟୋଜନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠି ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ଯାତ୍ରାର ସଫଳ କାମନା କରିଥିଲେ। ରୋଜଗାର ପାଇଁ ବିମାନରେ ବସି ବେଙ୍ଗାଲୁରୁ ଯାଉଥିବାରୁ ଯୁବତୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଯୁବତୀମାନେ ବେଙ୍ଗାଲୁରୁର କିଟେକ୍ସ ଗାର୍ମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇ ସିଲେଇ କାମ କରିବେ ବୋଲି ଜଣାପଡିଛି। ଏଥିମଧ୍ୟରେ ଝାରସୁଗୁଡା ଜିଲା ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରରୁ ୭, ରାଉରକେଲା ଓ ରାଜଗାଙ୍ଗପୁର ପ୍ରଶିକ୍ଷଣ କେନ୍ଦ୍ରରୁ ୧୨ଜଣ ଯୁବତୀ ରହିଛନ୍ତି। ଝାରସୁଗୁଡା ପ୍ରଶିକ୍ଷଣ କେନ୍ଦ୍ରର ଯୁବତୀଙ୍କ ମଧ୍ୟରେ ସତ୍ୟବତୀ କିଷାନ, ସୋନମ ଦେବୀ, ଅନିତା କୁମାରୀ, ଶାନ୍ତି ତନ୍ତୀ, ନମିତା କିଷାନ, ସୁନୀତା ବାର୍ଲା, ସୁମିତ୍ରା ମୁଣ୍ଡା ପ୍ରମୁଖ ରହିଛନ୍ତି।

# ୨୭,୪୫୦ କୋଟିର ହେବ ପୁଞ୍ଜି ନିବେଶ

**ପିପିଟି ଓ ୨୭ କମ୍ପାନୀ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ**

ପାରାଦୀପ,୨୫।୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଓ ୨୭ଟି କମ୍ପାନୀ ମଧ୍ୟରେ ଗୁରୁବାର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏଥିରେ ୨୭,୪୫୦ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ ବୋଲି ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଘୋଷଣା କରିଛନ୍ତି। ଏ ନେଇ ବନ୍ଦର ପ୍ରଶାସନିକ ଭବନର ସମ୍ମିଳନୀ କକ୍ଷରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୭ଟି କମ୍ପାନୀ ଯୋଗଦେଇଥିଲେ। ବୈଠକରେ ବନ୍ଦର ଅଧ୍ୟକ୍ଷ ଭିନିତ୍ କୁମାର କୋଲକାତାରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗଦେଇ ସମ୍ମତି ପ୍ରଦାନ କରିଥିଲେ। ଆସନ୍ତା ମାର୍ଚ୍ଚ୨ ରୁ ୪ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ମାରିଟାଇମ ଇଣ୍ଡିଆ ସମିଟ୍-୨୦୨୧ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହେବ। ଏହି ସମିଟ୍ ଅବ୍ୟବହିତ ପୂର୍ବରୁ ପାରାଦୀପ ବନ୍ଦର ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର କରିଛି।

# ୩ ଲକ୍ଷର ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ନିମାପଡ଼ା,୨୫।୨(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ।

କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଗୋପ ଓ କୋଣାର୍କ ଥାନା ପୋଲିସ ସହାୟତାରେ ଗୁରୁବାର କୋଣାର୍କ, ଜୁଣେଇଁ, ନଳକଣା, କୁଲୁରାଛକ, ଶାରଡ଼ା ଛକ, ଦଶବାଟିଆ ପ୍ରଭୃତି ଅଞ୍ଚଳରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉବେଳେ ଗୋପ ଥାନା ଅନ୍ତର୍ଗତ ଶାରଡ଼ା ଛକରେ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି। ପୋଲିସ ତାଙ୍କଠାରୁ ୨୫ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି କୋଣାର୍କ ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୫୬/୨୧) ରୁଜୁ କରିଛି। ପରେ ଅଭିଯୁକ୍ତଙ୍କୁ ନିର୍ମାପଡ଼ା କୋର୍ଟଚାଲାଣ କରାଯାଇଛି। କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ ପଠାଇଛି। ଚଢ଼ାଉରେ କୋଣାର୍କ ଅବକାରୀ ଏସ୍‌ଆଇ ଲକ୍ଷ୍ମୀଧର ପ୍ରଧାନ, ଏଏସ୍‌ଆଇ ଲୋକନାଥ ପାତ୍ର, ଶେଖ ୱାରିସଙ୍କ ସମେତ ଗୋପ ଓ କୋଣାର୍କ ପୋଲିସ ଅଧିକାରୀମାନେ ସାମିଲ ଥିଲେ।


**OFFICE OF THE EXECUTIVE ENGINEER, KHURDA IRRIGATION DIVISION, KHORDHA**

eekhurdairrigationdivision@gmail.com

**1st CORRIGENDUM TO INVITATION FOR BIDS**

**'e' Procurement Notice No. 09 (KHD) of 2020-21**

No. A-624: The date & time availability of bid document in the portal mentioned in e-procurement Notice No. 09 (KHD) of 2020-21. From 25.02.2021, 10.00 A.M. to 08.03.2021, 5.00 P.M. vide Sl. No. 9 & 10 of the DTCN may be read as From 25.02.2021, 10.00 A.M. to 06.03.2021, 5.00 P.M. and the Date & time for opening of Technical Bid mentioned 09.03.2021 at 10.30 A.M. of Sl. No. 11 of the DTCN may be read as 08.03.2021 at 10.30 A.M.

All other terms and conditions remain unchanged.

Executive Engineer, Khurda Irrigation Division, Khurda

OIPR-32078/11/0007/2021

**ODISHA HYDRO POWER CORPORATION LTD.**

OHPC

(A Gold Rated State PSU)

O/o. SR. GENERAL MANAGER, RENGALI HYDRO ELECTRIC PROJECT

P.O.: RENGALI DAM SITE, PIN- 759105, DIST.- ANGUL (ODISHA)

TEL.: 06760-277214, FAX: 06760-277324, Email: sgmel500@gmail.com

No.: RHEP/C & P/PUR-III-37/1068 Date: 24.02.21

**NOTICE INVITING TENDER No. RHEP-47/2020-21**

No.: CAD-1367: Sealed tenders are invited in two part i.e. (i) Techno Commercial Bid and (ii) Price Bid in separate sealed envelopes from reputed firm/agency/contractor.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of 140 Nos. of ceiling Fans for Residential and Non-Residential Buildings of RHEP, Rengali | Rs.708/- (Rs.600/- + GST @ 18%) | 2,000/- | From Dtd.27.02.2021 to Dtd.10.03.2021 upto 03.00 P.M. | Dtd.10.03.21 upto 04.00 P.M. | Dt.10.03.21 at 04.30 P.M. |

For details and further correspondence/corrigendum, please visit our website **www.ohpcltd.com**.

Sd./- C & P Head, RHEP, Rengali

OIPR-04005/11/0041/2021

**DIRECTORATE GENERAL FIRE SERVICES, HOME GUARDS & CIVIL DEFENCE, ODISHA**

No.D-181

**SHORT TENDER CALL NOTICE NO.-8/2020-21**

1. Sealed tenders are invited from the fabricators having own fabrication unit for fabrication of Water Tanker (15,000 Ltrs Capacity) and Mini Motor Fire Engine for Fire Service Organization during the year 2020-21.

| Sl. No. | Name of the item | Approximate Quantity |
|---|---|---|
| 1 | Fabrication of Water Tanker (15,000 Ltrs Capacity) on chassis model: - Tata Signa 2821. T 5L BS-6 with 197 HP Engine, 48 WB, Tilt and Telescopic Power Steering, Air Brakes, Radial Tube Tyre, Anti Theft Fuel Tank, GSA, Reverse Parking Assistance System, FE Switch & 22 feet Deck Length. **(The chassis/ vehicle shall be supplied by the Department)** | 04 Nos. |
| 2 | Fabrication of Mini Motor Fire Engine on chassis model: - Tata 712 LPT DCR38CBC 125B6M5 TT BS-6 with 125 HP Engine, Tilt & Telescopic Power Steering, Dual Circuit Full Air S-Cam Brakes, PTOP, 31.15% Gradeability, 4.24 Tons Payload & 17.12 Feet Deck Length **(The chassis/ vehicle shall be supplied by the Department)** | 07 Nos. |

2. Sale of tender document w. e. f. dt.24-02-2021.
3. Last date for sale of tender document dt.10-03-2021, 5.30 P.M.
4. Last date for receipt of tender document dt.10-03-2021, 5.30 P.M.
5. Date for opening of tenders/Technical Bids dt. 12-03-2021, 11.30 AM. onward.
6. Date of Technical Committee for evaluation of offers dt. 12-03-2021, 1.30 P.M. onwards at this Directorate General of Fire Service, Odisha, Cuttack.
7. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing `500/- (Rupees five hundred) only between 11.00 A.M to 5.30 P.M each working days on each working day, from 24-02-2021 to 12-03-2021.
8. Address: Directorate General of F.S, H.Gs & C.D, At-3rd Floor of Vigilance Directorate, Nuapatna, Cuttack, Pin-753001, FAX-0671-2300201/ 2303387.

**I.G of Police, Fire Service, Home Guards & Civil Defence, Odisha, Cuttack**

**Address – 3rd Floor, Vigilance Building, Nuapatna, Buxibazar, Cuttack-753001, Tel. – 0671-2300317, Fax : 0671-2300201, E-mail : dfoprov-ofs@gov.in, afoprov-ofs@gov.in**

OIPR-12006/11/0011/2021

**ODISHA HYDRO POWER CORPORATION LTD.**

OHPC

(A Gold Rated State PSU)

O/o. SR. GENERAL MANAGER, RENGALI HYDRO ELECTRIC PROJECT, RENGALI

P.O.: RENGALI DAM SITE, DIST.- ANGUL (ODISHA), INDIA, PIN- 759105

TEL.: 06760-277214, FAX: 06760-277324, Email: sgmel500@gmail.com

CIN: U40101OR1995SGC003963

No.: OHPC:RHEP/C&P/PUR-III-32/1074 Date: 24.02.2021

**NOTICE INVITING TENDER No. RHEP-53/2020-21**

No.: CAD-1366: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from the reputed manufacturers/ authorized dealers/Reputed suppliers/channel partner for supply of the following materials & providing services as mentioned below.

| Description of Materials/ Services | Cost of Tender Paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|
| Supply, Installation and Commissioning of 03 Nos. Window AC 1.5 ton, 3 Star Rating with Voltage Stabilizer at Erectors Hostel, RHEP, Rengali Dam Site on Buy back basis. | Rs.472/- (Inclusive of GST @ 18%) | Rs.970/- | From Dt.27.02.2021 to Dt.10.03.2021 (Upto 03.00 P.M.) | Upto 04.00 P.M. Dt.10.03.2021 | Dt.10.03.2021 at 04.30 P.M. |

For details and further correspondence/corrigendum, please visit our website **www.ohpcltd.com**.

OIPR-04005/11/0040/2021 Sd./- C & P Head, RHEP, Rengali

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender ID : 2021_ORULB_66213**

**Tender Call Notice No. 1222 (PW) Date. 25.02.2021**

No. C-532:-

Name & No. of Works : Civil Work

No. of Works : 16 Nos

Bid Value : Rs. 4.20 Lakhs to Rs. 40.04 Lakhs

Period of Competion : One Calendar Month to Two Calendar Months

Date and Time schedule:

| Start | End | Opening |
|---|---|---|
| 11.00 AM on dt. 01.03.2021 | 5.00 PM on dt. 07.03.2021 | 11.00 A.M. on dt. 09.03.2021 |

Tender Details: can be seen from the procurement portal: www.tendersorissa.gov.in

Executive Engineer

OIPR-13031/11/0008/2021 City Division-II, CMC

ଓଡ଼ିଶା ସରକାର

**GOVERNMENT OF ODISHA**

**DISTRICT PROJECT OFFICE, SAMAGRA SIKSHYA, SUNDARGARH**

E-mail ID: dpcsndgssa.opepa@nic.in

**"e"- Procurement Notice**

**Bid Identification No. DPC/SS/2 OF 2020-21**

Letter No. 443/Civil Date: 24.02.2021

| | | | |
|---|---|---|---|
| 1. | District Project Co-ordinator, Samagra Sikshya, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil+Electrical+PH+Renovation) in the Schools" as detailed in DTCN. | | |
| 2. | Nature of Work | :- | **Improvement of Infrastructure (Civil + Electrical + PH + Repair & Renovation) in the Schools.** |
| 3. | No. of works | :- | **27 (Twenty-Seven Nos.)** |
| 4. | Cost of Tender Paper | :- | **Rs. 10,000/-. Each** |
| 5. | Class of Contractor | :- | **"B" & "A" Class Contractor** |
| 6. | Availability of Bid Document in the website | :- | **From 10.00 Hours of date- 28.02.2021 to 17.00 Hours of date- 15.03.2021** |
| 7. | Date of opening of Bid | :- | **11.00 A.M. on Dt.16.03.2021** |
| 8. | The bidders have to participate in ON-LINE bidding only. Further details can be seen from the website (**https://tendersodisha.gov.in**). Any addendum/ corrigendum/cancellation of tender can also be seen in the said website only. | | |

Sd./- District Project Co-ordinator, Samagra Sikshya, Sundargarh

**ORISSA STATE AIDS CONTROL SOCEITY (OSACS)**

(Department of Health & Family Welfare), Government of Odisha

No. 750/OSACS Dated: 25.02.2021

**NOTICE INVITING TENDER FOR SAFE DELIVERY KIT**

No. CAD-1368: Orissa State AIDS Control Society (OSACS) invites sealed tenders from authorized manufactures/ distributors/approved dealers having valid GST registration for supply of safe delivery kits to OSACS. The detailed terms & conditions and specification for Safe Delivery Kits are available in the website of OSACS i.e. **www.osacs.nic.in**, which can be downloaded for use. Interested parties may submit their tenders super-scribing **"Tender for Safe Delivery Kits 2021"** to the undersigned through Speed Post/Registered Post/ Courier only which should reach on or before **12.00 Noon of 10.03.2021** positively and the same will be opened at **12.30 P.M.** on the same day before the committee & the participants. The undersigned reserves the right to reject any or all the tender without assigning any reason thereof.

Sd./- Project Director
Orissa State AIDS Control Society
(Department of Health & Family Welfare), Govt. of Odisha
2nd Floor, Oil Orissa Building,
F-Nayapalli, Bhubaneswar - 12

OIPR-10009/11/0001/2021

**CUTTACK DEVELOPMENT AUTHORITY**

CDA

ARUNODAYA BHAWAN, LINK ROAD, CUTTACK - 12

E-mail: cda.cuttack@ori.nic.in

No. 2744/CDA Date: 25.02.2021

**EXPRESSION OF INTEREST**

**DEVELOPMENT OF KALYAN MANDAP ALONGWITH ALLIED FACILITIES ON "ANNUAL LICENCE BASIS" AT SECTOR - 8 & 9, BIDANASI, CUTTACK**

No. CAD-1370: Sealed proposals are invited from individuals/developers/builders/firm for undertaking Development of Kalyan Mandap along with allied facilities on Annual Licence Basis over layout Plot No. 8-1-K/2, Sector - 8 & over Plot No. 7Km/1397 of Sector - 9, CDA, Abhinab Bidanasi, Cuttack.

CDA shall give permissive possession of the above plots on long term lease basis to be developed as **"Kalyan Mandap"** the selected bidder shall construct, develop, operate and maintain the project facilities. The detailed EOI alongwith application formats and licence draft agreement is available in the website of CDA i.e. **www.cda.cuttack.nic.in**.

Interested bidders may submit their proposal on or before date 30.03.2021 by 15.00 hours as per the prescribed format available in website.

The proposals should be submitted alongwith bid document fee of Rs.11,800/- (Rupees eleven thousand eight hundred) only and with a bid security of Rs.3,00,000/- (rupees three lakhs) only and it should be submitted through Speed Post/Courier so as to reach by the undersigned above date and time.

For any future assistance in this regard or for any clarification w.r.t. this project, prospective bidder may contact Shri Narad Ch. Rath, Engineer Member, CDA, Phone No. 9437180346.

Sd./- Secretary, CDA

OIPR-13037/11/0002/2021

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍‌ଡିଂ

ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: ୭୬୪୭/ଭୁ.ଉ.କ., ଭୁବନେଶ୍ୱର ତା୧୫।୦୨।୨୦୨୧ରିଖ

Misc.L.A.-9/93 (Pt-II)

**ସୂଚନା**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଣ୍ଟନ କରାଯାଇଥିବା ପ୍ଲଟ ଏବଂ ଅର୍ଦ୍ଧ ନିର୍ମିତ ଗୃହ (Core House) ଗୁଡ଼ିକୁ ଅଦ୍ୟାବଧି କେତେକ ଆବଣ୍ଟନଗ୍ରାହୀ ଗୃହ ନିର୍ମାଣ ନ କରି କିମ୍ବା ଅସମ୍ପୂର୍ଣ୍ଣ ଅବସ୍ଥାରେ ବର୍ଷ ବର୍ଷ ଧରି ପକାଇ ରଖିଛନ୍ତି। ଏ ସମ୍ବନ୍ଧରେ ଆଗରୁ ଅନେକ ଥର ଖବରକାଗଜ ମାଧ୍ୟମରେ ଆବଣ୍ଟନଗ୍ରାହୀଙ୍କୁ ଅବଗତ କରାଯାଇଥିଲେ ମଧ ଆବଣ୍ଟନଗ୍ରାହୀ ବିହୀତ ପଦକ୍ଷେପ ନେଇ ନାହାନ୍ତି।

ଆବଣ୍ଟନ ସର୍ତ୍ତ/ଚୁକ୍ତି ଅନୁଯାୟୀ ଆବଣ୍ଟନଗ୍ରାହୀ ଆବଣ୍ଟନର ୫ବର୍ଷ ମଧ୍ୟରେ ଆବଣ୍ଟିତ ପ୍ଲଟରେ ଗୃହ ଏବଂ ଅର୍ଦ୍ଧନିର୍ମିତ ଗୃହକୁ (Core House) ବାସୋପଯୋଗୀ କରିବା କଥା। ଯେଉଁ ଆବଣ୍ଟନଗ୍ରାହୀ ଆବଣ୍ଟନ ସର୍ତ୍ତ/ଚୁକ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ନାହାନ୍ତି କିମ୍ବା କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରୁନାହାନ୍ତି ସେମାନଙ୍କୁ ଶେଷ ସୁଯୋଗ ଭାବେ ଜଣାଇ ଦିଆଯାଉଅଛି କି, ଆବଣ୍ଟନଗ୍ରାହୀ ଆସନ୍ତା ତା୩୧।୦୩।୨୦୨୧ରିଖ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କଲେ ସେମାନଙ୍କ ଆବଣ୍ଟନେ ରଦ୍ଦ କରି ଆବଣ୍ଟିତ ପ୍ଲଟ ବା ଅସମ୍ପୂର୍ଣ୍ଣ ଗୃହର ଦଖଲ ନେବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ଆବଣ୍ଟନଗ୍ରାହୀଙ୍କ ପାଇଁ ଏହା ଚୂଡ଼ାନ୍ତ ନୋଟିସ୍‌ଭାବେ ବିଚାର କରାଯିବ।

ସ୍ୱା./– ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

**ODISHA RENEWABLE ENERGY DEVELOPMENT AGENCY**

OREDA

Under the Department of Energy, Government of Odisha

(ISO 9001:2008 / ISO 14001:2004)

S/59, Mancheswar Industrial Estate

Website: www.oredaorissa.com, E-mail: ceoreda@oredaorissa.com

**NOTICE INVITING TENDER (NIT)**

**CONSULTANCY SERVICES FOR CONDUCTING / MANAGING RECRUITMENT PROCESS**

NIT No. 936/OREDA Date: 25.2.2021

No. CAD-1375: Odisha Renewable Energy Development Agency invites bids under single stage two-part bidding system from reputed consulting firms/agencies for consultancy services to conduct and manage the recruitment process as per the Scope of Work in the tender document.

| Bid Security Deposit (EMD) (In Rs.) | Non-refundable Cost of Bid Document (In Rs.) |
|---|---|
| 1 | 2 |
| Rs.2,50,000/- (Rupees two lakh fifty thousand) only to be submitted in shape of Demand | Rs.10,000 + 5% GST |

The Schedule of Events is given below:

| Sl. No. | Events | Schedule |
|---|---|---|
| 1. | Date of publication of Request for Proposal (RFP) on E-Procurement website and OREDA website | 28.02.2021 |
| 2. | Due date and time for receipt of pre-bid queries on the RFP | 08.03.2021 at 1.00 P.M. |
| 3. | Date and time for the pre-bid meeting | 10.03.2021 at 11.30 A.M. |
| 4. | due date and time for submission of online copies of Technical Bid and Price Bid | 26.03.2021 by 5.00 P.M. |
| 5. | Due date and time for submission of hard copies of Technical Bid for select Bid forms only | 31.03.2021 at 1.00 P.M. |
| 6. | Due date and time for the opening of Technical Bid for both online copies and hard copies, except price Bid | 31.03.2021 at 3.00 P.M. |
| 7. | Due date and time for the opening of online Price Bid, applicable only for the bidders whose Technical Bids shall be responsive | To be intimated later |

Tender documents can also be downloaded from the official website of Odisha Renewable Energy Development Agency **www.oredaodisha.com**. The authority reserves the right to accept or reject any or all of the offers without assigning any reason thereof.

**Note:** Bidders are requested to regularly visit official website of Odisha Renewable Energy Development Agency **www.oredaodisha.com** for amendment/corrigendum (if any)/important notice etc. relating to this tender.

Sd./- Chief Executive

OIPR-28005/11/0001/2021



**ମୁମ୍ବାଇ:** ସ୍ୱର୍ଗତ ସୁପରଷ୍ଟାର ଶ୍ରୀଦେବୀଙ୍କ ପରେ କମେଡି ଭୂମିକାରେ ଅଭିନୟ କରିବାରେ କଙ୍ଗନା ରନାଓତ୍ ନିଜକୁ ଏକମାତ୍ର ଅଭିନେତ୍ରୀ ବୋଲି ଦାବି କରିଛନ୍ତି। ତାଙ୍କର ରୋମାଣ୍ଟିକ୍ କମେଡ଼ି ଫିଲ୍ମ 'ତନୁ ୱେଡ୍ସ ମନୁ' ମୁକ୍ତିଲାଭ କରିବାର ୧୦ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ସେ ଏହା କହିଛନ୍ତି। ଆନନ୍ଦ ଏଲ୍. ରାଇଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ତାଙ୍କ କ୍ୟାରିୟରକୁ ନୂଆ ରୂପ ଦେଇଥିଲା ବୋଲି କଙ୍ଗନା ଟୁଇଟ୍ କରିଛନ୍ତି।

# ହାଜତରେ ଡନ୍‌ଙ୍କ ବ୍ୟୁଟି କୁଇନ୍

ୱାଶିଂଟନ,୨୫।୨



ଆମେରିକାରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ମେକ୍ସିକୋ ଡନ୍ ଅଲ୍-ଚାପୋଙ୍କ ସ୍ତ୍ରୀ ଏମା କୋରୋନେଲ ଏସ୍‌ପୁରୋ ତାଙ୍କୁ କାର୍ଟେଲ ଚଳାଇବାରେ ସାହାଯ୍ୟ କରିଥିଲେ। ସ୍ୱାମୀଙ୍କ ସହ ମିଶି ବହୁ କୋଟି ଡଲାରର ଡ୍ରଗ୍ସ କାରବାର ପାଇଁ ଷଡ଼ଯନ୍ତ୍ରର ଅଭିଯୋଗ ତାଙ୍କ ବିରୋଧରେ ରହିଛି। ଏହି ହାଇପ୍ରୋଫାଇଲ୍ ଲେଡିଙ୍କୁ ୱାଶିଂଟନର ଡୁଲେସ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗିରଫ କରାଯାଇଛି।

ଅଲ୍ ଚାପୋ ଗୁସ୍‌ମେନ୍ ମେକ୍ସିକୋର ଉତ୍ତର ପଶ୍ଚିମାଞ୍ଚଳସ୍ଥିତ ସିନାଲୋଆ ରାଜ୍ୟର ଏକ ଗରିବ ପରିବାରର ପୁଅ। କିନ୍ତୁ ତାଙ୍କ ସଙ୍ଗଠିତ ଆପରାଧିକ କାରବାର ଏତେ ବଢ଼ିଯାଇଥିଲା ଯେ ୨୦୦୯ରେ ବିଶ୍ୱର ସବୁଠୁ ଧନୀ ଲୋକଙ୍କ ସୂଚୀର ୭୦୧ ସ୍ଥାନରେ ପହଞ୍ଚିଯାଇଥିଲେ। ସେତେବେଳେ ସେ ୧ ଟ୍ରିଲିୟନ ଡଲାର ସମ୍ପତ୍ତିର ମାଲିକ ଥିଲେ। ସିନାଲୋଆ କାର୍ଟେଲର ମୁଖ୍ୟ ଅଲ୍ ଚାପୋ ଏବେ ନ୍ୟୁୟର୍କର ଏକ ଜେଲ୍‌ରେ ମନିଲଣ୍ଡରିଂ ଓ ଡ୍ରଗ୍ସ ଚାଲାଣ ମାମଲାରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଛନ୍ତି। ଆମେରିକୀୟ ଅଧିକାରୀମାନଙ୍କ ମତରେ ତାଙ୍କ କାର୍ଟେଲ ଆମେରିକାକୁ ସର୍ବାଧିକ ଡ୍ରଗ୍ସ ଆଣିଛି। ୨୦୧୯ରେ ଅଲ୍ ଚାପୋଙ୍କ ମାମଲାର ଶୁଣାଣି ବେଳେ ତାଙ୍କ ଜୀବନ ସହ ଜଡ଼ିତ କେତୋଟି ବିସ୍ମୟକର କଥା ସାମ୍ନାକୁ ଆସିଥିଲା। ଡ୍ରଗ୍ସ ଚାଲାଣଠୁ ନେଇ ୧୩ ବର୍ଷୀୟା ଝିଅମାନଙ୍କୁ ବଳାତ୍କାର ଓ ପୂର୍ବ କାର୍ଟେଲ ସଦସ୍ୟ ଏବଂ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ହତ୍ୟା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା।

### ବାଇକ୍‌ରେ ଫେରାର ହୋଇଥିଲେ ଅଲ୍ ଚାପୋ

ଏହି ମାମଲାରେ ଅଲ୍ ଚାପୋଙ୍କ ପୁଅ ତାଙ୍କୁ ବାହାରକୁ ମୁକୁଳାଇ ଆଣିବା ପାଇଁ ମେକ୍ସିକୋର ସବୁଠୁ ସୁରକ୍ଷିତ ଜେଲ ନିକଟରେ ଥିବା ଏକ ସମ୍ପତ୍ତିକୁ କିଣିଥିଲେ। ଏହା ପରେ ସେ ଜେଲରେ ଥିବା ନିଜ ପିତାଙ୍କ ପାଖକୁ ଏକ ଜିପିଏସ୍ ଡିଭାଇସ୍ ପଠାଇଥିଲେ, ଯେଉଁଥିରେ ସୁଡ଼ଙ୍ଗ ଖୋଳୁଥିବା ଲୋକଙ୍କୁ ଅଲ୍ ଚାପୋଙ୍କ ନିକଟକୁ ପହଞ୍ଚିବାରେ ଠିକ୍ ସୂଚନା ମିଳିଥିଲା। ଅଲ୍ ଚାପୋ ସୁଡ଼ଙ୍ଗରେ ଦୌଡ଼ିବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ ମୋଟରସାଇକେଲ ଉପରେ ବସି ଜେଲରୁ ଫେରାର ହୋଇଥିଲେ।

### ଅଲ୍ ଚାପୋଙ୍କ ବିଶ୍ୱସ୍ତ

ଏମା କୋରୋନେଲ ଉଭୟ ମେକ୍ସିକୋ ଓ ଆମେରିକାର ନାଗରିକ। ସେ ଅଲ୍ ଚାପୋଙ୍କ ଯାଆଁଳା ଝିଅଙ୍କ ମା'। ନ୍ୟୁୟର୍କରେ ନିଜ ସ୍ୱାମୀଙ୍କ ବିରୋଧରେ ଚାଲିଥିବା ପ୍ରାୟ ସମସ୍ତ ଶୁଣାଣି ବେଳେ ସେ ଉପସ୍ଥିତ ରହୁଥିଲେ। ସେହି ସମୟରେ ଏମା ହତ୍ୟା ଓ ବଳାତ୍କାରର ଭୟାନକ ବୃତ୍ତାନ୍ତ ଶୁଣିଥିଲେ। ସେ ଏହା ମଧ୍ୟ ଜାଣିବାକୁ ପାଇଲେ ଯେ, ଅଲ୍ ଚାପୋ ତାଙ୍କ ଓ ଅନ୍ୟ ଦୁଇ ପ୍ରେମିକାଙ୍କ ପଛରେ ଗୁପ୍ତଚର ଲଗାଇଥିଲେ। ଶୁଣାଣି ଶେଷ ହେବା ପରେ ଅଲ୍ ଚାପୋଙ୍କ ପ୍ରତି ବିଶ୍ୱସ୍ତତା ଦେଖାଇ ଏମା କହିଥିଲେ, ମୁଁ ମୋ ସ୍ୱାମୀଙ୍କୁ ସେଭଳି ଜାଣେନାହିଁ, ଯେପରି ସେମାନେ ତାଙ୍କୁ ଦେଖାଉଛନ୍ତି ଓ ଦ୍ୟ ମ କରୁଛନ୍ତି। ମୁଁ ତାଙ୍କୁ ସେହିଭଳି ଜାଣେ, ଯାହାଙ୍କ ସହିତ ମୋର ବିବାହ ହୋଇଥିଲା।



### ଏମାଙ୍କ ବିରୋଧରେ ଅଭିଯୋଗ

ଆମେରିକାର ନ୍ୟାୟ ବିଭାଗ କହିଛି ଯେ, ୩୧ ବର୍ଷୀୟା ଏମା କୋରୋନେଲ ଏସ୍‌ପୁରୋ କୋକେନ୍, ମେଥାଟୋମାଇନ୍, ହେରୋଇନ୍ ଓ ଗାଞ୍ଜା ବିତରଣ ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ଡ୍ରଗ୍ସ ଚାଲାଣ ସହ ୨୦୧୫ରେ ନିଜ ସ୍ୱାମୀଙ୍କୁ ମେକ୍ସିକୋ ଜେଲରୁ ଛଡ଼ାଇବା ପାଇଁ ଷଡ଼ଯନ୍ତ୍ରରେ ସାମିଲ ଥିବା ଅଭିଯୋଗ ମଧ୍ୟ ତାଙ୍କ ବିରୋଧରେ ରହିଛି। ପୂର୍ବତନ ବ୍ୟୁଟି କୁଇନ୍ ଏମାଙ୍କୁ ସୋମବାର ଗିରଫ ପରେ ୱାଶିଂଟନ ଡିସିସ୍ଥିତ ଏକ ଫେଡେରାଲ କୋର୍ଟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର କରାଯାଇଥିଲା। ତାଙ୍କୁ ଏବେ ଜେଲରେ ରଖାଯାଇଛି।

ଜନ୍ମଦିନ ଶୁଭେଚ୍ଛା
ଶୁଭଦର୍ଶିନୀ ବିଶ୍ୱକର୍ମା
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ସୁନାର କଲମଟିଏ ପ୍ରଦାନ କରନ୍ତୁ।
-:ଶୁଭେଚ୍ଛା ସହ:-
ଧ-୨୦୪୨୯

ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା
ସ୍ୱସ୍ତିକ ବେହେରା (କୁନି)
ଭାଲିଆପଦା, ଲୋଇସିଂହା
ଆଜି ତୋର ଜନ୍ମଦିନର ଶୁଭ ସମୟରେ ତୋର ଦୀର୍ଘ ନିରାମୟ ଜୀବନରେ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଭଗବାନଙ୍କ ଚରଣରେ ଆନ୍ତରିକ ପ୍ରାର୍ଥନା କରୁଛୁ।
-: ଶୁଭେଚ୍ଛା ସହ :-
ବେହେରା ପରିବାର ଓ ବନ୍ଧୁବର୍ଗ।


୧୦ମ ଜନ୍ମଦିନ ଶୁଭେଚ୍ଛା
ଆଦର୍ଶିନୀ ମିଶ୍ର (ଗୁଡ଼ିଆ)
-:ଶୁଭେଚ୍ଛା ସହ:-

# ସମୁଦ୍ରରେ ମାଛ ଧରିଲେ ରାହୁଲ




**କୋଲ୍ଲମ:** ରାହୁଲ ଗାନ୍ଧୀ କେରଳ ଗସ୍ତରେ ଅଛନ୍ତି। ସେ ସମୁଦ୍ରରେ ମାଛ ଧରୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କୋଲ୍ଲମର ସମୁଦ୍ରରେ ସେ ଧୀବରମାନଙ୍କ ସହିତ ବୋଟରେ ବସି ସେମାନଙ୍କର ଜୀବନଶୈଳୀ ସମ୍ପର୍କରେ ଅଭିଜ୍ଞତା ହାସଲ କରିବା ଲାଗି ଯାଇଥିଲେ। ତେବେ ମାଛଧରା ଜାଲ ପିଙ୍ଗାଯିବା ପରେ ରାହୁଲ ହଠାତ୍ ପାଣିକୁ ଡେଇଁ ପଡ଼ିଥିଲେ। ତାଙ୍କ ସହିତ ଅନ୍ୟ ଧୀବରମାନେ ମଧ୍ୟ ପାଣିରେ ପ୍ରବେଶ କରିଥିଲେ। ୧୦ ମିନିଟ୍ ପର୍ଯ୍ୟନ୍ତ ରାହୁଲ ସମୁଦ୍ରରେ ପହଁରି ଥିଲେ। ତାଙ୍କ ସହିତ ସୁରକ୍ଷା କର୍ମଚାରୀମାନେ ଥିଲେ। ତେବେ ରାହୁଲ ହଠାତ୍ ଏଭଳି କରିଥିବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ଏକ ନୀଳ ଟି-ଶର୍ଟ ଏବଂ ଖାକି ପ୍ୟାଣ୍ଟ ପିନ୍ଧିଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ସେ ଧୀବରମାନଙ୍କ ସହିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ଲିଙ୍ଗ ପରିବର୍ତ୍ତନ କରି ଭଉଣୀ ହେଲେ ଯାଆଁଳା ଭାଇ



**ବ୍ରାସିଲିଆ:** ବ୍ରାଜିଲରେ ରହୁଥିବା ୨ ଯାଆଁଳା ଭାଇ ସେମାନଙ୍କର ଅଧିକାଂଶ କାମ ଏକାଠି କରିଥାନ୍ତି। ଏବେ ଏହି ୨ ଭାଇ ଏକତ୍ର ଟ୍ରାନ୍ସଜେଣ୍ଡର ଅପରେଶନ କରି ରେକର୍ଡ କରିଛନ୍ତି। ୧୯ ବର୍ଷୀୟ ଏହି ୨ ଭାଇ ଲିଙ୍ଗ ଅସ୍ତ୍ରୋପଚାର କରି ଝିଅ ହୋଇଛନ୍ତି। ମାୟଲା ଏବଂ ସୋଫିଆ କହିଛନ୍ତି, ପିଲାଦିନରୁ ସେମାନେ ପୁଅ ପରି ଅନୁଭବ କରି ନ ଥିଲେ, ତେଣୁ ଅପରେଶନ କରି ଝିଅ ହେବାକୁ ନିଷ୍ପତ୍ତି ନେଇଥିଲେ। ବ୍ରାଜିଲର ଦକ୍ଷିଣ ପୂର୍ବ ସହର ବ୍ଲୁମେନୋସ୍ଥିତ ଏକ ଟ୍ରାନ୍ସଜେଣ୍ଡର ସେଣ୍ଟରରେ ଉଭୟ ଅସ୍ତ୍ରୋପଚାର କରିଥିଲେ। ଏହି କେନ୍ଦ୍ରର ଡାକ୍ତର ଜୋସେ କାର୍ଲୋସ କହିଛନ୍ତି, ଦୁଇ ଯାଆଁଳା ଭାଇ ଅସ୍ତ୍ରୋପଚାର ପରେ ଝିଅ ହେବା ଦୁନିଆରେ ପ୍ରଥମ ମାମଲା। ମାୟଲା ଜୋ ଆର୍କେଷ୍ଟିନାରେ ମେଡିସିନ୍‌ରେ ପାଠ ପଢ଼ୁଛନ୍ତି। ସେ କହିଛନ୍ତି ଯେ, ବାଳକ ପରି ମୁଁ ନିଜକୁ ଅସହଜ ମନେ କରୁଥିଲି। ତେଣୁ ଆମେ ପରସ୍ପରର ସମର୍ଥନରେ ଝିଅ ହେବାକୁ ନିଷ୍ପତ୍ତି ନେଲୁ। ସେହିପରି ସିଭିଲ ଇଞ୍ଜିନିୟରିଂ କରୁଥିବା ସୋଫିଆ କହନ୍ତି, ବ୍ରାଜିଲରେ ବହୁତ ଟ୍ରାନ୍ସଫୋବିଆ ଅଛି। ଏଠାରେ ଲୋକମାନେ ଟ୍ରାନ୍ସଜେଣ୍ଡରଙ୍କୁ ବହୁତ ଗାଳି କରିଥାନ୍ତି। ଆହୁରି ମଧ୍ୟ ସୋଫିଆ କହିଛନ୍ତି, ତାଙ୍କର ଏପରି ନିଷ୍ପତ୍ତିରେ ପରିବାର ଲୋକେ ତାଙ୍କୁ ସମର୍ଥନ କରିଥିଲେ। ଏହି ସର୍ଜରି ପାଇଁ ଜେଜେବାପା ଅର୍ଥ ଯୋଗାଡ଼ କରିଥିଲେ। ସେ ନିଜର ସମ୍ପତ୍ତି ବିକ୍ରି କରି ଏହି ସର୍ଜରୀ ପାଇଁ ୨୦ ହଜାର ଟଙ୍କା ଦେଇଥିଲେ ବୋଲି ସୋଫିଆ କହିଛନ୍ତି।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ
ନୀଳଚକ୍ରନଗର, ପୁରୀ
ଆବିର୍ଭାବ: ୧୬।୦୬।୧୯୪୯
ତିରୋଧାନ: ୧୧।୦୨।୨୦୧୯
:ଶୋକସନ୍ତପ୍ତ ପରିବାରବର୍ଗ:
ଧ-୨୦୪୪୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତା ସବିତା ମହାନ୍ତି
ଆବିର୍ଭାବ: ୧୨।୦୪।୧୯୬୫
ତିରୋଧାନ: ୦୭।୦୨।୨୦୨୦
-:ଶୋକସନ୍ତପ୍ତ:-

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଲଗାନ୍ତୁ 4G/5G ଟାୱାର
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ ଭଡା 45,000/-
ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021
9485687401
8901064681


DHANLAXMI FINANCE
(Reg. No. Reg.No.U65910CT1970)
2% ସୁଧ ଏବଂ 40% ଛାଡ
2th floor, Krishna Reddy, Mumbai, Maharastra
7653848538

ତାନ୍ତ୍ରିକ ବାବା ଆଲାମ ଖାନ
9773820765
9910560681

Hindusthan Tower
India's No.1 Tower Co. (Govt. Approved)
ଜିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
75896-04782

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୩୯ ବର୍ଷର ବିଲ୍ଡିଂ ସ୍ଥାନାନ୍ତର



**ଚେନାଇ, ୨୫।୨:** ସାନ୍ ଫ୍ରାନ୍ସିସ୍କୋ: ଦୀର୍ଘ ୧୩୯ ବର୍ଷର ଏକ ପୁରୁଣା ଦୁଇମହଲା ବିଲ୍ଡିଂକୁ ଗୋଟିଏ ସ୍ଥାନରୁ ହଟାଇ ଅନ୍ୟ ସ୍ଥାନକୁ ନିଆଯାଇଛି। ସାଧାରଣରେ ବିଶ୍ୱାସ ହେଉ ନ ଥିଲେ ମଧ୍ୟ ଏହା ସତ। ବିଲ୍ଡିଂ ସ୍ଥାନାନ୍ତରର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସାନ୍‌ଫ୍ରାନ୍ସିସ୍କୋ ବ୍ରୋକର ଟିମ୍ ବ୍ରାଉନ୍ ତାଙ୍କର ଏହି ଘରକୁ ନୂଆ ଠିକଣାକୁ ନେଇଯିବା ପାଇଁ ୪ ଲକ୍ଷ ଡଲାର ପେଠ କରିଥିଲେ। ୬ଟି ବ୍ଲକ ଅତିକ୍ରମ କରି ଏହାକୁ ଗୋଟିଏ ଷ୍ଟ୍ରିଟ୍‌ରୁ ଅନ୍ୟ ଷ୍ଟ୍ରିଟ୍‌କୁ ନିଆଯାଇଥିଲା, ଯାହା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଉକ୍ତ ବିଲ୍ଡିଂରେ ୬ ବେଡ୍‌ରୁମ୍, ୩ ବାଥ୍‌ରୁମ୍ ରହିଛି। ବିଲ୍ଡିଂର ଲମ୍ବ ୮୦ ମିଟର। ୧୩୯ ବର୍ଷ ହେଲା ୮୦୭ ଫ୍ରାଙ୍କଲିନ୍ ଷ୍ଟ୍ରିଟ୍‌ରେ ଥିବା ଏହି ଘରର ନୂଆ ଠିକଣା ହୋଇଛି ୬୩୫ ଫୁଲଟନ ଷ୍ଟ୍ରିଟ୍। ଘରଟିକୁ ନିଆଯାଉଥିବାବେଳେ ରାସ୍ତାରେ ଯାଉଥିବା ଲୋକେ ବିସ୍ମିତ ହୋଇ ଏହାକୁ ଚାହିଁ ରହିଥିଲେ।



# ଦାମୀ ଡ୍ରେସ ପିନ୍ଧି ଚର୍ଚ୍ଚାରେ ଜାହ୍ନବୀ

**ମୁମ୍ବାଇ:** 'ଧଡ଼କ' ଫିଲ୍ମରୁ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିବା ଜାହ୍ନବୀ କପୁର ଏବେ ଲକ୍ଷେ ଦିଲ କି ଧଡ଼କନ ପାଲଟି ଯାଇଛନ୍ତି। ବଲିଉଡ୍ ଅଭିନେତ୍ରୀ ଶ୍ରୀଦେବୀଙ୍କ ଏହି ଲଳନା ଏବେ ଦର୍ଶକଙ୍କର ପସନ୍ଦର ନାୟିକା ପାଲଟି ଯାଇଛନ୍ତି। ଶେଷଥର ପାଇଁ ନେଟ୍‌ଫ୍ଲିକ୍ସରେ 'ଗୁଞ୍ଜନ ସାକ୍ସେନା-ଦ କାରଗିଲ ଗର୍ଲ' ମୁଭିରେ ନଜର ଆସିଥିଲେ ଜାହ୍ନବୀ। ଏଥିରେ ତାଙ୍କ ଦମଦାର ଆକ୍ଟିଂ ସମସ୍ତଙ୍କୁ ପସନ୍ଦ ଆସିଥିଲା। ଏବେ ସେ ତାଙ୍କ ଅପକମିଂ ଫିଲ୍ମ 'ରୁହି'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ନିକଟରେ ସେ ତାଙ୍କ କୋ-ଷ୍ଟାର ରାଜକୁମାର ରାଓଙ୍କ ସହ 'ରୁହି'ର ପ୍ରମୋଶନ କରୁଥିବା ବେଳେ ସ୍ପଟ ହୋଇଥିଲେ। ଏହି ସମୟରେ ସେ ଯେଉଁ ଡ୍ରେସ ପିନ୍ଧିଥିଲେ ଏବେ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେ ଷ୍ଟ୍ରାପଲେସ ସିଲ୍କ ନିୟୋନ ଡ୍ରେସ ପିନ୍ଧିଥିବା ବେଳେ ଏହାର ଦାମ କୁହାଯାଉଛି ୩୮,୦୦ ଡଲାର ବା ୨.୭୪ ଲକ୍ଷ ବୋଲି କୁହାଯାଉଛି। ତେବେ ସେ ଯେପରି ପିନ୍ଧିଥିବେ ଏହି ଡ୍ରେସ ତାଙ୍କ ପାଇଁ ପରଫେକ୍ଟ ବୋଲି ଆଲୋଚନା ହେଉଛି।

# ଓଡ଼ିଶା ମହିଳା କ୍ରିକେଟର ଭବିଷ୍ୟତ

# ତରାନ୍ନା ପ୍ରଧାନ

**ସମ୍ପ୍ରତି ଉତ୍‌ଥାନ ପଥରେ ଥିବା ଓଡ଼ିଶା ମହିଳା କ୍ରିକେଟର ଭବିଷ୍ୟତଭାବେ ଉଭା ହୋଇଛନ୍ତି ମା' ଗାୟତ୍ରୀ ଓ ପିତା ଧର୍ମେନ୍ଦ୍ରଙ୍କ ଅଲିଅଳୀ ତରାନ୍ନା ପ୍ରଧାନ। ଦ୍ରୁତ ବୋଲିଂକୁ କ୍ୟାରିୟର କରୁଥିବା ତରାନ୍ନାଙ୍କ ମନରେ ଅସୁମାରି ସ୍ୱପ୍ନ। ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବାର ସ୍ୱପ୍ନକୁ ସାକାର କରିବାକୁ ସେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ କଠିନ ପରିଶ୍ରମ ଜାରି ରଖିଥିବା ତରାନ୍ନା ପ୍ରଥମ ଥରପାଇଁ ଓଡ଼ିଶା ସିନିୟର ଦଳରେ ସ୍ଥାନ ପାଇ ଲକ୍ଷ୍ୟ ପଥରେ ଏକପାଦ ଆଗକୁ ବଢ଼ିଛନ୍ତି...**



ପିଲାଟି ଦିନରୁ କ୍ରିକେଟ ଖେଳିବାର ଅଭିଳାଷ। ସମୟ ସ୍ରୋତରେ ଅଷ୍ଟମ ଶ୍ରେଣୀରୁ ଆରମ୍ଭ ହୋଇଯାଏ କ୍ରିକେଟର ବର୍ଣ୍ଣବୋଧ। ପରିବାରରୁ ମିଳେ ଭରପୂର ସମର୍ଥନ। ଏଥିପାଇଁ ବାଟ ଖୋଜୁଖୋଜୁ ମିଳିଯାଆନ୍ତି ଦୂରଦ୍ରଷ୍ଟା ଗୁରୁ କ୍ଷୀରୋଦ ବେହେରା। ଆଉ ବା କ'ଣ ଆବଶ୍ୟକ। ନିଜ ଅଭିଳାଷକୁ ଚରିତାର୍ଥ କରିବାକୁ ମିଳିଯାଏ ସୁଯୋଗ। ଏହାର ସଦ୍‌ବ୍ୟବହାର କରି ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ଅଗ୍ରସର ହେଉଛନ୍ତି ଓଡ଼ିଶା ମହିଳା କ୍ରିକେଟର ଭବିଷ୍ୟତ ତରାନ୍ନା ପ୍ରଧାନ। ଉଚ୍ଚାଭିଳାଷି ତରାନ୍ନା ୧୯ ବର୍ଷରୁ କମ୍ ଏବଂ ୨୩ ବର୍ଷରୁ କମ୍ ବର୍ଗରେ ଖେଳିବାପରେ ଏବେ ଓଡ଼ିଶା ସିନିୟର ଦଳରେ ସ୍ଥାନ ପାଇ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇଛନ୍ତି। ଆଖିରେ ଆଖିଏ ସ୍ୱପ୍ନ। ଅନେକ କିଛି ଶିଖିବାକୁ ଆଗ୍ରହ। ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ ବ୍ଲୁ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଛନ୍ତି। ତେଣୁ ଅନ୍ୟ ଖେଳାଳିଙ୍କ ପରି ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ତାଙ୍କର ଲକ୍ଷ୍ୟ।

ମା ଗାୟତ୍ରୀ ଓ ପିତା ଧର୍ମେନ୍ଦ୍ର ପ୍ରଧାନଙ୍କ କନିଷ୍ଠା କନ୍ୟା ତରାନ୍ନା ରାଜ୍ୟ ୧୯ ଏବଂ ୨୩ ବର୍ଷରୁ କମ୍ ବର୍ଗରେ ପ୍ରଭାବୀ ପ୍ରଦର୍ଶନର ଫଳ ସ୍ୱରୂପ ୨୦୧୮-୧୯ ସିଜନରେ ମହିଳା ଚ୍ୟାଲେଞ୍ଜର୍ସ ଟ୍ରଫିରେ ଇଣ୍ଡିଆ ବ୍ଲୁ ପାଇଁ ଖେଳିବାର ସୌଭାଗ୍ୟ ପାଇଥିଲେ। ରାଜ୍ୟ ଦଳ ପକ୍ଷରୁ ସେ ନିଜ ମିଡିୟମ ପେସ୍ ବୋଲିଂ ଜରିଆରେ ୨୩ ବର୍ଷରୁ କମ୍ ଏକଦିବସୀୟରେ ୭ ମ୍ୟାଚରୁ ୧୬ ଉଇକେଟ ଏବଂ ୧୯ ବର୍ଷରୁ କମ୍ ଦିନିକିଆରେ ୨୦ ମ୍ୟାଚରୁ ସର୍ବାଧିକ ୧୭ ଉଇକେଟ ନେଇଥିଲେ। ସେହିପରି ୧୯ ବର୍ଷରୁ କମ୍ ଦିନିକିଆରେ ସେ ୬ ମ୍ୟାଚରୁ ୫ ଏବଂ ଟି୨୦ରେ ୧୨ ମ୍ୟାଚରୁ ୧୧ ଉଇକେଟ ନେଇଛନ୍ତି। ନୟାପଲ୍ଲୀସ୍ଥିତ ଇନ୍ଦିରା ମଇଦାନରେ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ ସେ ବିଶିଷ୍ଟ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ୁଛନ୍ତି।

ମା' ବାପା ଓ ଗୁରୁଙ୍କୁ ଭଗବାନ୍ ସଦୃଶ ମାନନ୍ତି ତରାନ୍ନା। ଏହି ତିନିଜଣଙ୍କୁ ବିଶ୍ୱାସକୁ ନେଇହୁଏ, କାରଣ ଏମାନେ କେବେହେଲେ କ୍ଷତି ଚାହିଁବେନି ବୋଲି ତାଙ୍କ ମତ। ସେଥିପାଇଁ ଆଜି ସେ ଯେଉଁଠାରେ ପହଞ୍ଚିଛନ୍ତି କିମ୍ବା ଆଗକୁ ଯାହାବି ତାଙ୍କୁ ସୁଯୋଗ ମିଳିବ, ସେଥିପାଇଁ ଏହି ତିନିଜଣଙ୍କୁ ଶ୍ରେୟ ଯିବ ବୋଲି ପ୍ରକାଶ କରିଛନ୍ତି। ସ୍କୁଲରେ କ୍ରିକେଟ ଖେଳୁଥିବା ଦେଖି ମା' ଗାୟତ୍ରୀ ଚାହିଁଲେ ଝିଅ କିପରି ଉପଯୁକ୍ତ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିବ। ବାପା ସିଆରପିଏଫ୍‌ରେ ଚାକିରି କରୁଥିବାରୁ ଅଧିକ ସମୟ ଦେବା କଷ୍ଟକର ଥିଲା। ତେଣୁ ମା' ସବୁ ଦାୟିତ୍ୱ ନିଜ ଉପରକୁ ନେଲେ। ସିଆରପିଏଫ୍ କ୍ୟାମ୍ପସ୍‌ରେ ରହୁଥିବାରୁ ଆଖପାଖରେ କେଉଁଠି ଝିଅପିଲାମାନେ ଉତ୍ତମ କୋଚିଂ ପାଉଛନ୍ତି ତା'ର ସନ୍ଧାନ କଲେ। ନଜରକୁ ଆସିଲା ଜାଗୃତି କ୍ରିକେଟ ଏକାଡେମୀ। ଅଭିଜ୍ଞ କୋଚ୍ କ୍ଷୀରୋଦଙ୍କଠାରୁ ପ୍ରଶିକ୍ଷଣ ନେଇ ଅନେକ ଖେଳାଳି ସଫଳ ହୋଇଥିବାରୁ ବିଶେଷ ଭାବିବାକୁ ପଡ଼ିଲାନି। ଇନ୍ଦିରା ମଇଦାନର ନେଟ୍ସରେ ପ୍ରବେଶ କଲେ ତରାନ୍ନା। ସେବେଠାରୁ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଏଜ୍ ଗ୍ରୁପ୍ କ୍ରିକେଟ ଖେଳିବାପରେ ଏବେ ଲକ୍ଷ୍ୟସ୍ଥଳ ସିନିୟର ଦଳରେ ପ୍ରବେଶ କରିଛନ୍ତି।

"ଅଷ୍ଟମ ଶ୍ରେଣୀରୁ ମୋର କ୍ରିକେଟ ଖେଳିବା ଆରମ୍ଭ। ପରେ ଜାଗୃତି କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଲି। ୨୦୧୫-୧୬ରେ ରାଜ୍ୟ ଦଳ ପକ୍ଷରୁ ୧୯ ବର୍ଷରୁ କମ୍ କ୍ରିକେଟ ଖେଳିବା ଆରମ୍ଭ ହୋଇଥିଲା। ସେବେଠାରୁ କ୍ରମାଗତ ୫ ବର୍ଷ ଧରି ମୁଁ ଖେଳିଆସୁଛି। ଏହା ମଧ୍ୟରେ ୧୯ ବର୍ଷରୁ କମ୍, ୨୩ ବର୍ଷରୁ କମ୍ ଏବଂ ଇଣ୍ଡିଆ ବ୍ଲୁ ପାଇଁ ଚ୍ୟାଲେଞ୍ଜର୍ସ ଟ୍ରଫିରେ ଖେଳିଛି" ବୋଲି ତରାନ୍ନା କହିଛନ୍ତି। ସମ୍ପ୍ରତି ରାଜ୍ୟ ଏବଂ ଭାରତୀୟ କ୍ରିକେଟରେ ଏକ ପରିଚିତ ନାମ ସୁଶ୍ରୀ ଦିବ୍ୟଦର୍ଶିନୀ ହେଉଛନ୍ତି ତାଙ୍କ ପ୍ରେରଣାର ଉତ୍ସ। କୋଚ୍ କ୍ଷୀରୋଦ ତାଙ୍କୁ ସବୁବେଳେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥାନ୍ତି ବୋଲି ସେ କହିଛନ୍ତି। ଖୋର୍ଦ୍ଧା ଜାଗୁଳିପାଟଣାର ତରାନ୍ନାଙ୍କ ଜନ୍ମ ୨୦୦୧ ଜାନୁୟାରୀ ୨ରେ। ସିଆରପିଏଫ୍ କ୍ୟାମ୍ପସରେ ରହୁଥିବାରୁ ଜାଗୃତି କ୍ରିକେଟ ଏକାଡେମୀରେ ଅଭ୍ୟାସ ତାଙ୍କୁ ସହଜ ହେଉଛି। ପ୍ରତି ଖେଳାଳିଙ୍କର ଭାରତୀୟ ଦଳ ପକ୍ଷରୁ ଖେଳିବାକୁ ଇଚ୍ଛା ଥାଏ, ତାଙ୍କର ମଧ୍ୟ ଏହି ଇଚ୍ଛା ଅଛି। ଏଣୁ ଯେତେ ପରିଶ୍ରମ କରିବାକୁ ପଡ଼ିବ ସେଥିପାଇଁ ସେ ପ୍ରସ୍ତୁତ। ଏଥିପାଇଁ ସେ ପ୍ରତିଶ୍ରୁତିବଦ୍ଧ ମଧ୍ୟ। ସିନିୟର ଦଳରେ ସ୍ଥାନ ପାଇବାର ଲକ୍ଷ୍ୟ ତାଙ୍କର ପୂରଣ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସିନିୟର ମହିଳା ଏକଦିବସୀୟ ଟୁର୍ନାମେଣ୍ଟ ପାଇଁ ଫେବୃୟାରୀ ୨୪ରେ ଘୋଷିତ ଓଡ଼ିଶା ଦଳରେ ସେ ସ୍ଥାନ ପାଇଛନ୍ତି। ସିନିୟର ଦଳରେ ସ୍ଥାନ ପାଇବା ତାଙ୍କ ପାଇଁ ଏହା ପ୍ରଥମ। ତେଣୁ ସେ ନିଜ ଲକ୍ଷ୍ୟପଥରେ ଏକପାଦ ଆଗକୁ ବଢ଼ିଛନ୍ତି ବୋଲି କହିହେବ। ଦିବ୍ୟଦର୍ଶିନୀ ତାଙ୍କ ଆଦର୍ଶ, ପ୍ରେରଣାର ଉତ୍ସ ସବୁକିଛି। ଏହା ବ୍ୟତୀତ ସିନିୟର ଖେଳାଳି ପ୍ରିୟଙ୍କା ସାହୁ, ସୁଜାତା ମଲିକ ଓ ପ୍ରଜ୍ଞା ପରିମିତାଙ୍କ ପରି ଖେଳାଳିଙ୍କଠାରୁ ଅନେକ କିଛି ଶିଖିଛନ୍ତି। ସେମାନଙ୍କ ସହ ସବୁବେଳେ ନେଟ୍ସ ଶେୟାର କରନ୍ତି ବୋଲି ପ୍ରକାଶ କରିଛନ୍ତି।

ଭାରତୀୟ ଦଳର ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ଓ ପୂଜା ବାସ୍ତ୍ରାଙ୍କ ଖେଳକୁ ସେ ଅନୁକରଣ କରିଥାନ୍ତି। ନିକଟରେ ତରାନ୍ନା ସରୋଜ ମହାସୁଆର ସ୍ମୃତି ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହା ଥିଲା ତାଙ୍କ ଜୀବନର ପ୍ରଥମ ପୁରସ୍କାର। ତେଣୁ ଏହା ତାଙ୍କପାଇଁ ସବୁବେଳେ ସ୍ମରଣୀୟ ରହିବ ବୋଲି କହିଛନ୍ତି।

—ପ୍ରସ୍ତୁତି ତପନ ସ୍ୱାଇଁ

## ସଂକ୍ଷେପରେ...

**ନାମ:** ତରାନ୍ନା ପ୍ରଧାନ
**ପରିବାର:** ମା'- ଗାୟତ୍ରୀ ପ୍ରଧାନ, ବାପା- ଧର୍ମେନ୍ଦ୍ର ପ୍ରଧାନ, ବଡ଼ ଭଉଣୀ- ତମନ୍ନା ପ୍ରଧାନ
**ଜନ୍ମ:** ୨ ଜାନୁୟାରୀ, ୨୦୦୧
**କୋଚ୍:** କ୍ଷୀରୋଦ ବେହେରା
**କ୍ଲବ:** ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ), ଇନ୍ଦିରା ମଇଦାନ, ଭୁବନେଶ୍ୱର
**ପୋଜିଶନ:** ଡାହାଣହାତୀ ମିଡିୟମ ଫାଷ୍ଟ ବୋଲର, ଡାହାଣହାତୀ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ
**ପ୍ରଦର୍ଶନ:** ୨୦୧୮-୧୯ ନଭେମ୍ବର ୧୨ରୁ ୧୬ ପର୍ଯ୍ୟନ୍ତ ଗୁଣ୍ଟୁରରେ ଅନୁଷ୍ଠିତ ଚ୍ୟାଲେଞ୍ଜର୍ସ ଟ୍ରଫିରେ ଇଣ୍ଡିଆ ବ୍ଲୁ ପକ୍ଷରୁ ପ୍ରତିନିଧିତ୍ୱ।
* ୨୩ ବର୍ଷରୁ କମ୍ ଏକଦିବସୀୟ କ୍ରିକେଟରେ ୭ ମ୍ୟାଚରୁ ୧୬ ଉଇକେଟ (ସିଜନ ଶ୍ରେଷ୍ଠ)
* ୨୩ ବର୍ଷରୁ କମ୍ ଟି୨୦ କ୍ରିକେଟରେ ୬ ମ୍ୟାଚରୁ ୫ ଉଇକେଟ
* ୧୯ ବର୍ଷରୁ କମ୍ ଦିନିକିଆରେ ୨୦ ମ୍ୟାଚରୁ ୧୭ ଉଇକେଟ
* ୧୯ ବର୍ଷରୁ କମ୍ ଟି୨୦ରେ ୧୨ ମ୍ୟାଚରୁ ୧୧ ଉଇକେଟ

## "ପେସ୍ ବୋଲରର ସମସ୍ତ କ୍ୱାଲିଟି ରହିଛି"



"ତରାନ୍ନା ଜଣେ କଠିନ ପରିଶ୍ରମୀ ପିଲା। ମୋ ନିକଟକୁ ଆସିବାର ପ୍ରଥମ ଦିନଠାରୁ ସେ ପରିଶ୍ରମ କରୁଥିବା ମୋ ନଜରକୁ ଆସିଥିଲା। ଅପରାହ୍ନ କିମ୍ବା ସନ୍ଧ୍ୟା ସେସନରେ ଯେତେବେଳେ ବି ସମୟ ମିଳେ, ତାକୁ ସେ ନେଟ୍ସରେ ଉପଯୋଗ କରିବାକୁ ପସନ୍ଦ କରନ୍ତି। କେତେବେଳେ ଟାର୍ଗେଟ ତ କେତେବେଳେ ଫିଟ୍‌ନେସ ପାଇଁ ସେ ପଡ଼ିଆକୁ ଆସିଥାନ୍ତି। ସୁଶ୍ରୀ ଦିବ୍ୟଦର୍ଶିନୀ ହୁଅନ୍ତୁ କି ସୁଜାତା ମଲିକ କିମ୍ବା ପ୍ରଜ୍ଞା ପରିମିତାଙ୍କ ପରି ଖେଳାଳିଙ୍କ ପରିଶ୍ରମକୁ ସେ ନିକଟରୁ ଦେଖୁଛନ୍ତି। ଏଥିରୁ ସେ ଅନେକ କିଛି ଶିଖିବାକୁ ମଧ୍ୟ ପାଉଛନ୍ତି। ସବୁଠାରୁ ବଡ଼ କଥା ହେଲା ତାଙ୍କ ଷ୍ଟ୍ରେନ୍ଥ ଓ ଷ୍ଟାମିନା ବହୁତ ଭଲ। ଉଚ୍ଚତା ମଧ୍ୟ ରହିଛି। ତେଣୁ ଜଣେ ପେସ୍ ବୋଲର ହେବାର ସମସ୍ତ କ୍ୱାଲିଟି ତାଙ୍କ ନିକଟରେ ରହିଛି। ସବୁଠାରୁ ବଡ଼ କଥା ହେଲା ସେ ଶୀଘ୍ର ହାଲିଆ ହୁଅନ୍ତି ନାହିଁ। ପରିଶ୍ରମ ଏବଂ ପ୍ରଦର୍ଶନ ମାଧ୍ୟମରେ ସେ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ ବ୍ଲୁ ଦଳରେ ସ୍ଥାନ ପାଇଥିଲେ। ଗତବର୍ଷ ୨୩ ବର୍ଷରୁ କମ୍ ବର୍ଗରେ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ସେ ରାଜ୍ୟ ପକ୍ଷରୁ ସର୍ବାଧିକ ଉଇକେଟ ହାସଲକାରୀ ମଧ୍ୟ ହୋଇଥିଲେ" ବୋଲି କୋଚ୍ କ୍ଷୀରୋଦ ବେହେରା ପ୍ରକାଶ କରିଛନ୍ତି। ସରୋଜ ମହାସୁଆର ସ୍ମୃତି ପୁରସ୍କାର ପିଲାମାନଙ୍କୁ ବହୁତ ଉତ୍ସାହିତ କରୁଛି। ସେମାନେ ଅଧିକ ପରିଶ୍ରମ କରି ଆହୁରି ଭଲ ପ୍ରଦର୍ଶନ ପାଇଁ ଚେଷ୍ଟା କରୁଛନ୍ତି। ସିନିୟର ଦଳରେ ସ୍ଥାନ ପକ୍କା କରିବା ଏବେ ତରାନ୍ନାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ। ଆଗାମୀ ଦିନରେ ତାଙ୍କୁ ଭାରତୀୟ ଦଳରେ ଦେଖିବା ମୋର ଆଶା ରହିଛି ବୋଲି କ୍ଷୀରୋଦ କହିଛନ୍ତି।

---

**କ୍ରିକେଟ୍ ଆଇକନ୍ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କୁ ଦଳରେ ସାମିଲ କରିଛି ଆଇପିଏଲ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ। ୧୪ଶ ସଂସ୍କରଣ ପାଇଁ ଅନୁଷ୍ଠିତ ଖେଳାଳି ନିଲାମରେ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କା ବିନିମୟରେ ଅର୍ଜୁନଙ୍କୁ ଦଳରେ ନିଆଯାଇଛି।**

# ଆଇପିଏଲ୍‌ରେ ଅର୍ଜୁନ

କୌଣସି ବଡ଼ ସେଲିବ୍ରିଟିଙ୍କ ସନ୍ତାନ ହେବା ନିଶ୍ଚିତ ଭାବେ ଏକ ବଡ଼ କଥା ଓ ଏହା ଲାଭଦାୟକ ମଧ୍ୟ। କିନ୍ତୁ ଏହାର ଅନ୍ୟ ଦିଗକୁ ଦେଖିବାକୁ ଗଲେ ସେତିକି ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ସମାଜର ଯେକୌଣସି କ୍ଷେତ୍ରରେ ନାମ କମାଇଥିବା ଓ ସଫଳତାର ଶୀର୍ଷକୁ ଛୁଇଁଥିବା ବ୍ୟକ୍ତିମାନଙ୍କ ସନ୍ତାନମାନେ ସବୁବେଳେ ଅନ୍ୟମାନଙ୍କ ତୁଳନାରେ ଭିନ୍ନ ପ୍ରକାର ସ୍ଥିତିର ସମ୍ମୁଖୀନ ହୋଇଥାଆନ୍ତି। ସେମାନଙ୍କୁ ମଧ୍ୟ କୌଣସି କ୍ଷେତ୍ରରେ ସହଜରେ ପଦାର୍ପଣ କରିବାର ବା ଡେବ୍ୟୁ କରିବାର ସୁଯୋଗ ମିଳିଥାଏ। ସିନେମା, ଶିଳ୍ପ, କ୍ରୀଡ଼ା ଓ ବିଭିନ୍ନ ପ୍ରଫେଶନରେ ସେଲିବ୍ରିଟିମାନଙ୍କ ସନ୍ତାନମାନଙ୍କୁ ଅତି ସହଜରେ ସୁଯୋଗ ମିଳିଥାଏ। କିନ୍ତୁ ସଫଳତା ହାସଲ କରିବା ସମ୍ପୂର୍ଣ୍ଣ ଭାବେ ନିଜ ଉପରେ ନିର୍ଭର କରେ। ତେବେ ଜଣେ ଯୁବ ପ୍ରତିଭାଙ୍କୁ କ୍ୟାରିୟର ଆରମ୍ଭରୁ କାଠଗଡ଼ାରେ ଠିଆ କରିବା ଆଦୌ ଠିକ୍ ନୁହେଁ। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ଅର୍ଜୁନ ତେନ୍ଦୁଲକର। ମାଷ୍ଟର ବ୍ଲାଷ୍ଟର ତଥା କ୍ରିକେଟ୍ ଆଇକନ ରୂପେ ସାରା ବିଶ୍ୱରେ ଜଣାଶୁଣା ସଚିନ ତେନ୍ଦୁଲକରଙ୍କ ପୁଅ ହୋଇଥିବାରୁ ଏବେ ଅର୍ଜୁନଙ୍କୁ ନେଇ ଚର୍ଚ୍ଚା ଚାଲିଛି ଓ ସେ ସମସ୍ତଙ୍କ ଫୋକସ୍‌ରେ ରହିଛନ୍ତି। ସଚିନଙ୍କ ପୁଅ ହୋଇଥିବାରୁ ଅର୍ଜୁନଙ୍କ ପାଇଁ ପରିଚୟର ଆବଶ୍ୟକତା ନାହିଁ।

କିଛି ଦିନ ତଳେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ଶ ସଂସ୍କରଣ ପାଇଁ ଖେଳାଳି ନିଲାମରେ ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ୍ ଅର୍ଜୁନଙ୍କୁ ତାଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରି ଦଳରେ ସାମିଲ କରିଥିଲା। ଏହା ପରଠାରୁ ଅର୍ଜୁନଙ୍କୁ ବିଭିନ୍ନ ମହଲରୁ ସାଂଘାତିକ ଭାବେ ଟ୍ରୋଲ କରାଯାଉଛି। ତାଙ୍କୁ ନେପୋଟିଜମ ଅର୍ଥାତ୍ ବଂଶବାଦର ନମୁନା ବୋଲି ଅଭିହିତ କରିଛନ୍ତି। କିନ୍ତୁ ଆଲୋଚକଙ୍କୁ ଏ ନେଇ ଜବାବ ଦେବା ଓ ସନ୍ତୁଷ୍ଟ କରିବା ଅର୍ଜୁନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏ ନେଇ ସଚିନ ମଧ୍ୟ ପରୋକ୍ଷରେ ସମସ୍ତଙ୍କୁ ଉତ୍ତର ଦେବାକୁ ପ୍ରୟାସ କରିଛନ୍ତି। ପଡ଼ିଆରେ ଜଣେ ଖେଳାଳି କିପରି ପ୍ରଦର୍ଶନ କରୁଛି, ତାହା ଉପରେ ତାଙ୍କର ପରିଚୟ ନିର୍ଭର କରେ। କ୍ରୀଡ଼ା ମଇଦାନରେ କେବଳ ପ୍ରଦର୍ଶନ ଛଡ଼ା ଅନ୍ୟ କୌଣସି ତଥ୍ୟକୁ ମାନ୍ୟତା ଦିଆଯାଇ ନ ଥାଏ। ଏପରିସ୍ଥଳେ ଜଣେ ଖେଳାଳିଙ୍କ ବ୍ୟାକ୍‌ଗ୍ରାଉଣ୍ଡ ବା ପୃଷ୍ଠଭୂମିକୁ ଆଦୌ ଗୁରୁତ୍ୱ ଦିଆଯାଇ ନ ଥାଏ ବୋଲି ସଚିନ କହିଛନ୍ତି। ଯେତେବେଳେ ଜଣେ କ୍ରିକେଟର ଡ୍ରେସିଂ ରୁମ୍‌ରେ ପ୍ରବେଶ କରନ୍ତି, ସେତେବେଳେ ସେ ଦେଶର କେଉଁ ଅଞ୍ଚଳରୁ ଆସିଛନ୍ତି କିମ୍ବା କାହା ସହିତ ତାଙ୍କର କିପରି ସମ୍ପର୍କ ରହିଛି ତାହାର କିଛି ମୂଲ୍ୟ ନ ଥାଏ। ଏଠାରେ ସମସ୍ତେ ସମାନ ହୋଇଥାଆନ୍ତି ବୋଲି ସଚିନ ସ୍ପଷ୍ଟ କରିଛନ୍ତି। ତେଣୁ ଜଣେ ବଡ଼ କ୍ରିକେଟ୍ ତାରକାଙ୍କ ପୁଅ କ୍ରିକେଟର ହେବା ନେଇ ଅସୁବିଧା କେଉଁଠି ରହିଲା ସେ ନେଇ ପ୍ରଶ୍ନ ଉଠୁଛି। ଜଣେ କ୍ରିକେଟର ଭାବେ ନିଜକୁ ଗଢ଼ି ତୋଳିବା ପାଇଁ ଅର୍ଜୁନଙ୍କର ଅଧିକାର ରହିଛି। କ୍ରିକେଟ୍ ପ୍ରତି ତାଙ୍କର ଭଲପାଇବା ରହିଛି ଓ ସେ କଠିନ ପରିଶ୍ରମ କରୁଛନ୍ତି ବୋଲି ସଚିନଙ୍କ ବାଲ୍ୟବନ୍ଧୁ ବିନୋଦ କାମ୍ବଲି ଅର୍ଜୁନଙ୍କ ପାଇଁ ଟୁଇଟ କରି ବାର୍ତ୍ତା ଦେଇଛନ୍ତି। ଜଣେ ଭଲ କ୍ରିକେଟର ହେବା ପାଇଁ ତାଙ୍କ ପାଖରେ ଆବଶ୍ୟକ ପ୍ରତିଭା ରହିଛି। ଫିଟ୍‌ନେସ୍ ହାସଲ କରିବାକୁ ଅର୍ଜୁନ ଏବେଠାରୁ ବହୁ ପରିଶ୍ରମ କରୁଛନ୍ତି। ତାଙ୍କ ଉପରେ ବଂଶବାଦର ଅପବାଦ ଲଦିବା ଅନ୍ୟାୟ ହେବ ଓ ଏହା ଏକ ନିଷ୍ଠୁର କାର୍ଯ୍ୟ ହେବ। ତେଣୁ ତାଙ୍କ କ୍ୟାରିୟର ଆରମ୍ଭ ହେବା ପୂର୍ବରୁ ଶେଷ କରିବାକୁ ପ୍ରୟାସ ହେବା ଅନୁଚିତ ବୋଲି ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଫରହାନ ଅଖ୍‌ତାର କହିଛନ୍ତି। ତାଙ୍କ ପ୍ରତିଭା ଓ ଦକ୍ଷତାକୁ ଦୃଷ୍ଟିରେ ରଖି ଆମେ ତାଙ୍କୁ ଦଳରେ ସାମିଲ କରିଛୁ ବୋଲି ମୁମ୍ବାଇ ଇଣ୍ଡିଆନ୍ସ ହେଡ୍ କୋଚ୍ ମାହେଲା ଜୟବର୍ଦ୍ଧନେ କହିଛନ୍ତି।

ପିତା ସଚିନଙ୍କଠାରୁ ଜଣେ କ୍ରିକେଟର ହିସାବରେ ଅର୍ଜୁନ ସମ୍ପୂର୍ଣ୍ଣ ଭିନ୍ନ। ସଚିନ ବ୍ୟାଟ୍ସମ୍ୟାନ ହୋଇଥିବା ବେଳେ ଅର୍ଜୁନ ହେଉଛନ୍ତି ଅଲ୍‌ରାଉଣ୍ଡର। ବାମହାତି ମିଡିୟମ୍ ପେସ୍ ବୋଲିଂ କରିବା ସହ ସେ ବାମହାତରେ ବ୍ୟାଟିଂ କରିଥାଆନ୍ତି। ୨୧ ବର୍ଷରେ ପଦାର୍ପଣ କରିଥିବା ଓ ୬ ଫୁଟ୍ ୧ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଅର୍ଜୁନ ଗତ ଜାନୁୟାରୀ ୧୫ ତାରିଖରେ ଟି୨୦ରେ ପଦାର୍ପଣ କରିଥିଲେ। ସୟଦ ମୁସ୍ତାକ ଅଲି ଟି୨୦ ଟ୍ରଫିରେ ସେ ମୁମ୍ବାଇ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ନିକଟରେ ଖେଳାଯାଇଥିବା ୭୩ତମ ପୋଲିସ୍ ଆମନ୍ତ୍ରଣୀୟ ସିଲ୍ଡ ଟୁର୍ନାମେଣ୍ଟରେ ସେ ଏମ୍‌ଆଇଜି କ୍ରିକେଟ କ୍ଲବ ତରଫରୁ ପ୍ରତିନିଧିତ୍ୱ କରି ଇସ୍‌ଲାମ ଜିମ୍‌ଖାନା ବିପକ୍ଷରେ ୩୧ଟି ବଲ୍ ଖେଳି ଅପରାଜିତ ୭୭ ରନ୍ କରି ଦଳକୁ ଜିତାଇଥିଲେ। ସେ ସ୍ପିନର ହାସିର ଦାଫେଦାଙ୍କ ଗୋଟିଏ ଓଭରରେ ୫ଟି ବିଶାଳ ଛକା ମାରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଇନିଂସରେ ସେ ମୋଟ ଉପରେ ୮ଟି ଛକା ମାରିଥିଲେ। ସେ ମଧ୍ୟ ୪୧ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରଥିଲେ। ୨୦୧୮ରେ ସେ ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ପଦାର୍ପଣ କରିଥିଲେ ଓ ଶ୍ରୀଲଙ୍କା ଗସ୍ତ କରିଥିଲେ। ୨୦୧୯ରେ ଖେଳାଯାଇଥିବା ମୁମ୍ବାଇ ଟି୨୦ ଲିଗ୍‌ରେ ମଧ୍ୟ ସେ ଅଂଶଗ୍ରହଣ କରିଥିଲେ। ଇନ୍‌ସୁଇଙ୍ଗ ବୋଲିଂ କରି ସେ ଏକାଧିକ ଉଇକେଟ ହାସଲ କରିଥିଲେ। ମୁମ୍ବାଇ ପାଇଁ ସେ ବିଭିନ୍ନ ବୟସ ବର୍ଗରେ ବିଭିନ୍ନ ମ୍ୟାଚ୍ ଖେଳି ସଫଳତା ଅର୍ଜନ କରିଛନ୍ତି।



## ସଂକ୍ଷେପରେ...

**ପୂରା ନାମ:** ଅର୍ଜୁନ ସଚିନ ତେନ୍ଦୁଲକର
**ଜନ୍ମ:** ୨୪, ସେପ୍ଟେମ୍ବର ୧୯୯୯
**ବୟସ:** ୨୧ ବର୍ଷ
**ଉଚ୍ଚତା:** ୬ ଫୁଟ୍ ୧ ଇଞ୍ଚ୍
**ବ୍ୟାଟିଂ:** ବାମହାତୀ
**ବୋଲିଂ:** ବାମହାତୀ ମିଡିୟମ୍ ପେସ୍
**ଦଳ:** ମୁମ୍ବାଇ, ୧୯ ବର୍ଷରୁ କମ୍ ଭାରତୀୟ ଦଳ।

---

# ବେଙ୍ଗଲ ରାଜନୀତିରେ କ୍ରିକେଟ

**ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ରାଜ୍ୟର ଦୁଇ ତାରକା କ୍ରିକେଟର ମନୋଜ ତିୱାରୀ ଓ ଅଶୋକ ଡିଣ୍ଡା ରାଜନୀତିରେ ଯୋଗ ଦେଇ ଯଥାକ୍ରମେ ତୃଣମୂଳ କଂଗ୍ରେସ ଓ ଭାଜପାରେ ସାମିଲ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଚମକ ଦେଖାଇପାରି ନ ଥିବା ଏହି ଦୁଇ କ୍ରିକେଟର ରାଜନୀତିରେ କେତେ ସଫଳ ହେଉଛନ୍ତି ତାହା ପରେ ଜଣାପଡ଼ିବ।**

ଆଉ କିଛି ମାସ ପରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଛି। ଶାସନରେ ଥିବା ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ଓ ଭାରତୀୟ ଜନତା ପାର୍ଟି (ଭାଜପା) ମଧ୍ୟରେ ଏହି ନିର୍ବାଚନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରାଯାଉଛି। ଇତିମଧ୍ୟରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ଭାବେ ୧୦ ବର୍ଷ ହେବ କ୍ଷମତାରେ ରହିଛନ୍ତି। ତୃଣମୂଳ କଂଗ୍ରେସରୁ ବହୁ ନେତା ଏବେ ଭାଜପାରେ ଯୋଗ ଦେଇଛନ୍ତି। ସିନେ ଅଭିନେତା ଓ ଅଭିନେତ୍ରୀଙ୍କୁ ମଧ୍ୟ ନିଜ ଦଳରେ ସାମିଲ କରିଛନ୍ତି ତୃଣମୂଳ ଓ ଭାଜପା। ଏହି ଦୌଡ଼ରେ କ୍ରିକେଟରମାନେ ମଧ୍ୟ ପଛରେ ପଡ଼ିନାହାନ୍ତି। ବେଙ୍ଗଲ ରାଜନୀତିରେ କ୍ରିକେଟରମାନଙ୍କୁ ଦଳରେ ସାମିଲ କରିବାକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି।

ନିର୍ବାଚନ ପୂର୍ବରୁ ଭାରତୀୟ କ୍ରିକେଟର ତଥା ବେଙ୍ଗଲ ରଣଜୀ ଦଳ ପୂର୍ବତନ ଅଧିନାୟକ ମନୋଜ ତିୱାରୀ ତୃଣମୂଳ କଂଗ୍ରେସରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ସେ ଦଳର ପତାକା ଧରିଛନ୍ତି। ମନୋଜଙ୍କ ପରେ କ୍ରିକେଟର ଅଶୋକ ଡିଣ୍ଡା ମଧ୍ୟ ରାଜନୀତିରେ ସାମିଲ ହୋଇଛନ୍ତି। ସେ ଭାଜପାରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ଓ ରାଜ୍ୟ ଭାଜପା ଉପସଭାପତି ଅର୍ଜୁନ ସିଂଙ୍କ ଉପସ୍ଥିତିରେ ସେ ଆନୁଷ୍ଠାନିକ ଭାବେ ଦଳରେ ଯୋଗ ଦେଇଛନ୍ତି। କିଛି ମାସ ତଳେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ସେ ଭାରତ ପାଇଁ ପଦାର୍ପଣ କରିଥିଲେ। ଆଗକୁ ମଧ୍ୟ ଆହୁରି କେତେକ କ୍ରୀଡ଼ାବିତ୍ ନିର୍ବାଚନ ପୂର୍ବରୁ ରାଜନୀତିରେ ଯୋଗ ଦେବା ଆଶା କରାଯାଉଛି।






ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶୁକ୍ରବାର, ଫେବୃୟାରୀ ୨୬/୨୦୨୧ Rayagada, Friday, February 26/ 2021

# ଦ୍ୟୁତୀଙ୍କୁ କ୍ରମାଗତ ସ୍ୱର୍ଣ୍ଣ, ଅମିୟ ରୌପ୍ୟ


ଦ୍ୟୁତୀ ଚାନ୍ଦ


ଅମିୟ ମଲିକ

**ଭୁବନେଶ୍ୱର,୨୫।୨(କ୍ରୀଡ଼ା ପ୍ରତିନିଧି)**

ପଞ୍ଜାବର ପଟିଆଲାରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦ୍ୟୁତୀ ଚାନ୍ଦ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ମହିଳା ୧୦୦ ମିଟର ରେସ୍‌ରେ ୧୧.୪୪ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। କର୍ଣ୍ଣାଟକର ଦନେଶ୍ୱରୀ ଏ.ଟି. ୧୧.୮୯ ସେକେଣ୍ଡ ସହ ରୌପ୍ୟ ଏବଂ ମହାରାଷ୍ଟ୍ରର ଡିଣ୍ଡ୍ରା ଭୁଲ୍‌ଲି ଭାଲାଡାରେସ ୧୧.୯୨ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ୧୦ ପ୍ରତିଯୋଗୀଙ୍କୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ରେସ୍-୧ରେ ଭାଗ ନେଇଥିବା ପ୍ରତିଯୋଗୀମାନେ ୧୨ ସେକେଣ୍ଡରୁ ଅଧିକ ସମୟ ନେଇଥିଲେ। ଦ୍ୟୁତୀ ଭାଗ ନେଇଥିବା ରେସ୍-୨ରୁ ପ୍ରତିଯୋଗୀ ପଦକ ହାସଲ କରିଥିଲେ। ୨ ଜଣ ପ୍ରତିଯୋଗୀ ରେସ୍ ଆରମ୍ଭ କରି ନ ଥିଲେ। ପ୍ରକାଶଯୋଗ୍ୟ ଯେ କରୋନା ମହାମାରୀଜନିତ ବ୍ରେକ୍ ପରେ ଆରମ୍ଭ ହୋଇଥିବା ରେସ୍‌ରେ ଦ୍ୟୁତୀଙ୍କର ଏହା କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତେବେ ସେତେବେଳେ ସେ ୧୧.୫୧ ସେକେଣ୍ଡ ସମୟ ନେଇଥିଲେ। ଏଥର ସେ ତାଙ୍କ ଟାଇମିଂରେ ଉନ୍ନତି ଆଣିପାରିଥିବାରୁ ଖୁସି ଜାହିର କରିଛନ୍ତି। ଏହି ଇଭେଣ୍ଟରେ ଦ୍ୟୁତୀ ୧୧.୨୨ ସେକେଣ୍ଡ ଟାଇମିଂ ସହିତ ଜାତୀୟ ରେକର୍ଡର ଅଧିକାରିଣୀ ଅଛନ୍ତି।

## ଇଣ୍ଡିଆନ ଗ୍ରାଁ ପ୍ରି-୨

ପୁରୁଷ ୧୦୦ ମିଟର ରେସ୍‌ରେ ଓଡ଼ିଶାର ଅମିୟ ମଲିକ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୦.୭୪ ସେକେଣ୍ଡ ସମୟ ନେଇ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ମହାରାଷ୍ଟ୍ରର କ୍ରିଷ୍ଣକୁମାର ସତୀଶ ରାଣେ ୧୦.୭୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଦିଲ୍ଲୀର ଅମିତ ତିୱାରୀ ୧୦.୮୧ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ଅମିୟ ବ୍ରୋଞ୍ଜ ପଦକ ପାଇଥିଲେ। ସେଠାରେ ସେ ୧୦.୮୯ ସେକେଣ୍ଡ ସମୟ ନେଇଥିଲେ। ଦ୍ୱିତୀୟ ପ୍ରତିଯୋଗିତାରେ ଅମିୟ ମଧ୍ୟ ଟାଇମିଂରେ ଉନ୍ନତି ଆଣିଛନ୍ତି। ଏହି ଇଭେଣ୍ଟରେ ଅମିୟ ୧୦.୨୬ ସେକେଣ୍ଡ ଟାଇମିଂ ସହିତ ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି।

# ଆଥ୍‌ଲେଟିକ୍ ମିଟ୍ ସ୍ଥଗିତ

**ଭୁବନେଶ୍ୱର, ୨୫।୨(କ୍ରୀଡ଼ା ପ୍ରତିନିଧି):** କରୋନା ମହାମାରୀଜନିତ କଟକଣା ପୁଣି ଲାଗୁ ହୋଇଥିବାରୁ ୬୮ତମ ରାଜ୍ୟ ଆଥ୍‌ଲେଟିକ ମିଟ୍‌କୁ ସ୍ଥଗିତ ରଖାଯାଇଛି। ସ୍ଥିତିରେ ସୁଧାର ଆସିଲେ ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯିବ ବୋଲି ଏକ ବିବୃତିରେ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ ମାର୍ଚ୍ଚ ୧୮ରୁ ୨୧ ପର୍ଯ୍ୟନ୍ତ ରାଜ୍ୟ ଆଥ୍‌ଲେଟିକ ମିଟ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଏବେ ଏହାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।




# ଶ'ଙ୍କ ନାମରେ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର

**ଜୟପୁର, ୨୫।୨ (ପି.ଟି.)**




ଜାତୀୟ ୫୦ ଓଭର ଚାମ୍ପିୟନଶିପ୍ ବିଜୟ ହଜାରେ ଟ୍ରଫିରେ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର କରି ପୃଥ୍ୱୀ ଶ' ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ତାଙ୍କ ୧୫୨ ବଲ୍‌ରୁ ଅପରାଜିତ ୨୨୭ ରନ ସହାୟତାରେ ମୁମ୍ବାଇ ଏଲିଟ ଗ୍ରୁପ୍ ଡି'ରେ ପୁଡୁଚେରୀ ବିପକ୍ଷ ମ୍ୟାଚରେ ବିଶାଳ ୪୫୭/୪ ସ୍କୋର କରିବାରେ ସକ୍ଷମ ହୋଇଛି। ଇତିମଧ୍ୟରେ ୫ ଟେଷ୍ଟ ଏବଂ ସମାନ ସଂଖ୍ୟକ

## ବିଜୟ ହଜାରେ ଟ୍ରଫି

ଅନ୍ତର୍ଜାତୀୟ ଦିନିକିଆ ଖେଳିସାରିଥିବା ୨୧ ବର୍ଷୀୟ ଶ' ସଞ୍ଜୁ ସାମସନ (୨୦୧୯ରେ ଗୋଆ ବିପକ୍ଷରେ ୨୧୨ ନଟ୍‌ଆଉଟ)ଙ୍କ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏହା ହେଉଛି ଶ'ଙ୍କର ପ୍ରଥମ ଲିଷ୍ଟ-ଏ ଦ୍ୱିଶତକ। ସେ ୧୪୨ ବଲ୍ ସାମ୍ନା କରି ୩୨ ଚୌକା ଓ ୬ ଛକା ସହ ତାଙ୍କ ଦ୍ୱିଶତକ ହାସଲ କରିଥିଲେ। ବିଜୟ ହଜାରେ ଟ୍ରଫି ଇତିହାସରେ ମଧ୍ୟ ଏହା ଚତୁର୍ଥ ଦ୍ୱିଶତକ। ଏହି ଟୁର୍ନାମେଣ୍ଟରେ ପୃଥ୍ୱୀଙ୍କର ଏହା ହେଉଛନ୍ତି ଦ୍ୱିତୀୟ ଶତକ। ଦିଲ୍ଲୀ ବିପକ୍ଷ ମ୍ୟାଚରେ ସେ ୧୦୫ ରନ କରି ଅପରାଜିତ ରହିଥିଲେ। ଲିଷ୍ଟ ଏ'ରେ ସର୍ବୋଚ୍ଚ ସ୍କୋର କରିବା ରେକର୍ଡ ଅଲୀ ବ୍ରାଉନ୍ (୨୬୮ରନ)ଙ୍କ ନାମରେ ରହିଛି। ସୱାଇ ମାନ୍‌ସିଂ ଷ୍ଟାଡିୟମରେ ଟସ୍ ଜିତି ମୁମ୍ବାଇକୁ ବ୍ୟାଟିଂ ଆମନ୍ତ୍ରଣ କରିବା ପୁଡୁଚେରୀ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଶ' ଓ ସୂର୍ଯ୍ୟକୁମାର ଯାଦବ (୫୮ ବଲ୍‌ରୁ ୧୩୩ ରନ)ଙ୍କ ବିପକ୍ଷରେ ପୁଡୁଚେରୀ ଦଳର ବୋଲିଂ ପ୍ରଭାବହୀନ ମନେ ହେଉଥିଲା।

# ନ୍ୟୁଜିଲାଣ୍ଡର କ୍ରମାଗତ ଦ୍ୱିତୀୟ ବିଜୟ

**ଡିନେଡିନ୍ (ନ୍ୟୁଜିଲାଣ୍ଡ), ୨୫।୨(ଏପି):** ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୪ରନରେ ରୋମାଞ୍ଚକ ବିଜୟ ହାସଲ କରିଛି। ଫଳରେ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ଏହି ମ୍ୟାଚରେ ମାର୍ଟିନ ଗୁପ୍‌ଟିଲ ଫର୍ମକୁ ଫେରିଛନ୍ତି। ସେ ୫୦ ବଲ୍‌ରେ ଆକର୍ଷଣୀୟ ୯୭ ରନ କରିଛନ୍ତି। ନ୍ୟୁଜିଲାଣ୍ଡକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ସେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଗୁରୁବାର ୟୁନିଭର୍ସିଟି ଓଭାଲଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଘରୋଇ ଦଳ ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୧୯ ରନ କରିଥିଲା।

ମ୍ୟାଚରେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନମାନେ ମୋଟ ୧୮ଟି ଛକା ମାରିଥିଲେ। ଅନ୍ତର୍ଜାତୀୟ ଟି୨୦ରେ ଏହା ଏକ ରେକର୍ଡ। ପୁନଶ୍ଚ ଅନ୍ତର୍ଜାତୀୟ ଟି୨୦ରେ ସର୍ବାଧିକ ଛକା ମାରିବାରେ ଗୁପ୍‌ଟିଲ (୧୩୨) ଭାରତର ରୋହିତ ଶର୍ମା (୧୨୭)କୁ ଅତିକ୍ରମ କରିଯାଇଛନ୍ତି। ୫୩ ରନ କରିଥିବା କେନ୍ ୱିଲିୟମସନ ୩ଟି ଛକା ଲଗାଇଥିଲେ। ଗୁପ୍‌ଟିଲ ଓ ୱିଲିୟମସନ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୩୧ ରନ ଯୋଗ କରିଥିଲେ। ଘରୋଇ ଦଳର ଅନ୍ୟତମ ସଫଳ ବ୍ୟାଟ୍ସବ୍ୟାନ ଜିମି ନିଶାମ ୪୫ ରନ କରି ଅପରାଜିତ ରହିଥିଲେ। ସେ ୧୬ଟି ବଲ୍‌ର ସମ୍ମୁଖୀନ ହୋଇ ୧ ଚୌକା ଓ ୬ ଛକା ଲାଗାଇଥିଲେ। ସେ ସାମ୍ନା କରିଥିବା ପ୍ରଥମ ୨ଟି ବଲ୍‌ରେ ଦୁଇଟି ଛକା ଲଗାଇଥିଲେ। ଇନିଂସର ଫାଇନାଲ ବଲ୍‌ରେ ମଧ୍ୟ ଏକ ଛକା ମାରିଥିଲେ। ଅଷ୍ଟ୍ରେଲିଆର ସବୁଠାରୁ ସଫଳ ବୋଲର କେନ୍ ରିଚାର୍ଡସନ ୪୩ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୩ ଓଭରରେ ୬ ଉଇକେଟ ହରାଇ ସଙ୍କଟରେ ପଡିଥିଲା। କିନ୍ତୁ ମାର୍କସ ଷ୍ଟୋଇନିସ୍ (୩୭ ବଲ୍‌ରୁ ୭୮) ଏବଂ ଡାନିଏଲ ସାମ୍ସ (୧୫ ବଲ୍‌ରୁ ୪୧) ୬.୧ ଓଭରରେ ପାର୍ଟନରଶିପ୍‌ରେ ୯୨ରନ ଯୋଗ କରି ଅଷ୍ଟ୍ରେଲିଆ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ଜୋସ୍ ଫିଲିପ୍ ୪୫ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ନ୍ୟୁଜିଲାଣ୍ଡ: ୨୦ ଓଭରରେ ୨୧୯/୭ (ଗୁପ୍‌ଟିଲ-୯୭, ୱିଲିୟମସନ-୫୩, ନିଶାମ-୪୫*; କେନ୍ ରିଚାର୍ଡସନ-୩/୪୩)। **ଅଷ୍ଟ୍ରେଲିଆ:** ୨୦ ଓଭରରେ ୨୧୫/୮ (ଷ୍ଟୋଇନିସ-୭୮, ଜୋସ୍ ଫିଲିପ୍-୪୫, ଡାନିଏଲ ସାମ୍ସ-୪୧; ମିଚେଲ ସାଣ୍ଟନର-୪/୩୧, ନିଶାମ୍ ୨/୧୦)।

# ପାରାମାଉଣ୍ଟ ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଲାଇଭ୍ ଲିଜେଣ୍ଡ୍ କ୍ରିକେଟ୍ କ୍ଲବ୍ (ଏଲ୍‌ଏଲ୍‌ସିସି) ଆନୁକୂଲ୍ୟରେ ଚାଲିଥିବା ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୦ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୩୦ ଓଭରରେ ୯ ଉଇକେଟ ହରାଇ ୧୧୭ ରନ କରିଥିଲା। ଦଳ ପକ୍ଷରୁ ଜୀବନ ଜ୍ୟୋତି ରଣା ସର୍ବାଧିକ ୪୦ ରନ କରିଥିବାବେଳେ ବିପକ୍ଷ ଦଳର ସେକ୍ ନକିବ ୧୩ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ପାରାମାଉଣ୍ଟ ୨୦.୩ ଓଭରରେ କୌଣସି ଉଇକେଟ ନ ହରାଇ ୧୨୦ ରନ ସଂଗ୍ରହ କରି ନେଇଥିଲା। ସିଦ୍ଧାର୍ଥ ଶଙ୍କର ୫୬ ଓ ସ୍ୱାଗତ ସୌରଭ ୫୦ ରନରେ ଅପରାଜିତ ରହିଥିଲେ। ନକିବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ସୌରଭ ସେହଗଲ ଅତିଥି ଭାବେ ଯୋଗ ଦେଇଥିଲେ।

# କୋକୋ ଗଫ୍ ସେମିଫାଇନାଲରେ

**ଆଡିଲେଡ୍, ୨୫।୨ (ଏପି):** କୋକୋ ଗଫ୍ ଓ ଜିଲ୍ ଟିଚ୍‌ମ୍ୟାନ ଗୁରୁବାର ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୬ ବର୍ଷୀୟା ଗଫ୍ ୨-୬, ୬-୪, ୬-୪ ସେଟ୍‌ରେ ସେଲ୍‌ବି ରୋଜର୍ସଙ୍କୁ ପରାସ୍ତ କରିଥିବା ବେଳେ ଟିଚ୍‌ମ୍ୟାନ ୬-୪, ୬-୭ (୮), ୭-୫ ସେଟ୍‌ରେ ଆନାସ୍ତାସିଆ ସେଭାସ୍ତୋଭାଙ୍କୁ ହରାଇ ଦେଇଛନ୍ତି। ଅଷ୍ଟ୍ରେଲିଆନ ଓପନ୍‌ର ଦ୍ୱିତୀୟ ରାଉଣ୍ଡରେ ଆଡିଲେଡ୍‌ରେ ଦୁଇ କ୍ୱାଲିଫାଇଂ ସମେତ ଗଫ୍‌ଙ୍କ ଏହା ହେଉଛି କ୍ରମାଗତ ୫ମ ବିଜୟ। ଗଫ୍ ପରବର୍ତ୍ତୀ ରାଉଣ୍ଡରେ ଦ୍ୱିତୀୟ ସିଡ୍ ବେଲିଣ୍ଡା ବେନ୍‌ସିକ୍‌ଙ୍କୁ ଭେଟିବେ। ବେନ୍‌ସିକ୍ ଷ୍ଟର୍ମ ସାଣ୍ଡର୍ସଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀ ଡାନିଲ କଲିନ୍ସ ମ୍ୟାଚରେ ୬-୩, ୩-୦ରେ ପଛୁଆ ଥିବାବେଳେ ରିଟାୟର୍ଡ ନେଇଯିବାରୁ ଫ୍ରେଞ୍ଚ ଓପନ ଚାମ୍ପିୟନ ଇଗା ସ୍ୱିଆଟେକ୍ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସ୍ୱିଆଟେକ୍ ତାଙ୍କ ପରବର୍ତ୍ତୀ ମ୍ୟାଚ ଟିଚ୍‌ମ୍ୟାନଙ୍କ ବିପକ୍ଷରେ ଖେଳିବେ।

# ଜାତୀୟ ହକି ମାର୍ଚ୍ଚରୁ

**ନୂଆଦିଲ୍ଲୀ, ୨୫।୨ (ପି.ଟି.):** କୋଭିଡ୍ ଯୋଗୁ ଏକ ବର୍ଷ ବନ୍ଦ ରହିବା ପରେ ମାର୍ଚ୍ଚରୁ ଜାତୀୟ ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ପ୍ରତିଯୋଗିତାରେ ଯେପରି ଅଧିକରୁ ଅଧିକ ଖେଳାଳି ଭାଗ ନେଇ ପାରିବେ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ମାର୍ଚ୍ଚ ୧୦ରୁ ୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ସିମ୍‌ଡେଗାଠାରେ ୧୧ଶ ହକି ଇଣ୍ଡିଆ ସବ୍ ଜୁନିୟର ମହିଳା ନ୍ୟାଶନାଲ ଚାମ୍ପିୟଦଶିପ୍ ୨୦୨୧ ଖେଳାଯିବ। ଏହାପରେ ମାର୍ଚ୍ଚ ୧୭ରୁ ୨୫ ହରିୟାଣାର ନରୱାଣା ଜିଲାରେ ୧୧ଶ ହକିଇଣ୍ଡିଆ ସବ୍‌ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍ ୨୦୨୧ ଆୟୋଜନ କରାଯାଇଛି। ସେହିପରି ପ୍ରଥମ ହକି ଇଣ୍ଡିଆ ଜୁନିୟର ମହିଳା ଏକାଡେମୀ ଜାତୀୟ ଚାମ୍ପିୟନଶିପ୍ ମାର୍ଚ୍ଚ ୧୭ରୁ ୨୬ ଏବଂ ଏହି କାଟେଗୋରିରେ ମହିଳା ଇଭେଣ୍ଟ ମାର୍ଚ୍ଚ ୧୭ରୁ ୨୪ ହେବ। ଉଭୟ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହେବ। ଏହାପଛକୁ ଏପ୍ରିଲ ୩ରୁ୧୨ ଝାଡ଼ଖଣ୍ଡର ସିମଡେଗାଠାରେ ୧୧ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ମହିଳା ଚାମ୍ପିୟନଶିପ୍ ହେବ। ଗତବର୍ଷ ସମଗ୍ର ବିଶ୍ୱରେ କରୋନା ମହାମାରୀ ଏହାର କାୟା ବିସ୍ତାର କରିବା ପୂର୍ବରୁ ଜାନୁୟାରୀ ଓ ଫେବୃୟାରୀରେ ରେ କେବେଳ ୧୦ମ ହକି ଇଣ୍ଡିଆ ସିନିୟର ପୁରୁଷ, ସିନିୟର ମହିଳା ଚାମ୍ପିୟନଶିପ୍ ୨୦୨୦ (ଏ' ଡିଭିଜନ) ସହିତ ୧୦ମ ହକି ଇଣ୍ଡିଆ ସିନିୟର ମହିଳା ଜାତୀୟ ଚାମ୍ପିୟନଶିପ୍ ୨୦୨୦ ( ବି' ଡିଭିଜନ) ଅନୁଷ୍ଠିତ ହୋଇଥିଲା। ମହାମାରୀ ଯୋଗୁ ଏକ ବର୍ଷ ବ୍ୟବଧାନରେ ଘରୋଇ କ୍ୟାଲେଣ୍ଡର ଆରମ୍ଭ ହେବା ଖୁସିର ବିଷୟ ବୋଲି ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗମବାମ୍ ପ୍ରକାଶ କରିଛି।


# ଇଂଲଣ୍ଡ ବାଦ୍, ଶୀର୍ଷରେ ଭାରତ

**ଅହମ୍ମଦାବାଦ, ୨୫।୨ (ପି.ଟି.):** ଏଠାରେ ଗୁରୁବାର ତୃତୀୟ ତଥା ଦିବାରାତ୍ର କ୍ରିକେଟ ଟେଷ୍ଟରେ ଭାରତଠାରୁ ୧୦ ଉଇକେଟରେ ପରାସ୍ତ ହେବା ଦ୍ୱାରା ଇଂଲଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଦୌଡ଼ରୁ ବାଦ୍ ପଡିଛି। ମ୍ୟାଚରେ ବିଜୟ ହାସଲ କରିବାରୁ ଭାରତ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ମାର୍ଚ୍ଚ ୪ରୁ ଦୁଇ ଦଳ ମଧ୍ୟରେ ଚତୁର୍ଥ ତଥା ଫାଇନାଲ ଟେଷ୍ଟ ଆରମ୍ଭ ହେବ। ଏଥିରେ ବିଜୟ ହାସଲ କଲେ କିମ୍ବା ଏହାକୁ ଡ୍ର ରଖିପାରିଲେ ଭାରତ ଲର୍ଡ୍ସଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିପାରିବ। ନ୍ୟୁଜିଲାଣ୍ଡ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛି। ସଦ୍ୟ ପ୍ରକାଶିତ ତାଲିକାର ଦ୍ୱିତୀୟ ସ୍ଥାନରେ




ରହିଛି। ପରାଜୟ ଦ୍ୱାରା ପଏଣ୍ଟ ଟେବୁଲରେ ଇଂଲଣ୍ଡର ପଏଣ୍ଟ ୬୪.୧ ପ୍ରତିଶତକୁ ହ୍ରାସ ପାଇଛି। ଶୀର୍ଷ ସ୍ଥାନ ଅଧିକାର କରିଥିବା ଭାରତର ପଏଣ୍ଟ ୭୧ ପ୍ରତିଶତକୁ ବୃଦ୍ଧି ପାଇଛି। ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ଖେଳାଯିବ। ନ୍ୟୁଜିଲାଣ୍ଡ ୭୦ ପ୍ରତିଶତ ପଏଣ୍ଟ ସହ ଫାଇନାଲରେ ଏହାର ସ୍ଥାନ ପକ୍କା କରିଛି। ଭାରତ ଯଦି ଅନ୍ତିମ ଟେଷ୍ଟରେ ପରାଜିତ ହୁଏ ତେବେ ୬୯.୨ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଠାରେ ତୃତୀୟ ଟେଷ୍ଟ ଜିତିବା ପୂର୍ବରୁ ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ